NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 12 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

THURSDAY
21 AUGUST 2025
ଗୁରୁବାର
୨୧ ଅଗଷ୍ଟ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 97 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୯୭ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


## ଲୋକସଭାରେ ପାରିତ ହେଲା ଅନ୍‌ଲାଇନ୍ ଗେମିଂ ବିଲ୍‌-୨୦୨୫

# ୨୦ ହଜାର କୋଟିର ରାଜସ୍ୱ ହରାଇବ କେନ୍ଦ୍ର !



**ନୂଆଦିଲ୍ଲୀ,୨୦।୮/ଏଜେନ୍ସି:**

ବୁଧବାର ଲୋକସଭାରେ ଉପସ୍ଥାପିତ ହେବା ସହ ପାରିତ ହୋଇଛି ଅନ୍‌ଲାଇନ୍ ଗେମିଂ ବିଲ୍‌-୨୦୨୫। ଦିନକ ପୂର୍ବେ ଏହି ବିଲ୍‌କୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଥିଲା। ତେବେ ବୁଧବାର ଗୃହରେ ଏହି ବିଲ୍‌କୁ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉପସ୍ଥାପନ କରିଥିଲେ। ବେଟିଂ ସହ ଜଡ଼ିତ ଅନ୍‌ଲାଇନ୍ ଟଙ୍କା ଖେଳକୁ ନିଷିଦ୍ଧ କରିବାକୁ ଏହାର ଲକ୍ଷ୍ୟ ରଖାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ବିଲ୍‌ରେ ଦାବି କରାଯାଇଛି ଅନ୍‌ଲାଇନ୍ ଗେମିଂ ଶିଳ୍ପ ମନିଲଣ୍ଡରିଂ ଏବଂ ଆର୍ଥିକ ଠକେଇ କାର୍ଯ୍ୟର ପ୍ରସାର ଘଟାଇଛି ଏବଂ ଲୋକଙ୍କ ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରିଛି। ଶ୍ରୀ ବୈଷ୍ଣବ କହିଛନ୍ତି ଏହି ନୂଆ ବିଲ୍, ଦେଶରେ ଜୁଆ ପ୍ଲାଟ୍‌ଫର୍ମଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ଜୁଆ ଆପ୍ ଚଲାଇବା ପାଇଁ ଦଣ୍ଡବିଧାନ କରିବା ସହିତ ଏକ ଆଇନଗତ ଢାଞ୍ଚା ସୃଷ୍ଟି କରିବ। ଏହି ଦଣ୍ଡଗୁଡ଼ିକ ଆଇନ ଉଲ୍ଲଂଘନ କରି ଅନ୍‌ଲାଇନ୍ ଟଙ୍କା-ଆଧାରିତ ଗେମିଂ ସେବା ପ୍ରଦାନ କରୁଥିବା ଯେକୌଣସି ବ୍ୟକ୍ତିଙ୍କ ପାଇଁ ୩ବର୍ଷ ଜେଲ୍ ଦଣ୍ଡ, ୧ କୋଟି ଟଙ୍କା ଜୋରିମାନା କିମ୍ବା ଉଭୟ ଅନ୍ତର୍ଭୁକ୍ତ। ଏପରି ପ୍ରୟାସର ବିଜ୍ଞାପନ କରୁଥିବା ବ୍ୟକ୍ତିଙ୍କୁ ଦୁଇବର୍ଷ ଜେଲ୍ ଦଣ୍ଡ ଏବଂ/ଅଥବା ୫୦ ଲକ୍ଷ ଟଙ୍କା ଜୋରିମାନା ଦେବାକୁ ପଡ଼ିପାରେ। ଏହି ଆଇନର ତିନୋଟି ମୁଖ୍ୟ ଅଂଶ ଅଛି, ଯାହା ଡିଜିଟାଲ୍ ଗେମିଂକୁ ନିୟନ୍ତ୍ରଣ କରିବା ପାଇଁ ଏକ ଜାତୀୟ ସ୍ତରୀୟ 'ଅନ୍‌ଲାଇନ୍ ଗେମିଂ କର୍ତ୍ତୃପକ୍ଷ' ପ୍ରତିଷ୍ଠା କରିବାକୁ ପରାମର୍ଶ ଦିଏ। ଏହି ସଂସ୍ଥା ଖେଳଗୁଡ଼ିକୁ ବର୍ଗୀକରଣ ଏବଂ ପଞ୍ଜିକରଣ କରିବ, କେଉଁଗୁଡ଼ିକୁ 'ମନି ଖେଳ' ଭାବରେ ଯୋଗ୍ୟ ବିବେଚିତ ହେବ ତାହା ସ୍ଥିର କରିବ ଏବଂ ନାଗରିକଙ୍କ ଅଭିଯୋଗ ପରିଚାଳନା କରିବ।

ଅନ୍ୟପକ୍ଷେ ଏପ୍ରକାର ବିଲ୍‌କୁ ଆଇନ୍ ଭାବେ ଲାଗୁ କରାଯିବା ଦ୍ୱାରା ଭାରତ ସରକାରଙ୍କୁ ବାର୍ଷିକ ଏକ ବଡ଼ ପରିମାଣର ରାଜସ୍ୱ କ୍ଷତି ସହିବାକୁ ପଡ଼ିପାରେ ବୋଲି ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ରିପୋର୍ଟ ଅନୁସାରେ ଯଦି ଅନ୍‌ଲାଇନ୍ ରିୟଲ୍ ମନି ଗେମିଂ ଆପ୍‌ଗୁଡ଼ିକୁ ବ୍ୟାନ୍ କରାଯାଏ ତେବେ ସରକାର ବାର୍ଷିକ ପ୍ରାୟ ୨୦,୦୦୦ କୋଟି ଟଙ୍କାର ରାଜସ୍ୱ କ୍ଷତି ସହିବେ। କେବଳ ସେତିକି ନୁହେଁ ୨ଲକ୍ଷ କିମ୍ବା ତଦୁର୍ଦ୍ଧ୍ୱ ସଂଖ୍ୟକ ଲୋକ ପ୍ରତ୍ୟକ୍ଷ ଭାବେ ନିଯୁକ୍ତି ହରାଇବା ସହ ପ୍ରାୟ ୩୦ଲକ୍ଷରୁ ଅଧିକ ଲୋକ ପରୋକ୍ଷ ଭାବେ ରୋଜଗାର ହରାଇବାର ଆଶଙ୍କା ସୃଷ୍ଟି ହୋଇଛି। ଏନେଇ ଦେଶରେ ସକ୍ରିୟ ଥିବା ଅନ୍‌ଲାଇନ୍ ଗେମିଂ ସଂଗଠନଗୁଡ଼ିକ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଏକ ଚିଠି ଲେଖି ରିଅଲ୍ ଟଙ୍କା ଗେମ୍ ଉପରେ ପ୍ରସ୍ତାବିତ ଏହି ଡ୍ରାଫ୍ଟ ବିଲ୍ ବିରୁଦ୍ଧରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ଅନଲାଇନ୍ ଗେମିଂ ଫେଡେରେସନ୍‌ଗୁଡ଼ିକ ଚେତାବନୀ ଦେଇଛନ୍ତି ଯେ ଏପରି ସମ୍ପୂର୍ଣ୍ଣ ନିଷେଧ ଆଇନ୍ ଗେମିଂ ଇଣ୍ଡଷ୍ଟ୍ରି ପାଇଁ 'ମୃତ୍ୟୁର ଘଣ୍ଟି' ସଦୃଶ ହେବ। ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ନଷ୍ଟ କରିବ ଏବଂ କୋଟି କୋଟି ବ୍ୟବହାରକାରୀଙ୍କୁ ବେଆଇନ ଅଫଶୋର ବେଟିଂ ଏବଂ ଜୁଆ ପ୍ଲାଟ୍‌ଫର୍ମ ଆଡ଼କୁ ଠେଲିଦେବ। ୧୯ ଅଗଷ୍ଟରେ କେନ୍ଦ୍ର କ୍ୟାବିନେଟ୍ ପକ୍ଷରୁ ଏହି ବିଲ୍‌କୁ ସ୍ୱୀକୃତି ଦିଆଯିବା ପରେ ପରେ ହିଁ ଅଲ୍ ଇଣ୍ଡିଆ ଗେମିଂ ଫେଡେରେସନ୍ (ଏଆଇଜିଏଫ୍), ଇ-ଗେମିଂ ଫେଡେରେସନ୍ (ଇଜିଏଫ୍), ଏବଂ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଫ୍ୟାଣ୍ଟାସି ସ୍ପୋର୍ଟସ୍ (ଏଫ୍‌ଆଇଏଫ୍‌ଏସ୍) ପକ୍ଷରୁ ମିଳିତ ଭାବେ ଏହି ଚିଠିକୁ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ପଠାଯାଇଥିଲା। ଏଆଇଜିଏଫ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୋଲାଣ୍ଡ ଲ୍ୟାଣ୍ଡର୍ସ; ଏଫ୍‌ଆଇଏଫ୍‌ଏସ୍ ମହାନିର୍ଦ୍ଦେଶକ ଜୟ ଭଟ୍ଟାଚାର୍ଯ୍ୟ; ଏବଂ ଇଜିଏଫ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅନୁରାଗ ସକ୍ସେନାଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିଲା।

### ୨ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଭାବିତ ହେବା ଆଶଙ୍କା

### ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଅନ୍‌ଲାଇନ୍ ଗେମିଂ ଫେଡେରେସନ୍

ଚିଠିରେ ସ୍ପଷ୍ଟ ଭାବେ ଫେଡେରେସନ୍‌ଗୁଡ଼ିକ ଉଲ୍ଲେଖ କରିଛନ୍ତି ଯେ ବର୍ତ୍ତମାନ ସମୟରେ ଏହି ଅନ୍‌ଲାଇନ୍ ଗେମିଂ ଇଣ୍ଡଷ୍ଟ୍ରିର ମୂଲ୍ୟ ୨ଲକ୍ଷ କୋଟିରୁ ଅଧିକ ଥିବାବେଳେ ଏହାର ବାର୍ଷିକ ରାଜସ୍ୱ ପ୍ରାୟ ୩୧,୦୦୦ କୋଟିରୁ ଅଧିକ ରହିଛି। ଏହା ବାର୍ଷିକ ୨୦,୦୦୦ କୋଟିରୁ ଅଧିକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଟିକସ ପ୍ରଦାନକାରୀ ଇଣ୍ଡଷ୍ଟ୍ରି ସାଜିଛି। ଏତଦ୍‌ବ୍ୟତୀତ ସବୁଠୁ ବଡ଼କଥା ହେଉଛି ଏହା ବାର୍ଷିକ ୨୦% ଚକ୍ରବୃଦ୍ଧି ହାର (ସିଏଜିଆର୍)ରେ ମଧ୍ୟ ବୃଦ୍ଧି ପାଉଛି। ଭାରତୀୟ ଅନ୍‌ଲାଇନ୍ ଗେମର୍‌ଙ୍କ ସଂଖ୍ୟା ୨୦୨୦ରେ ୩୬ କୋଟି ଥିବା ବେଳେ ୨୦୨୪ ସୁଦ୍ଧା ଏହି ସଂଖ୍ୟା ୫୦ କୋଟିରୁ ଅଧିକ ହୋଇଛି। ୨୦୨୮ ସୁଦ୍ଧା ଏହା ଦ୍ୱିଗୁଣିତ ହେବ ବୋଲି ମଧ୍ୟ ଆକଳନ କରାଯାଉଛି। ଏହି ଶିଳ୍ପ ଜୁନ୍ ୨୦୨୨ ସୁଦ୍ଧା ୨୫,୦୦୦ କୋଟିରୁ ଅଧିକ ବିଦେଶୀ ପ୍ରତ୍ୟକ୍ଷ ନିବେଶ (ଏଫ୍‌ଡିଆଇ)କୁ ମଧ୍ୟ ଆକର୍ଷିତ ▶▶ ୫

## ପରଲୋକରେ ପଦ୍ମଶ୍ରୀ ବିନୋଦ ପଶାୟତ



**ସମ୍ବଲପୁର,୨୦।୮/ଏନ୍‌ଏନ୍‌ଏସ୍:**

ପଶ୍ଚିମ ଓଡ଼ିଶାର ପ୍ରଖ୍ୟାତ ଗୀତିକାର ଓ ନାଟ୍ୟକାର ପଦ୍ମଶ୍ରୀ ବିନୋଦ ପଶାୟତ ଆଉ ନାହାନ୍ତି। ସମ୍ବଲପୁର ସେନ୍ ପାର୍କସ୍ଥିତ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା। ପରଲୋକ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଛନ୍ତି। ତାଙ୍କ ବିୟୋଗରେ ପଶ୍ଚିମ ଓଡ଼ିଶାରେ ଶୋକର ଛାୟା ଖେଳିଯାଇଛି। ସମ୍ବଲପୁର ରାଜଘାଟରେ ତାଙ୍କ ଅନ୍ତିମ ଯାତ୍ରାରେ ବିଭିନ୍ନ ଗଣମାନ୍ୟ ବ୍ୟକ୍ତିତ୍ୱ ସାମିଲ ହୋଇ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

ପୂର୍ବତନ ମନ୍ତ୍ରୀ ଓ ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀ ଅନ୍ତିମ ଦର୍ଶନ କରି କହିଛନ୍ତି ଯେ ପଦ୍ମଶ୍ରୀ ବିନୋଦ କୁମାର ପଶାୟତଙ୍କ ବିୟୋଗରେ ମୁଁ ଗଭୀର ମର୍ମାହତ। ସମ୍ବଲପୁରୀ ସାହିତ୍ୟ ପାଇଁ ତାଙ୍କର ଅବଦାନ ଚିରସ୍ମରଣୀୟ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଶୋକବାର୍ତ୍ତାରେ କହିଛନ୍ତି, 'ବିନୋଦ ବାବୁ ସମ୍ବଲପୁରୀ ସାହିତ୍ୟ ଓ ସଂସ୍କୃତିର ବାର୍ତ୍ତାବହ। ତାଙ୍କ ବିୟୋଗ ସାହିତ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି। 'ନାଟ୍ୟ ଅନୁଷ୍ଠାନ 'ନାଟନାଟୁଆ'ର ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ କହିଛନ୍ତି, 'ପଦ୍ମଶ୍ରୀ ବିନୋଦ ପଶାୟତଙ୍କର ସୃଷ୍ଟି ଓ ସରଳ ବ୍ୟକ୍ତିତ୍ୱ ତାଙ୍କୁ ସଦା ଅମର କରି ରଖିବ। ବଲାଙ୍ଗୀରର ଟିକ୍ରାପଡ଼ାରେ ଜନ୍ମିତ ବିନୋଦ ପାଠପଢ଼ା ଛାଡ଼ି ତାଙ୍କ ପିତାଙ୍କ ସେଲୁନ୍‌ରେ କାମ କରିବା ଆରମ୍ଭ କରିଥିଲେ। ସେହି ସମୟରେ ପ୍ରସିଦ୍ଧ ରାମଜୀ ନାଟକ ପାର୍ଟିରେ ଶିଶୁ କଳାକାର ଭାବେ ଅଭିନୟ କରିବା ଆରମ୍ଭ କରିଥିଲେ। ୧୯ ବର୍ଷ ବୟସରେ ଜୀବକା ▶▶ ୫

### ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର,୨୦।୮/ଏନ୍‌ଏନ୍‌ଏସ୍:**

ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ନାଟ୍ୟକାର, କବି ଓ ସାହିତ୍ୟିକ ବିନୋଦ କୁମାର ପଶାୟତଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୁଁ ଅତ୍ୟନ୍ତ ଦୁଃଖିତ। ତାଙ୍କର ବିୟୋଗ ଆମ ସାହିତ୍ୟ ଓ ସଂସ୍କୃତି ପାଇଁ ଏକ ଅପୂରଣୀୟ କ୍ଷତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ସେ ଦିବଙ୍ଗତ ଆତ୍ମାଙ୍କୁ ଶାନ୍ତି ପ୍ରଦାନ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ଏହି ଦୁଃଖ ସହିବାର ଶକ୍ତି ପ୍ରଦାନ କରନ୍ତୁ ବୋଲି କହିଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପଦ୍ମଶ୍ରୀ ବିନୋଦ କୁମାର ପଶାୟତଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି। ▶▶ ୫

## ନୂଆଦିଲ୍ଲୀରେ ଓଡ଼ିଶା ଭବନ

# ହେବ ୭ ମହଲା, ରହିବ ୪୫ କୋଠରୀ



**ଭୁବନେଶ୍ୱର,୨୦।୮/ଏନ୍‌ଏନ୍‌ଏସ୍:**


ନୂଆଦିଲ୍ଲୀ ଚାଣକ୍ୟପୁରୀ ଅଞ୍ଚଳରେ ଓଡ଼ିଶା ଭବନ ହେବ ୭ ମହଲା। ସମୁଦାୟ ୪,୭୬୧ ବର୍ଗ ମିଟର ନିର୍ମାଣ ଅଞ୍ଚଳରେ ଏ+୬ ଭବନ ନିର୍ମାଣ କରାଯିବ। ଏଥିରେ ମୋଟ୍ ୪୫ଟି ବିଭିନ୍ନ ବର୍ଗର ସୁଇଟ୍ ଉପଲବ୍ଧ ହେବ। ଭବନରେ ଏକ ସମ୍ମିଳନୀ କକ୍ଷ ବି ରହିବ। ଭବନରେ ଓଡ଼ିଆ ଐତିହ୍ୟର ଝଲକ ରହିବ। ନୂଆଦିଲ୍ଲୀ ଭଳି ଅଯୋଧ୍ୟା, ହାଇଦ୍ରାବାଦ ଓ ସୁରଟ୍‌ରେ ବି ଓଡ଼ିଶା ଭବନ କରିବାର ପ୍ରସ୍ତାବ ରହିଛି।

ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀର ନୂତନ ଓଡ଼ିଶା ଭବନ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରି ଏହା କହିଛନ୍ତି। ନୂଆଦିଲ୍ଲୀର ଚାଣକ୍ୟପୁରୀ ଅଞ୍ଚଳରେ ଓଡ଼ିଶା ଭବନର ପୁନଃ ନିର୍ମାଣ କରାଯାଉଛି। ଏହି ନୂଆ ଭବନରେ ଓଡ଼ିଶାର ସମୃଦ୍ଧ ପ୍ରସ୍ତର କାରୁକାର୍ଯ୍ୟ, ସମ୍ବଲପୁରୀ ଇକତ, ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଝଲକ ପ୍ରତିଫଳିତ ହେବ। ଏହି ନିର୍ମାଣ ପ୍ରକ୍ରିୟା ଧାର୍ଯ୍ୟ ସମୟରେ ଆରମ୍ଭ ହୋଇ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୁମ୍ବାଇକୁ ଯେହେତୁ ଓଡ଼ିଶାରୁ ଅଧିକ ସଂଖ୍ୟକ କ୍ୟାନସର୍ ରୋଗୀ ଚିକିତ୍ସିତ ହେବାକୁ ଯାଉଛନ୍ତି। ତେଣୁ ମୁମ୍ବାଇ ଓଡ଼ିଶା ଭବନରେ ଅଧିକ କୋଠରୀ ବ୍ୟବସ୍ଥା ରହିବା ଜରୁରୀ। ଏଥି ସହିତ ଓଡ଼ିଶାରୁ ଅଯୋଧ୍ୟାକୁ ଅଧିକ ସଂଖ୍ୟକ ଭକ୍ତ ଓ ଦର୍ଶାଳୁ ଯାଉଥିବାରୁ ଏବଂ ହାଇଦ୍ରାବାଦ ଏବଂ ସୁରଟ୍‌ରେ ବହୁଳ ଭାବେ ଓଡ଼ିଆ ଲୋକ ରହୁଥିବାରୁ ଉକ୍ତ ତିନି ସହରରେ ଓଡ଼ିଶା ଭବନ ନିର୍ମାଣ କରିବାର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ କୋଲକତା ଉତ୍କଳ ଭବନର ମରାମତି ଓ ନବୀକରଣ ବି ହେବା ଦରକାର। ଏନେଇ ସେ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା ହୋଇଛନ୍ତି ବୋଲି ପ୍ରକାଶ କରିଛନ୍ତି।

### ■ ଭବନରେ ରହିବ ଓଡ଼ିଆ ଐତିହ୍ୟର ଝଲକ
### ■ ଅଯୋଧ୍ୟା, ହାଇଦ୍ରାବାଦ,ସୁରଟ୍‌ରେ ବି ଓଡ଼ିଶା ଭବନ

ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ▶▶ ୫

## ଅଗ୍ନି-୫' ବାଲିଷ୍ଟିକ୍ ମିସାଇଲ୍‌ର ସଫଳ ପରୀକ୍ଷଣ



**ନୂଆଦିଲ୍ଲୀ,୨୦।୮/ଏଜେନ୍ସି:**

ବୁଧବାର ଓଡ଼ିଶାର ଚାନ୍ଦିପୁର ସ୍ଥିତ ସମନ୍ୱିତ ପରୀକ୍ଷଣ ରେଞ୍ଜ (ଆଇଟିଆର୍)ରୁ ଏହାର ପରମାଣୁ-ସକ୍ଷମ ମଧ୍ୟବର୍ତ୍ତୀ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର (ଆଇଆର୍‌ବିଏମ୍) ଅଗ୍ନି-୫ର ସଫଳତାପୂର୍ବକ ପରୀକ୍ଷଣ କରାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆର୍‌ଡିଓ) ଦ୍ୱାରା ବିକଶିତ, ଅଗ୍ନି-୫ ଭାରତର ସବୁଠାରୁ ଉନ୍ନତ ଦୀର୍ଘ-ଦୂରଗାମୀ କ୍ଷେପଣାସ୍ତ୍ର ମଧ୍ୟରୁ ଅନ୍ୟତମ। ଏହା ୫,୦୦୦ କିଲୋମିଟରରୁ ଅଧିକ ଦୂରଗାମୀ କ୍ଷେପଣାସ୍ତ୍ର ଅଟେ। ଆଧୁନିକ ନାଭିଗେସନ୍, ମାର୍ଗଦର୍ଶନ, ଯୁଦ୍ଧାସ୍ତ୍ର ଏବଂ ପ୍ରପଲ୍ସନ ପ୍ରଯୁକ୍ତିବିଦ୍ୟା ସହିତ ସିତ, ଏହା ଭାରତର ପରମାଣୁ ପ୍ରତିରୋଧକୁ ସୁଦୃଢ଼ କରେ।

ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡ ଅଧୀନରେ ଅଗଷ୍ଟ ୨୦, ୨୦୨୫ ରେ କରାଯାଇଥିବା ଏହି ପ୍ରକ୍ଷେପଣ କ୍ଷେପଣାସ୍ତ୍ରର ସମସ୍ତ କାର୍ଯ୍ୟକ୍ଷମ ଏବଂ ବୈଷୟିକ ପାରାମିଟରକୁ ବୈଧ କରିଥିଲା। ପ୍ରତିରକ୍ଷା ଅଧିକାରୀମାନେ କହିଛନ୍ତି ଯେ ଏହି ପରୀକ୍ଷଣ ସିଷ୍ଟମର ପ୍ରସ୍ତୁତି ସୁନିଶ୍ଚିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ନିୟମିତ ବ୍ୟବହାରକାରୀ ପରୀକ୍ଷଣର ଏକ ଅଂଶବିଶେଷ ଥିଲା। ସଫଳ ପରୀକ୍ଷଣ 'ବିଶ୍ୱସନୀୟ ସର୍ବନିମ୍ନ ପ୍ରତିରୋଧ ସ୍ଥିତି' ବଜାୟ ରଖିବା ପାଇଁ ଭାରତର ପ୍ରତିବଦ୍ଧତାକୁ ପୁନଃ ନିର୍ଦ୍ଦିଷ୍ଟ କରୁଥିବା ମନ୍ତ୍ରଣାଳୟ ଦର୍ଶାଇଛି। ଅଗ୍ନି-୫ ହେଉଛି ଏକ ଭୂମି-ଭିତ୍ତିକ ଆନ୍ତଃମହାଦେଶୀୟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର (ଆଇସିବିଏମ୍) ଯାହା ଡିଆର୍‌ଡିଓ ଦ୍ୱାରା ବିକଶିତ ମଲ୍ଟିପଲ୍ ଇଣ୍ଡିପେଣ୍ଡେଣ୍ଟଲି ଟାର୍ଗେଟେବଲ୍ ରିଏଣ୍ଟ୍ରି ଭେହିକିଲ୍ (ଏମ୍‌ଆଇଆର୍‌ଭି) କ୍ଷମତା ସହିତ ସମାନ। ଆଣବିକ ବ୍ୟବହାର ପାଇଁ ଡିଜାଇନ୍ ହୋଇଥିବା, ଅଗ୍ନି-୫ର କ୍ଷମତା ପରିସର ୫,୦୦୦ କିଲୋମିଟରରୁ ଅଧିକ ରହିଛି। ଏହି କ୍ଷେପଣାସ୍ତ୍ର ଏକକାଳୀନ ତିନୋଟି ପରମାଣୁ ଯୁଦ୍ଧାସ୍ତ୍ର ବହନ ଏବଂ ଗୁଳିଚାଳନା କରିପାରିବ। ତେବେ ଏହି ପରୀକ୍ଷଣ ଦ୍ୱାରା ଚୀନ୍, ପାକିସ୍ତାନ, ତୁର୍କୀ ଏବେ ଭାରତର ରେଞ୍ଜ୍ ମଧ୍ୟକୁ ଚାଲିଆସିଛନ୍ତି।

## ମୃତକଙ୍କ ଆତ୍ମୀୟଙ୍କୁ ୪ ଲକ୍ଷ ଟଙ୍କାର ଅନୁକମ୍ପା ସହାୟତା

**ଭୁବନେଶ୍ୱର,୨୦।୮/ଏନ୍‌ଏନ୍‌ଏସ୍:**

ଗଞ୍ଜାମ ଜିଲ୍ଲା ହୁମ୍ମାଠାରେ ଏକ ଦୁଃଖଦ ଦୁର୍ଘଟଣାରେ କେ. ମାଳତୀ ପ୍ରଧାନ (ସ୍ୱାମୀ - କେ. ରାଜେନ୍ଦ୍ର ପ୍ରଧାନ)ଙ୍କ ପ୍ରାଣହାନି ହୋଇଛି। ଏ ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

### ଗଞ୍ଜାମ ଜିଲ୍ଲା ହୁମ୍ମାଠାରେ ଏକ ଦୁଃଖଦ ଦୁର୍ଘଟଣା

## ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ

# ୮ ଜିଲ୍ଲାରେ ୧୮ ପ୍ରକଳ୍ପକୁ ମଞ୍ଜୁରୀ



**ଭୁବନେଶ୍ୱର,୨୦।୮/ଏନ୍‌ଏନ୍‌ଏସ୍:**

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟିର ୧୩୯ତମ ବୈଠକରେ ୪,୫୧୫ କୋଟିର ୧୮ଟି ନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ସବୁ ଅନୁଗୁଳ, ଗଞ୍ଜାମ, ଯାଜପୁର, ଜଗତସିଂହପୁର, ଖୋର୍ଦ୍ଧା, ସୁନ୍ଦରଗଡ଼ ଓ ଝାରସୁଗଡ଼ା ଆଦି ୮ ଜିଲ୍ଲାରେ ୮୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଇଛି।

### ୪୫୧୫ କୋଟି ନିବେଶ, ସୃଷ୍ଟିହେବ ୮୨୦୦ ନିଯୁକ୍ତି

ବିଭିନ୍ନ କ୍ଷେତ୍ରରେ ନିବେଶ ବ୍ୟାପକ କରି ସରକାର ରୋଜଗାର ସୃଷ୍ଟି ମାଧ୍ୟମରେ ଆର୍ଥିକ ବିକାଶ, ସ୍ଥାନୀୟ ଅର୍ଥନୀତିକୁ ଶକ୍ତିଶାଳୀ କରିବା ଓ ସମାନୁପାତିକ ଶିଳ୍ପର ବିକାଶ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିରେ ଇସ୍ପାତ ଭିତ୍ତିଭୂମି ଭଳି ପାରମ୍ପରିକ ବିକାଶ ଇଞ୍ଜିନ୍, ପର୍ଯ୍ୟଟନକୁ ଶକ୍ତିଶାଳୀ କରାଯିବା ସହ ନୂତନ କ୍ଷେତ୍ର ଯେପରିକି ଗ୍ରୀନ୍ ଏନର୍ଜୀ, ଇଲେକ୍ଟ୍ରିକ୍ ଭେହିକଲ୍, ଡାଟା ସେଣ୍ଟର୍ ବାୟୋ ଫୁଏଲ୍ସ ଏବଂ ଫାର୍ମାସ୍ୟୁଟିକାଲ୍‌ସକୁ ଗୁରୁତ୍ୱ ଦିଆଯାଇଛି।

ପ୍ରମୁଖ କ୍ଷେତ୍ର ମଧ୍ୟରେ ସବୁଜ ଉର୍ଜା ଓ ସବୁଜ ହାଇଡ୍ରୋଜେନ୍ କ୍ଷେତ୍ରରେ ଆଇନକ୍ସ ସୋଲାର୍ ଲିମିଟେଡ୍ ଢେଙ୍କାନାଳରେ ୨୮୩ କୋଟି ନିବେଶରେ ୫ ଜିଡବ୍ଲ୍ୟୁ ଏଚ୍ ବ୍ୟାଟେରୀ ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍ ଆସେମ୍ବ୍ଲି ପ୍ଲାଣ୍ଟ ସ୍ଥାପନ କରି ୫୧ଟି ନିଯୁକ୍ତି ସୃଷ୍ଟି କରିବ। ସେହିପରି ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ ଯାଜପୁରରେ ୯୦ କୋଟିର ନିବେଶ ସହିତ ୧୫୦୦ ଏନ୍ ଏମ୍ କ୍ୟୁବ୍ ପ୍ରତି ଘଣ୍ଟାର ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରସ୍ତୁତି ୟୁନିଟ୍ ପ୍ରତିଷ୍ଠା କରିବ, ସେଥିରେ ୮୯ ଜଣଙ୍କୁ ନିଯୁକ୍ତି ମିଳିବ। ରାୟପୁରର ସବୁଜ ଶକ୍ତି ସାମଗ୍ରୀ ପ୍ରସ୍ତୁତ କମ୍ପାନୀ ଗଞ୍ଜାମରେ ୭୫୦ କୋଟିର ନିବେଶ ସହ ୨ ଗିଗାୱାଟ୍ ସୋଲାର୍ ସେଲ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ ଯଦ୍ୱାରା ୫୧୫ ନିଯୁକ୍ତି ସୃଷ୍ଟିହେବ।

ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ଗ୍ରାଭିଟା ଇଣ୍ଡିଆ ଲିମିଟେଡ୍ ଅନୁଗୁଳରେ ଏକ ସମ୍ପୂର୍ଣ୍ଣ ପୁନଃ ବ୍ୟବହାର ୟୁନିଟ୍‌ରେ ୩୫୦କୋଟି ନିବେଶ କରି ପରିଶୋଧିତ ▶▶ ୫

## ସବୁ ଜିଲ୍ଲାରେ ପ୍ରତିଷ୍ଠା ହେବ ଏମ୍‌ଏସ୍‌ଏମ୍‌ଇ ପାର୍କ



**ଭୁବନେଶ୍ୱର,୨୦।୮/ଏନ୍‌ଏନ୍‌ଏସ୍:**

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ହେଉଛି ବ୍ୟାପକ ନିଯୁକ୍ତି ଓ ସମ୍ଭାବନାର କ୍ଷେତ୍ର। ସରକାରୀ ସ୍ତରରେ ଏମ୍‌ଏସ୍‌ଏମ୍‌ଇ ପ୍ରତିଷ୍ଠା ପାଇଁ ସମସ୍ତ ପ୍ରକାର ସୁବିଧାସୁଯୋଗ ପ୍ରଦାନ କରାଯାଉଛି। ଯୁବଗୋଷ୍ଠୀଙ୍କୁ ଅଧିକରୁ ଅଧିକ ଏ କ୍ଷେତ୍ରକୁ ଆକୃଷ୍ଟ କରିବା ପାଇଁ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରିବା ସହ ସବୁ ଜିଲ୍ଲାରେ ଏମ୍‌ଏସ୍‌ଏମ୍‌ଇ ପାର୍କ ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନିଆଯାଉଛି। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

### କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ଲକ୍ଷପତି ଦିଦି କାର୍ଯ୍ୟକ୍ରମ ଖୁବ ସଫଳ ହେଉଛି। ପ୍ରାୟ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇସାରିଲେଣି। ଏଥିରେ ଅନେକ କ୍ଷୁଦ୍ର ବ୍ୟବସାୟୀ ଓ ଉଦ୍ୟୋଗୀ ଅଛନ୍ତି। ସେମାନଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରାଗଲେ, ସେମାନେ ଆଗକୁ ବଢ଼ିପାରିବେ ଏବଂ ଉଦ୍ୟୋଗ ଓ ବାଣିଜ୍ୟ କ୍ଷେତ୍ରରେ ବ୍ୟାପକ ସଫଳତା ହାସଲ କରିପାରିବେ। ତେଣୁ ସେମାନଙ୍କୁ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଉଦ୍ୟୋଗ ପ୍ରତିଷ୍ଠା କରିବା ପାଇଁ ସହାୟତା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ▶▶ ୫

# ଲୋକଙ୍କ ସେବାରେ ଆସୁନି ବିକାଶ ପ୍ରକଳ୍ପ

**କଣ୍ଟିଲୋ,୨୦।୮/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋ କ୍ଷେତ୍ରର ଉନ୍ନତି ଏବଂ ବିକାଶ ପାଇଁ ରାଜ୍ୟ ଓବିସିସି ବିଭାଗ ଓ ବନ୍ସଲ ଠିକା ସଂସ୍ଥା ଦ୍ୱାରା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ମାତ୍ର ପ୍ରକଳ୍ପଗୁଡ଼ିକ ଉଭୟ ଓବିସିସି ଓ ଠିକା ସଂସ୍ଥାଙ୍କ ଚରମ ଅବହେଳା ଓ ଇଚ୍ଛା ଶକ୍ତିର ଅଭାବ ଯୋଗୁ ସାଧାରଣ ଜନତାଙ୍କ ସେବାରେ ଲାଗୁ ନଥିବାର ଅଭିଯୋଗ ହେଉଛି । ପ୍ରକାଶ ଯେ ୨୦୨୨ ମସିହା ମେ ମାସରେ ତତ୍କାଳୀନ ବିଜେଡି ସରକାର ଶ୍ରୀ ଜିଉଙ୍କ କ୍ଷେତ୍ରର ଉନ୍ନତି ଓ ବିକାଶ ନିମନ୍ତେ ୧୦୦ କୋଟି ଟଙ୍କା ମଞ୍ଜୁର କରି ପ୍ରତ୍ୟେକ କାର୍ଯ୍ୟଗୁଡ଼ିକ ୧୮ ମାସ ମଧ୍ୟରେ ଶେଷ କରିବା ପାଇଁ ଓବିସିସି ବିଭାଗ ମାଧ୍ୟମରେ ବନ୍ସଲ ଠିକା ସଂସ୍ଥା ସହିତ ଚୁକ୍ତି ସ୍ୱାକ୍ଷରିତ କରିଥିଲେ । ହେଲେ ଆଜକୁ ପ୍ରାୟ ୪୦ ମାସ ପାଖାପାଖି ସମୟ ଅତିବାହିତ ହୋଇଥିଲେ ହେଁ ଆଜିକା ଦିନରେ କିଛି କାର୍ଯ୍ୟ ଆଦୌ ଆରମ୍ଭ ହୋଇ ନଥିବା ସ୍ଥଳେ ଅବଶିଷ୍ଟ କାର୍ଯ୍ୟ ନିର୍ମାଣ ଚାଲୁ ରହିଛି ।

ଏଥି ମଧ୍ୟରୁ ସମ୍ପୂର୍ଣ୍ଣ ହୋଇଥିବା ନିର୍ମାଣ କାର୍ଯ୍ୟ ମଧ୍ୟରେ ରହିଛି ଶ୍ରୀଜିଉଙ୍କ ପୂର୍ବପାର୍ଶ୍ୱ ଗାଡ଼ି ପାର୍କିଂ ସ୍ଥାନ, ଏହି ପାର୍କିଂ ମଧ୍ୟରେ ଥିବା ଶୌଚାଳୟ, ପଶ୍ଚିମ ଦ୍ୱାର ପାର୍ଶ୍ୱ ଲିଫ୍ଟ, ମେଡିକାଲ ଛକ ପାଖରେ ଥିବା ବ୍ୟାଖ୍ୟାନ କେନ୍ଦ୍ର ଓ ପଶ୍ଚିମ ଦ୍ୱାର ପାର୍ଶ୍ୱ ଷ୍ଟଲ୍ । ସେଗୁଡ଼ିକ ଏ ପର୍ଯ୍ୟନ୍ତ ଦେବୋତ୍ତର ବିଭାଗ ହେଉ କି ପଞ୍ଚାୟତକୁ ହସ୍ତାନ୍ତର କରାଯାଇନଥିବାରୁ ପ୍ରତ୍ୟେକ ଦିନ ବାହାରୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରକାଶ ଯୋଗ୍ୟ ଯେ, ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟରୁ ଚିଠି ନଂ ୨୪ ତା ୦୧.୧୦.୨୦୨୪, ଚିଠି ନଂ୫୮ ତା୨୭.୦୧.୨୦୨୫ ଓ ଚିଠି ନଂ ୬୪ ତା୦୫.୦୮. ୨୦୨୫ ରିଖରେ ତିନିଟି ଚିଠି ପ୍ରେରଣ ହୋଇଥିଲେ ହେଁ ରାଜ୍ୟ ଓବିସିସି ବିଭାଗର ଅଧିକାରୀମାନେ ଉକ୍ତ ଚିଠିଗୁଡ଼ିକୁ ଗୁରୁତ୍ୱ ନଦେଇ ନିରବଦ୍ରଷ୍ଟା ସାଜିଛନ୍ତି । ବିଭାଗୀୟ ଅଧିକାରୀମାନଙ୍କର ଇଚ୍ଛାଶକ୍ତି, ଆନ୍ତରିକତା, ଦୂରଦୃଷ୍ଟିର ଅଭାବ, ତହସିଲଦାରଙ୍କ ଚିଠିକୁ ଭ୍ରୁକ୍ଷେପ ନକରି ନୀଳମାଧବଙ୍କ କ୍ଷେତ୍ରକୁ ହେୟ ଜ୍ଞାନ କରି ଚରମ ଅବହେଳା କରୁଥିବାରୁ ସର୍ବସାଧାରଣ ସେବା ପାଇବାରୁ ବଞ୍ଚିତ । ଓବିସିସି ବିଭାଗରୁ ଗାଡ଼ି ପାର୍କିଂ ପ୍ଲେସ୍‌ର ଦାୟିତ୍ୱ ଗ୍ରହଣ ନ କରି ଖଣ୍ଡପଡ଼ା ତହସିଲଦାର ତଥା ଦେବୋତ୍ତର ବିଭାଗ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୂର୍ବ ଦ୍ୱାର ପାର୍ଶ୍ୱ ଗାଡ଼ି ପାର୍କିଂ ସ୍ଥାନକୁ ୨୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ କିପରି ଓ କେଉଁ କ୍ଷମତା ବଳରେ ନିଲାମ କରିଛନ୍ତି ବୋଲି ଅଭିଯୋଗ ହେଉଛି । ଯେଉଁ କାର୍ଯ୍ୟଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଯାଇଛି ସେଗୁଡ଼ିକୁ ଓବିସିସି ବିଭାଗ ଯଥା ଶୀଘ୍ର ଖଣ୍ଡପଡ଼ା ତହସିଲଦାର କିମ୍ବା କଣ୍ଟିଲୋ ପଞ୍ଚାୟତକୁ ହସ୍ତାନ୍ତର କରି ଜନତାଙ୍କ ସେବାରେ ଲାଗିବା ପାଇଁ ସ୍ଥାନୀୟ ବିଧାୟକଙ୍କ ଜରିଆରେ ନୟାଗଡ଼ ଜିଲ୍ଲାପାଳ ଓ ଓବିସିସି ବିଭାଗର ସର୍ବୋଚ୍ଚ ଅଧିକାରୀଙ୍କ ନିକଟରେ ହଜାର ହଜାର ଶ୍ରଦ୍ଧାଳୁ ଦାବି କରିଛନ୍ତି ।

# ବୁଲା କୁକୁରଙ୍କ ଦୌରାତ୍ମ୍ୟରେ ସହରବାସୀ ଅତିଷ୍ଠ



**ଜଟଣୀ,୨୦।୮/ଏନ୍ଏନ୍ଏସ୍:** ଜଟଣୀ ସହରରେ ବୁଲା କୁକୁରଙ୍କ ସଂଖ୍ୟା ଅହେତୁକ ଭାବରେ ବୃଦ୍ଧି ପାଇବାରେ ଲାଗିଛି । ସହରର ଗଳିକନ୍ଦି ଓ ଛକରେ ମାଳ ମାଳ କୁକୁର ବୁଲୁଛନ୍ତି । ବର୍ତ୍ତମାନ ଚାଲିଛି କୁକୁରମାନଙ୍କ ମିଳନ ଋତୁ । ଫଳରେ ରାସ୍ତାଘାଟ, ଗଳିକନ୍ଦି ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ପଲ ପଲ କୁକୁର ଦେଖିବାକୁ ମିଳୁଛନ୍ତି । ଫଳରେ ଲୋକଙ୍କ ଯାତାୟାତ ସମୟରେ କେତେକ କୁକୁର ଯାନବାହନ ସମ୍ମୁଖକୁ ଆସୁଯାଉଥିବାରୁ ଉଭୟ ମଣିଷ ଓ କୁକୁର ଆହତ ହେଉଛନ୍ତି । ବେଳେବେଳେ ରାସ୍ତାରେ ଗଲାବେଳେ ମୋଟରସାଇକେଲ ଆରୋହୀଙ୍କୁ ଗୋଡ଼ାଇଥାନ୍ତି । ବୁଲା କୁକୁରଙ୍କ ଦୌରାତ୍ମ୍ୟରେ ସହରବାସୀ କଲବଲ ହେଉଥିବା ବେଳେ ପୌରନିଗମ କିନ୍ତୁ ବେଫିକର ହୋଇ ବସିରହିଛି । ସୂଚନା ମୁତାବକ ବିଗତ ଦିନରେ ପୌର ପରିଷଦ ଅନ୍ତର୍ଗତ ୧ ନଂ ୱାର୍ଡରେ ଏକ ପାଗଳା ବୁଲା କୁକୁର କାମୁଡ଼ାରେ କିଛି ସ୍ଥାନୀୟ ଲୋକ ଯିବାଆସିବା ସମୟରେ ଶିକାର ହୋଇଥିଲେ । ଏ ଘଟଣା ବାବଦରେ ପୌରପରିଷଦ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ପୌର ପରିଷଦ ପକ୍ଷରୁ ପାଗଳ ବୁଲା କୁକୁରକୁ ଧରିବାରେ କୌଣସି ତାଲିମପ୍ରାପ୍ତ କର୍ମଚାରୀ ନାହାନ୍ତି କହି ଲୋକଙ୍କୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ଏବଂ କୁହାଯାଇଥିଲା ଯେ ଆପଣମାନେ ପାରୁଛନ୍ତି ଯଦି ସେହି ପାଗଳା କୁକୁରକୁ ମାରିଦିଅନ୍ତୁ । ଏଠି ପ୍ରଶ୍ନ ଉଠେ ଜଟଣୀ ପୌରପରିଷଦ କାହା ସ୍ୱାର୍ଥରେ । ପୌର ପରିଷଦରେ ସରକାରଙ୍କ ସବୁ ଯୋଜନା ଫେଲ୍ । ନା ଡଗକ୍ୟାନେଲ ଅଛି ନା କୁକୁରଙ୍କୁ ରଖି ବନ୍ଧ୍ୟାକରଣ ବ୍ୟବସ୍ଥା ଅଛି । କୁକୁର ବଂଶ ନିୟନ୍ତ୍ରଣ ପାଇଁ ଆବଶ୍ୟକ ସଂଖ୍ୟାର ଡାକ୍ତର, କୁକୁର ଧରା କର୍ମଚାରୀ ନିୟୋଜିତ ସହ ଗାଡ଼ି ଓ ଭିତ୍ତିଭୂମିର ବିକାଶ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ବିଦ୍ୟାଳୟରେ ପୋଷାକ ବିତରଣ

**ଡେଲାଙ୍ଗ,୨୦।୮/ଏନ୍ଏନ୍ଏସ୍:** ଡ଼େଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ଦୀପକ କୁମାର ସାହୁ, ସହ ଶିକ୍ଷା ଅଧିକାରିଣୀ ସୁଷମା ଦାଶ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଲୋକନାଥ ପ୍ରଧାନ ଯୋଗଦେଇ ପିଲାମାନଙ୍କୁ ଭଲ ମଣିଷ ହେବାର ବାର୍ତ୍ତା ଦେଇଛନ୍ତି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁ ଆୟୋଜିତ ସଭାରେ ସଭାପତିତ୍ୱ କରିଥିବା ବେଳେ ବିଦ୍ୟାଳୟର ମୋଟ ୧୭୬ଜଣ ଛାତ୍ରଛାତ୍ରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ଟ୍ରାକ୍ ପ୍ୟାଣ୍ଟ୍, ଟ୍ରାକ୍ ସାର୍ଟ, ବୁଟ୍, ଧଳା ଟୋପି ଏକ ହଳ ଲେଖାଏଁ ପ୍ରଦାନ କରାଯାଇଛି । ଏଥିରେ କମିଟି ସଭ୍ୟସଭ୍ୟା ଶକ୍ତିମୟୀ ପରିଡ଼ା, ଗୀତାଞ୍ଜଳି ପରିଡ଼ା ଓ ସଭ୍ୟ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

# ୪୨ ମୌଜାରେ ବିଧାୟକଙ୍କ ଜନଶୁଣାଣି



**ବୟାଳିଶମୌଜା,୨୦।୮/ଏନ୍ଏନ୍ଏସ୍:** କଟକ ସଦର ୪୨ ମୌଜା ଅନ୍ତର୍ଗତ ବେଷ୍ଟକାରର ଏ .ଡି .ଏମ୍. ପ୍ୟାଲେସ୍‌ଠାରେ ୪୨ ମୌଜା ଜୋନ୍‌ସ୍ତରୀୟ ଜନଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଡିଓ, ଥାନା ଅଧିକାରୀ, ସଦର ଏସିପି, ଆମ୍ବ୍ରର ସଭାପତି, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର, ବିଦ୍ୟୁତ ବିଭାଗ ଅଧିକାରୀ ଓ ସ୍ଥାନୀୟ ଆରଇ ପ୍ରଭୃତି ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଶିବିରରେ ୨୦୦ ଶହରୁ ଅଧିକ ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଗୁଡ଼ିକୁ ବିଭିନ୍ନ ବିଭାଗକୁ ବିଚାର ପାଇଁ ପଠାଯାଇଛି । କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତିଙ୍କ ସମେତ ବହୁ ବିଜେପି କର୍ମୀ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

# ଜପକୁଦରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର



**ସାଲେପୁର,୨୦।୮/ଏନ୍ଏନ୍ଏସ୍:** ସାଲେପୁର ବ୍ଲକ ଅନ୍ତର୍ଗତ ଜପକୁଦ ଠାରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଜେପିଏମ୍ ରୋଟାରୀ ଚକ୍ଷୁ ଚିକିତ୍ସାଳୟ, ସିଡିଏ, କଟକ ଆନୁକୂଲ୍ୟରେ ମା' ହେଲଥ୍ କେୟାର, ଜପକୁଦ ଓ ବିପି ଲାବୋରେଟୋରୀ ଓ ରୋଟ୍ରାକ୍ଟ କ୍ଲବ ଅଫ୍ ବିରୂପା ସହଯୋଗରେ ଏହି ଚକ୍ଷୁ ଚିକିତ୍ସା ଶିବିର ଜପକୁଦସ୍ଥିତ ଜଗନ୍ନାଥ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଅନୁଷ୍ଠିତ ହୋଇଥିଲା । ବିକାଶ କୁମାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ୮୩ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ୮ଜଣଙ୍କୁ ଅସ୍ତ୍ରୋପଚାର ପାଇଁ କଟକ ରୋଟାରୀ ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଥିଲା । ଚକ୍ଷୁ ଚିକିତ୍ସାଳୟ ତରଫରୁ ଶଶିକାନ୍ତ ଦାସ, ପରେଶ କୁମାର ସାହୁ, ନନ୍ଦିନୀ ନାୟକ, ମନିଷା ଭୋଇ ପ୍ରମୁଖ ଚକ୍ଷୁ ପରୀକ୍ଷା କରିବା ସହ ମାଗଣା ଔଷଧ ବିତରଣ କରିଥିଲେ । କାର୍ଯ୍ୟକ୍ରମକୁ ରୋଟ୍ରାକ୍ଟ କ୍ଲବ୍ ଅଫ୍ ବିରୂପାର ଉପଦେଷ୍ଟା ବିଶ୍ୱରଂଜନ ସାହୁ ପରିଚାଳନା କରିଥିଲେ । ଶିବିରକୁ ବିଚିତ୍ର କୁମାର ପ୍ରହରାଜ, ସୁନନ୍ଦା ମିଶ୍ର, ପ୍ରଭାତ ବେହେରା, ନଳିନୀ କାନ୍ତ ପରିଜା, କ୍ଷୀରୋଦ ଚନ୍ଦ୍ର ଶତପଥୀ, ବସନ୍ତ ବେହେରା, ଭାନୁଶଙ୍କର ବେହେରା, ଅନନ୍ତ ରାଉତ, ହରପ୍ରସାଦ ଶତପଥି, ଧନଞ୍ଜୟ ପାତ୍ର, ସଂଗ୍ରାମ କିଶୋର ଦାଶ, ପୁଷ୍ପାଞ୍ଜଳି ଦାସ, ରୋଜାଲିନ ଦାସ, ସୁଭଦ୍ରା ମିଶ୍ର, ସୋନାଲି ବେହୁରା, ଏସ୍‌କେ ଅବଦୁଲ୍ ଇକିଆସ ଖାନ୍, ଅମରେନ୍ଦ୍ର ବାରିକ ଓ ଶର୍ମିଳି ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

# ବ୍ଲକ୍ କଂଗ୍ରେସ ସଭାପତି ଚୟନ



**ମାହାଙ୍ଗା,୨୦।୮/ଏନ୍ଏନ୍ଏସ୍:** ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟର ପ୍ରତି ବ୍ଲକରେ କଂଗ୍ରେସର ସଭାପତି ଚୟନ ପାଇଁ ବୈଠକ ଅନୁଷ୍ଠିତ ହେଉଥିବାବେଳେ ମାହାଙ୍ଗା ବ୍ଲକ କଂଗ୍ରେସର ସଭାପତି ଚୟନ ଓ ସାଂଗଠନିକ ବୈଠକ ଯୁବନେତା ସେକ ମସୁଦ ଅଲିଙ୍କ ନେତୃତ୍ୱରେ କଟକ ଜିଲ୍ଲା ସଂଯୋଜକ ପ୍ରଦୀପ୍ତ କୁମାର ଦାସଙ୍କ ସଂଯୋଜନାରେ ବାପୁଜୀ ଭବନ ଖଦୋଳ ଠାରେ ଅନୁଷ୍ଠିତ ହୋଇଯାଇଛି । କଟକ ଜିଲ୍ଲା ପର୍ଯ୍ୟବେକ୍ଷକ ଆଇନଜିବୀ ହିମାଂଶୁ ଶେଖର ଲେଙ୍କା, ପ୍ରଦେଶ କଂଗ୍ରେସ ମୁଖପାତ୍ର ଦେବାଶିଷ ଭୂୟାଁ,କଟକ ଜିଲ୍ଲା ଅନୁସୂଚିତ ଜାତି ବିଭାଗର ଅଧ୍ୟକ୍ଷ ପ୍ରତାପ ମଲ୍ଲିକ ଓ ପ୍ରଫେସର କାର୍ତ୍ତିକ ଚନ୍ଦ୍ର ବରାଳ ପ୍ରମୁଖ ମଞ୍ଚାସୀନ ଥିଲେ । ବୈଠକରେ କଂଗ୍ରେସ ସଂଗଠନ କିପରି ମଜବୁତ କରାଯିବା ପାଇଁ ପର୍ଯ୍ୟବେକ୍ଷକ ଓ ଅତିଥିମାନେ ମତବ୍ୟକ୍ତ କରିଥିଲେ । ସଭାପତି ଚୟନ କରିବା ପାଇଁ ବରିଷ୍ଠ କଂଗ୍ରେସ ନେତୃମଣ୍ଡଳୀଙ୍କ ସହିତ ଜିଲ୍ଲା ପର୍ଯ୍ୟବେକ୍ଷକ ହିମାଂଶୁ ଲେଙ୍କା ପ୍ରମୁଖ ଆଲୋଚନା କରି କେତେକ ଯୋଗ୍ୟ ସଂଗଠକମାନଙ୍କର ନାମ ତାଲିକାଭୁକ୍ତ କରି ପିସିସି ସଭାପତିଙ୍କ ଦୃଷ୍ଟି ଆକର୍ଷଣ ପାଇଁ ନେଇଥିଲେ । ବୈଠକରେ ପଣ୍ଡିତ ପ୍ରଭାତ କର, ଅରକ୍ଷିତ ପ୍ରଧାନ, ଆଇନଜୀବୀ ଦୀପକ ମହାନ୍ତି, ସଂଗ୍ରାମ ସାମଲ, ଯୁବ ସଂଗଠକ ସୌକତ ଅଲି, ଗଣେଶ୍ୱର ସ୍ୱାଇଁ, ଦୀପକ ନାୟକ, ରବି ନାରାୟଣ ସାହୁ, ନଳିନୀକାନ୍ତ ନାୟକ, କ୍ଷୀରୋଦ ସାହୁ, ସେକ ଜାବୀର, ସେକ କଲ୍ଲିମୁଲ୍ଲା ଆଜାଦଙ୍କ ସମେତ ବହୁ କଂଗ୍ରେସ କର୍ମକର୍ତ୍ତା ଯୋଗଦେଇଥିଲେ ।

# ସାମାଜିକ ସଂଗଠନ ପକ୍ଷରୁ ରକ୍ତଦାନ ଶିବିର



**ବୟାଳିଶମୌଜା,୨୦।୮/ଏନ୍ଏନ୍ଏସ୍:** କଟକ ସଦରର ଅଗ୍ରଣୀ ସାମାଜିକ ସଂଗଠନ 'ୟୁନିଅନ୍ ଫର୍ କଟକ ସଦର ଡେଭେଲପ୍‌ମେଣ୍ଟ' ପକ୍ଷରୁ ସଭାପତି ଶିକ୍ଷାବିତ ପ୍ରଫେସର ମନୋଜ ନାୟକଙ୍କ ତତ୍ତ୍ୱାବଧାନରେ ସୋମବାର ୪୨ ମୌଜାର କଳପଡା ସ୍ଥିତ କଲ୍ୟାଣୀ ମଣ୍ଡପଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ସମାଜସେବୀ ସରୋଜ ନାୟକ ଉଦ୍‌ଘାଟନ କରିଥିଲେ । ବରିଷ୍ଠ ଉପଦେଷ୍ଟା ବିଜୟ କୁମାର ନାୟକ ପରିଚାଳନା କରିଥିଲେ । ଏଥିରେ ପ୍ରକାଶ ମାଝୀ, ଚନ୍ଦନ ପରିଡ଼ା ପ୍ରମୁଖ ୧୨୦ରୁ ଅଧିକ ସହକର୍ମୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ସମାଜସେବୀଙ୍କ ଘର ପ୍ରାଙ୍ଗଣରେ ବ୍ରହ୍ମକମଳ ପୁଷ୍ପ



**ସାକ୍ଷୀଗୋପାଳ,୨୦।୮/ଏନ୍ଏନ୍ଏସ୍:** ସତ୍ୟବାଦୀ ମଧୁବନ ପଞ୍ଚାୟତ ସ୍ଥିତ ଡାହାଣ ଗ୍ରାମରେ ସମାଜସେବୀ ନିହାର ରଞ୍ଜନ ସ୍ୱାଇଁ ଙ୍କ ଘର ପ୍ରାଙ୍ଗଣରେ ଥିବା ବ୍ରହ୍ମ କମଳ ପୁଷ୍ପ ବୃକ୍ଷରେ ପବିତ୍ର ବ୍ରହ୍ମ କମଳ ଫୁଲ ଫୁଟିଛି । କୃଷିରତ୍ନ ସ୍ୱର୍ଗତ ପର୍ଶୁରାମ ସ୍ୱାଇଁ ଙ୍କ ବୋହୂ ତଥା ପିପିଲି ର ପୂର୍ବତନ ବିଧାୟକ ଦିବଂଗତ ରାଜନେତା ସ୍ୱର୍ଗତ ଯୁଧିଷ୍ଠିର ସାମନ୍ତରାୟ ଙ୍କ ସମୁଦୁଣି ତଥା ରାଜନେତା ସ୍ୱର୍ଗତ ଦିଲ୍ଲୀପ କୁମାର ସ୍ୱାଇଁ ଙ୍କ ଧର୍ମପତ୍ନୀ ତଥା ସମାଜସେବୀ ନିହାର ରଞ୍ଜନ ସ୍ୱାଇଁ ଙ୍କ ମା' ଉର୍ମିଳା ସ୍ୱାଇଁ ସକାଳେ ନିତ୍ୟକର୍ମ ସାରି ସ୍ନାନ କରି ପୂଜାର୍ଚ୍ଚନା କରି ଗତ ରାତିରେ ଫୁଟିଥିବା ଏହି ବ୍ରହ୍ମ କମଳ ଫୁଲକୁ ପବିତ୍ର ସିଂହ ସଂକ୍ରାନ୍ତିରେ ଡାହାଣ ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଡାହାଣେଶ୍ୱର ଙ୍କ ପାଖରେ ଅର୍ପଣ କରିଛନ୍ତି । ଉର୍ମିଳା ସ୍ୱାଇଁ ଜଣେ ଅତି ଭଦ୍ର, ମିଷ୍ଟଭାଷୀ, ଧର୍ମ ପରାୟଣା ମହିଳା ଭାବେ ଅଞ୍ଚଳରେ ବେଶ୍ ଲୋକପ୍ରିୟ କ୍ଷକ୍ଷ ପ୍ରକାଶ ଥାଉ କି ଗତ ବର୍ଷ ତାଙ୍କ ଅଗଣାରେ ଫୁଟିଥିବା ଦୁଇଟି ବ୍ରହ୍ମ କମଳ ଫୁଲକୁ ଗ୍ରାମର ପ୍ରତ୍ୟକ୍ଷ ଠାକୁର ଶ୍ରୀ ଶ୍ରୀ ଭଗବତ୍ ବାସୁଦେବ ଙ୍କୁ ଅର୍ପଣ କରାଯାଇଥିଲା କ୍ଷ ଏହି ପବିତ୍ର ବ୍ରହ୍ମ କମଳ ଫୁଲ ଘରେ ଫୁଟିବା ପରମ ସୌଭାଗ୍ୟର କଥା ବୋଲି ସର୍ବତ୍ର ବିବେଚନା କରାଯାଏ ।

# ବନ୍ଧୁମଣୀ ଟ୍ରେଡର୍ସ ପକ୍ଷରୁ ରାଜମିସ୍ତ୍ରି ସମ୍ମିଳନୀ

**ଟାରିଛକ,୨୦।୮/ଏନ୍ଏନ୍ଏସ୍:** ଟାରିଛକ ନିକଟସ୍ଥ ତୁଳସୀପୁର ସାଇ କ୍ରିଷ୍ଣା କନ୍‌ଭେନ୍‌ସନ୍ ମଣ୍ଡପରେ ଟାରିଛକ ବନ୍ଧୁମଣୀ ଟ୍ରେଡର୍ସ ପକ୍ଷରୁ ରାଜମିସ୍ତ୍ରି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବନ୍ଧୁମଣୀ ଟ୍ରେଡର୍ସ ପ୍ରୋପାଇଟର ପ୍ରକାଶ ଚନ୍ଦ୍ର ତ୍ରିପାଠୀଙ୍କ ଦ୍ୱାରା ଆୟୋଜିତ ରାଜମିସ୍ତ୍ରୀ ସମ୍ମିଳନୀରେ ଚେଟିନାଡ୍ ସିମେଣ୍ଟ କମ୍ପାନୀର ଜେନେରାଲ ମ୍ୟାନେଜର ଅରବିନ୍ଦ ମହାନ୍ତି, ଟେକ୍‌ନିକାଲ ଅଫିସର ବିଜୟ କୁମାର ସାହୁ, ସହକାରୀ ମ୍ୟାନେଜର ପ୍ରତିଶ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇ ଚେଟିନାଡ୍ ସିମେଣ୍ଟର ମାନ, ଗୁଣ, କାର୍ଯ୍ୟକାରିତା ଓ ମୂଲ୍ୟ ସଂପର୍କରେ ରାଜମିସ୍ତ୍ରିମାନଙ୍କୁ ବୁଝାଇଥିଲେ । ସମ୍ମିଳନୀରେ ଟାରିଛକ, ତୁଳସୀପୁର, ବାହାରଣା, ଯୋଗେଶ୍ୱରପୁର, ନୟାହାଟ, କଳାପାଞ୍ଚଣ ଆଦି ଅଞ୍ଚଳର ୨ଶହରୁ ଊର୍ଦ୍ଧ୍ୱ ରାଜମିସ୍ତ୍ରୀ ଯୋଗଦେଇଥିଲେ ।

# ପ୍ରଶିକ୍ଷିକାଙ୍କ ଶ୍ରେଣୀ ଶିକ୍ଷାଦାନ ପରିଦର୍ଶନ



**ଡେଲାଙ୍ଗ,୨୦।୮/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷିକା ସୁଶ୍ରୀ ପ୍ରୀତି ପ୍ରତିମା ସ୍ୱାଗତିକା ପାଲ ଆଜି ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୌଳିକ ସାକ୍ଷରତା ସଂଖ୍ୟା ଜ୍ଞାନ ଶ୍ରେଣୀ ପରିଦର୍ଶନ କରି କୋମଳମତି ଶିଶୁମାନଙ୍କୁ ଶିକ୍ଷାଦାନ ସମ୍ପର୍କରେ ପଚାରି ବୁଝିଛନ୍ତି । ଶ୍ରେଣୀ ପ୍ରକୋଷ୍ଠରେ ଶିକ୍ଷୟିତ୍ରୀ ସତ୍ୟଭାମା ବେହେରା ଓ ରୋଜାଲିନ ମହାରଣାଙ୍କୁ ଶିଶୁ ବାଟିକା ପିଲାମାନଙ୍କୁ ଓ ୧ମରୁ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ବହୁଶ୍ରେଣୀୟ ଶିକ୍ଷାଦାନ, ଉପଯୁକ୍ତ ଶିକ୍ଷଣ କୌଶଳ ଓ ଶିକ୍ଷଣ ସାମଗ୍ରୀର ବ୍ୟବହାର ଉପରେ ମଧ୍ୟ ଆବଶ୍ୟକୀୟ ପରାମର୍ଶ ଦେଇଛନ୍ତି । ଶିକ୍ଷୟିତ୍ରୀଙ୍କ ଉତ୍ତମ ଶ୍ରେଣୀ ପରିଚାଳନା, ଶୃଙ୍ଖଳା ଓ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ଖାଇ ସେ ସନ୍ତୋଷ ଜନକ ଟିପ୍ପଣୀ ଦେଇଛନ୍ତି । ପରିଦର୍ଶନ ସମୟରେ ସିଆରସିସି ଲୋକନାଥ ପ୍ରଧାନ ଓ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉପସ୍ଥିତଥିଲେ । କେଉଁ ପଦକ୍ଷେପ ନେଲେ ଶିକ୍ଷଣ ଆହୁରି ଅଧିକ ଆକର୍ଷଣୀୟ ହୋଇପାରିବ ସେ ସମ୍ବନ୍ଧୀୟ ସମ୍ୟକ ସୂଚନା ପ୍ରଧାନ ଶିକ୍ଷକଙ୍କୁ ପ୍ରଦାନ କରିଛନ୍ତି ।

## ଦୋକାନ ଘରକୁ ଭଡ଼ାରେ ଲଗାଇଥିବା ବ୍ୟବସାୟୀଙ୍କୁ ପୌରପରିଷଦର ଛାଟ

# ୯ ଜଣଙ୍କୁ ନୋଟିସ୍, ଅନ୍ୟଙ୍କୁ ଅନୁକମ୍ପା

**ଖୋର୍ଦ୍ଧା,୨୦।୮/ଏନ୍ଏନ୍ଏସ୍:** ଖୋର୍ଦ୍ଧା ପୌରପରିଷଦ ଅଧୀନରେ ସ୍ଥାୟୀ ଦୋକାନ ଘର ୪୧୭ ଗୋଟି ରହିଛି । ଏହି ଦୋକାନ ଘର ଗୁଡ଼ିକ ବକ୍ସି ମାର୍କେଟ ୪୧, ସହିଦ ମାର୍କେଟରେ ୭ ନୂଆ ବସଷ୍ଟାଣ୍ଡ ନିକଟରେ ୨ ଗୋଦାମ ଘର, ପୌରପରିଷଦ କାର୍ଯ୍ୟାଳୟରେ ୧୧, ସାନ ପଲ୍ଲୀରେ ୫୦, ନୂଆ ବସଷ୍ଟାଣ୍ଡ ପାଖରେ ୨୪୮ଟି ସ୍ଥାୟୀ ଦୋକାନ ଘର ରହିଛି । ଏବଂ ଏହା ବ୍ୟତୀତ ୯ ଟି ପିଣ୍ଡି ମଧ୍ୟ ରହିଛି । ମାତ୍ର ଏଥିରୁ ଶତକଡା ୭୦ ପ୍ରତିଶତ ନିଜକୁ ବ୍ୟବସାୟୀ ପରିଚୟ ପ୍ରଦାନ କରି ଦୋକାନ ଘର ପୌରପରିଷଦ ପାଖରୁ ହାତେଇଥିବା ବେଳେ ନିଜେ ନା ଦୋକାନ କରିଛନ୍ତି କି ପୌରପରିଷଦକୁ ୨୦୨୫ ମସିହା ଠାରୁ ବକେୟା ଟିକସ ପ୍ରଦାନ କରୁଛନ୍ତି । ପୌରପରିଷଦ ଠାରୁ ନେଇଥିବା ଦୋକାନ ଘରକୁ ଭଡାରେ ଲଗାଇ ଭଲ ମୁନାଫା ରୋଜଗାର କରୁଥିବା ବେଳେ ପୌରପରିଷଦ ରାଜ କୋଷ ଖାଲି ହେବାରେ ଲାଗିଛି । ଯାହାକୁ ନେଇ ଅନେକ ବର୍ଷ ଧରି ସାଧାରଣରେ ଅଭିଯୋଗ ହେଉଥିଲେ ମଧ୍ୟ ପୌରପରିଷଦ କିନ୍ତୁ ଏହା ଉପରେ କୌଣସି କାର୍ଯ୍ୟନୁଷ୍ଠାନ ନେଉନଥିବା ଆଲୋଚନା ହେଉଛି । ତେବେ ଏହାର ମୁଖ୍ୟ କାରଣ ରହିଥିଲା ଯେ ଯେଉଁ ମାନେ ଏହି ଦୋକାନ ଘର ଗୁଡିକ ହାତେଇ ନିଜ ଅଧୀନରେ ରଖିଥିଲେ ଏବଂ ଏହାକୁ ଭଡା ସୂତ୍ରରେ ପ୍ରଦାନ କରି ମାଲେ ମାଲ ହେଉଥିଲେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ପୌରପରିଷଦ ନିର୍ବାହୀ ଅଧିକାରୀ ସାହସ କରୁନଥିଲେ । କାରଣ ସେହି ବ୍ୟକ୍ତି ବିସେସ ମାନେ କେଉଁଠି ରାଜନେତାଙ୍କ ଛତ୍ର ଛାୟା ତଳେ ରହୁଥିଲେ । ତେବେ ଚଳିତ ବର୍ଷ ସରକାର ବଦଳିବା ସହିତ ନେତା ମଧ୍ୟ ବଦଳି ଯିବାରୁ ପୌରନିର୍ବାହି ଅଧିକାରୀ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିବା ପରି ମନେ ହେଉଛି । ଏହି ଦୋକାନ ଘର ଗୁଡିକ ଉପରେ ତଦନ୍ତ କରିବା ସହିତ ଯେଉଁ ମାନେ ଲକ୍ଷ ଲକ୍ଷ ଟଙ୍କା ଟିକସ ବକେୟା ରଖିଛନ୍ତି ସେହି ବ୍ୟବସାୟୀ ମାନଙ୍କୁ ନୋଟିସ ଜାରି କରିଛନ୍ତି । ଏବଂ ବକେୟା ବାକି ରଖିଥିବା ବ୍ୟକ୍ତି ବିଶେଷ ମାନେ ବାକିୟା ପୈଠ କରିବେ ଏବଂ ଯେଉଁ ଅଣ ବ୍ୟବସାୟୀ ନିଜ ନାମରେ ଦୋକାନ ଘର ରଖି ଭଡାରେ ଲଗାଇଛନ୍ତି ତାଙ୍କୁ ଦୋକାନ ଛାଡିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ତେବେ ୪୧୭ ଦୋକାନ ମଧ୍ୟରୁ ୧୫୪ ଟି ଦୋକାନ ଘର ଭଡାରେ ଲାଗିଥିବା ବେଳେ ପୌରପରିଷଦ ନିର୍ବାହୀ ଅଧିକାରୀ କେବଳ ମାତ୍ର ୯ ଜଣ ଅସାଧୁ ବ୍ୟବସାଇଙ୍କୁ ନୋଟି ଜାରି କରିଛନ୍ତି ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ନୋଟିସ କରାଯାଇଥିବା ବ୍ୟବସାୟୀଙ୍କ ମଧ୍ୟରେ ଭାସ୍କର ରାୟ ସାହା, ପି-ଅମୂଲ୍ୟରାୟ ସାହା, ବକ୍ସି ମାର୍କେଟ ଦୋକନ ଘର ନଂ-୦୭, ଗଙ୍ଗାଧର ବାରିକ, ପି-ଜଗନ୍ନାଥ ବାରିକ, ବକ୍ସି ମାର୍କେଟ ଦୋଳନ ଘର ନଂ-୧୧, ଲୋକନାଥ ସାହୁ, ପି-ଦିନବନ୍ଧୁ ସାହୁ, ବକ୍ସି ମାର୍କେଟ ଦୋକନ ଘର ନଂ ୨୧ ବିନବନ୍ଧୁ ସାହୁ, ପି-ସତ୍ୟବାଦି ସାହୁ, ବକ୍ସି ମାର୍କେଟ ଦୋକନ ଘର ନଂ-୨୨ ପ୍ରମୋଦ କୁମାର ସିଂ ସାମନ୍ତ,ପି-ନିଳମଣି ପର୍ଶ୍ଚିମକବାଟ, ବକ୍ସି ମାର୍କେଟ ଦୋକନ ଘର ନଂ - ୨୩, ଉମାକାନ୍ତ ରାଉତରାୟ, ପି-ଗୋପିନାଥ ରାଉତରାୟ, ବକ୍ସି ମାର୍କେଟ ଦୋକନ ଘର ନଂ-୩୧, ଭରତ ଲାଲ ସାହା, ପି-ପ୍ରେମଚାନ୍ଦ ସାହା, ବକ୍ସି ମାର୍କେଟ ଦୋକନ ଘର ନଂ-୩୫, ବ୍ରଜ କିଶୋର ପ୍ରସାଦ ରାମ, ପି-ରାମ ନାରାୟଣ ରାମ, ବକ୍ସି ମାର୍କେଟ ଦୋକନ ଘର ନଂ ୩୯, ଜିତେନ୍ଦ୍ର କୁମାର ଭଞ୍ଜ, ପି-ଶ୍ୟାମାକା ଭଞ୍ଜ, ସହିଦ୍ ମାର୍କେଟ ଦୋକନ ଘର ନଂ-୦୩ ଙ୍କୁ ନୋଟିସ ଜାରି କରିଛନ୍ତି । ସେହି ଭଳି ଭାବରେ ଦୀର୍ଘ ଦିନ ଧରି ଭଡ଼ା ଦେଉନଥିବା ବ୍ୟବସାୟୀ ମାନଙ୍କ ମଧ୍ୟରେ ତିନି ଜଣକୁ ବକେୟା ଅର୍ଥ ପୈଠ ନିମନ୍ତେ ନୋଟିସ ଜାରି କରିଛନ୍ତି । ତେବେ ପୌରପରିଷଦ ପକ୍ଷରୁ ବିଗତ ୨୦୨୪ ମସିହା ମେ ମାସ ୬ ତାରିଖରେ ପୌରପରିଷଦ ପକ୍ଷରୁ ନୋଟିସ ଜାରି ହୋଇଥିଲା । ଯେଉଁଥିରେ ୭ ଦିନ ମଧ୍ୟରେ ବକେୟା ଭଡା ପୈଠ ନକଲେ ତାଙ୍କୁ ଦୋକାନ ଘରରୁ ଉଚ୍ଛେଦ କରିବା ନିମନ୍ତେ ପୌରପରିଷଦ ନିର୍ବାହୀ ଅଧିକାରୀ ତାଗିଦ କରିଥିଲେ । କିନ୍ତୁ ଏ ଘଟଣା ପରି ଅନେକ କେତେ ଗ୍ରାହକନ ମାଲିକ ଏହିପରି ରହିଥିବା ବେଳେ ତାଙ୍କୁ ମଧ୍ୟ ନୋଟିସ କରିଥିବା ସୂଚନା ମିଳିଛି । ତେବେ ଏହି କ୍ଷେତ୍ରରେ ପୌରପରିଷଦ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ସ୍ପଷ୍ଟ ହୋଇନଥିବା ବେଳେ ଗତ ୮ ତାରିଖରେ ପୌରପରିଷଦ ପକ୍ଷରୁ ପୁଣି ବକେୟା ଆଦାୟ କରିବା ନିମନ୍ତେ ନୋଟିସ ଜାରି ହୋଇଛି । ଏହି ନୋଟିସ୍ ଉଲେଖ ରହିଛି ଯେ ପୌରପରିଷଦ ସହିତ କରାଯାଇଥିବା ଚୁକ୍ତି ମୁତାବକ ନିଜେ ବ୍ୟବସାୟ କରିବା ପରିବର୍ତ୍ତେ ଭଡା ସୂତ୍ରରେ ଘର ଅନ୍ୟକୁ ହସ୍ତାନ୍ତର କରିଥିବା କାର୍ଯ୍ୟାଳୟ ଯାଞ୍ଚ ସମୟରେ ଜଣା ପଡିଛି । ଯାହାକି ପୌରପରିଷଦ ସହିତ କରିଥିବା ଚୁକ୍ତି ନାମାକୁ ଭଙ୍ଗ କରିଥିବା ହେତୁ ତାଙ୍କ ଚୁକ୍ତି ନାମା ରଦ୍ଦ କାହିଁକି କରାନଯିବ ଏହାର ସନ୍ତୋଷ ଜନକ ଉତର ତିନିଦିନ ମଧ୍ୟରେ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ହୋଇଛି । ଯଦି ସମୟ ମିୟାଦ ମଧ୍ୟରେ ପୌରପରିଷଦରେ ଉତ୍ତର ନ ରଖନ୍ତି ତେବେ ପୌର ପ୍ରଶାସନ ପକ୍ଷରୁ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ ଦର୍ଶା ଯାଇଛି । ତେବେ ଏହିପରି ଜଣେ କିମ୍ବା ଦୁଇଜଣ ମାନୁନାହାନ୍ତି ବରଂ ଶତାଧିକ ଅଣ ବ୍ୟବସାୟୀ ଏହିପରି ଦୋକାନ ଘର ହଟେଇ ରଖିଥିବା ବେଳେ ହଜାରେ କିମ୍ବା ଦୁଇ ହଜାର ଟିକସ ବକେୟା ନାହିଁ ବରଂ ଲକ୍ଷ ଲକ୍ଷ ଟଙ୍କା ବକେୟା ଗଡୁଥିବା ପୌରପରିଷଦର ତଥ୍ୟରୁ ପ୍ରକାଶ ପାଉଛି । ତେବେ କିଛି ମୁଷ୍ଟି ଗଣତି ଲୋକଙ୍କୁ ନୋଟିସ ଜାରି କରି ପୌରପରିଷଦ ଅନ୍ୟ ମାନଙ୍କ ପ୍ରତି ଅନୁକମ୍ପା ଦେଖାଉଥିବାରୁ ପୌରବାସୀଙ୍କ ମଧ୍ୟରେ ଅସନ୍ତୁଷ୍ଟ ପ୍ରକାଶ ପାଇବାରେ ଲାଗିଛି । ନିୟମ ଯଦି ପୌରପ୍ରଶାସନ କରିଛନ୍ତି ତେବେ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ କିନ୍ତୁ ସମୁଖୀନ ହେବା ନିହାତି ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ବଢୁଛି ।

## ଓଡ଼ିଶା ପାଇଁ କ୍ୟାପିଟାଲ୍ ରିଜନ୍ ରିଂ-ରୋଡ୍

# ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଅର୍ପଣ

**ଭୁବନେଶ୍ବର,୨୦।୮/ଏନ୍ଏନ୍ଏସ୍:** କେନ୍ଦ୍ର କ୍ୟାବିନେଟ୍‌ରେ ଓଡ଼ିଶା ପାଇଁ କ୍ୟାପିଟାଲ ରିଜନ୍ ରିଂ-ରୋଡ୍ ମଞ୍ଜୁର କରାଯାଇଥିବାରୁ ରାଜ୍ୟ ଅତିଥି ଭବନରେ ଆୟୋଜିତ ହୋଇଥିଲା ଏକ ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏବଂ ମନ୍ତ୍ରୀ ମଣ୍ଡଳର ସଦସ୍ୟ ଓ ବିଧାୟକ ଗଣ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

ଉଲ୍ଲେଖନୀୟ ଯେ, କ୍ୟାପିଟାଲ ରିଜିଅନ ରିଂ-ରୋଡ୍ ପ୍ରକଳ୍ପ ଖୋର୍ଦ୍ଧା ରାମେଶ୍ବର ଠାରୁ କଟକର ଟାଙ୍ଗୀ ଯାଏ ସଂଯୋଗ କରିବ। ୧୧୧ କିମି ବିଶିଷ୍ଟ ଏହି ଦୀର୍ଘ ରିଂ-ରୋଡ୍ ପାଇଁ ୮ ହଜାର ୩୦୭ କୋଟି ବ୍ୟୟ ଅଟକଳ ହୋଇଛି। ବହୁ ପ୍ରତିକ୍ଷୀତ ରିଂ-ରୋଡ୍ ପ୍ରକଳ୍ପକୁ କେନ୍ଦ୍ରର ମଞ୍ଜୁରୀ ମିଳିଛି। ପ୍ରକଳ୍ପ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ରାଜ୍ୟ ସରକାର ଓ ବିଜେପି ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି।

# କୃଷି ଅଧିକାରୀମାନଙ୍କୁ କ୍ଷେତ୍ର ପରିଦର୍ଶନ ପାଇଁ ନିର୍ଦ୍ଦେଶ


**ଭୁବନେଶ୍ବର,୨୦।୮/ଏନ୍ଏନ୍ଏସ୍:** ସରକାରଙ୍କ ଦ୍ୱାରା ପ୍ରଣିତ ବିଭିନ୍ନ କୃଷି ଯୋଜନା ଏବଂ କାର୍ଯ୍ୟକ୍ରମର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନକୁ ସୁନିଶ୍ଚିତ ତଥା ଲୋକାଭିମୁଖୀ କରିବା ପାଇଁ କୃଷି ବିଭାଗର ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବେ। ଏନେଇ ଆଜି କୃଷି ବିଭାଗ ପକ୍ଷରୁ ଏକ ସୂଚନା ଜାରି କରିଛନ୍ତି ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀ। ତୃଣମୂଳସ୍ତରରେ ବାସ୍ତବିକ ପରିସ୍ଥିତି ଅନୁଧ୍ୟାନ କରିବା ସହ କୃଷକ ଓ କୃଷି କ୍ଷେତ୍ରରେ ଆଗଧାଡ଼ିରେ କାର୍ଯ୍ୟ କରୁଥିବା ଲୋକଙ୍କ ସମସ୍ୟାର ସମାଧାନ ହୋଇପାରିବ। ନିର୍ଦ୍ଦେଶ ଅନୁଯାୟୀ ନିର୍ଦ୍ଦେଶକ, ଅତିରିକ୍ତ ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ ଏବଂ ବିଭିନ୍ନ ଯୋଜନା ଅଧିକାରୀ ସମେତ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀମାନେ ନିୟମିତ ଭାବେ ବିଭିନ୍ନ ଜିଲ୍ଲା ଏବଂ ବ୍ଲକର କ୍ଷେତ୍ର ପରିଦର୍ଶନ କରି ବାସ୍ତବିକ ସ୍ଥିତି ଅନୁଧ୍ୟାନ କରିବେ। ଏହି ପରିଦର୍ଶନ ସମୟରେ ଅଧିକାରୀମାନେ ଯୋଜନା କାର୍ଯ୍ୟାନ୍ୱୟନର ସମୀକ୍ଷା କରି ଲୋକଙ୍କ ସମସ୍ୟା ଓ ଗସ୍ତର ଏକ ସଂକ୍ଷିପ୍ତ ରିପୋର୍ଟ ଏକ ସପ୍ତାହ ମଧ୍ୟରେ ବିଭାଗୀୟ ସଚିବଙ୍କ ନିକଟରେ ଦାଖଲ କରିବେ। ଏଥିସହିତ, ଆକାଂକ୍ଷୀ ବ୍ଲକ ଓ ଅନୁନ୍ନତ ଅଞ୍ଚଳ ଗୁଡିକର ପରିଦର୍ଶନ ସୁନିଶ୍ଚିତ କରି ବିଭିନ୍ନ ଜିଲ୍ଲାର ମାସିକିଆ ଟୁର୍ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ରହିଛି। ଲୋକଙ୍କ ସରକାରରେ ସାଧାରଣ ଚାଷୀ ଏବଂ ଅଫିସରମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷି ବିଭିନ୍ନ ସରକାରୀ ଯୋଜନାର ଲାଭ ଉଠାଇବାକୁ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କୃଷି ବିଭାଗ ତରଫରୁ ଗ୍ରହଣ କରାଯାଇଛି।



ନୂଆଦିଲ୍ଲୀଠାରେ ଏନ୍‌ଡିଏ ଉପରାଷ୍ଟ୍ରପତି ପ୍ରାର୍ଥୀ ସି.ପି.ରାଧାକୃଷ୍ଣନଙ୍କୁ ଭେଟିଲେ ଓଡ଼ିଶା ବିଜେପି ସାଂସଦଗଣ

# କିଟ୍ ପଲିଟେକ୍‌ନିକ୍‌ର ୩୧ତମ ପ୍ରତିଷ୍ଠା ଦିବସ

**ଭୁବନେଶ୍ବର,୨୦।୮/ଏନ୍ଏନ୍ଏସ୍:** କିଟ୍ ପଲିଟେକ୍‌ନିକ୍‌ର ୩୧ତମ ପ୍ରତିଷ୍ଠା ଦିବସ ଆଜି ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଛାତ୍ରଛାତ୍ରୀ ତଥା କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ଶ୍ରୀ ସାମନ୍ତ କହିଥିଲେ ଯେ ସବୁବେଳେ ନିଜ ସହ ପ୍ରତିଯୋଗିତା କରିବାକୁ ଚେଷ୍ଟ କର। ଥିଲି କ'ଣ, ହେଲି କ'ଣ ଓ ହେବି କ'ଣ ଉକ୍ତିର ଉଦାହରଣ ଦେଇ ଶ୍ରୀ ସାମନ୍ତ କହିଥିଲେ ଯେ ଛାତ୍ରଛାତ୍ରୀମାନେ ନିଜର ମୂଳ ବା ଅତୀତକୁ





କେବେ ବି ଭୁଲିବା ଉଚିତ ନୁହେଁ। ପିତା ମାତା, ଅଭିଭାବକ ଓ ନିଜ ଜନ୍ମସ୍ଥାନ ତଥା ବାଲ୍ୟବନ୍ଧୁଙ୍କୁ କେବେ ବି ଭୁଲିଯିବା ଉଚିତ ନୁହେଁ ବୋଲି ସେ ପରାମର୍ଶ ଦେଇଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ପଲିଟେକ୍‌ନିକ ଦେଶର ଅଗ୍ରଣୀ ପଲିଟେକ୍‌ନିକ ମଧ୍ୟରୁ ଅନ୍ୟତମ। ଏଠାରେ ପଢୁଥିବା ଛାତ୍ରଛାତ୍ରୀ ସେଥିପାଇଁ ନିଜକୁ ଗର୍ବ ଅନୁଭବ କରିବା ଉଚିତ। ଏହି ଅବସରରେ କିଟ୍ ସ୍କିଲ୍‌ର ଅତିରିକ୍ତ ନିର୍ଦ୍ଦେଶକ ଡ. ହୃଷିକେଶ ମହାନ୍ତି କିଟ୍ ନିକଟ ଭବିଷ୍ୟତରେ ଏକ ସ୍କିଲ୍ ହବ ହେବାକୁ ଯାଉଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଏସ୍‌ଟିଇର କାର୍ଯ୍ୟକାରୀ ସମ୍ପାଦକ ଡ. ଏସ୍ ଏମ୍ ଅଲ୍ଲୀ, କିସ୍ ସମ୍ପାଦକ ଆର ଏନ୍ ଦାଶ, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ଜ୍ଞାନରଞ୍ଜନ ମହାନ୍ତି ଓ କିଟ୍ ପଲିଟେକ୍‌ନିକ ଅଧ୍ୟକ୍ଷ ପ୍ରଫେସର ତନ୍ମୟ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ କିଟ୍ ପଲିଟେକ୍‌ନିକ ବାର୍ଷିକ ମୁଖପତ୍ର କର୍ମକାରକୁ ଅତିଥିମାନେ ଉନ୍ମୋଚିତ କରିଥିଲେ।


# ଅନାସ୍ଥା ଭୋଟ୍ ପୂର୍ବରୁ ପଦରୁ ଇସ୍ତଫା ଦେଲେ ବ୍ଲକ ଅଧ୍ୟକ୍ଷ

**ଧର୍ମଶାଳା,୨୦।୮/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟଙ୍କ ବିରୁଦ୍ଧରେ ଆସିଥିବା ଅନାସ୍ଥାପ୍ରସ୍ତାବ ପ୍ରସଙ୍ଗରେ ଭୋଟ୍ ହେବା ପୂର୍ବରୁ ସେ ନିଜ ପଦବୀରୁ ଆଜି ଇସ୍ତଫା ଦେଇଛନ୍ତି । ବ୍ୟକ୍ତଗତ କାରଣ ଯୋଗୁଁ ସେ ବ୍ଲକରେ ଅଧ୍ୟକ୍ଷପଦ ଚଳାଇବାକୁ ଅସମର୍ଥ ଥିବାରୁ ସେ ନିଜ ପଦରୁ ଇସ୍ତଫା ଦେଇଥିବା ଦର୍ଶାଇଛନ୍ତି।



ସୂଚନା ଅନୁଯାୟୀ ଗତ ୨୨ ତାରିଖରେ ୩୮ ଜଣ ସମିତିସଭ୍ୟ ଓ ସରପଞ୍ଚମାନେ ଯାଜପୁର ଉପଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟଙ୍କ ବିରୁଦ୍ଧରେ ଅନାସ୍ଥା ଆଣିଥିଲେ। ଆସନ୍ତା ୨୨ ତାରିଖରେ ସମସ୍ତ ୪୫ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଧର୍ମଶାଳା ବିଧାୟକ ଓ ଯାଜପୁର ଲୋକସଭା ସାଂସଦ ବ୍ଲକ ସଭାଗୃହରେ ଏକତ୍ରିତ ହୋଇ ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରିବା ସହିତ ନିଜ ନିଜର ମତ ଦେବାକୁ ଉପଜିଲ୍ଲାପାଳ ଧର୍ମଶାଳା ବିଡିଙ୍କ ଜରିଆରେ ସମସ୍ତଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ । ତେବେ ଏହି ଆଲୋଚନାର ଦୁଇ ଦିନ ପୂର୍ବରୁ ଆଜି ପୂର୍ବାହ୍ଣରେ ହଠାତ ଶ୍ରୀ ବଳବନ୍ତରାୟ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ଜ୍ୟୋତିର୍ମୟ କରଙ୍କୁ ନିଜର ଇସ୍ତଫା ପତ୍ର ଦେଇଥିଲେ। ତେବେ ଧର୍ମଶାଳାରେ ବ୍ଲକ ଅଧ୍ୟକ୍ଷ ଇସ୍ତଫା ଦେବା ଏହା ପ୍ରଥମ ଘଟଣା ନୁହେଁ। ଗତ ୨୦୦୯ ମସିହାରେ ତତକାଳୀନ ବ୍ଲକ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପରିଡା ନିଜ ପଦବୀରୁ ଇସ୍ତଫା ଦେଇଥିଲେ ଏବଂ ପରବର୍ତ୍ତୀ ସମୟରେ ସେ ବିଜେପିରେ ସାମିଲ ହୋଇ ବିଧାୟକ ପ୍ରାର୍ଥୀ ହୋଇଥିଲେ । ତେବେ ଏ ସମସ୍ତ ପ୍ରକ୍ରିୟାରେ ଧର୍ମଶାଳା ବିଧାୟକଙ୍କ ପଲା ଭାରି ରହିଥିବା ଜଣାପଡିଛି । କାରଣ ଦୁଇ ତୃତୀୟାଂଶରୁ ଅଧିକ ଭୋଟରେ ବ୍ଲକ ଅଧ୍ୟକ୍ଷ ପରାଜିତ ହେବାର ବ୍ୟବସ୍ଥା ରହିଥିବା ବେଳେ ଅଧ୍ୟକ୍ଷ ନିଜ ସପକ୍ଷରେ ଏକତୃତୀୟାଂଶ ଭୋଟ ରଖିବା ଅସମ୍ଭବ ହେବାରୁ ସେ ଏଭଳି ନିଷ୍ପତ୍ତି ନେଇଥିବା ସାଧାରଣରେ ଆଲୋଚନା ହେଉଛି। ଆଜି ବ୍ଲକ ଅଧ୍ୟକ୍ଷ ପଦରୁ ପ୍ରଭାତ ଇସ୍ତଫା ଦେବା ପରେ ବିଧାୟକଙ୍କ ଗୋଷ୍ଠିର କର୍ମୀମାନେ ଜାରକାରେ ଆତିଶବାଜି କରିବା ସହ ଶୋଭାଯାତ୍ରାରେ ଜାରକା ବଜାର ପରିକ୍ରମା କରି ଖୁସି ମନାଉଥିବା ଦେଖିବାକୁ ମିଳିଥିଲା। ଏବେ ଧର୍ମଶାଳା ବ୍ଲକରେ କିଏ ପରବର୍ତ୍ତୀ ଅଧ୍ୟକ୍ଷ ପଦ ହାତେଉଛି ତାହା ଆଗକୁ ଜଣାପଡ଼ିବ।

# ନୂତନ ସହର ରୂପରେଖ ନେଇ ଆଲୋଚନା



**ଭୁବନେଶ୍ବର,୨୦।୮/ଏନ୍ଏନ୍ଏସ୍:** ସିଙ୍ଗାପୁର ସ୍ଥିତ ଅର୍ନ୍ତଜାତୀୟ ପରାମର୍ଶଦାତା ସଂସ୍ଥା ସୁରବନ ଜୁରଙ୍ଗର ଦକ୍ଷିଣ ଏସିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅବିନାଶ ମିଶ୍ରା ଏବଂ ଆଞ୍ଚଳିକ ନିର୍ଦ୍ଦେଶକ ଅଭିଷେକ ମାଲହୋତ୍ରା ଆଜି ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ଭୁବନେଶ୍ୱରରେ ପ୍ରସ୍ତାବିତ ନୂତନ ସହର ପ୍ରକଳ୍ପ ଉପରେ ବିଶେଷ ଗୁରୁତ୍ୱ ଦେଇ ସହରାଞ୍ଚଳ ଭିତ୍ତିଭୂମି ଏବଂ ପରିଚାଳିତ ସେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଓଡ଼ିଶା ସରକାର ପ୍ରସ୍ତାବିତ ନୂତନ ସହର ପାଇଁ ପ୍ରାୟ ୩୩୮.୪୩୬ ହେକ୍ଟର ଜମି ଚିହ୍ନଟ କରିଛନ୍ତି। ଏହାକୁ ସହରାଞ୍ଚଳ ଚ୍ୟାଲେଞ୍ଜ ପାଣ୍ଠି ଅଧୀନରେ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ। ଏହି ପ୍ରକଳ୍ପ ଏକ ମଡେଲ ସହର କଳ୍ପନା କରିବା ସହିତ ଏଥିରେ ଜମି ମୂଲ୍ୟକୁ ଉନ୍ନତ କରିବା ଏବଂ ଅନ୍ତର୍ଜାତୀୟ ବ୍ରାଣ୍ଡିଂ ହାସଲ କରିବା ପାଇଁ ଡିଜାଇନ୍ କରାଯାଇଛି। ବିଡିଏ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବ ଏବଂ ବିକାଶ ପାଇଁ ସର୍ବୋତ୍ତମ ଉପଯୁକ୍ତ ଉପାୟ ତାହା ସୁପାରିଶ କରିବା ପାଇଁ ଜେଏଲଏଲକୁ ବିଚାରକୁ ନେବ। ଏ ସମ୍ପର୍କରେ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଭୁବନେଶ୍ୱର ଗସ୍ତ ସମୟରେ ବିଡିଏ ଏବଂ ଜେଏଲଏଲ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଉଷା ପାଢୀ କହିଛନ୍ତି, 'ଭୁବନେଶ୍ୱର ନୂତନ ସହର ପ୍ରକଳ୍ପ ଓଡ଼ିଶା ପାଇଁ ଏକ ବିଶ୍ୱସ୍ତରୀୟ ସହରାଞ୍ଚଳ କେନ୍ଦ୍ର ଗଠନ ଏକ ଯୁଗାନ୍ତକାରୀ ପଦକ୍ଷେପ, ଯାହା ଭବିଷ୍ୟତ ପିଢ଼ି ପାଇଁ ଅନ୍ତର୍ଭୁକ୍ତି, ସ୍ଥାୟୀତ୍ୱ ଏବଂ ସ୍ଥିରତାକୁ ପ୍ରତିଫଳିତ କରେ।'

# ଏସ୍‌ସିବିରେ ଭର୍ତ୍ତି ହେଲେ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ

**କଟକ,୨୦।୮/ଏନ୍ଏନ୍ଏସ୍:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଧର୍ମପତ୍ନୀ ପ୍ରିୟଙ୍କା ମାରାଣ୍ଡି ଆଜି ଏସ୍‌ସିବି ମେଡିକାଲ୍ କଲେଜ ହସ୍ପିଟାଲର ଶଲ୍ୟ ଚିକିତ୍ସା ବିଭାଗରେ ଭର୍ତ୍ତି ହୋଇଛନ୍ତି।





ତାଙ୍କର ଏକ ଛୋଟ ଧରଣର ଅସ୍ତ୍ରୋପଚାର କରାଯିବ। ଏଥିପାଇଁ ମେଡିକାଲ୍ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ସର୍ଜରୀ ବିଭାଗ ପ୍ରଫେସର ଏଲ.ଭି.ଗୌରିଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର କରାଯିବ। ଆଜି ଶ୍ରୀମତୀ ମାରାଣ୍ଡିଙ୍କ ସବୁପ୍ରକାର ପରୀକ୍ଷା ନିରୀକ୍ଷା କରାଯାଇଛି। ଡାଇବେଟିସ, ରକ୍ତଚାପ, କାର୍ଡିଓଲୋଜି, ରେସ୍ପିରେଟୋରି, ଆନାସଥେସିଆ ଆଦି ପରୀକ୍ଷା ଶେଷ ହୋଇଛି। ସେ ସର୍ଜରୀ ବିଭାଗରେ ରହିଛନ୍ତି। ସମସ୍ତ ପରୀକ୍ଷା ରିପୋର୍ଟ ଆସିବା ପରେ ଆସନ୍ତାକାଲି ଅସ୍ତ୍ରୋପଚାର ନିମନ୍ତେ ପ୍ରସ୍ତୁତି ଆରମ୍ଭ ହେବ ବୋଲି ମେଡିକାଲ୍ ପକ୍ଷରୁ ସୂଚନା ଦିଆଯାଇଛି। ଏସ୍‌ସିବି ମେଡିକାଲ କଲେଜ ହସ୍ପିଟାଲ ଅଧିକ୍ଷକ ଗୌତମ ଶତପଥୀଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟ ତଦାରଖ କରାଯାଉଛି।

# ସିକଲ୍ ସେଲ୍ ଏବଂ ଥାଲାସେମିଆ ପରିଚାଳନା ବୈଠକ

**ଭୁବନେଶ୍ବର,୨୦।୮/ଏନ୍ଏନ୍ଏସ୍:** ସିକଲ୍ ସେଲ୍ ଏବଂ ଥାଲାସେମିଆ ପରିଚାଳନା ବୈଠକ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ.ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଇଛି। ବୈଠକରେ ରାଜ୍ୟରେ ସିକଲ୍ ସେଲ୍ ଓ ଥାଲାସେମିଆର ବର୍ତ୍ତମାନ ସ୍ଥିତି, ପ୍ରାରମ୍ଭିକ ସନ୍ଧାନ, ପ୍ରତିରୋଧୀମୂଳକ ବ୍ୟବସ୍ଥା, ଚିକିତ୍ସା ସୁବିଧା ଓ ରୋଗୀ ସେବା ସମ୍ପର୍କରେ ସମୀକ୍ଷା କରାଯାଇଛି। ଏହି ବୈଠକରେ ସ୍କ୍ରିନିଂ ପ୍ରୋଗ୍ରାମ୍, ଜିନେଟିକ କାଉନସିଲିଙ୍ଗ, ନିଦାନ ସୁବିଧା ବାବଦରେ ଆଲୋଚନା କରାଯାଇଛି। ଏନ୍‌ଏଚ୍‌ଏମ୍ ମିଶନ୍ ଡିରେକ୍ଟର୍ ଡ଼. ବୃନ୍ଦା ଡି. ପିପିଟି ପ୍ରେଜେଣ୍ଟେସନ ମାଧ୍ୟମରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଓଡ଼ିଶାର ୨୧ଟି ଜିଲ୍ଲା ଯଥା- ଅନୁଗୁଳ, ବଲାଙ୍ଗିର, ବାଲେଶ୍ୱର, ବରଗଡ଼, ବୌଦ୍ଧ, ଦେବଗଡ଼, ଗଜପତି, ଗଞ୍ଜାମ, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼କୁ ଜାତୀୟ ସିକଲ ସେଲ ଆନିମିଆ ନିରାକରଣ ମିଶନ୍ ଅନ୍ତର୍ଗତ କରାଯାଇଛି। ଏହି ଜିଲ୍ଲାଗୁଡ଼ିକରେ ବିଭିନ୍ନ ମାଧ୍ୟମରେ ସିକଲ ସେଲ୍ ପରୀକ୍ଷା ସୁବିଧା ଯୋଗାଇଦିଆଯାଉଛି। ବିଦ୍ୟାଳୟ ଓ ଆଙ୍ଗନବାଡ଼ି କେନ୍ଦ୍ରସ୍ତରରେ ଜନ୍ମଠୁ ୧୮ ବର୍ଷ ଅବଧିର ଶିଶୁମାନଙ୍କୁ ଆରବିଏସକେ ଟିମ୍ ଦ୍ୱାରା ସ୍କ୍ରିନିଂ ଏବଂ ଗର୍ଭବତୀ ମହିଳାମାନଙ୍କୁ ଆଣ୍ଟିନେଟାଲ୍ କେୟାର ସମୟରେ ସ୍କ୍ରିନିଂ କରାଯାଉଛି। ଆଦିବାସୀ ଅଞ୍ଚଳରେ, ମୋବାଇଲ୍ ହେଲ୍ଥ ୟୁନିଟ୍ ମାଧ୍ୟମରେ ପରୀକ୍ଷା ସୁବିଧା ଯୋଗାଇଦିଆଯାଉଛି। ସହର ଅଞ୍ଚଳରେ, ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରରେ ପରୀକ୍ଷା ସୁବିଧା କରାଯାଇଛି। କାର୍ଯ୍ୟକ୍ରମ ଆରମ୍ଭ (ଜୁଲାଇ ୨୦୨୩) ଠାରୁ ୨୦୨୫-୨୬ ଅବଧି ପର୍ଯ୍ୟନ୍ତ ୪୬.୬୫ ଲକ୍ଷ ପରୀକ୍ଷା କରାଯାଇଛି। ଏଥିରୁ ୯୭,୫୦୧ ଜଣ ସିକଲ୍ ସେଲ୍ ପରୀକ୍ଷା ପୋଜିଟିଭ ଚିହ୍ନିତ ହୋଇଛି । ଚିହ୍ନିତ ରୋଗୀମାନଙ୍କୁ ସରକାରୀ ହସ୍ପିଟାଲ୍‌ରେ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦିଆଯାଉଛି । ଉଲ୍ଲେଖ ଯୋଗ୍ୟ ଯେ, ପ୍ରତ୍ୟେକ ପଞ୍ଜିକୃତ ସିକଲ ସେଲ୍ ରୋଗୀଙ୍କୁ ଯାତାୟାତ ଖର୍ଚ୍ଚ ପାଇଁ ତାଙ୍କର ବ୍ୟାଙ୍କ ଖାତାକୁ ପ୍ରତିମାସ ପାଞ୍ଚ ଶହ ଟଙ୍କା ଏବଂ ମାଗଣା ରକ୍ତ ଯୋଗାଇଦିଆଯାଉଛି। ବ୍ଲଡ୍ ପ୍ୟାକ୍ ସର୍ଭିସ୍ ଚାର୍ଜରୁ ସେମାନଙ୍କୁ ମୁକ୍ତ କରାଯାଇଛି । ସରକାରୀ ହସ୍ପିଟାଲ୍‌ରେ ମାଗଣା ଔଷଧ ଦିଆଯାଉଛି। ୧୨ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ପାଇଁ ବୋନ୍ ମାରୋ ଟ୍ରାନ୍ସପ୍ଲାଣ୍ଟ ପାଇଁ ସର୍ବୋଚ୍ଚ ୧୦ ଲକ୍ଷ ଟଙ୍କା ଅର୍ଥ ସାହାଯ୍ୟ ଯୋଗାଇଦିଆଯାଉଛି । ବୈଠକରେ ସ୍ୱତନ୍ତ୍ର ସଚିବ ଡା. ବିଜୟ ମହାପାତ୍ର, ସ୍ୱତନ୍ତ୍ର ସଚିବ ସ୍ମିତା ବିଶ୍ୱାଳ, ଡା. ଜିତେନ୍ଦ୍ର ବେବର୍ତ୍ତା, ନିର୍ଦ୍ଦେଶକ ଡା. ବିଶ୍ୱମୋହନ ମିଶ୍ର, ଯୁଗ୍ମ ସଚିବ ଶ୍ରୀକାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।




## ପର୍ବପର୍ବାଣୀ ଓ ଉତ୍ସବ ଆୟୋଜକଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ

- ଅନାଧିକୃତ ବିଦ୍ୟୁତ୍ ସଂଯୋଗରୁ ଦୂରେଇ ରୁହନ୍ତୁ ଏବଂ ଉପଯୁକ୍ତ ଦେୟ ପଇଠ କରି ଡିସ୍କମ୍ ରୁ ବିଦ୍ୟୁତ୍ ସଂଯୋଗ ନିଅନ୍ତୁ।
- ଅସ୍ଥାୟୀ ପୂଜା ପେଣ୍ଡାଲ୍ ନିର୍ମାଣ କରିବା ଏବଂ ଭସାଣି ଉତ୍ସବ କରିବା ପୂର୍ବରୁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟକୁ ସୂଚନା ଦିଅନ୍ତୁ ଏବଂ ଆବଶ୍ୟକ ଅନୁମତି ନିଅନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣର ବ୍ୟବହାର ସୁନିଶ୍ଚିତ କରାନ୍ତୁ।
- ବିଦ୍ୟୁତ୍ ଲାଇନ୍ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜାରେ କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଉତ୍ସବ ପାଳନ ସମୟରେ ଓଭରଲୋଡିଂ ଏବଂ ସମ୍ଭାବ୍ୟ ବ୍ଲାକଆଉଟ୍ ରୋକିବା ପାଇଁ ବୈଦ୍ୟୁତିକ ଲୋଡ୍‌କୁ ସଠିକ୍ ଭାବରେ ପରିଚାଳନା କରନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୬/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ସୁନିଶ୍ଚିତ କରନ୍ତୁ ଯେ ସମସ୍ତ ବୈଦ୍ୟୁତିକ ସ୍ଥାପନା ସଠିକ୍ ଭାବେ ଆର୍ଥିଙ୍ଗ୍ ହୋଇଛି କି ନାହିଁ।
- ସୁନିଶ୍ଚିତ କରନ୍ତୁ ଯେ ବୈଦ୍ୟୁତିକ ଅଗ୍ନିକାଣ୍ଡର ମୁକାବିଲା ପାଇଁ ଉପଯୁକ୍ତ ଅଗ୍ନି ନିର୍ବାପକ ବ୍ୟବସ୍ଥା ସ୍ଥାପିତ ହୋଇଛି।
- ନିଶ୍ଚିତ କରନ୍ତୁ ଯେ ସମସ୍ତ ଉତ୍ସବ ପାଳନ ସ୍ଥାନ ଗୁଡିକୁ ବୈଦ୍ୟୁତିକ ସୁରକ୍ଷା ପାଇଁ ନଜରରେ ରଖାଯାଇଛି ଏବଂ ଯଦି କୌଣସି ସ୍ଥାନରେ ବୈଦ୍ୟୁତିକ ଇନଷ୍ଟାଲେସନ୍ ଅସୁରକ୍ଷିତ ଥାଏ, ତୁରନ୍ତ ଡିସ୍କମ୍ ଅଧିକାରୀଙ୍କୁ ଜଣାନ୍ତୁ।
- ବୈଦ୍ୟୁତିକ ସୁରକ୍ଷା ପରାମର୍ଶଗୁଡିକୁ ଅନୁସରଣ କରନ୍ତୁ ଏବଂ ଡିସ୍କମ୍ କର୍ମଚାରୀଙ୍କ ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଉତ୍ସବ ପାଇଁ ସୁରକ୍ଷିତ ବୈଦ୍ୟୁତିକ ସେଟ୍‌ଅପ୍ କରନ୍ତୁ।
- ପୂଜା ସ୍ଥଳୀରେ ୧୦୦ ରୁ ଅଧିକ ଜନସମାଗମର ସମ୍ଭାବନାଥିଲେ ଏହାର ବୈଦ୍ୟୁତିକ ଉପକରଣର ସୁରକ୍ଷା ବିଦ୍ୟୁତ୍ ନିରୀକ୍ଷକଙ୍କ ଦ୍ୱାରା ଯାଞ୍ଚ କରାନ୍ତୁ।



ବିଦ୍ୟୁତ ସୁରକ୍ଷା ଆପଣାନ୍ତୁ ଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-04066/13/0029/2526

DSPL-215


# ବାଦ୍ ପଡ଼ିଥିବା ୪୪ ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ଦିଅ

## ବିଜେଡିର ଦାବି

**ଭୁବନେଶ୍ବର,୨୦।୮/ଏନ୍ଏନ୍ଏସ୍:** ବିଜେଡି ସରକାର ରାଜ୍ୟରେ ୫୬ଟି ନୂଆ ଏନ୍‌ଏସି ଘୋଷଣା କରିଥିଲେ, ଯାହା ମଧ୍ୟରୁ କେବଳ ୧୨ଟି ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ଦେବା ପାଇଁ ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତିକୁ ବିଜୁ ଜନତା ଦଳ କଡ଼ା ସମାଲୋଚନା କରିଛି। ରାଜ୍ୟ ସରକାର ତୁରନ୍ତ ବାକି ରହିଯାଇଥିବା ୪୪ଟି ଅଞ୍ଚଳକୁ ଏନଏସି ଘୋଷଣା କରନ୍ତୁ ବୋଲି ବିଜେଡି ପକ୍ଷରୁ ଦାବି କରାଯାଇଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବିଧାୟକ ତଥା ବରିଷ୍ଠ ସାଧାରଣ ସମ୍ପାଦକ ଦିବ୍ୟଶଙ୍କର ମିଶ୍ର ଓ ବିଧାୟକ ତଥା କଳାହାଣ୍ଡି ଜିଲ୍ଲା ସଭାପତି ପ୍ରଦୀପ ଦିଶାରୀ ଏଭଳି ଦାବି କରିଛନ୍ତି। ଶ୍ରୀ ମିଶ୍ର କହିଛନ୍ତି ଯେ ବିଜେଡି ସରକାରଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ବର୍ତ୍ତମାନର ବିଜେପି ସରକାର ରାଜନୈତିକ ଦୃଷ୍ଟିକୋଣରୁ ପଛଘୁଞ୍ଚା ଦେବା ଦୁର୍ଭାଗ୍ୟଜନକ। ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଜେଡି ସରକାର ୫୬ଟି ଏନ୍‌ଏସି ଘୋଷଣା କରିଥିଲେ। କିନ୍ତୁ ବର୍ତ୍ତମାନର ବିଜେପି ସରକାର ମାତ୍ର



୧୨ଟି ଅଞ୍ଚଳକୁ ସ୍ୱୀକୃତି ଦେବା, ରାଜ୍ୟର ବିକାଶକୁ ପଛକୁ ନେବା ସଦୃଶ। ଗତ ୧୪ ମାସର ବିଜେପି ସରକାର ସମୟରେ ରାଜ୍ୟର ବିକାଶ ଠପ୍ ହୋଇଯାଇଛି । ବିଜେଡି ସରକାରଙ୍କ ସମୟରେ ଆରମ୍ଭ ହୋଇଥିବା ପ୍ରକଳ୍ପ ଗୁଡିକର ଅଗ୍ରଗତି ପରିଲକ୍ଷିତ ହେଉ ନାହିଁ। ରାଜ୍ୟ ସରକାର ତୁରନ୍ତ ବାକି ରହିଯାଇଥିବା ୪୪ଟି ଅଞ୍ଚଳକୁ ଏନଏସି ଘୋଷଣା କରନ୍ତୁ ବୋଲି ଶ୍ରୀ ମିଶ୍ର ଦାବି କରିଛନ୍ତି।

ସେହିପରି ଶ୍ରୀ ଦିଶାରୀ କହିଛନ୍ତି ଯେ କଳାହାଣ୍ଡି ଜିଲ୍ଲାରେ ମଦନପୁର ରାମପୁର, ନର୍ଲା, ଜୟପାଟଣା ଓ ନୂଆପଡା ଜିଲ୍ଲାର ସିନାପାଲିକୁ ଏନ୍‌ଏସି କରାଯିବ ବୋଲି ବିଜେଡି ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିଲା । କିନ୍ତୁ ବର୍ତ୍ତମାନର ବିଜେପି ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିବା ୧୨ଟି ଏନ୍‌ଏସି ମଧ୍ୟରେ କଳାହାଣ୍ଡି ଓ ନୂଆପଡା ଜିଲ୍ଲାର ଗୋଟିଏ ବି ପୂର୍ବ ଘୋଷିତ ଅଞ୍ଚଳ ଏନ୍‌ଏସି ମାନ୍ୟତା ପାଇନାହିଁ, ଯାହା ଏହି ଦୁଇ ଜିଲ୍ଲାବାସୀଙ୍କୁ ନିରାଶ କରିଛି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଦୁଇ ଜିଲ୍ଲାକୁ ପ୍ରତାରିତ କରିଛି, ଯେଉଁ କାରଣରୁ ସରକାରଙ୍କ ବିରୋଧରେ ଜନଅସନ୍ତୋଷ ସୃଷ୍ଟି ହୋଇଛି ସରକାର ତୁରନ୍ତ ନିଷ୍ପତ୍ତିର ପୁନର୍ବିଚାର କରି ପୂର୍ବ ଘୋଷିତ ସ୍ଥାନଗୁଡିକୁ ଏନଏସିର ମାନ୍ୟତା ଦିଅନ୍ତୁ, ନଚେତ ବିଜେଡି ଏହା ବିରୋଧରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ଦିଶାରୀ ଚେତାବନୀ ଦେଇଛନ୍ତି।

# ଭାରତକୁ ରୁଷ୍‌ର ପ୍ରସ୍ତାବ

## ତେଲ ଉପରେ ୫% ରିହାତି ଦେବୁ

## ଆମେରିକା ବଦଳରେ କମ୍ ଶୁଳ୍କରେ ଆମକୁ ରପ୍ତାନୀ କର: ରୁଷ୍ ଦୂତାବାସ



**ମସ୍କୋ, ନୂଆଦିଲ୍ଲୀ, ୨୦।୮/ଏଜେନ୍ସି:** ଭାରତ ଉପରେ ଆମେରିକା ଅତିରିକ୍ତ ଟାରିଫ୍ ଲଗାଇବାକୁ ନେଇ ଏବେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ସମସ୍ୟା ରହିଛି। ଭାରତ ପକ୍ଷରୁ ଏହି ବିବାଦର ସମାଧାନ କରାଯିବା ନେଇ ବାରମ୍ବାର ପ୍ରୟାସ ମଧ୍ୟ କରାଯାଉଛି। କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅହଂକାର ଏସବୁରେ ବାଧକ ସାଜିଛି। ଟ୍ରମ୍ପ ସିଧାସଳଖ ଭାରତ ଉପରେ ଅତିରିକ୍ତ ଶୁଳ୍କ ଲାଗୁ ରଖିବା ନେଇ କହିବୁଲୁଛନ୍ତି। ୟୁକ୍ରେନ୍ ସହ ରୁଷ୍‌ର ଯୁଦ୍ଧ ବନ୍ଦ କରିବା ଦିଗରେ ତଥା ରୁଷ୍ ଠାରୁ ଭାରତ ତେଲ କିଣୁଥିବା ଅଭିଯୋଗକ୍ରମେ ସେ ଏପରି ନିଷ୍ପତ୍ତି ନେଇଥିବା ଟ୍ରମ୍ପ କହିବୁଲୁଛନ୍ତି। ଆମେରିକା ବିଦେଶ ମନ୍ତ୍ରୀ ମଧ୍ୟ ସମୟେ ସମୟେ ଭାରତକୁ ଆହୁରି ଅଧିକ ଶୁଳ୍କର ଧମକ ଦେଇଚାଲିଛନ୍ତି। ତେବେ ଏସବୁ ମଧ୍ୟରେ ରୁଷ୍ ପକ୍ଷରୁ ଭାରତକୁ ଏକ ବଡ଼ ପ୍ରସ୍ତାବ ଦିଆଯାଇଥିବା ସୂଚନା ମିଳିଛି।

ରିପୋର୍ଟ ଅନୁସାରେ ଟ୍ରମ୍ପ ଶୁଳ୍କ ଉତ୍ତେଜନା ମଧ୍ୟରେ ରୁଷ୍ ଭାରତକୁ ଅଶୋଧିତ ତେଲ ମୂଲ୍ୟ ଉପରେ ୫% ରିହାତି ପ୍ରଦାନ କରିବା ସହ ଆମେରିକା ତୁଳନାରେ କମ୍ ଶୁଳ୍କରେ ରୁଷ୍ ଭାରତୀୟ ସାମଗ୍ରୀ ପାଇଁ ନିଜ ବଜାର ଉନ୍ମୁକ୍ତ କରିବାକୁ ପ୍ରସ୍ତୁତ ଥିବା କହିଛି। ମଙ୍ଗଳବାର ନୂଆଦିଲ୍ଲୀ ସ୍ଥିତ ରୁଷ୍ ଦୂତାବାସ ପକ୍ଷରୁ କୁହାଯାଇଛି ଯେ ୟୁକ୍ରେନ ବିବାଦରୁ ରୁଷ୍‌କୁ ନିବୃତ୍ତ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଅନ୍ୟାୟପୂର୍ବକ ବର୍ଦ୍ଧିତ ଶୁଳ୍କ ଲାଗୁ କରିଛନ୍ତି। ତେବେ ଆମେରିକାର ଏପ୍ରକାର ଚାପ ଏବଂ ପ୍ରତିବନ୍ଧକ ସତ୍ତ୍ୱେ ଭାରତ ରୁଷ୍ ଠାରୁ ତେଲ କିଣିବା ଜାରି ରଖିଛଇ। ସୁତରାଂ ରୁଷ୍ ବର୍ତ୍ତମାନ ୫% ରିହାତି ମୂଲ୍ୟରେ ଭାରତକୁ ତେଲ ଯୋଗାଣ ଜାରି ରଖିବାକୁ ଯୋଜନା କରୁଛି। ଏନେଇ ଭାରତ ସହ ଆଲୋଚନା କରାଯିବ। ଭାରତରେ ରୁଷର ଉପ ବାଣିଜ୍ୟ ପ୍ରତିନିଧି ନିଯୁକ୍ତ ଥିବା ଏଭଜେନି ଗ୍ରୀଭା ମଧ୍ୟ କହିଛନ୍ତି ଯେ, 'ଆଲୋଚନା ସାପେକ୍ଷ, ଭାରତକୁ ରୁଷର ଅଶୋଧିତ ତୈଳ କ୍ରୟ ଉପରେ ୫ ପ୍ରତିଶତ ରିହାତି ରହିବ। ଅନ୍ୟପକ୍ଷେ ଭାରତୀୟ ତୈଳ କମ୍ପାନୀଗୁଡ଼ିକ ଏପ୍ରକାର ୫% ରିହାତି ପ୍ରସ୍ତାବ ସମ୍ପର୍କରେ ଅବଗତ ହେବା ପରେ ରୁଷ୍ ଠାରୁ ତେଲ ଆମଦାନୀକୁ ସାମୟିକ ସ୍ଥଗିତ ରଖିଛନ୍ତି। ସରକାରଙ୍କ ପକ୍ଷରୁ ସ୍ପଷ୍ଟୀକରଣ ଆସିବା ପରେ ସେମାନେ ଆମଦାନୀ ପୁନଃ ଆରମ୍ଭ କରିବେ ବୋଲି କହିଛନ୍ତି। ରୁଷ ମିଶନର ଉପମୁଖ୍ୟ ରୋମାନ୍ ବାବୁସ୍କିନ୍ କହିଛନ୍ତି, 'ଆମେ ନିଶ୍ଚିତ ଯେ ବାହ୍ୟ ଚାପ ସତ୍ତ୍ୱେ ଭାରତ-ରୁଷ ଶକ୍ତି ସହଯୋଗ ଜାରି ରହିବ।' ଭାରତ କାହା ଚାପରେ ନତମସ୍ତକ ହୋଇଯିବା ଭଳି ଦେଶ ନୁହେଁ।

ସେହିପରି ରୁଷ୍ କହିଛି ଯେ, ଯଦି ଶୁଳ୍କ ଯୋଗୁଁ ଆମେରିକୀୟ ବଜାରର ଦ୍ୱାର ଭାରତୀୟ ସାମଗ୍ରୀ ପାଇଁ ବନ୍ଦ ହୋଇଯାଏ, ତେବେ ରୁଷ୍ ବଜାର ସର୍ବଦା ଭାରତୀୟ ଉତ୍ପାଦଗୁଡ଼ିକୁ ଗ୍ରହଣ କରିବାକୁ ପ୍ରସ୍ତୁତ ରହିଛି। ଭାରତରେ ଥିବା ରୁଷ୍ ଦୂତାବାସ ପକ୍ଷରୁ ଏକ ପ୍ରେସ୍ ବ୍ରିଫିଂରେ ଏହି ଘୋଷଣା କରାଯାଇଛି। ଏଥିରେ କୁହାଯାଇଛି ଯେ, ରୁଷରୁ ଅଶୋଧିତ ତେଲ କିଣୁଥିବାରୁ ଆମେରିକା ଏଭଳି ଭାରତ ଉପରେ ଶୁଳ୍କ ଚାପ ପକାଇବା ଅନୁଚିତ। ପାଶ୍ଚାତ୍ୟ ଦେଶଗୁଡ଼ିକ ନିଜସ୍ୱ ଲାଭ ପାଇଁ କାମ କରନ୍ତି ଏବଂ ଏହା ଗତ କିଛି ବର୍ଷଗୁଡ଼ିକରେ ସ୍ପଷ୍ଟ ଭାବରେ ଦେଖାଯାଇଛି। ସେମାନେ ନିଜର ସ୍ୱାର୍ଥ ହାସଲ ପାଇଁ ନିଷ୍ପତ୍ତି ନିଅନ୍ତି ଏବଂ ଚାପ ପ୍ରୟୋଗ କରନ୍ତି, ଯାହା ସମ୍ପୂର୍ଣ୍ଣ ଭୁଲ୍ ବୋଲି ରୁଷ୍ ଦୂତାବାସ ଦର୍ଶାଇଛି। ଉଲ୍ଲେଖଯୋଗ୍ୟ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ୨୫% ମୂଳ ଶୁଳ୍କ ଏବଂ ରୁଷରୁ ଅଶୋଧିତ ତୈଳ କ୍ରୟ ନେଇ ଭାରତ ଉପରେ ଅତିରିକ୍ତ ୨୫% ଶୁଳ୍କ ଲାଗୁ କରିଛନ୍ତି। ଭାରତ ସରକାର ଏହି ଭାରୀ ଶୁଳ୍କକୁ ଅନୁଚିତ୍ ବୋଲି କହିଛନ୍ତି। ଏହି କାରଣରୁ, ଅଗଷ୍ଟ ୨୫ରେ ହେବାକୁ ଥିବା ଭାରତ-ଆମେରିକା ବାଣିଜ୍ୟ ଆଲୋଚନାକୁ ସ୍ଥଗିତ ରଖାଯାଇଛି।

## ୫୦ରୁ ଅଧିକ ସ୍କୁଲ୍‌କୁ ବୋମା ଧମକ

**ନୂଆଦିଲ୍ଲୀ,୨୦।୮/ଏଜେନ୍ସି:** ବେଶ୍ କିଛି ସମୟ ଧରି ଜାତୀୟ ରାଜଧାନୀ ନୂଆଦିଲ୍ଲୀରେ ବୋମା ଆକ୍ରମଣଜନିତ ଧମକ ମିଳିବା ଜାରି ରହିଛି। ଧମକ ଦେଉଥିବା ଅଭିଯୁକ୍ତମାନେ ମୁଖ୍ୟତଃ ସ୍କୁଲଗୁଡ଼ିକୁ ଟାର୍ଗେଟ୍ କରିଥିବାର ଦର୍ଶାଉଛନ୍ତି। ଯଦିଓ ଯାଞ୍ଚ ସମୟରେ ସେସବୁ ସ୍ଥାନରୁ କୌଣସି ସନ୍ଦେହଜନକ ବିସ୍ଫୋରକ ସାମଗ୍ରୀ ମିଳିନାହିଁ। ତେବେ ଏସବୁ ମଧ୍ୟରେ



ବୁଧବାର ପୁଣିଥରେ ଦିଲ୍ଲୀର ୫୦ରୁ ଅଧିକ ସ୍କୁଲକୁ ବୋମାରେ ଉଡାଇବାକୁ ଧମକ ମିଳିଛି। ଏହି ଧମକ ଇମେଲ ଜରିଆରେ ଦିଆଯାଇଛି। ଦିଲ୍ଲୀ ପୁଲିସ ଅନୁଯାୟୀ, ନିଜକୁ 'ଆତଙ୍କବାଦୀ ୧୧୧' କହୁଥିବା ଏକ ସମୂହ ୫୦ରୁ ଅଧିକ ସ୍କୁଲକୁ ଇମେଲ ଯୋଗେ ବୋମା ଧମକ ଦେଇଥିବା ସହ ୨୫,୦୦୦ ଆମେରିକୀୟ ଡଲାର ଦାବି କରିଛନ୍ତି। ଏହି ସମୂହ ବିଭିନ୍ନ ସ୍କୁଲର ପ୍ରଧାନଶିକ୍ଷକ ଓ ପ୍ରଶାସନିକ କର୍ମଚାରୀଙ୍କୁ ଏକାଠି ଇମେଲ କରିଛନ୍ତି। ଏହି ଧମକପୂର୍ଣ୍ଣ ମେଲ୍‌ରେ ୪୮ ଘଣ୍ଟା ଭିତରେ ସ୍କୁଲ ପରିସରରେ ବୋମା ବିସ୍ଫୋରଣ କରିବା ନେଇ ଉଲ୍ଲେଖ ମଧ୍ୟ ରହିଛି। ସ୍କୁଲର ବିଭିନ୍ନ କକ୍ଷ, ସଭାଘର, କର୍ମଚାରୀଙ୍କ କକ୍ଷ ଏପରିକି ସ୍କୁଲ ବସ୍‌ରେ ମଧ୍ୟ ବୋମା ବିସ୍ଫୋରଣ କରାଯିବ ବୋଲି ଇମେଲ୍‌ରେ ଉଲ୍ଲେଖ ରହିଛି। ପୁଲିସ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ୍ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।

## ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ହାଇକୋର୍ଟରେ ମାମଲା

**ହାଇଦ୍ରାବାଦ୍,୨୦।୮/ଏଜେନ୍ସି:** ଆନ୍ଧ୍ରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ପଓ୍ୱନ କଲ୍ୟାଣଙ୍କ ବିରୋଧରେ ହାଇକୋର୍ଟରେ ଏକ ମାମଲା ଦାଏର କରାଯାଇଛି। ବିଜୟ କୁମାର ନାମକ ଜଣେ ପୂର୍ବତନ ଆଇଏଏସ୍ ଅଧିକାରୀ ଏହି ମାମଲା ଦାଖଲ କରିଛନ୍ତି। ପଓ୍ୱନ କଲ୍ୟାଣ ଉପମୁଖ୍ୟମନ୍ତ୍ରୀ ହେବା ପରେ ମଧ୍ୟ ଚଳଚ୍ଚିତ୍ରରେ ଅଭିନୟ ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ପଓ୍ୱନ କଲ୍ୟାଣଙ୍କୁ ମନୋରଞ୍ଜନ ଦୁନିଆରୁ ଦୂରେଇ ରହିବାକୁ ନିର୍ଦ୍ଦେଶ ଦିଆଯାଉ



ବୋଲି ପିଟିସନକାରୀ ନିଜ ଆବେଦନରେ ଉଲ୍ଲେଖ କରିଛନ୍ତି। କେବଳ ଅଭିନୟ କାହିଁକି, ଚଳଚ୍ଚିତ୍ରର ପ୍ରଯୋଜନା, ନିର୍ଦ୍ଦେଶନା, ଏହାର ପ୍ରମୋସନ କାର୍ଯ୍ୟକ୍ରମରୁ ମଧ୍ୟ ତାଙ୍କୁ ବିରତ ରହିବା ସହ ଏ ସମ୍ପର୍କିତ ବିଜ୍ଞାପନରେ ଅଭିନୟ ନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଉ ବୋଲି ପିଟିସନରେ ଦାବି କରାଯାଇଛି। ସୂଚନାଯୋଗ୍ୟ, ପଓ୍ୱନ କଲ୍ୟାଣ ହେଉଛନ୍ତି ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଜଗତର ସୁପରଷ୍ଟାର ଚିରଞ୍ଜୀବୀଙ୍କ କନିଷ୍ଠ ଭ୍ରାତା। ସେ ୧୯୯୬ରୁ ୨୦୨୩ ମଧ୍ୟରେ ତେଲୁଗୁ, ତାମିଲ ଓ ଅନ୍ୟ ଦାକ୍ଷିଣାତ୍ୟ ଭାଷାରେ ପ୍ରାୟ ଶହେରୁ ଅଧିକ ଚଳଚ୍ଚିତ୍ରରେ ଅଭିନୟ କରିସାରିଛନ୍ତି। ୨୦୧୪ରେ ସେ 'ଜନସେନା ପାର୍ଟି' ନାମରେ ରାଜନୈତିକ ଦଳ ଗଠନ କରିଥିଲେ। ଗତବର୍ଷ ଆନ୍ଧ୍ର ପ୍ରଦେଶ ବିଧାନସଭା ନିର୍ବାଚନରେ ତାଙ୍କ ଦଳ ତେଲୁଗୁ ଦେଶମ ପାର୍ଟି (ଟିଡିପି) ସହ ମେଣ୍ଟ କରିଥିବାବେଳେ ୨୧ଟି ଆସନ ହାତେଇଥିଲା। ୨୦୨୪ ଜୁନ ୧୨ରେ ପଓ୍ୱନ କଲ୍ୟାଣ ଆନ୍ଧ୍ରପ୍ରଦେଶର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ।


## ନାମାଙ୍କନ ଦାଖଲ କଲେ ଏନ୍‌ଡିଏ ଉପରାଷ୍ଟ୍ରପତି ପ୍ରାର୍ଥୀ



**ନୂଆଦିଲ୍ଲୀ:** ଉପରାଷ୍ଟ୍ରପତି ପଦ ପାଇଁ ନାମାଙ୍କନ ଦାଖଲ କରିଛନ୍ତି ଏନ୍‌ଡିଏ ପ୍ରାର୍ଥୀ ସି.ପି ରାଧାକୃଷ୍ଣନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ବିଜେପି ସଭାପତି ଜେପି ନଡ୍ଡା ପ୍ରମୁଖଙ୍କ ଉପସ୍ଥିତିରେ ଶ୍ରୀ ରାଧାକୃଷ୍ଣନ୍ ନିଜ ୪ ସେଟ୍ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସି.ପି ରାଧାକୃଷ୍ଣନଙ୍କ ପାଇଁ ପ୍ରଥମ ପ୍ରସ୍ତାବକ ରହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ରାଜନାଥ ସିଂହ ଓ ଜେପି ନଡ୍ଡା ମଧ୍ୟ ପ୍ରସ୍ତାବକ ରହିଛନ୍ତି। ଉପରାଷ୍ଟ୍ରପତି ନିର୍ବାଚନ ସେପ୍ଟେମ୍ବର ୯ ତାରିଖରେ ଅନୁଷ୍ଠିତ ହେବ।

## ଦଶମ ଶ୍ରେଣୀ ଛାତ୍ରକୁ ହତ୍ୟାକଲା ୮ମ ଶ୍ରେଣୀ ଛାତ୍ର

**ଅହମଦାବାଦ୍, ୨୦।୮/ଏଜେନ୍ସି:** ଗୁଜରାଟର ଅହମଦାବାଦ୍‌ରେ ନୟନ ନାମକ ଜଣେ ଦଶମ ଶ୍ରେଣୀ ସ୍କୁଲ ଛାତ୍ରକୁ ଛୁରି ଭୁଷି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଜଣକ ସେହି ସ୍କୁଲ୍‌ର ୮ମ ଶ୍ରେଣୀର ଛାତ୍ର ବୋଲି ଜଣାପଡିଛି। ରିପୋର୍ଟ ଅନୁସାରେ ଖୋଖରାରେ ଅବସ୍ଥିତ ସେଭେନ୍‌ଥ-ଡେ ଆଡଭେଣ୍ଟିଷ୍ଟ ଉଚ୍ଚ ମାଧ୍ୟମିକ ସ୍କୁଲରେ ଏହି ଘଟଣା ଘଟିଛି।



ସ୍କୁଲର ଅନ୍ୟ ଛାତ୍ରଙ୍କ କହିବାନୁସାରେ ଦିନକ ପୂର୍ବରୁ ଦୁଇ ଛାତ୍ରଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଜୋରଦାର ପାଟିତୁଣ୍ଡ ହୋଇଥିଲା। ଏହାକୁ ନେଇ ଅଭିଯୁକ୍ତ ଛାତ୍ରଜଣକ ବେଶ୍ ହିଂସ୍ର ହୋଇଉଠିଥିଲା ଏବଂ ହତ୍ୟା କରିବାକୁ ଧମକ ଦେଇଥିଲା। ତେବେ ଆଜି ସକାଳୁ ସ୍କୁଲ ଖୋଲିବା ମାତ୍ରେ ଅଭିଯୁକ୍ତ ଛାତ୍ରଜଣକ ନିଜର କିଛି ସାଥୀ ଛାତ୍ରଙ୍କୁ ସାଙ୍ଗରେ ନେଇ ନୟନଙ୍କୁ ଘେରିଯାଇଥିଲା ଏବଂ ହଠାତ୍ ଏକ ଧାରୁଆ ଛୁରୀ ସହାୟତାରେ ବାରମ୍ବାର ଆଘାତ କରିଥିଲା। ନୟନ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଥିବା ସ୍କୁଲର ସୁରକ୍ଷା କର୍ମୀ ଦେଖି କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ଅନ୍ୟପକ୍ଷେ ଅଭିଯୁକ୍ତ ଛାତ୍ର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା।

ଗୁରୁତର ଅବସ୍ଥାରେ ଛାତ୍ରଙ୍କୁ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ବହୁ ସଂଖ୍ୟକ ଲୋକ, ଅଭିଭାବକ ତଥା ଏବିଭିପି (ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ)ର କର୍ମୀମାନେ ସ୍କୁଲ ବାହାରେ ଏକାଠି ହୋଇ ଭଙ୍ଗାରୁଜା କରିଛନ୍ତି ଏବଂ ସ୍କୁଲ କର୍ମଚାରୀଙ୍କୁ ଆକ୍ରମଣ କରିଛନ୍ତି। ତେବେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ପରିସ୍ଥିତିକୁ ଶାନ୍ତ କରିବା ପରେ ଘଟଣାର ତଦନ୍ତ ଆରମ୍ଭ କରିଛି। ସ୍କୁଲ ସିସିଟିଭି ଫୁଟେଜ୍‌କୁ ଉଦ୍ଧାର କରି ପୁଲିସ୍ ଏକ ମାମଲା ରୁଜୁ କରିଛି। ରାଜ୍ୟ ଶିକ୍ଷା ମନ୍ତ୍ରୀ ପ୍ରଫୁଲ୍ଲଭାଇ ପାନସେରିଆ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ପୀଡ଼ିତଙ୍କ ପରିବାରକୁ ନ୍ୟାୟ ମିଳିବା ନେଇ ଆଶ୍ୱସ୍ତ କରିଛନ୍ତି।

## ଜଳିଗଲା ବସ୍ — ୧୯ ଶିଶୁଙ୍କ ସହ ୭୯ ଯାତ୍ରୀ ଜୀବନ୍ତ ଦଗ୍ଧ

**କାବୁଲ,୨୦।୮/ଏଜେନ୍ସି:** ପଶ୍ଚିମ ଆଫଗାନିସ୍ତାନର ହେରାତ୍ ପ୍ରାନ୍ତରେ ଏକ ଭୟାବହ ସଡକ ଦୁର୍ଘଟଣା ସମ୍ପର୍କୀତ ସୂଚନା ସାମ୍ନାକୁ ଆସିଛି। ମଙ୍ଗଳବାର ଆଫଗାନିସ୍ତାନରୁ ଇରାନରୁ ଫେରିଥିବା ପ୍ରବାସୀଙ୍କୁ ନେଇ ଯାଉଥିବା ଏକ ବସ୍ ଏକ ଇନ୍ଧନ ଭର୍ତ୍ତି ଟ୍ରକ୍ ଓ ମୋଟରସାଇକେଲ ସହ ଧକ୍କା ହେବା ପରେ ବସ୍‌ଟି ଜଳିଯାଇଥିଲା। ବସ୍‌ରେ ହଠାତ୍ ନିଆଁ ଲାଗିଯିବା ଫଳରେ ଯାତ୍ରୀମାନେ ବାହାରକୁ ବାହାରିବାକୁ ସୁଯୋଗ ମଧ୍ୟ ପାଇନଥିଲେ। ସୁତରାଂ ଏହି ଦୁର୍ଘଟଣାରେ ୧୯ ଶିଶୁଙ୍କ ସମେତ ପ୍ରାୟ ୭୯ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ପ୍ରାଥମିକ ତଦନ୍ତରୁ ମଧ୍ୟ ବସ୍‌ଟି ଦ୍ରୁତ ଗତିରେ ଥିବା ଏବଂ ଡ୍ରାଇଭରଙ୍କ ଅସାବଧାନତା କାରଣରୁ ଘଟିଥିବା ଜଣାପଡିଛି।

ପ୍ରଦେଶ ସରକାରଙ୍କ ମୁଖପାତ୍ର ଅହମଦୁଲ୍ଲା ମୁତାକି ଏକ୍ସରେ ଏହି ଘଟଣାକୁ ନିଶ୍ଚିତ କରିଛନ୍ତି ଏବଂ ଏହାକୁ ସାମ୍ପ୍ରତିକ ସମୟର ସବୁଠାରୁ ଭୟଙ୍କର ସଡ଼କ ଦୁର୍ଘଟଣା ବୋଲି କହିଛନ୍ତି। ସେ କହିଛନ୍ତି ଯେ, ହେରାତର ଗୁଜାରା ଜିଲ୍ଲାରେ ଏକ ବସ୍ ଏକ ଟ୍ରକ୍ ଏବଂ ମୋଟରସାଇକେଲ ସହିତ ଧକ୍କା ହେବା ଫଳରେ ୭୯ ଜଣଙ୍କର ମୃତ୍ୟୁ ହୋଇଛି। ଦୁର୍ଘଟଣାସ୍ଥଳରେ ୭୧ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ରିପୋର୍ଟ ଲେଖାହେବା ସୁଦ୍ଧା ଆଉ ୮ଜଣ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ଅନ୍ୟ ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ସୋସିଆଲ ମିଡିଆରେ ଏହି ଦୁର୍ଘଟଣାର ଛାତିଥରା ଭିଡିଓ ମଧ୍ୟ ଦ୍ରୁତ ଗତିରେ ଭାଇରାଲ୍ ହେଉଛି। ସାମରିକ ହସ୍ପିଟାଲର ମୁଖ୍ୟ



ଚିକିତ୍ସକ ମହମ୍ମଦ ଜାନାନ ମୋକାଦାସ କହିଛନ୍ତି ଯେ ଅନେକ ମୃତଦେହ ଏତେ ଖରାପ ଭାବରେ ପୋଡ଼ିଯାଇଛି ଯେ ସେସବୁକୁ ଚିହ୍ନଟ ମଧ୍ୟ କରାଯାଇପାରିବନି।


ପ୍ରକାଶ, ଡିସେମ୍ବର ୨୦୨୩ରେ, ଟ୍ୟାଙ୍କର୍ ସହିତ ଜଡିତ ଦୁଇଟି ପୃଥକ୍ ବସ୍ ଦୁର୍ଘଟଣାରେ ୫୨ ଜଣଙ୍କର ମୃତ୍ୟୁ ହୋଇଥିଲା, ଯେତେବେଳେ ମାର୍ଚ୍ଚ ୨୦୨୪ରେ, ହେଲମାଣ୍ଡ ପ୍ରଦେଶରେ ଏକ ଧକ୍କାରେ ଆଉ ୨୦ ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୨୨ ଶେଷ ଭାଗରେ, ସଲାଙ୍ଗ ପାସ୍‌ରେ ଏକ ଟ୍ୟାଙ୍କର୍ ଓଲଟି ପଡ଼ିଥିଲା, ଯାହା ଫଳରେ ନିଆଁ ଲାଗି ୩୧ ଜଣଙ୍କର ମୃତ୍ୟୁ ହୋଇଥିଲା।

## 'କେଉଁଠି ଲୁଚିଛନ୍ତି ଧନଖଡ'

**ନୂଆଦିଲ୍ଲୀ,୨୦।୮/ଏଜେନ୍ସି:** ଲୋକସଭାରେ ବିରୋଧୀ ଦଳ ନେତା ଥିବା ରାହୁଲ ଗାନ୍ଧୀ ବୁଧବାର ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ହଠାତ୍ ନିଖୋଜ ଏବଂ ନୀରବତା ଉପରେ ପ୍ରଶ୍ନ ଉଠାଇଥିଲେ। ରାହୁଲ କହିଥିଲେ ଯେ ପୂର୍ବତନ ଉପରାଷ୍ଟ୍ରପତି କାହିଁକି ଲୁଚି ରହିଛନ୍ତି? ଭାରତର ପୂର୍ବତନ ଉପରାଷ୍ଟ୍ରପତି ଏପରି ପରିସ୍ଥିତିରେ କାହିଁକି ଅଛନ୍ତି ଯେ ସେ ଗୋଟିଏ ଶବ୍ଦ ମଧ୍ୟ କହିପାରିବେ ନାହିଁ? ଯିଏ ରାଜ୍ୟସଭାରେ ଖୋଲାଖୋଲି ଭାବରେ କହୁଥିଲେ, ସେ ଆଜି ସମ୍ପୂର୍ଣ୍ଣ ନୀରବ କାହିଁକି? ଏସବୁ ପଛରେ ବିଜେପିର ହାତ ଥିବା ପ୍ରତୀତ ହେଉନାହିଁ କି? ସଂସଦ ଭବନରେ ଇଣ୍ଡିଆ ଆଲାଏନ୍ସର ଉପରାଷ୍ଟ୍ରପତି ପ୍ରାର୍ଥୀ ବି. ସୁଦର୍ଶନ ରେଡ୍ଡୀଙ୍କ ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାହୁଲ ଗାନ୍ଧୀ ଭାଷଣ ଦେବା ସମୟରେ ଏପରି କହିଛନ୍ତି। ରାହୁଲ କହିଛନ୍ତି, ବର୍ତ୍ତମାନ ସମୟରେ ଗଣତାନ୍ତ୍ରିକ ଭାବରେ ନିର୍ବାଚିତ ବ୍ୟକ୍ତିଙ୍କର କୌଣସି ମୂଲ୍ୟ ନାହିଁ। ଯଦି ଆପଣଙ୍କର ଚେହେରା ପସନ୍ଦ ନ ଆସେ, ତେବେ ଇଡିକୁ ମାମଲା ପଞ୍ଜିକରଣ କରିବାକୁ ନିର୍ଦ୍ଦେଶ ଦିଆଯାଏ ଏବଂ ନିର୍ବାଚିତ ନେତାଙ୍କୁ ୩୦ଦିନ ମଧ୍ୟରେ ଶେଷ କରିଦିଆଯାଏ।

## ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

**ନୂଆଦିଲ୍ଲୀ,୨୦।୮/ଏଜେନ୍ସି:** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ସିଭିଲ୍ ଲାଇନ୍ ସ୍ଥିତ ନିଜ ସରକାରୀ ବାସଭବନରେ ଜନଶୁଣାଣି କରୁଥିବା ସମୟରେ ଜଣେ ଅଜ୍ଞାତବ୍ୟକ୍ତି ଅଭିଯୋଗକାରୀ ସାଜି ଆସିବା ଏବଂ ସମସ୍ତଙ୍କ ଉପସ୍ଥିତିରେ ବଡ଼ ପାଟିରେ ଚିତ୍କାର କରିବା ସହ ମୁଖ୍ୟମନ୍ତ୍ରୀ ରେଖାଙ୍କୁ ଆକ୍ରମଣ କରିବା ଭଳି ଅତ୍ୟନ୍ତ ଅଭାବନୀୟ ଘଟଣା ସମ୍ପର୍କରେ ସୂଚନା ମିଳିଛି। ରାଜେଶ ନାମକ ଏହି ବ୍ୟକ୍ତିକୁ ଦିଲ୍ଲୀ ପୁଲିସ୍ ତୁରନ୍ତ କାବୁ କରିନେବା ସହ ତା'



ସମ୍ପର୍କରେ ଅଧିକ ଜାଣିବା ପାଇଁ ଖୋଳତାଡ କରୁଛି। ତେବେ ପ୍ରାଥମିକ ତଦନ୍ତରୁ ଜାଣିବାକୁ ମିଳିଛି ଯେ, ସୁପ୍ରିମକୋର୍ଟ ବୁଲା କୁକୁରଙ୍କୁ ରାସ୍ତାରୁ ହଟାଇବା ଏବଂ ଅନ୍ୟତ୍ର ସ୍ଥାନାନ୍ତର କରିବା ନେଇ ନିର୍ଦ୍ଦେଶ ଦେବାକୁ ନେଇ ରାଜେଶ କ୍ଷୁବ୍ଧ ହୋଇପଡିଥିଲା। ଦିଲ୍ଲୀ ସରକାର ମଧ୍ୟ ଏନେଇ କୌଣସି ଆପତ୍ତି ନଦର୍ଶାଇବାରୁ ସେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଉପରେ ଅଧିକ ରାଗିଯାଇଥିଲା। ଆଜି ସେ ମୁଖ୍ୟମନ୍ତ୍ରୀଙ୍କୁ ଆକ୍ରମଣ କରିଥିବା ବେଳେ ଦିନକ ପୂର୍ବରୁ ଏହି ଅଞ୍ଚଳକୁ ଆସି ରେକି କରିଥିଲା।

ରାଜେଶ ଖିମ୍‌ଜୀ (୪୧ ବର୍ଷ) ଗୁଜରାଟର ରାଜକୋଟ୍ ଜିଲ୍ଲାର ସ୍ଥାୟୀ ବାସିନ୍ଦା। ରାଜେଶ ମାନସିକ ବିକାରଗ୍ରସ୍ତ ଏବଂ ସେ ରିକ୍ସା ଚଳାନ୍ତି। ତେବେ କୁକୁରଙ୍କୁ ଭାରି ଭଲପାଏ। କୁକୁରଙ୍କ ପ୍ରତି ଏଭଳି ନିଷ୍ପତ୍ତି ଶୁଣି ସେ ଏମିତି କରିଥିବା ତା' ମାଆ ଭାନୁବେନ୍ ଗଣମାଧ୍ୟମକୁ କହିଛନ୍ତି। ପୁଅକୁ କ୍ଷମା କରିଦେବାକୁ ରାଜେଶର ମାଆ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ନେହୁରା ହୋଇଛନ୍ତି। ଭାନୁବେନ୍‌ଙ୍କ କହିବାନୁସାରେ ସୋସିଆଲ ମିଡିଆରେ ଦିଲ୍ଲୀରେ କୁକୁରମାନଙ୍କୁ ନେଇଯାଉଥିବାର ଏକ ଭିଡିଓ ଦେଖିବା ପରେ ସେ ଉତ୍ତେଜିତ ହୋଇଯାଇଥିଲା। ଏପରିକି ସେ ଖିଆପିଆ ମଧ୍ୟ କରୁନଥିଲା। ସେ ବିବାହିତ ଏବଂ ତା'ର ପତ୍ନୀ ଏବଂ ପିଲାମାନେ ଅଛନ୍ତି। ସେ ଉଜ୍ଜୟିନୀ ଯିବାକୁ କହି ଦିଲ୍ଲୀ ଚାଲିଆସିଥିବା ଏବଂ ଏସମ୍ପର୍କରେ ଘରେ କାହାକୁ କିଛି କହିନଥିବା ଭାନୁବେନ୍ କହିଛନ୍ତି। ଘଟଣାକୁ ଦିଲ୍ଲୀ ବିଜେପି ନିନ୍ଦା କରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷାରେ ବିରାଟ ତ୍ରୁଟି ନେଇ ବିରାଟ ପ୍ରଶ୍ନ ଉଠିଛି।

# ଏଣିକି ଗିରଫ ହେଲେ ପଦବୀ ଯିବ

## ଲୋକସଭାରେ ଆଗତ ହେଲା ସମ୍ବିଧାନ ସଂଶୋଧନ ବିଲ୍

**ନୂଆଦିଲ୍ଲୀ,୨୦।୮/ଏଜେନ୍ସି:** ବୁଧବାର ଲୋକସଭାରେ ଗୁରୁତ୍ୱପୂର୍ଣ୍ଣ ୧୩୦ତମ ସମ୍ବିଧାନ ସଂଶୋଧନ ବିଲ୍-୨୦୨୫ ଆଗତ ହୋଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଅନ୍ୟ ୨ ବିଲ୍ ସହ ଏହି ବିଲ୍‌କୁ ମଧ୍ୟ ଆଗତ କରିଛନ୍ତି। ତେବେ ସମ୍ବିଧାନ ସଂଶୋଧନ ବିଲ୍‌ରେ ଦିଆଯାଇଥିବା ପ୍ରସ୍ତାବନା ଅନୁସାରେ ଏଣିକି ପ୍ରଧାନମନ୍ତ୍ରୀ ହୁଅନ୍ତୁ କି ମୁଖ୍ୟମନ୍ତ୍ରୀ କିମ୍ବା ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ପଦାଧିକାରୀ, ଯଦି ସେମାନଙ୍କ ବିରୋଧରେ କୌଣସି ପ୍ରକାର ସାଂଘାତିକ ଅଭିଯୋଗ ଆସେ ଏବଂ ସେମାନେ ଗିରଫ ହୋଇ ମାତ୍ର ୩୦ ଦିନ ପାଇଁ ମଧ୍ୟ ଜେଲ୍‌ରେ ରହିବାକୁ ବାଧ୍ୟ ହୁଅନ୍ତି ତେବେ ସେମାନଙ୍କୁ ପଦରୁ ଇସ୍ତଫା ଦେବାକୁ ପଡିବ। ସେହିପରି ଯଦି ଦଣ୍ଡାଦେଶ ୫ ବର୍ଷ ଅବଧିର ହୋଇଥାଏ ତେବେ ବ୍ୟକ୍ତିବିଶେଷଙ୍କୁ ତୁରନ୍ତ ପଦରୁ ବହିଷ୍କାର କରାଯିବ। ଯଦି ବ୍ୟକ୍ତିବିଶେଷ ସ୍ୱତଃପ୍ରବୃତ୍ତ ଭାବେ ଇସ୍ତଫା ନ ଦିଅନ୍ତି ତେବେ ଏହା ସ୍ୱତଃ ରଦ୍ଦ ହୋଇଯିବ। ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମନ୍ତ୍ରୀମାନେ ଏହି ଆଇନ ଅଧିନରେ ଆସିବେ। ବିଲ୍ ଆଗତ ପରେ ଗୃହରେ ବିରୋଧୀଙ୍କ ପ୍ରବଳ ହୋହାଲ୍ଲା ଏବଂ ହଟ୍ଟଗୋଳ ଦେଖିବାକୁ ମିଳିଛି। ବିରୋଧୀମାନେ ଏହାକୁ ଦୃଢ଼ ଭାବେ ବିରୋଧ କରିବା ଦେଖିବାକୁ ମିଳିଛି। ଏପରିକି ବିରୋଧୀ ଦଳର କିଛି ସାଂସଦ ବିଲ୍‌ର ନକଲକୁ ଚିରି ଶାହଙ୍କ ଆଡକୁ ଫିଙ୍ଗିଥିବା ମଧ୍ୟ ଦେଖିବାକୁ ମିଳିଥିଲା।



ବିଲ୍ ଉପସ୍ଥାପନ ସମୟରେ ଶାହ କହିଛନ୍ତି, ଆଇନ୍ ଆଗରେ ସମସ୍ତେ ସମାନ। ଏହାକୁ ପ୍ରମାଣିତ କରିବାକୁ ଆଜି ସଂସଦରେ ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ କରାଯାଇଛି। ଏପରିକି ସେ ନିଜେ ଯେତେବେଳେ ଏକ ମିଛ ମାମଲାରେ ଜେଲ ଯାଇଥିଲେ ସେତେବେଳେ ସେ ନୈତିକତା ଦୃଷ୍ଟିରୁ ନିଜ ପଦରୁ ଇସ୍ତଫା ଦେଇଥିଲେ। କିନ୍ତୁ ଦେଶରେ କିଛି ନିର୍ଲଜ ବ୍ୟକ୍ତି ଅଛନ୍ତି ସେମାନେ ବର୍ଷାଧିକ କାଳ ଜେଲ୍‌ରେ ରହିଲେ ମଧ୍ୟ ଇସ୍ତଫା ଦେବାକୁ ଚାହୁଁନାହାନ୍ତି ବୋଲି ଶାହ କହିଛନ୍ତି। ଶାହଙ୍କ କହିବାନୁସାରେ ସେ ଚାହାନ୍ତି ନୈତିକତାର ମୂଲ୍ୟ ବୃଦ୍ଧି ପାଉ। ଦାଗୀ ନେତାଙ୍କୁ ସେମାନଙ୍କ ପଦର ଅପବ୍ୟବହାର ଉପରେ ଅଙ୍କୁଶ ଲଗାଯିବା ପାଇଁ ଏହି ବିଲ୍ ଆଗତ ହୋଇଛି। ଏହି ବିଲ୍ ଆଇନ୍‌ରେ ପରିଣତ ହେଲେ ଦେଶର ପ୍ରଧାନମନ୍ତ୍ରୀ ହୁଅନ୍ତୁ କିମ୍ବା କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ସେମାନଙ୍କୁ ପଦ ହରାଇବାକୁ ପଡ଼ିବ। ପ୍ରକାଶ, ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ୬ ମାସ ଓ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ ଷ୍ଟାଲିନ୍ ୨ ମାସ ଧରି ଜେଲ୍‌ରେ ରହିଥିଲେ ବି ନିଜ ପଦରୁ ଇସ୍ତଫା ଦେଇନଥିଲେ। ଶାହ କହିଛନ୍ତି, ସମ୍ବିଧାନ ଅନୁଯାୟୀ, ଗୁରୁତର ଅପରାଧିକ ଅଭିଯୋଗରେ ଗିରଫ ଏବଂ ଅଟକ ଥିବା ମନ୍ତ୍ରୀଙ୍କୁ ବହିଷ୍କାର କରିବାର କୌଣସି ବ୍ୟବସ୍ଥା ନାହିଁ, ତେଣୁ ଏପରି କ୍ଷେତ୍ରରେ, ପ୍ରଧାନମନ୍ତ୍ରୀ କିମ୍ବା କେନ୍ଦ୍ର ମନ୍ତ୍ରୀ ପରିଷଦର କୌଣସି ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ କିମ୍ବା ରାଜ୍ୟ ଏବଂ ଜାତୀୟ ରାଜଧାନୀ ଦିଲ୍ଲୀର ମନ୍ତ୍ରୀ ପରିଷଦର କୌଣସି ମନ୍ତ୍ରୀଙ୍କୁ ବହିଷ୍କାର କରିବା ପାଇଁ ଏକ ଆଇନଗତ ଢାଞ୍ଚା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସମ୍ବିଧାନର କେତେକ ଧାରା ସଂଶୋଧନ କରିବାର ଆବଶ୍ୟକତା ଅଛି।

୧୩୦ତମ ସମ୍ବିଧାନ ସଂଶୋଧନ ବିଲ୍-୨୦୨୫ ସହ ଶାହ ଅନ୍ୟ ଦୁଇଟି ବିଲ୍‌କୁ ମଧ୍ୟ ଗୃହରେ ଆଗତ କରିଛନ୍ତି। ଏହି ଦୁଇଟି ବିଲ୍ ହେଲା କେନ୍ଦ୍ରଶାସିତ ଅଞ୍ଚଳ ବିଲ୍ ୨୦୨୫, ସମ୍ବିଧାନ ୧୩୦ତମ ସଂଶୋଧନ ବିଲ୍ ୨୦୨୫ ଏବଂ ଜମ୍ମୁକାଶ୍ମୀର ପୁନର୍ଗଠନ ବିଲ୍ ୨୦୨୫। ତେବେ ଆଜି ସମ୍ବିଧାନ ସଂଶୋଧନ ବିଲ୍ ଆଗତ ହେବା କ୍ଷଣି ବିରୋଧୀଙ୍କ ହୋହାଲ୍ଲା ଏବଂ ପ୍ରବଳ ବିରୋଧାଭାସ ଯୋଗୁ ଗୃହକୁ ମୁଲତବୀ ଘୋଷଣା କରିବାକୁ ପଡିଥିଲା। ସୁତରାଂ ଏହି ଦୁଇ ବିଲ୍ ଉପରେ ଆସନ୍ତା କାଲି ଆଲୋଚନା ହେବ ବୋଲି ଅନୁମାନ କରାଯାଉଛି। ସେହିପରି ଜମ୍ମୁ ଏବଂ କଶ୍ମୀର ପୁନର୍ଗଠନ ଆଇନ, ୨୦୧୯ (୨୦୧୯ର ୩୪) ଅନୁଯାୟୀ ଗୁରୁତର ଅପରାଧିକ ଅଭିଯୋଗରେ ଗିରଫ ଏବଂ ଅଟକ ଥିବା ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀଙ୍କୁ ବହିଷ୍କାର କରିବାର କୌଣସି ବ୍ୟବସ୍ଥା ନାହିଁ। ତେଣୁ, ଏପରି ମାମଲାରେ ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀଙ୍କୁ ବହିଷ୍କାର କରିବା ପାଇଁ ଏକ ଆଇନଗତ ଢାଞ୍ଚା ସୃଷ୍ଟି କରିବା ପାଇଁ ଜମ୍ମୁ ଏବଂ କାଶ୍ମୀର ପୁନର୍ଗଠନ ଆଇନ, ୨୦୧୯ର ଧାରା ୫୪ ସଂଶୋଧନ କରାଯିବା ଆବଶ୍ୟକ।

## ମୁମ୍ବାଇରେ ବର୍ଷା ବିପ୍ଲାତ, ୨୧କୁ ବୃଦ୍ଧି ପାଇଲା ମୃତ୍ୟୁ ସଂଖ୍ୟା

## ୨୪ ଘଣ୍ଟାରେ ଆଉ ୬ ମୃତ

**ମୁମ୍ବାଇ,୨୦।୮/ଏଜେନ୍ସି:** ଅବିଶ୍ରାନ୍ତ ବର୍ଷା ମୁମ୍ବାଇବାସୀଙ୍କ ପାଇଁ ପ୍ରାଣଘାତୀ ସାବ୍ୟସ୍ତ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ପ୍ରାୟ ୬ଜଣ ଲୋକ ପ୍ରାଣ ହରାଇଛନ୍ତି। ଫଳରେ ମୁମ୍ବାଇରେ ବର୍ଷାଜନିତ ମୃତ୍ୟୁ



ସଂଖ୍ୟା ୨୧କୁ ବୃଦ୍ଧି ପାଇଛି। ସେହିପରି ନାନ୍ଦେଡ ଜିଲ୍ଲାରେ ଏବେ ବି ୫ଜଣ ନିଖୋଜ ରହିଛନ୍ତି। ଫଳରେ ଆଗାମୀ ଦିନରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ନେଇ ଆଶଙ୍କା କରାଯାଉଛି। ଅନ୍ୟପକ୍ଷେ ବର୍ଷା ପାଇଁ ଦୃଶ୍ୟମାନ୍ୟତା କମ ହୋଇଯିବାରୁ ଏବେ ବିମାନ ଉଡ଼ାଣ ଓ ଅବତରଣ ସହ ଟ୍ରେନ୍ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଏସବୁ ମଧ୍ୟରେ ବୁଧବାର ଦିନ ମୁମ୍ବାଇ ଏବଂ ନିକଟସ୍ଥ ଅଞ୍ଚଳରେ ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପୂର୍ବାନୁମାନ କରିଥିବା ବେଳେ ବର୍ଷା ମଧ୍ୟ ପ୍ରବଳ ମାତ୍ରାରେ ହୋଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ମୁମ୍ବାଇରେ ରେଡ୍ ଆଲର୍ଟ ଜାରି କରାଯାଇଛି। ତେବେ ପାଣିପାଗ ବିଭାଗ ଏହା ମଧ୍ୟ କହିଛି ଯେ, ଗୁରୁବାରଠାରୁ ମହାନଗରରେ ବର୍ଷାର ତୀବ୍ରତା ହ୍ରାସ ପାଇବ। ଉଦ୍ଧାର କାର୍ଯ୍ୟରେ ଏସ୍‌ଡିଆରଏଫ୍, ଏନ୍‌ଡିଆରଏଫ୍ ଟିମ୍ ନିୟୋଜିତ ଅଛନ୍ତି।

ନିତିଦିନ NITIDIN



ଦୁର୍ବୃତ୍ତ ସହ ଲଢ଼ି ଜୀବନ ବଞ୍ଚାଇଥିବା ଶୁଭସ୍ମିତାଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

# ଏସ୍‌ପି ଅଫିସ୍ ଘେରାଉ ଚେତାବନୀ ଦେଲା ବିଜେଡି

**ମାହାଙ୍ଗା,୨୦।୮/ଏନ୍‌ଏନ୍‌ଏସ୍:** ନିଛାଟିଆ ରାସ୍ତାରେ କଲେଜ ଯିବାବେଳେ ମାହାଙ୍ଗା ବ୍ଲକ ଜେଏନ୍ କଲେଜ ଛାତ୍ରୀ ଶୁଭସ୍ମିତା ସାହୁଙ୍କୁ ଦୁଇଜଣ ଦୁର୍ବୃତ୍ତ ହଠାତ୍ ଅଟକାଇ ମୋବାଇଲ ଓ ବ୍ୟାଗ ଛଡ଼ାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଶୁଭସ୍ମିତା ଡରି ନ ଯାଇ ସେମାନଙ୍କ ସହ ଲଢ଼େଇ କରିଥିଲେ। ଶେଷରେ ଦୁର୍ବୃତ୍ତମାନେ ଶୁଭସ୍ମିତାଙ୍କୁ ଏକ ଛୁରୀରେ ଆକ୍ରମଣ କରିଥିଲେ। ଫଳରେ ସେ ଜୋର୍‌ରେ ଚିତ୍କାର କରିଥିଲେ। କିଛି ଲୋକ ଆସିଯିବାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳ ଛାଡ଼ି ପଳାଇଥିଲେ। ଦୁର୍ବୃତ୍ତଙ୍କ ଆକ୍ରମଣରେ ଶୁଭସ୍ମିତାଙ୍କ ହାତ, କାନ୍ଧ ଓ ବେକରେ ଆଘାତ ଲାଗିଛି। ପ୍ରଥମେ ସ୍ଥାନୀୟ ଚିଦାନନ୍ଦ ମେଡିକାଲ ପରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲ ପଠାଇଥିଲେ। ସେଠାରୁ ସେ ଚିକିତ୍ସିତ ହୋଇ ରାତିରେ ଘରକୁ ଫେରିଥିଲେ। ହେଲେ ଏବେ ବି ସେ ସଂପୂର୍ଣ୍ଣ ସୁସ୍ଥ ହୋଇନାହାନ୍ତି। ଭୟରେ ସେ କିଛି କହିପାରୁ ନାହାନ୍ତି। ସେପଟେ ଝିଅର ଅବସ୍ଥା ଦେଖି ପରିବାର ଲୋକେ ଭୟର ବାତାବରଣ ଦେଇ ଗତି କରୁଛନ୍ତି। ତୁରନ୍ତ ଏଭଳି ଘଟଣା ଘଟାଇଥିବା ଦୁର୍ବୃତ୍ତମାନଙ୍କୁ ଧରି କଠୋରରୁ କଠୋର ଦଣ୍ଡ ଦେବାକୁ ଶୁଭସ୍ମିତାଙ୍କ ବାପା ଦାବି କରିଛନ୍ତି। ଶୁଭସ୍ମିତାକଙ୍କ ପ୍ରତି ଘଟିଥିବା ଘଟଣାକୁ ନେଇ ତାଙ୍କ ସହ କଲେଜରେ ପଢୁଥିବା ଅନ୍ୟ ଝିଅମାନେ ମଧ୍ୟ ଭୟଭୀତ ହୋଇ ପଡ଼ିବା ସହିତ ନ୍ୟାୟ ଦାବି କରିଛନ୍ତି। ଅପରପକ୍ଷେ ଶୁଭସ୍ମିତାଙ୍କ ପ୍ରତି ହୋଇଥିବା ଆକ୍ରମଣକୁ ନିନ୍ଦା କରିଛି ବିଜେଡି। ବିଜେଡିର ଏକ ପ୍ରତିନିଧି ଦଳ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସହ ବାଙ୍କି ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ, ମହିଳାନେତ୍ରୀ ଶୁଭଦ୍ରା ଦାସ, ପୂର୍ବତନ ମେୟର ଅନିତା ବେହେରା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ,



ସୁସ୍ମିତା ଖଣ୍ଡୁଆଳ, ସଂଚିତା ମହାପାତ୍ର, ପୂର୍ଣ୍ଣିମା ସିଂହ, ଶର୍ମିଷ୍ଠା ନଟିଆ, ମାହାଙ୍ଗା ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ସୁସ୍ମିତା ଦାସ, ରାଜକିଶୋର ଜେନାଙ୍କ ସମେତ ବହୁ ବିଜେଡି ନେତା ଶୁଭସ୍ମିତାଙ୍କ ଘରେ ପହଞ୍ଚିଥିଲେ। ଏହି ଘଟଣାକୁ ନେଇ ପୂର୍ବତନ ମନ୍ତ୍ରୀ ଶ୍ରୀ ଜେନା ଶୁଭସ୍ମିତାଙ୍କ ଚିକିତ୍ସା ବ୍ୟବସ୍ଥାକୁ ନେଇ ଗୁରୁତର ଅଭିଯୋଗ ଆଣିଛନ୍ତି। ଶୁଭସ୍ମିତାଙ୍କୁ ତରବରିଆ ଭାବେ ଚିକିତ୍ସା କରି ଛାଡ଼ିଦିଆଯାଇଥିବା ସେ କହିଛନ୍ତି। ରାଜ୍ୟରେ ମହିଳା ଓ କଲେଜ ଛାତ୍ରୀମାନେ ଯେଉଁଳି ଅସୁରକ୍ଷିତ ଏହାର କାରଣ ହେଲା ବିଜେପିର କର୍ମୀମାନେ ସବୁ ଥାନାକୁ ପାର୍ଟି ଅଫିସ୍ କରିସାରିଲେଣି ବୋଲି ଶ୍ରୀ ଜେନା କହିଥିଲେ। ପୁଲିସ କାର୍ଯ୍ୟରେ ବିଜେପି ହସ୍ତକ୍ଷେପ କରୁଥିବାରୁ ଅପରାଧୀମାନଙ୍କ ସାହାସ ବଢୁଛି। ଏହାକୁ ଆମେ ଜୋର୍‌ଦାର୍ ବିରୋଧ କରିବୁ। ମାହାଙ୍ଗା ଛାତ୍ରୀ ଘଟଣା ୨୪ଘଣ୍ଟା ବିତିଲାଣି ଆସାମୀ ଧରା ହେଉନାହାନ୍ତି। ଆମେ ଆହୁରି ୨୪ଘଣ୍ଟା ଦେଉଛୁ, ଯଦି ଆସାମୀମାନଙ୍କୁ ପୁଲିସ ନ ଧରେ ତା'ହେଲେ ବିଜେଡି ପକ୍ଷରୁ ଏସ୍‌ପି ଅଫିସ୍ ଆଗରେ ଜୋର୍‌ଦାର୍ ଆନ୍ଦୋଳନ କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇ ମୁଁ ଧାରଣାରେ ବସିବି ବୋଲି ଶ୍ରୀ ଜେନା କହିଥିଲେ। ସେପଟେ ବାଙ୍କୀ ବିଧାୟକ ଓ ବିଜେଡି ମହିଳା ଉପସଭାପତି ଶୁଭଦ୍ରା ଦାସ ଘଟଣାକୁ ତୀବ୍ର ନିନ୍ଦାକରି କଲେଜ ଛାତ୍ରୀ ଓ ମହିଳାମାନଙ୍କ ସୁରକ୍ଷା ଦାବି କରିଛନ୍ତି।

## କେନାଲରେ ଆସିଲା ପାଣି, ଚାଷୀ ମୁହଁରେ ଫୁଟିଲା ହସ



**ଅସ୍ତରଙ୍ଗ,୨୦।୮/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ଅସ୍ତରଙ୍ଗ, କାକଟପୁର, ଚାରିଛକ ଆଦି ଅଞ୍ଚଳରେ ଚାଷ କାର୍ଯ୍ୟ ନିଅଣ୍ଟିଆ ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇଥିବା ବେଳେ ବର୍ଷା ଏକ ପ୍ରକାର ଦାଉ ସାଧୁଛି। ଲଘୁଚାପ ବର୍ଷା ଚାଷୀ ମନରେ ଆଶା ସଂଚାର କରୁଥିବା ବେଳେ ଏହା କିନ୍ତୁ ବେଉଷଣ ପାଇଁ ପର୍ଯ୍ୟାପ୍ତ ହେଉନାହିଁ ବୋଲି କେତେକ ଚାଷୀ ପ୍ରକାଶ କରିଛନ୍ତି। କାକଟପୁର ଓ ଅସ୍ତରଙ୍ଗରେ ଶତକଡା ୮ପ୍ରତିଶତ ଚାଷୀ ରୁଆ ବେଉଷଣ କାର୍ଯ୍ୟ ସାରିଥିବାବେଳେ ଆଉ ଅବଶିଷ୍ଟ ଜମି ପାଣି ଅଭାବରୁ ଶୁଖିଲା ପଡ଼ିଛି। ଯଦି ଆଉ ମାତ୍ର ପନ୍ଦରଦିନ ମଧ୍ୟରେ ଆଶାନୁରୂପ ବର୍ଷା ନହୁଏ ତେବେ ଚାଷ କାର୍ଯ୍ୟ ଠପ୍ ହୋଇଯିବ ବୋଲି ଚାଷୀଙ୍କ ଅସନ୍ତୋଷକୁ ଦୃଷ୍ଟିରେ ରଖି ଜଳସେଚନ ବିଭାଗର ମୁଖ୍ୟଯନ୍ତ୍ରୀ ଦିଲୀପ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଅନୁଧ୍ୟାନ କରାଯାଇ ଆପଣା ଉଦ୍ୟମରେ କେନାଲ ପାଣି ଦେଖି ଚାଷୀ ମୁହଁରେ ହସ ଫୁଟିଛି। ପୁରୀ ଜିଲ୍ଲା କାକଟପୁର ଅଞ୍ଚଳରେ ଅଣଜଳସେଚିତ ଜମିଗୁଡିକ ବର୍ଷା ଅଭାବରୁ ଚାଷ ହୋଇନପାରିବା ଯୋଗୁଁ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଥିବା ବେଳେ ଅନେକ ଚାଷୀ ଚାଷ ଉପରୁ ମୁହଁ ଫେରାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଚାଲିଯାଉଛନ୍ତି। ସରକାର ପରେ ସରକାର ଆସୁଥିଲେ ମଧ୍ୟ ଚାଷୀଙ୍କ ଆବଶ୍ୟକତା ପୂରଣ କରିବାରେ କେହି ସହାୟକ ହୋଇପାରୁ ନାହାନ୍ତି। କେବଳ କୁମ୍ଭୀର କାନ୍ଦଣା କାନ୍ଦିବା ଛଡ଼ା ଏହାର ବାସ୍ତବଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଅଲଗା। ଏ ସମ୍ପର୍କରେ ଶ୍ରୀ ରାଉତଙ୍କୁ ପଚାରିବାରୁ ଚାଷୀଙ୍କ ପାଇଁ ବିଭାଗ ସର୍ବଦା ବିନା ପ୍ରତିବନ୍ଧକରେ ପାଣି ଯୋଗାଇ ଆସୁଥିଲା। ଆଗାମୀ ଦିନରେ ପାଣି ଯୋଗାଇବା ପାଇଁ ପ୍ରତିଶୃତିବଦ୍ଧ। ଯଦି ଆପଣମାନଙ୍କ ତରଫରୁ ବା ଚାଷୀଙ୍କ ପକ୍ଷରୁ କିଛି ଅଭିଯୋଗ ଆସେ ୨୪ ଘଣ୍ଟା ମଧ୍ୟରେ ଆମ୍ଭ ବିଭାଗ ସମାଧାନ କରିବ ବୋଲି ସେ କହିଥିଲେ।

## ଖୋର୍ଦ୍ଧା ପୌରାଞ୍ଚଳରେ ଡ୍ରେନେଜ୍ ସମସ୍ୟା, ଲୋକେ ଅତିଷ୍ଠ

**ଖୋର୍ଦ୍ଧା,୨୦।୮/ଏନ୍‌ଏନ୍‌ଏସ୍:** ପୌରାଞ୍ଚଳ ମଧ୍ୟରେ ଜଳ ନିଷ୍କାସନ ନିମନ୍ତେ ନିର୍ମାଣ କରାଯାଇଥିବା ଡ୍ରେନେଜ୍‌ଗୁଡିକ ନିୟମିତ ଭାବରେ ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ସଫା କରାଯାଉ ନଥିବାରୁ ଅଳିଆ, ଆବର୍ଜନା ଗୁଡିକ ଦ୍ୱାରା ପୋତି ହୋଇପଡିଛି। ଫଳରେ ବର୍ଷା ଜଳ ନିଷ୍କାସନ ହୋଇନପାରି ରାସ୍ତାରେ ପ୍ରବାହିତ ହେବା ଦ୍ୱାରା ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏପରିକି ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ନିର୍ମାଣ କରାଯାଇଥିବା ଡ୍ରେନେଜ ଗୁଡିକ କଥା ନକହିଲେ ଭଲ। ସହର ମଧ୍ୟରେ ଥିବା ଅଧିକାଂଶ ଡ୍ରେନେଜ୍‌ଗୁଡିକ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଥିବା ବେଳେ ଜଳ ନିଷ୍କାସନରେ ସମସ୍ୟା ଉପୁଜିଛି। ପଲ୍ଲା ହନୁମାନ ମନ୍ଦିର ଆଡୁ ଆସିଥିବା ଡ୍ରେନେଜ ଟିକୁ ଅସମ୍ପୂର୍ଣ୍ଣ ଭାବରେ କଣ୍ଟା ଛକ ଠାରେ ଛାଡି ଦିଆଯାଇଛି। ଫଳରେ ବର୍ଷା ଜଳ ସେହିବାଟ ଦେଇ ଲୋକେଶ୍ୱର ମନ୍ଦିର ସମ୍ମୁଖ ରାସ୍ତାରେ ପ୍ରବାହିତ ହେବା ଦ୍ୱାରା ଏକ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ ଲୋକଙ୍କ ଧର୍ମୀୟ ଭାବନା ପ୍ରତି କୁଠାରଘାତ କରୁଛି। ଏ ସମ୍ପର୍କରେ ସ୍ଥାନୀୟ ଜନସାଧାରଣ ଖୋର୍ଦ୍ଧା ପୌରପରିଷଦ ଉଚ୍ଚ କର୍ତ୍ତୃପକ୍ଷଙ୍କ ବହୁବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲ୍ଲାପାଳ ବିଶେଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

## ଅଟଳସେନା ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

**ମାହାଙ୍ଗା,୨୦।୮/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ମଉଦା ପଞ୍ଚାୟତସ୍ଥିତ ମା ବାସୁଳେଇ ପୀଠ ଠାରେ ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଭାପିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅଟଳସେନା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ଅଟଳ ସେନା ଚିନ୍ତନ ପରିଷଦର ରାଜ୍ୟ ଅଧ୍ୟକ୍ଷ ଅଧିବକ୍ତା ପ୍ରଦୀପ୍ତ କୁମାର ମହାପାତ୍ର ,ମୁଖ୍ୟବକ୍ତାଭାବେ ଉପଦେଷ୍ଟା ପ୍ରତାପ କିଶୋର ମିଶ୍ର,ସମ୍ମାନୀତ ଅତିଥିଭାବେ ସେନା ପ୍ରତିଷ୍ଠାତା ସଭ୍ୟ ଗୌରାଙ୍ଗ ଦାସ,ମଦନ ମୋହନ ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାପାତ୍ର ଓଡିଶା ବିଜେପି ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ଅଟଳ ସେନା ଆଦର୍ଶରେ ଅନୁପ୍ରାଣିତ ହୋଇ ଦୀର୍ଘ ଦିନ ଧରି କାର୍ଯ୍ୟ କରିଥିଲେ। ଏହି ଅବସରରେ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଅଟଳ ଛାତ୍ର ସଂଘର ସଂପାଦକ ବନବିହାରୀ ସାହୁ, ଜିଲ୍ଲା ସଂଗଠନ ସଂପାଦକ ଦୀପକ କୁମାର ବେହୁରା, ଅସିତ କୁମାର ମହାନ୍ତି, ସତ୍ୟପ୍ରକାଶ ସ୍ୱାଇଁ, ଦେବଦତ୍ତ ସାହୁ, ସତ୍ୟରଞ୍ଜନ ଜେନା, ସନ୍ତୋଷ କୁମାର ବେହେରା, ଦେବାଶିଷ ରଥ, ମଧୁସୂଦନ ଜେନା, ଚନ୍ଦନ ନାୟକ, ପ୍ରଦୀପ୍ତ କୁମାର ମହାନ୍ତି, ଗୌର ବିଶ୍ୱାଳ, ବୈଷ୍ଣବ ବେହେରା, ନିରଞ୍ଜନ ମହାନନ୍ଦ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ସୁଶାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଜ୍ୟୋତିରଞ୍ଜନ ବେହୁରା ଧନ୍ୟବାଦ ଦେଇଥିଲେ।

## ସର୍ଭେରେ ସୀମିତ ତାଳଚେର-ଗୋପାଳପୁର ରେଳପଥ ନିର୍ମାଣ କାର୍ଯ୍ୟ

**ଖଣ୍ଡପଡ଼ା,୨୦।୮/ଏନ୍‌ଏନ୍‌ଏସ୍:** ଦୀର୍ଘ ବର୍ଷ ଧରି ସର୍ଭେ ପରେ ସର୍ଭେ କାର୍ଯ୍ୟରେ ସୀମିତ ହୋଇ ପଡ଼ିରହିଛି ତାଳଚେର-ଗୋପାଳପୁର ରେଳପଥ ନିର୍ମାଣ କାର୍ଯ୍ୟ। ସେହିପରି ନୟାଗଡ଼ରୁ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋକୁ ରେଳପଥ ସଂଯୋଗୀକରଣ ପ୍ରସ୍ତାବ କେବଳ ପ୍ରତିଶୃତିରେ ଅଟକିଥିବା ଜଣାପଡିଛି। ଗତ ୨ବର୍ଷ ତଳେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କଣ୍ଟିଲୋ ଓ ଖଣ୍ଡପଡ଼ା ଅଞ୍ଚଳକୁ ଗସ୍ତରେ ଆସିଥିବା ବେଳେ ଖଣ୍ଡପଡ଼ା ଅଞ୍ଚଳବାସୀ ରେଳମନ୍ତ୍ରୀଙ୍କୁ ଭେଟି କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତାବିତ ଅନୁଗୁଳ ଜିଲ୍ଲାର କୋଇଲାନଗରୀ ତାଳଚେର ଠାରୁ କଣ୍ଟିଲୋ, ଖଣ୍ଡପଡ଼ା, ନୟାଗଡ଼ ଦେଇ ଗଞ୍ଜାମ ଜିଲ୍ଲାର ବନ୍ଦର ସହର ଗୋପାଳପୁରକୁ ରେଳପଥ ସଂଯୋଗୀକରଣ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି ଉପସ୍ଥାପନ କରିଥିଲେ। ଅଞ୍ଚଳବାସୀଙ୍କ ସ୍ୱାର୍ଥ ଓ ସ୍ୱାଭିମାନ ସହ ଜଡିତ ଥିବା ତାଳଚେର-ଗୋପାଳପୁର ବ୍ରଡ଼ଗେଜ ରେଳପଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସେ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବେ ବୋଲି ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେବା ସହ ଖୁବଶୀଘ୍ର ନୟାଗଡ଼ ଟାଉନ ରେଳ ଷ୍ଟେସନଠାରୁ ଖଣ୍ଡପଡ଼ା ଦେଇ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋକୁ ରେଳପଥ ସଂଯୋଗୀକରଣ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ।

କେନ୍ଦ୍ର ରେଳମନ୍ତ୍ରୀଙ୍କ ପ୍ରତିଶୃତି ପରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀବାସୀଙ୍କ ମନରେ ନୂତନ ଆଶା ସଞ୍ଚାର ହୋଇଥିଲା ଯାହାକି ୨୦୨୪ରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ପ୍ରତିଫଳିତ ହୋଇଛି। ଦୀର୍ଘ ବର୍ଷ ପରେ ପ୍ରଥମଥର ପାଇଁ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀବାସୀ ସାଧାରଣ ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କୁ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ କରି ବିଧାନସଭାକୁ ପଠାଇଛନ୍ତି। ଖଣ୍ଡପଡ଼ା ବିଧାନସଭା କ୍ଷେତ୍ର ବିଜେପି ଅକ୍ତିଆରରେ ଥିବା ବେଳେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଛି। ମାତ୍ର ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ବିକାଶର ଧାରା ବଜାୟ ରହିବା ପରିବର୍ତ୍ତେ ଏବେ ବି ଏହା ଏକ ପଛୁଆ ନିର୍ବାଚନମଣ୍ଡଳୀ ଭାବେ ପରିଗଣିତ ହେଉଛି। ରେଳପଥ ସଂଯୋଗୀକରଣ ପ୍ରକଳ୍ପଠାରୁ ଆରମ୍ଭ କରି ମେଗା ପାନୀୟଜଳ ପ୍ରକଳ୍ପ, ମହାନଦୀରେ ବ୍ୟାରେଜ ନିର୍ମାଣ ପ୍ରକଳ୍ପ, ବୃହତ ବିଦ୍ୟୁତ ଗ୍ରୀଡ ନିର୍ମାଣ ପ୍ରସଙ୍ଗ କେବଳ ପ୍ରତିଶ୍ରୁତି ମଧ୍ୟରେ ସୀମିତ ଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଖଣ୍ଡପଡ଼ାବାସୀଙ୍କ ସ୍ୱାର୍ଥ ସହ ଜଡ଼ିତ ଥିବା ବିଭିନ୍ନ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ରାଜ୍ୟରେ କ୍ଷମତାସୀନ ବିଜେପି ସରକାର ଖଣ୍ଡପଡ଼ାବାସୀଙ୍କ ସୁନେଲି ସ୍ୱପ୍ନକୁ ସାକାର କରିବାରେ କେତେଦୂର ସଫଳ ହେଉଛି ତାହା ସମୟ କହିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

## ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ତାଲିମ ଶିବିର

**ନୟାଗଡ଼,୨୦।୮/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲା ଦୌରାଜଜ୍ ତଥା ଆଇନ୍‌ସେବା ପ୍ରାଧିକରଣ ଅଧ୍ୟକ୍ଷ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶରେ ସଚିବ ଅଞ୍ଜଳି ମଛଖଣ୍ଡଙ୍କ ତତ୍ତ୍ୱାବଧାନରେ ଜିଲ୍ଲାପରିଷଦଙ୍କ ଡିପିଆର୍‌ସି ସମ୍ମିଳନୀ କକ୍ଷରେ ପ୍ୟାନେଲ ଓକିଲ, ପୁଲିସ ଅଧିକାରୀ, ଜଙ୍ଗଲବିଭାଗ ଅଧିକାରୀ, ଅବକାରୀ ବିଭାଗର ଅଧିକାରୀମାନଙ୍କୁ ନେଇ ଏକ ତାଲିମ ଶିବିରକୁ ମୁଖ୍ୟଅତିଥି ସଚିବ ଅଞ୍ଜଳି ମଛଖଣ୍ଡ ଉଦ୍‌ଘାଟନ କରିଥିଲେ। ସରକାରୀ ଓକିଲ ଦଣ୍ଡପାଣି ସ୍ୱାଇଁ ଦେୱାନୀ ପ୍ରଣାଳୀ ଓ ମଧ୍ୟସ୍ଥତା ଆଇନ୍ ୨୦୦୭ ଉପରେ, ସମ୍ମାନିତ ଅତିଥି ବରିଷ୍ଠ ଅଧିବକ୍ତା ରମେଶ ଚନ୍ଦ୍ର ମହାରଣା ଫୌଜଦାରୀ ଆଇନ୍ ୧୯୯୭ ଓ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ରେ ମୁଦାଲାମାନଙ୍କର ଅଧିକାର ଉପରେ ଆଲୋକପାତ କରିଥିଲେ। ତତ୍‌ସହିତ ସରକାରୀ ଓକିଲ ଆକାଶ ଦାଶ ସୁଭାସ ଆପ୍ ଦ୍ୱାରା ଇଂରାଜୀ ବିଚାରକୁ ଓଡ଼ିଆ ମାତୃଭାଷାରେ ପ୍ରକାଶ ପ୍ରକିୟା ଉପରେ ଆଲୋକପାତ କରିଥିଲେ। ଶିବିରକୁ ସଫଳ କରିବାପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧିକାର ମିତ୍ର ପ୍ରଫୁଲ୍ଲ କୁମାର ବେହେରା, ଲିପ୍‌ସା ଦାସ, ସୋନାଲି ପଟ୍ଟନାୟକ,




ଶୁଭସ୍ମିତା ମିଶ୍ର, ପ୍ରମୋଦ ମହାନ୍ତିଙ୍କ ସମେତ ସମସ୍ତ ଅଧିକାରମିତ୍ର ଏବଂ ଆଇନସେବା ପ୍ରାଧିକରଣ କର୍ମଚାରୀ ପବନ କୁମାର ବେହେରା, ପ୍ରଶାନ୍ତ ସାହୁ, ରାଜେଶ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ଦାବି ପୂରଣ ପାଇଁ ଏକାଠି ହେଲେ କଳାକାର

**ଦଶପଲ୍ଲା,୨୦।୮/ଏନ୍‌ଏନ୍‌ଏସ୍:** ନିଜ ଦାବି ପାଇଁ ଏକାଠି ହୋଇଛନ୍ତି କଳାକାର। ଦଶପଲ୍ଲା ବ୍ଲକ ଓ ଏନ୍‌ଏସି ମଧ୍ୟରେ ଥିବା ସମସ୍ତ କଳାକାର ଏକାଠି ହୋଇଛନ୍ତି। ଦଶପଲ୍ଲା ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି କଳାକାର ମହାସଂଘ ଆହ୍ୱାନକ୍ରମେ ଏକାଠି ହୋଇଥିଲେ ଏହି କଳାକାର। ସଭାପତି ବନମାଳୀ ରଣା ଓ ସଂଯୋଜକ କିଶୋର ଚନ୍ଦ୍ର ଦଳବେହେରାଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ନବକିଶୋର ପ୍ରଧାନ, ପ୍ରଶାନ୍ତ ସାହୁ, ରାଜ କିଶୋର ପ୍ରଧାନ, ଭୀମ ସେନ ସାହୁ, ବିଜୟ କେତନ ଶତପଥୀ, ସମ୍ପାଦ, ବୃନ୍ଦାବନ ପ୍ରଧାନ କୋଷାଧ୍ୟକ୍ଷ, ଶ୍ରୀଧର ମିଶ୍ର, ବିମ୍ବାଧର ସାହୁ ସହ ସମ୍ପାଦ, ବସନ୍ତ ରଣା, ପୂର୍ଣ୍ଣ ଚନ୍ଦ୍ରବେହେରା ଓ ବହୁ କଳାକାର ସ୍ଥାନୀୟ ଦଶପଲ୍ଲା ଶିକ୍ଷକ ଭବନଠାରେ ଏକତ୍ରିତ ହୋଇ କଳାକାର ମାନଙ୍କ ଜୀବନ ଜୀବିକା ବିଷୟରେ ଆଲୋଚନା କରିଥିଲେ। ଏଥିରେ କଳାକାରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବିଶେଷ ଭାବେ କଳାକାରମାନଙ୍କୁ ଚିହ୍ନଟ କରି ଭତ୍ତା ପ୍ରଦାନ, ପ୍ରତି ଗ୍ରାମରେ ଭାଗବତ ଟୁଙ୍ଗି, ପାଲା ଏବଂ ନାମ ଘର ପ୍ରତିଷ୍ଠା, ପାଠାଗାର, ଆଖଡ଼ା ଘର, କଳାକାରମାନଙ୍କ ପାଇଁ ପୋଷାକ, ବାଦ୍ୟ ଯନ୍ତ୍ର, ଡାକ ବାଜି ଯନ୍ତ୍ର ଏବଂ କଳାକାରମାନଙ୍କ ଭତ୍ତା ବୃଦ୍ଧି ଆଦି ଦାବି ଉପରେ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ବେଳେ ଆଗାମୀ ଦିନରେ ଏହାକୁ ନେଇ ଏକ ଦାବିପତ୍ର ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହାସହ ବୃକ୍ଷ ରୋପଣ, ଗୋପାଳନ ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ କଳାକାର ମହାସଂଘ ସଂଯୋଜକ ସଭା ପରିଚାଳନା କରିଥିଲେ।

## ପୂର୍ଣ୍ଣ ଅନୁଦାନ ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ



**ନୟାଗଡ଼,୨୦।୮/ଏନ୍‌ଏନ୍‌ଏସ୍:** ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ଡାକରାରେ ନୟାଗଡ଼ ଜିଲ୍ଲାର ବିଭିନ୍ନ କଲେଜରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଥିବା ବେଳେ ମାଳିସାହି ଗତୀଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରହିଛି। ୨୦୦୮ ରୁ ୨୦୧୮ ପର୍ଯ୍ୟନ୍ତ ନିଯୁକ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ପୂର୍ଣ୍ଣ ଅନୁଦାନ ଦାବିରେ ଅଧିକାର ଯାତ୍ରା-୫ରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ପରିଚାଳନା କମିଟି ଦ୍ୱାରା ନିଯୁକ୍ତ କର୍ମଚାରୀମାନେ ସ୍ୱଳ୍ପ ବେତନରେ ଦୀର୍ଘବର୍ଷ ଧରି କାର୍ଯ୍ୟ ନିର୍ବାହ କରି ଆସୁଥିଲା ବେଳେ ସେମାନଙ୍କ ପ୍ରତି ଅଣଦେଖା ହୋଇ ଆସୁଛି। ଯାହା ଫଳରେ ପରିବାର ଚଳାଇବା ସେମାନଙ୍କ ପାଇଁ ଦୁର୍ବିସହ ହୋଇପଡ଼ିଛି। ସରକାରୀ ଅନୁଦାନ ନମିଳିବା ପର୍ଯ୍ୟନ୍ତ ଶାନ୍ତି ଶୃଙ୍ଖଳାର ସହିତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିବେ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ସରକାରଙ୍କ ଉଦ୍ଦେଶ୍ୟରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଅମିତା ଦାଶଙ୍କୁ ବିଭିନ୍ନ ଦାବି ସମ୍ବଳିତ ଏକ ଦାବିପତ୍ର ଦିଆଯାଇଥିଲା। ଆନ୍ଦୋଳନରେ ଅଧ୍ୟାପକ ଶିବରାମ ପଡିଆରୀଙ୍କ ସମେତ ଅଧ୍ୟାପକ ସତ୍ୟବ୍ରତ ମହାପାତ୍ର, ଅଧ୍ୟାପିକା ଇନ୍ଦିରା ପ୍ରିୟଦର୍ଶିନୀ, ଦୀପକ ରଞ୍ଜନ ସାହୁ, ସୁଶାନ୍ତ କୁମାର ପାତ୍ର, ଲୋକନାଥ ପଲେଇ, ପଦ୍ମନାଭ ପ୍ରଧାନ, ଉମେଶ କୁମାର ସାହୁ, ଜିତେନ୍ଦ୍ର କୁମାର ମହାନ୍ତି, ଭରତ ନାହାକ, କୁନି ଦେବୀ, ବିନୋଦ ସ୍ୱାଇଁ, ଶତ୍ରୁଘ୍ନ ବିଶ୍ୱାଳ ଓ ବିରଞ୍ଚି ନାହାକ ପ୍ରମୁଖ କର୍ମଚାରୀମାନେ ଯୋଗ ଦେଇଥିଲେ।

## ଝାରକଟା ଉପ୍ରା ବିଦ୍ୟାଳୟରେ ଆସ ସ୍କୁଲ୍ ଯିବା ଅଭିଯାନ

**ବୟାଳିଶମୌଜା,୨୦।୮/ଏନ୍‌ଏନ୍‌ଏସ୍:** ସରକାରଙ୍କ ସମଗ୍ର ଶିକ୍ଷା ଯୋଜନା ଅନୁଯାୟୀ ସ୍ଥାନୀୟ ଝାରକଟା ଉ.ପ୍ରା ବିଦ୍ୟାଳୟରେ ଆସ ସ୍କୁଲ ଯିବା ଅଭିଯାନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜିତେନ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସିଆରସିସି ଆରତ ଭଞ୍ଜନ ସାହୁ ଉକ୍ତ ଅଭିଯାନର ଆଭିମୁଖ୍ୟ ସ୍ପଷ୍ଟ କରିଥିବାବେଳେ ଏସ୍‌ଏମ୍‌ସି ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ବେହେରା ସବୁ ପିଲା ସ୍କୁଲକୁ ଆସି ପାଠ ପଢ଼ିବା ପାଇଁ ଆହ୍ୱାନ ଜଣାଇଥିଲେ। ସରକାରଙ୍କ ଏହି ଅଭିଯାନରେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ଏସ୍‌ଏମ୍‌ସିର ସଭ୍ୟସଭ୍ୟା ବ୍ୟାନର ଓ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିବା ସହ ୫ ରୁ ୧୮ ବର୍ଷର କୌଣସି ପିଲା ବାହାରେ ନରହି ସ୍କୁଲ ଯାଇ ନିଜ ବୟସ ଅନୁଯାୟୀ ଉପଯୁକ୍ତ ଶ୍ରେଣୀରେ ନାମ ଲେଖାଇ ପାଠ ପଢ଼ିବା ଉଚିତ ବୋଲି ଜନସାଧାରଣଙ୍କୁ ଅବଗତ କରାଯିବା ସହ ସେମାନଙ୍କ ସହଯୋଗ କାମନା କରାଯାଇଥିଲା। ଫଳରେ ସମସ୍ତେ ପାଠ ପଢ଼ିବା ସହ ସମଗ୍ର ଶିକ୍ଷାର ଲକ୍ଷ ସଫଳ ହେବା ପୂର୍ବକ ଡ୍ରପ୍‌ଆଉଟ୍‌କୁ ସମ୍ପୂର୍ଣ୍ଣ ଭାବରେ ରୋକା ଯାଇପାରିବ। ଶିକ୍ଷୟିତ୍ରୀ ଅଲକା ନାୟକ ଏହି ଅଭିଯାନର ନେତୃତ୍ୱ ନେଇଥବା ବେଳେ ଗୌରୀ ଦେଈ, ବିକାଶ କୁମାର ମହାରଣା ଏଥିରେ ସହଯୋଗ କରିଥିଲେ।

## ଖାଲଖମାରେ ପରିପୂର୍ଣ୍ଣ ମୁଖ୍ୟରାସ୍ତା: ଯାତାୟାତ ବାଧାପ୍ରାପ୍ତ

**ବାଲୁଗାଁ,୨୦।୮/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ ଏକ ପ୍ରମୁଖ ସହର। ବାଲୁଗାଁ ପାଦଦେଶ ଦେଇ ମରାଳ ମାଳିନୀ ନୀଳାମ୍ବୁ ଚିଲିକା ଅତିକ୍ରମ କରିଛି। ସେଥିପାଇଁ ଏହା ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ସହିତ ବାଣିଜ୍ୟ ପେଣ୍ଠସ୍ଥଳୀ ରୂପେ ପରିଗଣିତ। ଦୈନନ୍ଦିନ ଏଠାକୁ ହଜାର ହଜାର ସଂଖ୍ୟାରେ ଲୋକଙ୍କ ଯାତାୟାତ ଲାଗି ରହିଥାଏ। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ଏବେ ଏହି କ୍ଷୁଦ୍ର ସହରର ମୁଖ୍ୟ ରାଜପଥ ସାରା ଖାଲଖମାରେ ପରିଣତ ହୋଇ ପଡ଼ିରହି ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ସାମ୍ପ୍ରତି ପରିସ୍ଥିତିରେ ଜନସଂଖ୍ୟା ବୃଦ୍ଧି ସହ ଗାଡ଼ିମୋଟରର ବହୁଳ ବ୍ୟବହାର ଯୋଗୁଁ ଦୈନନ୍ଦିନ ଟ୍ରାଫିକ୍ ସମସ୍ୟାର ଦୂରୀକରଣକୁ ନଜରରେ ରଖି ତଥା ବାଲୁଗାଁ ସହରକୁ ସସଶ ସୁନ୍ଦର କରିବା ନିମନ୍ତେ ବଜାର ଦେଇ ଯାଇଥିବା ମୁଖ୍ୟ ରାସ୍ତାକୁ ପୂର୍ତ୍ତ ବିଭାଗ ପକ୍ଷରୁ ଚାରି ଥାକିଆ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ବହୁ ଦିନରୁ ଆରମ୍ଭ କରାଯାଇଥିବା ବେଳେ କାର୍ଯ୍ୟ ସମ୍ପୂର୍ଣ୍ଣ ମନ୍ଥର ଗତିରେ ଚାଲିଛି। ଦିନେ କାମ ହେଲେ ଚାରି ଦିନ କାମ ବନ୍ଦ ରହୁଥିବା ବେଳେ ଏବେ କାର୍ଯ୍ୟ ଅଧପାନ୍ତରିଆ ହୋଇ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ଦେଖାଯାଇଛି। ଏପରିସ୍ଥଳେ ବଜାରର ରାସ୍ତା ସାରା ଖାଲଖମାରେ ପରିପୂର୍ଣ୍ଣ ହୋଇଥିବାରୁ ଯାତାୟାତ ନିମନ୍ତେ ସମ୍ପୂର୍ଣ୍ଣ ଅନୁପଯୋଗୀ ହୋଇପଡ଼ିଛି। ଖାଲଖମା ଯୋଗୁଁ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣାମାନ ଘଟି ବହୁ ଧନଜୀବନ ହାନି ହେଉଥିବା ଦେଖାଯାଉଛି।

ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏହି ରାସ୍ତାର ନବୀକରଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷ ଭାବେ ବାଲୁଗାଁ ଥାନାଠାରୁ ଆରମ୍ଭ କରି ବାଲୁଗାଁର ମୁଖ୍ୟ ଛକ ଗାନ୍ଧି ଛକ, ଗୁଣ୍ଡୁରୁପୁର ସାହି ଛକଠାରୁ ଇଞ୍ଜନପୁର ପର୍ଯ୍ୟନ୍ତ ରାସ୍ତା ସାରା ଖାଲଖମାରେ ପରିଣତ ହୋଇ ଯାତାୟାତ ଲାଗି ସମ୍ପୂର୍ଣ୍ଣ ଅନୁପୋଯୋଗୀ ହୋଇପଡ଼ି ଗାଡ଼ିମୋଟର ଚଳାଚଳରେ ବ୍ୟାଘାତ ସୃଷ୍ଟି କରୁଛି। ବାଲୁଗାଁ ସହରକୁ ସରଶ ସୁନ୍ଦର କରିବା ନିମନ୍ତେ ଚାରି ଥାକିଆ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଚାଲିଥିବା ବେଳେ ମୁଖ୍ୟତଃ ଇଞ୍ଜନପୁରଠାରୁ ବାଲୁଗାଁ ବଜାର ଦେଇ ମାମୁଭଣଜା ପାହାଡ଼ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ି ବଜାର ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି। ବାଲୁଗାଁ ବଜାର ସାରା ରାସ୍ତା ଅଧିକାଂଶ ସ୍ଥାନରେ ପିଚୁଗୋଡ଼ି ଉଠି ରାସ୍ତା ଫାଟି ପଡ଼ିଥିବା ବେଳେ ରାସ୍ତା ସାରା ଠାଏଁ ଠାଏଁ ଛୋଟ ବଡ଼ ଗର୍ତ୍ତମାନ ସୃଷ୍ଟି ହେବା ସହ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଖାଲଖମାରେ ପରିପୂର୍ଣ୍ଣ ହୋଇପଡ଼ିଛି। ତତ୍‌ସହିତ ପୂର୍ତ୍ତ ବିଭାଗ ପକ୍ଷରୁ ଚାଲିଥିବା ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ପାଇଁ ବାଲୁଗାଁ ମୁଖ୍ୟ ବଜାର ରାସ୍ତାର ଦୁଇ କଡ଼ରୁ ଜବରଦଖଲ ଉଚ୍ଛେଦ କରାଯାଇ ଖାଲଖମା ହୋଇ ପଡ଼ିରହିଥିବା ବେଳେ ଆଉ କେତେକ ସ୍ଥାନରେ ଡ୍ରେନ୍ ନିର୍ମାଣ ଲାଗି ବିରାଟ ଗର୍ତ୍ତମାନ ଖୋଳାଯାଇ ବିପଦପୂର୍ଣ୍ଣ ଅବସ୍ଥାରେ ପଡ଼ିରହି ଯାତାୟାତ ପାଇଁ ଅନୁପୋଯୋଗୀ ହୋଇପଡ଼ି ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ବିଭାଗୀୟ



ଅଧିକାରୀଙ୍କ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ଫଳରେ ଉକ୍ତ ରାସ୍ତା ଖୋଳାଯାଇ ଅବ୍ୟବସ୍ଥା ମଧ୍ୟରେ କାମ ମନ୍ଥର ଗତିରେ ଚାଲିଛି। ପିଏଚ୍‌ଡି ତରଫରୁ ପାନୀୟ ଜଳ ଯୋଗାଣ ନିମନ୍ତେ ବହୁ ସ୍ଥାନରେ ରାସ୍ତା ଖୋଳି ପାଇପ୍ ଲାଇନ ବିଛାଯାଉଥିବାବେଳେ ଉକ୍ତ ସ୍ଥାନରେ ଜଳ ଯୋଗାଣ ବିଭାଗ ପକ୍ଷରୁ ସ୍ଥାୟୀ ମରାମତି ନକରି ମାଟି ଗୋଡ଼ି ପକାଯାଉଥିବାରୁ ପରବର୍ତ୍ତୀ ମୁହୂର୍ତ୍ତରେ ସେହି ମାଟି ଗୋଡ଼ି ବାହାରିଯାଇ ବଡ଼ ବଡ଼ ଗର୍ତ୍ତ ମାନ ସୃଷ୍ଟି ହୋଇଛି। ଫଳରେ ରାସ୍ତା ସାରା ଖାଲ ଖମା ସହ ବର୍ଷା ପାଣି ଜମି ରହି ବିପଦସଂକୁଳ ଅବସ୍ଥା ସୃଷ୍ଟି କରିଛି। ସମ୍ପ୍ରତି ଉକ୍ତ ରାସ୍ତାରେ ଦୁଇଚକିଆ ଯାନବାହନ ଖାଲଖମାରେ ପଡ଼ି ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ବହୁ ନଜିର ରହିଛି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ସମସ୍ୟାର କୌଣସି ସମାଧାନ ହୋଇପାରି ନାହିଁ। ତେବେ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ସୁବ୍ୟବସ୍ଥା ମଧ୍ୟରେ ଦ୍ରୁତଗତିରେ କରିବା ନିମନ୍ତେ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦୃଢ଼ ଦାବି ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ କେବେ ସମସ୍ୟାର ସ୍ଥାୟୀ ସମାଧାନ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

**ନିତି ଭାରତୀ**

ତୁମର ବିନା ଅନୁମତିରେ କେହି ହେଲେ ତୁମକୁ ଆଘାତ ଦେଇ ପାରିବେ ନାହିଁ।
- ମହାତ୍ମା ଗାନ୍ଧୀ

NITIDIN
ନିତିଦିନ
ଗୁରୁବାର , ୨୧ ଅଗଷ୍ଟ,୨୦୨୫

# ସହରୀକରଣ ଓ ସ୍ମାର୍ଟ ସହର ପରିକଳ୍ପନା




ବିଦ୍ୟାଧର ମହାରଣା

ଗ୍ରାମାଞ୍ଚଳରୁ ଅଧିକ ଲୋକ ସହରାଞ୍ଚଳରେ ବସବାସ କରି ଜୀବିକା ନିର୍ବାହ କରିବାକୁ ପସନ୍ଦ କରନ୍ତି, କାରଣ ଗ୍ରାମାଞ୍ଚଳରେ କର୍ମନିଯୁକ୍ତି ସୁଯୋଗ କ୍ରମଶଃ ହ୍ରାସ ପାଉଛି ଓ ପ୍ରାକୃତିକ ସମ୍ବଳଗୁଡ଼ିକର ଅବକ୍ଷୟ ଘଟୁଛି। ଧୀରେ ଧୀରେ ସହରଗୁଡ଼ିକର ଜନବସତି ବଢ଼ିବା ସହିତ ବସ୍ତି ଅଞ୍ଚଳଗୁଡ଼ିକ ବହୁ ସମସ୍ୟା ସୃଷ୍ଟି କରୁଛି। ସହରର ଭିତ୍ତିଭୂମି, ଜୀବନଯାପନର ମାନବୃଦ୍ଧି ଏପରି ଲୋକଙ୍କୁ ଆକର୍ଷିତ କରିବା ସ୍ୱାଭାବିକ। କିନ୍ତୁ ସହର ବଢ଼ିବା ସହିତ ପ୍ରଦୂଷଣ ସମସ୍ୟା, ଅଧିକ ଗାଡ଼ିମଟର ଚାଲିବା ଯୋଗୁଁ ଟ୍ରାଫିକ୍ ସମସ୍ୟା, ସ୍ୱେରେଜ ସମସ୍ୟା ସହିତ ଚୋରି ଡକାୟତି ଇତ୍ୟାଦି ଅଧିକ ହେଉଛି। ଗ୍ରାମାଞ୍ଚଳରେ ସହର ସୁବିଧା ଦେବା ପାଇଁ ୨୦୦୩ ମସିହାରେ ଡକ୍ଟର ଏପିଜେ ଅବଦୁଲ କଲାମ୍ ନୂତନ ଯୋଜନା ପିୟୁଆରଏ ସମ୍ବନ୍ଧରେ ପ୍ରକାଶ କରିଥିଲେ ଯାହାକୁ ଗ୍ରାମ ବିକାଶ ମନ୍ତ୍ରଣାଳୟ ୨୦୦୪-୦୫ରୁ ୨୦୦୬-୦୭ ପର୍ଯ୍ୟନ୍ତ ପରୀକ୍ଷାମୂଳକ ଭାବରେ ସାତୋଟି ଅଞ୍ଚଳରେ ଆରମ୍ଭ କରିଥିଲେ। ଉଦ୍ଦେଶ୍ୟ ଥିଲା ଗ୍ରାମାଞ୍ଚଳରେ ସହରର ସୁବିଧା ଯୋଗାଇବା। ଏଥିରେ ଗ୍ରାମାଞ୍ଚଳରେ ଆଧୁନିକ ସୁଖସୁବିଧା, ଭିତ୍ତିଭୂମି ବିକାଶ, ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରତି ଗୁରୁତ୍ୱ ଦିଆଗଲା। ୨୦୧୨ ମସିହାରେ ପିୟୁଆରଏ-୨ କେନ୍ଦ୍ରୀୟ ଯୋଜନା ହିସାବରେ କାର୍ଯ୍ୟକାରୀ ହେଲା। ଏହି ଯୋଜନାରେ ଗ୍ରାମାଞ୍ଚଳରେ ରାସ୍ତାଘାଟ ଉନ୍ନତିକରଣ, ଇଲେକ୍ଟ୍ରୋନିକ୍ସ ଓ ଜ୍ଞାନ ସଂଯୋଗ ସହିତ ଅର୍ଥନୈତିକ ବିକାଶ ଉପରେ କାର୍ଯ୍ୟକ୍ରମ କରାଗଲା। ସମ୍ପ୍ରତି ଏହା ସରକାର ଓ ଘରୋଇ ସହଭାଗିତାରେ କାର୍ଯ୍ୟକାରୀ ହେଉଛି। ଯଦିଓ ଏହି ଯୋଜନାରେ ବସ୍ତୁଗତ, ଇଲେକ୍ଟ୍ରୋନିକ୍ସ ଓ ଜ୍ଞାନ ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ ହୋଇଛି, ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି- ଗ୍ରାମାଞ୍ଚଳରେ ଲୋକଙ୍କର ଅର୍ଥନୈତିକ ବିକାଶ ଓ ଜୀବନଧାରଣର ମାନ ବୃଦ୍ଧି କରି ସହରାଞ୍ଚଳ ଓ ଗ୍ରାମାଞ୍ଚଳ ମଧ୍ୟରେ ଥିବା ବ୍ୟବଧାନ ଦୂରୀଭୂତ କରିବା। ଏହି ଉଦ୍ଦେଶ୍ୟ ଏଯାଏଁ ପୂରଣ ହୋଇ ନ ଥିବାରୁ ସହରାଞ୍ଚଳ ଜନସଂଖ୍ୟା ଦ୍ରୁତ ଗତିରେ ବଢ଼ି ଚାଲିଛି। ଶ୍ୟାମା ପ୍ରସାଦ ମୁଖାର୍ଜୀ ରୁର୍ବାନ୍ ମିଶନ ୨୦୧୬ ମସିହାରୁ କାର୍ଯ୍ୟକାରୀ ହେଉଛି। ଏହି ଯୋଜନା ସହର ନିକଟସ୍ଥ ଗ୍ରାମାଞ୍ଚଳରେ ପୁଞ୍ଜ ଭିତ୍ତିରେ ସାମାଜିକ, ଅର୍ଥନୈତିକ ଓ ଭୌତିକ ଭିତ୍ତିଭୂମି ବିକାଶ ପାଇଁ ଜୋର୍ ଦେଉଛି। ଗ୍ରାମାଞ୍ଚଳରେ ଗ୍ରାମ୍ୟ ସଂସ୍କୃତି ସହିତ ସହରାଞ୍ଚଳ ଭିତ୍ତିଭୂମି ବିକାଶ କରିବା ଏହାର ଉଦ୍ଦେଶ୍ୟ। ସୁତରାଂ, ସାମଗ୍ରିକ ବିକାଶ ହିସାବରେ ରାସ୍ତା, ପାନୀୟ ଜଳ ଯୋଗାଣ, ବିଜୁଳି ଶକ୍ତି ଯୋଗାଣ, କର୍ମନିଯୁକ୍ତି ପାଇଁ ଉଦ୍ୟୋଗ ସୃଷ୍ଟି, ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ପ୍ରକଳ୍ପ ଏଥିରେ ଅନ୍ତର୍ଭୁକ୍ତ। ପାଖାପାଖି ଗ୍ରାମଗୁଡ଼ିକୁ ୨୫,୦୦୦ରୁ ୫୦,୦୦୦ ଜନସଂଖ୍ୟା ବିଶିଷ୍ଟ ପୁଞ୍ଜରେ ଏହି ମିଶନ୍ କାର୍ଯ୍ୟ କରେ। ପାହାଡ଼ିଆ ଅଞ୍ଚଳରେ ଜନସଂଖ୍ୟା ୫,୦୦୦ରୁ ୧୫,୦୦୦ ରଖା ଯାଇଛି। ଦେଶର ବିଭିନ୍ନ ରାଜ୍ୟରେ ଏପରି ୩୦୦ ଗୋଟି ମିଶନ୍ ମଞ୍ଜୁର କରାଯାଇଥିଲେ ମଧ୍ୟ ୨୮୨ ପୁଞ୍ଜରେ ଏହା କାର୍ଯ୍ୟକାରୀ ହେଉଛି। ଏଯାଏଁ ଏହାର ସଠିକ୍ ମୂଲ୍ୟାୟନ କରାଯାଇ ନାହିଁ।

ଏହି ପରିପ୍ରେକ୍ଷୀରେ ସ୍ମାର୍ଟ ସହର ପରିକଳ୍ପନା ନୂତନ ସମାଧାନ ସୂତ୍ର ଆଧାରରେ ଏପରି ସମସ୍ୟାଗୁଡ଼ିକ ସମାଧାନ କରିବାର ପ୍ରୟାସ କରେ। ସ୍ମାର୍ଟ ସହର ବିଭିନ୍ନ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ କରି ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ଅଭିପ୍ରେତ। ଏଗୁଡ଼ିକ ହେଲା ସହରର ପରିବହନ, ଶକ୍ତି ପରିଚାଳନା, ବର୍ଜ୍ୟବସ୍ତୁ ଅପସାରଣ ଓ ସର୍ବସାଧାରଣଙ୍କ ନିରାପତ୍ତା ପାଇଁ ଇଣ୍ଟରନେଟ୍, ସେନସର, ତଥ୍ୟ ଅନୁଶୀଳନ ଓ ସଂଯୋଜକତା ବ୍ୟବହାର। ପରିବହନର ବୁଦ୍ଧିମତ୍ତା ମଧ୍ୟରେ ସ୍ୱୟଂଚାଳିତ ଟ୍ରାଫିକ୍ ନିୟନ୍ତ୍ରଣ, ସ୍ମାର୍ଟ ପାର୍କିଂ ଓ ସମନ୍ୱିତ ସର୍ବସାଧାରଣ ଚଳାଚଳ ବ୍ୟବସ୍ଥା ଅନ୍ତର୍ଗତ। ସହରାଞ୍ଚଳରେ ଯେଭଳି ଭାବରେ ବହୁ ସଂଖ୍ୟାରେ ଯାନବାହନ ଚଳାଚଳ କରୁଛି, ଏହାକୁ ନିୟନ୍ତ୍ରଣ କରିବାରେ ସ୍ୱୟଂସକ୍ରିୟ ଟ୍ରାଫିକ୍ ନିୟନ୍ତ୍ରଣ ନଥିଲେ କେତେ ଯେ ଦୁର୍ଘଟଣା ହୁଅନ୍ତା, ତାହାର କଳନା ନାହିଁ। ଦ୍ୱିତୀୟ ପ୍ରଯୁକ୍ତିବିଦ୍ୟା ହେଉଛି ସ୍ମାର୍ଟ ଶକ୍ତି ବଣ୍ଟନ ବ୍ୟବସ୍ଥା। ଯନ୍ତ୍ରଚାଳିତ ଦକ୍ଷ ଶକ୍ତି ବିତରଣ ବ୍ୟବସ୍ଥା, ନବୀକରଣଯୋଗ୍ୟ ଶକ୍ତି ହିସାବରେ ସୌରଶକ୍ତି ବଣ୍ଟନ ଓ ସ୍ମାର୍ଟ ଗ୍ରୀଡ୍ ପ୍ରଣାଳୀ ଏଥିରେ ଅନ୍ତର୍ଭୁକ୍ତ। ବର୍ଜ୍ୟବସ୍ତୁ ଏବଂ ଜଳ ପରିଚାଳନା ପାଇଁ କେତେକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଉଛି। ସେନ୍ସର ଆଧାରିତ ପର୍ଯ୍ୟବେକ୍ଷଣ ଓ ସ୍ୱୟଂଚାଳିତ ପ୍ରଣାଳୀ ଦ୍ୱାରା ବର୍ଜ୍ୟବସ୍ତୁ ନିଷ୍କାସନ ଓ ଜଳ ଯୋଗାଣ ସଫଳତାର ସହ ସମାପନ କରାଯାଏ। ସର୍ବସାଧାରଣଙ୍କ ନିରାପତ୍ତା ପାଇଁ ସନ୍ନିରୀକ୍ଷଣ ବ୍ୟବସ୍ଥା, ଜରୁରୀକାଳୀନ ସହାୟତା ଓ ଆଗୁଆ ପୁଲିସ୍ ବ୍ୟବସ୍ଥା କରାଯାଇ ପାରେ। ଜନହିତକର କାର୍ଯ୍ୟରେ ନାଗରିକମାନଙ୍କର ସହଭାଗିତା ଓ ମତାମତ ଦେବା ବ୍ୟବସ୍ଥାକୁ ପ୍ରଯୁକ୍ତିବିଦ୍ୟା ସୁଗମ କରିଥାଏ।

ସହରୀକରଣ ଓ ସ୍ମାର୍ଟ ସହର କାର୍ଯ୍ୟକ୍ରମ ଦ୍ୱାରା ବହୁ ସମସ୍ୟାର ସମାଧାନ ସହିତ ବହୁତ ଲାଭ ମିଳିଥାଏ। ପ୍ରଥମେ ଜନସାଧାରଣଙ୍କ ଜୀବନର ମାନବୃଦ୍ଧି ସମ୍ଭବ ହୋଇଥାଏ। ସେମାନେ ନିଜର ମୌଳିକ ଆବଶ୍ୟକତା ପୂରଣ କରିବା ସହିତ ନିରାପଦ ଭାବରେ ଜୀବନଯାପନ କରି ପାରନ୍ତି। ଦ୍ୱିତୀୟରେ, ସମ୍ବଳଗୁଡ଼ିକର ଦକ୍ଷତାର ସହ ବ୍ୟବହାର କରାଯାଇଥାଏ। ଫଳରେ ସମ୍ବଳଗୁଡ଼ିକ ଧାରଣକ୍ଷମ ହୋଇଥାଏ। ତୃତୀୟରେ, ପରିବେଶ ଅବକ୍ଷୟକୁ ପ୍ରତିରୋଧ କରିବା ସମ୍ଭବ ହୋଇଥାଏ। କାରଣ ବେଳେବେଳେ ସହରଗୁଡ଼ିକର ଦୂଷିତ ପରିବେଶ ବହୁ ସମସ୍ୟା ସୃଷ୍ଟିକରେ ଏବଂ ସାଧାରଣ ଜୀବନ ଦୁର୍ବିସହ ହୋଇପଡ଼େ। ଶେଷରେ, ଜନସାଧାରଣଙ୍କ ନିରାପତ୍ତା ଓ ସ୍ୱାସ୍ଥ୍ୟରକ୍ଷା ସହଜ ହୋଇଥାଏ। ଏପରି ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ଫଳରେ ଅପରାଧ ନିୟନ୍ତ୍ରଣ ଅତି କମ୍ ସମୟ ମଧ୍ୟରେ କରାଯାଇଥାଏ।

ସ୍ମାର୍ଟ ସହର ବହୁ ଆହ୍ୱାନର ସମ୍ମୁଖୀନ ମଧ୍ୟ ହୋଇଥାଏ। ପ୍ରଥମରେ, ପ୍ରଯୁକ୍ତିବିଦ୍ୟା ପ୍ରୟୋଗ କରିବାକୁ ବହୁ ଅର୍ଥ ଆବଶ୍ୟକ ହୋଇଥାଏ। ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଓ ନିରାପତ୍ତା ବେଳେବେଳେ ବହୁ ସମସ୍ୟା ସୃଷ୍ଟି କରେ। ଏହା ଯୋଗୁଁ ସାଇବର ଅପରାଧ ବୃଦ୍ଧି ପାଇବା ବିଚିତ୍ର ନୁହେଁ।



ପ୍ରଯୁକ୍ତିବିଦ୍ୟାଗୁଡ଼ିକ ଡିଜିଟାଲ ବିଭେଦ ସୃଷ୍ଟିକରେ। ଯେଉଁମାନେ ଅଳ୍ପ ଶିକ୍ଷିତ ବା ନିରକ୍ଷର ସେମାନେ ଏହାର ସୁବିଧା ହାସଲ କରି ପାରନ୍ତି ନାହିଁ। ସ୍ମାର୍ଟ ସହର ପାଇଁ ଯେଉଁସବୁ ଭିତ୍ତିଭୂମି ଆବଶ୍ୟକ, ତାହାର ଆଧୁନିକୀକରଣ ଓ ମରାମତି ପାଇଁ ବ୍ୟାପକ ଅର୍ଥ ଓ କାରିଗରୀ କୌଶଳ ଆବଶ୍ୟକ ହୋଇଥାଏ।

ଭାରତର ଗୁଜରାଟର ସୁରଟ ସହର ପରି ବିଭିନ୍ନ ରାଜ୍ୟରେ ସ୍ମାର୍ଟ ସହର ବ୍ୟବସ୍ଥା ଗ୍ରହଣ କରାଯାଇଛି। ନିକଟରେ ବନାରସ ସ୍ମାର୍ଟ ସହର ମଧ୍ୟ କାର୍ଯ୍ୟକ୍ଷମ ହେଲାଣି। ଦକ୍ଷତାର ସହିତ ବର୍ଜ୍ୟବସ୍ତୁ ପରିଚାଳନା, ବୁଦ୍ଧିମତ୍ତାର ସହ ଟ୍ରାଫିକ୍ ନିୟନ୍ତ୍ରଣ, ସ୍ମାର୍ଟ ଜଳ ପରିଚାଳନା ଓ ଇ-ଗଭର୍ଣ୍ଣାନ୍ସ ଉନ୍ନତିକରଣଗୁଡ଼ିକ ଏଥିରେ ଅନ୍ତର୍ଭୁକ୍ତ। ସମନ୍ୱିତ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ଦ୍ୱାରା ଏହି ସହରରେ ବସବାସ କରୁଥିବା ଲୋକଙ୍କର ଜୀବନଯାପନ ପ୍ରଣାଳୀ ଅତ୍ୟନ୍ତ ଉନ୍ନତ ଧରଣର ହୋଇ ପାରିଛି। ସହରରେ ଟ୍ରାଫିକ୍ ଜାମ୍ ସମସ୍ୟା ନାହିଁ ଓ ସମ୍ବଳଗୁଡ଼ିକର ସୁପରିଚାଳନା କରାଯାଇଛି। ଓଡ଼ିଶାରେ ଭୁବନେଶ୍ୱର ଓ ରାଉରକେଲା ସ୍ମାର୍ଟ ସହର ପାଇଁ ସ୍ମାର୍ଟ ସହର ମିଶନ୍‌ରେ ଯୋଜନାଭୁକ୍ତ ହୋଇଛି। ପ୍ରଥମେ ଏହି ଯୋଜନା ଭୁବନେଶ୍ୱର ସହରରେ ଆରମ୍ଭ ହୋଇଛି ଓ ତୃତୀୟ ପର୍ଯ୍ୟାୟରେ ଏହା ରାଉରକେଲା ସହରରେ କାର୍ଯ୍ୟକାରୀ ହେବ। ଭୁବନେଶ୍ୱର ଟାଉନ୍ କେନ୍ଦ୍ର ଜିଲ୍ଲା ( ବିଟିସିଡି), ବୌଦ୍ଧିକ ସହର ପରିଚାଳନା ଓ ପରିଚାଳନା କେନ୍ଦ୍ର ସହିତ ସହଭାଗୀ ନିଷ୍ପତ୍ତି ଏବଂ ସୂଚନା ଲାଭ ଏଥିରେ ଅନ୍ତର୍ଭୁକ୍ତ। ଏହି ସହର ଶିଶୁ ମିତ୍ର ସହର ହିସାବରେ ଗଢ଼ି ଉଠିବାକୁ ଉଦ୍ୟମ କରାଯିବ।

ସାରାଂଶରେ ଏତିକି କୁହାଯାଇ ପାରିବ ଯେ ସହରୀକରଣ ଓ ସ୍ମାର୍ଟ ସହର ମଧ୍ୟରେ ତାଳମେଳ ପାଇଁ କେତେକ ପଦକ୍ଷେପ ନିଆଯାଏ। ଏହାର ଉଦ୍ଦେଶ୍ୟ ହେଉଛି, ଭବିଷ୍ୟତ ପାଇଁ ଏକ ଧାରଣକ୍ଷମ, ଦକ୍ଷ ଓ ଜନସାଧାରଣ ସୁଖରେ ବାସ କରିବା ପାଇଁ ସୁଯୋଗ ସୃଷ୍ଟି କରିବା। ଏହାଦ୍ୱାରା ବୌଦ୍ଧିକ ପରିବହନ, ସ୍ମାର୍ଟ ଗ୍ରୀଡ ବ୍ୟବସ୍ଥା, ସ୍ମାର୍ଟ ବର୍ଜ୍ୟବସ୍ତୁ ପରିଚାଳନା, ପରିବେଶ ପର୍ଯ୍ୟବେକ୍ଷଣ, ସର୍ବସାଧାରଣ ନିରାପତ୍ତା ଓ ଇ- ପ୍ରଶାସନ ମାଧ୍ୟମରେ ସହରୀକରଣ ସମସ୍ୟାଗୁଡ଼ିକର ସମାଧାନ ସହଜ ହେବ।■

କଳିଙ୍ଗନଗର ୭/୪୫୨, ଭୁବନେଶ୍ୱର
ମୋ: ୯୪୩୭୦୭୧୧୯୦
bidyadhar.m@gmail.com

# ପୁସ୍ତକରେ ସୀମିତ ମୂଲ୍ୟବୋଧ



ପ୍ରଣତି ଆଚାର୍ଯ୍ୟ ମିଶ୍ର

କିଛି ଦିନ ପୂର୍ବରୁ ଅଯୋଧ୍ୟାରେ ଘଟିଥିବା ଏକ ହୃଦୟ ବିଦାରକ ଘଟଣା ଭାରତରେ ବୃଦ୍ଧଙ୍କ ଦୁର୍ଦ୍ଦଶାକୁ ସାମ୍ନାକୁ ଆଣିଛି। କର୍କଟ ରୋଗରେ ପୀଡ଼ିତ ଜଣେ ବୃଦ୍ଧାଙ୍କୁ ତାଙ୍କ ପରିବାରର ସଦସ୍ୟମାନେ ଅନ୍ଧାର ରାତିରେ ଏକ ଇ-ରିକ୍ସାରେ ବସାଇ ରାସ୍ତା କଡ଼ରେ ଛାଡ଼ି ଦେଇଥିଲେ। ଅସହାୟ ମହିଳା ଜଣକ କଥା କହିପାରୁ ନଥିଲେ କିମ୍ବା ଚାଲିପାରୁ ନଥିଲେ। ସମ୍ପୂର୍ଣ୍ଣ ଘଟଣାଟି ନିକଟସ୍ଥ ଏକ ସିସି ଟିଭି କ୍ୟାମେରାରେ କଏଦ ହୋଇଥିଲା। ପରେ ତାଙ୍କର ହସ୍ପିଟାଲରେ ମୃତ୍ୟୁ ହୋଇଥିଲା। ଏହା କୌଣସି କାହାଣୀ ନୁହେଁ, ବରଂ ସମାଜରେ ବୃଦ୍ଧମାନଙ୍କ ପ୍ରତି ବର୍ଦ୍ଧିତ ଅବହେଳା ଏବଂ ଅମାନବୀୟତାର ଏକ ସ୍ତର, ଯାହାକୁ ଆମେ ପ୍ରାୟତଃ ଅଣଦେଖା କରୁଛନ୍ତି। ବୟୋଜ୍ୟେଷ୍ଠମାନଙ୍କୁ ସମ୍ମାନ କରିବାକୁ ଶିଖାଉ ଥିବା ପାରିବାରିକ ମୂଲ୍ୟବୋଧ ଏବେ ପୁସ୍ତକ ଏବଂ ପ୍ରଥାରେ ସୀମିତ। ଆଜି ବ୍ୟକ୍ତିବାଦ ଶୀର୍ଷରେ ଏବଂ ଜୀବନର ଗତି ଦ୍ରୁତ ହୋଇ ଯାଇଛି। ଏଭଳି ସ୍ଥିତିରେ ବୟୋଜ୍ୟେଷ୍ଠଙ୍କ ଯତ୍ନ ଏକ ଅତିରିକ୍ତ ଦାୟିତ୍ୱ କିମ୍ବା ବୋଝ ଭାବରେ ଦେଖାଯାଉଛି।

ଆମେ ଏପରି ଏକ ଯୁଗରେ ବଞ୍ଚୁଛନ୍ତି, ଯେଉଁଠାରେ ପରମ୍ପରା ଏବଂ ଆଧୁନିକତା ପରସ୍ପର ସହିତ ସଂଘର୍ଷ କରୁଛି। ଯୌଥ ପରିବାର ଧୀରେ ଧୀରେ ଲୋପ ପାଇବାକୁ ଲାଗିଛି। ଏହା ସ୍ଥାନରେ ରହିଛି ନ୍ୟୁକ୍ଲିୟର ପରିବାରର ସଂସ୍କୃତି, ଯେଉଁଥିରେ ବୃଦ୍ଧମାନଙ୍କ ପାଇଁ ସ୍ଥାନ ନାହିଁ କହିଲେ ଚଳେ। ଆଜିର ପିଢ଼ି ଆର୍ଥିକ ସ୍ୱାଧୀନତା ଏବଂ ବ୍ୟକ୍ତିଗତ ସଫଳତା ଆଡ଼କୁ ଅଗ୍ରସର ହେଉଛନ୍ତି। ସମୟର ଅଭାବ କହି ବୃଦ୍ଧମାନଙ୍କ ଯତ୍ନକୁ ଏଡ଼ାଇ ଦିଅନ୍ତି। ଭାରତରେ ବୃଦ୍ଧମାନଙ୍କ ଜନସଂଖ୍ୟାଗତ ସ୍ଥିତି ଏକ ସାମାଜିକ ଚ୍ୟାଲେଞ୍ଜ ହୋଇ ପଡୁଛି। ବର୍ତ୍ତମାନ ଭାରତରେ ୬୦ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ପ୍ରାୟ ୧୫ କୋଟି ୩୦ ଲକ୍ଷ ଲୋକ ଅଛନ୍ତି ଏବଂ ଆକଳନ କରାଯାଇଛି ଯେ ୨୦୫୦ ସୁଦ୍ଧା ଏହି ସଂଖ୍ୟା ୩୪ କୋଟି ୭୦ ଲକ୍ଷରେ ପହଞ୍ଚି ପାରେ। ୨୦୩୧ ସୁଦ୍ଧା ବୟୋଜ୍ୟେଷ୍ଠଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ପ୍ରାୟ ୨୦.୧ ପ୍ରତିଶତରେ ପହଞ୍ଚିବାର ସମ୍ଭାବନା ଅଛି, ଯାହା ଆମର ସାମାଜିକ ଏବଂ ଆର୍ଥିକ ଭିତ୍ତିଭୂମି ଉପରେ ଚାପ ପକାଇ ପାରେ।

ସଂଯୁକ୍ତ ରାଷ୍ଟ୍ର ଜନସଂଖ୍ୟା ପାଣ୍ଠିର ରିପୋର୍ଟ ସୂଚିତ କରେ ଯେ ଆଗାମୀ ବର୍ଷଗୁଡ଼ିକରେ ସ୍ୱାସ୍ଥ୍ୟ ସେବା ଉପରେ ଚାପ ବୃଦ୍ଧି ପାଇବ। ସାମାଜିକ ସୁରକ୍ଷା ବ୍ୟବସ୍ଥା ଏବଂ ପରିବାର ଗଠନ ମଧ୍ୟ ଏହି ପରିବର୍ତ୍ତନ ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହେବ। ଦେଶର ଦକ୍ଷିଣ ଏବଂ ପଶ୍ଚିମ ଭାଗରେ, ବିଶେଷକରି କେରଳ ଏବଂ ତାମିଲନାଡୁରେ ବୃଦ୍ଧଙ୍କ ଅନୁପାତ ସର୍ବାଧିକ, ଯାହା ସୂଚାଏ ଯେ ଏପରି ଜନସଂଖ୍ୟାଗତ ପରିବର୍ତ୍ତନର ମୁକାବିଲା ପାଇଁ ଏହି ଅଞ୍ଚଳଗୁଡ଼ିକୁ ପ୍ରଭାବଶାଳୀ ରଣନୀତି ଗ୍ରହଣ କରିବାକୁ ହେବ। ଏହା ସ୍ପଷ୍ଟ ଯେ ଭାରତ ଅଧିକ ଦିନ ପାଇଁ ଏକ ଯୁବ ରାଷ୍ଟ୍ର ରହିବ ନାହିଁ। ଏପରି ସ୍ଥିତିରେ ନୀତି ଏବଂ ମନୋଭାବରେ ପରିବର୍ତ୍ତନ ଆବଶ୍ୟକ, କିନ୍ତୁ ଜନସଂଖ୍ୟା ଏକମାତ୍ର ଚିନ୍ତାର ବିଷୟ ନୁହେଁ। ବୃଦ୍ଧଙ୍କ ପ୍ରତି ନିର୍ଯାତନା ଏବଂ ଅବହେଳାର ସମସ୍ୟା ମଧ୍ୟ ଭାରତରେ ଏକ ଗଭୀର ସଙ୍କଟ ଭାବରେ ଉଭା ହେଉଛି। ଅନେକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଘର ଭିତରେ ବୃଦ୍ଧଙ୍କ ପ୍ରତି ଅବହେଳାର ହାର ୪୭.୫ ପ୍ରତିଶତ; ଘର ବାହାରେ ଏହି ସଂଖ୍ୟା ୩୨ ପ୍ରତିଶତରେ ପହଞ୍ଚିଛି। ୨୦୨୨ ମସିହାରେ ୨୨ଟି ସହରରେ କରାଯାଇଥିବା ଏକ ଅଧ୍ୟୟନରେ ୩୫ ପ୍ରତିଶତ ବୃଦ୍ଧ କହିଛନ୍ତି, ସେମାନଙ୍କ ପୁଅମାନେ ସେମାନଙ୍କୁ ନିର୍ଯାତନା ଦିଅନ୍ତି। ୨୧ ପ୍ରତିଶତ ବୋହୂଙ୍କୁ ଦାୟୀ କରନ୍ତି। ଦୁଇ ପ୍ରତିଶତ ବାହାର ଲୋକଙ୍କୁ ଦାୟୀ କରନ୍ତି। ଏହି ସଂଖ୍ୟା ଦର୍ଶାଉଛି ଯେ ବୃଦ୍ଧମାନେ ସେହି ଲୋକମାନଙ୍କ ଦ୍ୱାରା ସର୍ବାଧିକ ଅବହେଳିତ ହୁଅନ୍ତି, ଯେଉଁମାନଙ୍କଠାରୁ ସେମାନେ ସୁରକ୍ଷା ଆଶା କରନ୍ତି। ମହିଳାଙ୍କ ଅବସ୍ଥା ଆହୁରି ଦୟନୀୟ। ପୁରୁଷମାନଙ୍କ ତୁଳନାରେ ସେମାନେ ମାନସିକ, ଭାବପ୍ରବଣତାଜନିତ ଏବଂ ଆର୍ଥିକ ଶୋଷଣର ଶିକାର ହୁଅନ୍ତି। ବିଶେଷକରି ବିଧବା ମହିଳାଙ୍କ ସାମାଜିକ ଏବଂ ପାରିବାରିକ ସ୍ଥିତି ଅଧିକ ଦୁର୍ବଳ ହୋଇଯାଏ। ସରକାରୀ ଯୋଜନା ପହଞ୍ଚିବା ମଧ୍ୟ ବହୁତ ସୀମିତ। କେବଳ ୫୫ ପ୍ରତିଶତ ବୃଦ୍ଧା ପେନ୍‌ସନ୍ ଯୋଜନା ବିଷୟରେ ଜାଣନ୍ତି। ୪୪ ପ୍ରତିଶତ ବିଧବା ପେନ୍‌ସନ୍ ଯୋଜନା ବିଷୟରେ ଏବଂ ମାତ୍ର ୧୨ ପ୍ରତିଶତ ଅନ୍ନପୂର୍ଣ୍ଣା ଯୋଜନା ବିଷୟରେ ଜାଣନ୍ତି। ଏହି ସଂଖ୍ୟାଗୁଡ଼ିକ ନୀତି ନିର୍ଦ୍ଧାରଣର ତ୍ରୁଟିକୁ ସୂଚିତ କରେ। ସଚେତନତା ଏବଂ କାର୍ଯ୍ୟାନ୍ୱୟନ ସ୍ତରରେ ଆମେ କେତେ ପଛରେ, ତାକୁ ଦର୍ଶାଏ। ଗ୍ରାମୀଣ ଭାରତରେ ପରିସ୍ଥିତି ଆହୁରି ଭୟଙ୍କର, ଯେଉଁଠାରେ ସ୍ୱାସ୍ଥ୍ୟ ସେବା ପହଞ୍ଚିବା ନଗଣ୍ୟ ଏବଂ ସାମାଜିକ ସୁରକ୍ଷା ବ୍ୟବସ୍ଥା ପ୍ରାୟ ଅନୁପସ୍ଥିତ। ଯୁଗ୍ମ ପରିବାର, ଯାହା ପୂର୍ବରୁ ସାମାଜିକ ସୁରକ୍ଷାର ଗ୍ୟାରେଣ୍ଟି ଥିଲା, ଆଜି ଭାଙ୍ଗି ପଡ଼ିଛି। ସହରୀକରଣ ଏବଂ ଜଗତୀକରଣ ଯୁଗରେ ଯୁବ ପିଢ଼ି ଏକ ଉନ୍ନତ ଜୀବନ ଖୋଜିବା ପାଇଁ ସହର ଏବଂ ବିଦେଶକୁ ଯାଉଛନ୍ତି। ବୃଦ୍ଧାମାନଙ୍କୁ ଗାଁ କିମ୍ବା ଛୋଟ ସହରରେ ଏକା ଛାଡ଼ି ଦେଉଛନ୍ତି।

ମଧ୍ୟବିତ୍ତ ପରିବାର, ଯେଉଁମାନେ ପୂର୍ବରୁ ବୃଦ୍ଧଙ୍କ ଯତ୍ନ ପାଇଁ ସବୁଠାରୁ ଦୃଢ଼ ଆଧାର ଭାବରେ ବିବେଚିତ ହେଉଥିଲେ ଏବେ ସେମାନେ ଆର୍ଥିକ ପ୍ରତିବନ୍ଧକ ସହିତ



ସଂଘର୍ଷ କରୁଛନ୍ତି। ଚିକିତ୍ସା, ଯତ୍ନ ଏବଂ ପୁନର୍ବାସର ବର୍ଦ୍ଧିତ ଖର୍ଚ୍ଚ ସେମାନଙ୍କୁ ଅସହାୟ କରୁଛି। ମହିଳାମାନଙ୍କର ବର୍ଦ୍ଧିତ କାର୍ଯ୍ୟ ପାରମ୍ପରିକ ଯତ୍ନକୁ ଚ୍ୟାଲେଞ୍ଜ କରିଛି। ପୂର୍ବରୁ ମହିଳାମାନେ ଘରେ ବୃଦ୍ଧଙ୍କ ଯତ୍ନ ନେଉଥିଲେ, କିନ୍ତୁ ଆଜି ସେମାନଙ୍କ ପାଖରେ ସମୟର ଅଭାବ। ସମ୍ପତ୍ତି ଏବଂ ଉତ୍ତରାଧିକାରକୁ ନେଇ ପାରିବାରିକ ବିବାଦ ମଧ୍ୟ ବୃଦ୍ଧଙ୍କ ପାଇଁ ଅପମାନଜନକ ପରିସ୍ଥିତି ସୃଷ୍ଟି କରେ। ଏହି ସମସ୍ତ ଜଟିଳତା ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ଏପରି ଏକ ବିଷୟ, ଯାହା ଉପରେ ନା ସମାଜ ଖୋଲାଖୋଲି କଥା ହୁଏ, ନା ସରକାର ଯଥେଷ୍ଟ ଧ୍ୟାନ ଦିଅନ୍ତି। ଡିପ୍ରେସନ, ଏକାକୀତ୍ୱ, ଚିନ୍ତା ଏବଂ ସାମାଜିକ ବିଚ୍ଛିନ୍ନତା ଭଳି ସମସ୍ୟା ବୃଦ୍ଧଙ୍କ ନିରବ ଯନ୍ତ୍ରଣାକୁ ଅଧିକ ଗଭୀର କରିଥାଏ। ଅନେକ ବୃଦ୍ଧ ସେମାନଙ୍କର ଯନ୍ତ୍ରଣା କୁହନ୍ତି ନାହିଁ, କାରଣ ସେମାନେ ଅନୁଭବ କରନ୍ତି ଯେ ସମାଜରେ ସେମାନଙ୍କର ସ୍ଥିତି ନାହିଁ। ଯେତେବେଳେ ଅବହେଳାକୁ ସାଧାରଣ ବୋଲି ବିବେଚନା କରାଯାଏ, ସେତେବେଳେ ଏହା ସାମାଜିକ ଅପରାଧରେ ପରିଣତ ହୁଏ।

ଏହାର ସମାଧାନ ପାଇଁ ଏକ ସାମଗ୍ରିକ, ବହୁମୁଖୀ ଏବଂ ସମ୍ବେଦନଶୀଳ ଆଭିମୁଖ୍ୟ ଆବଶ୍ୟକ। ବୟସ୍କଙ୍କ ପାଇଁ ଜାତୀୟ ନୀତି କେବଳ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ ହେବା ଉଚିତ ନୁହେଁ, ବରଂ ଏହାକୁ ସମୟ ସହିତ ସଂଶୋଧନ ମଧ୍ୟ କରାଯିବା ଉଚିତ, ଯାହାଦ୍ୱାରା ଏହା ବର୍ତ୍ତମାନର ସାମାଜିକ ଏବଂ ଆର୍ଥିକ ପରିସ୍ଥିତି ସହିତ ସମାନ ହେବ। ସମାଜ ସ୍ତରରେ ସଚେତନତା ଅଭିଯାନ ଚଳାଇ ସାମାଜିକ ଚିନ୍ତାଧାରାରେ ଆବଶ୍ୟକୀୟ ପରିବର୍ତ୍ତନ ଅଣାଯାଇ ପାରିବ। ଘରୋଇ କ୍ଷେତ୍ର ଏବଂ ଅଣ-ସରକାରୀ ସଂଗଠନଗୁଡ଼ିକର ଅଂଶଗ୍ରହଣରେ ବୃଦ୍ଧାଶ୍ରମଗୁଡ଼ିକର ଗୁଣବତ୍ତାରେ ଉନ୍ନତ କରାଯାଇ ପାରିବ ଏବଂ ଏପରି ଯତ୍ନ ନେବାର ପଦ୍ଧତି ବିକଶିତ କରାଯାଇ ପାରିବ, ଯାହା ପାରମ୍ପରିକ ଏବଂ ଆଧୁନିକ ମୂଲ୍ୟବୋଧ ମଧ୍ୟରେ ସନ୍ତୁଳନ ରକ୍ଷା କରିବ। ବୃଦ୍ଧାଶ୍ରମର ନିର୍ଯାତନା ମାମଲାରେ ଶୀଘ୍ର ନ୍ୟାୟ ମିଳିବା ଉଚିତ, ଯାହା ଦ୍ୱାରା ସମାଜକୁ ଏକ ସ୍ପଷ୍ଟ ବାର୍ତ୍ତା ମିଳିବ ଯେ ସେମାନଙ୍କର ଅବହେଳା ଏବଂ ଶୋଷଣ କୌଣସି ପରିସ୍ଥିତିରେ ମଧ୍ୟ ଗ୍ରହଣୀୟ ନୁହେଁ। ପରିବାର ଏବଂ ସମ୍ପ୍ରଦାୟ ସ୍ତରରେ ଏପରି ଗଠନ ବିକଶିତ ହେବା ଉଚିତ ଯାହା ବୃଦ୍ଧାଶ୍ରମର ବ୍ୟକ୍ତିମାନଙ୍କୁ ଏକ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିବାକୁ ସକ୍ଷମ କରିବ। ଯଦି ଆମେ ପ୍ରକୃତରେ ଏକ ବିକଶିତ ରାଷ୍ଟ୍ର ହେବାକୁ ଚାହୁଁଛନ୍ତି, ତେବେ ଏହା ନିଶ୍ଚିତ କରିବାକୁ ହେବ କି ଯେପରି କୌଣସି ବୟସ୍କ ବ୍ୟକ୍ତି ଅସହାୟ, ଏକାକୀ ଏବଂ ଅବହେଳିତ ନ ହୁଅନ୍ତି।■

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ସମ୍ପାଦକଙ୍କୁ ପତ୍ର

### ଚାରି ଦିନରେ ଶ୍ରୀଜଗନ୍ନାଥଙ୍କ ଚାରି ବେଶ

ଚଳିତ ବର୍ଷ ଅଗଷ୍ଟ ମାସ ୧୮, ୧୯, ୨୦ ଓ ୨୧ ତାରିଖ- ଚାରି ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚାରୋଟି ବେଶ ଶ୍ରୀମନ୍ଦିରର ରତ୍ନ ସିଂହାସନ ଉପରେ ଅନୁଷ୍ଠିତ ହେବ। ୧୮ ତାରିଖ ସୋମବାର ଭାଦ୍ରବ ମାସ କୃଷ୍ଣପକ୍ଷ ଦଶମୀ ତିଥିରେ ପରମ୍ପରା ଅନୁସାରେ ମହାପ୍ରଭୁଙ୍କ ବନ ଭୋଜି ବେଶ ଅନୁଷ୍ଠିତ ହେବାକୁ ଥିବା ବେଳେ ୧୯ ତାରିଖ ମଙ୍ଗଳବାର ଭାଦ୍ରବ ମାସ କୃଷ୍ଣ ପକ୍ଷ ଏକାଦଶୀ ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର କାଳୀୟ ଦଳନ ବେଶ ଅନୁଷ୍ଠିତ ହେବ। ସେହିପରି ୨୦ ତାରିଖ ବୁଧବାର ଭାଦ୍ରବ ମାସ କୃଷ୍ଣ ପକ୍ଷ ଦ୍ୱାଦଶୀ ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପ୍ରଳମ୍ବାସୁର ବଧ ବେଶ ଅନୁଷ୍ଠିତ ହେବ। ୨୧ ତାରିଖ ଗୁରୁବାର ଭାଦ୍ରବ ମାସ କୃଷ୍ଣ ପକ୍ଷ ତ୍ରୟୋଦଶୀ ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର କୃଷ୍ଣ ବଳରାମ ବେଶ ଅନୁଷ୍ଠିତ ହେବ। ପୂର୍ବେ ଏହି ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଗିରି ଗୋବର୍ଦ୍ଧନଧାରୀ ବା ଗିରିଟେକା ବେଶ ଅନୁଷ୍ଠିତ ହେଉଥିଲା। ଏବେ କେବଳ କୃଷ୍ଣ ବଳରାମ ବେଶ ଅନୁଷ୍ଠିତ ହେଉଛି। ଚାରି ଦିନରେ ଲଗାତର ଭାବେ ଶ୍ରୀ ଜଗନ୍ନାଥଙ୍କ ଚାରି ବେଶକୁ ଭକ୍ତମାନେ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ ହେବେ। ଜୟ ଜଗନ୍ନାଥ ସ୍ୱାମୀ।

ସନ୍ତୋଷ କୁମାର ଦାଶ
ତୁଳସୀପୁର, ପୁରୀ
ମୋ: ୯୪୩୯୩୬୧୮୮

# ଚୀନ୍ ସହିତ ସମ୍ପର୍କ

ଭାରତର ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲଙ୍କ ଆମନ୍ତ୍ରଣକ୍ରମେ ଚୀନ୍‌ର କମ୍ୟୁନିଷ୍ଟ ପାର୍ଟିର ସେଣ୍ଟ୍ରାଲ କମିଟିର ସଦସ୍ୟ ତଥା ବିଦେଶ ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି ଭାରତକୁ ଏକ ସରକାରୀ ଗସ୍ତରେ ଆସି ସ୍ୱତନ୍ତ୍ର ପ୍ରତିନିଧି (ଏସ୍‌ଆର୍)ରେ ସହ-ଅଧ୍ୟକ୍ଷତା କରିବା ସହିତ ଭାରତ ଏବଂ ଚୀନ୍ ମଧ୍ୟରେ ରହିଥିବା ସୀମା ପ୍ରସଙ୍ଗ ଉପରେ ଭାରତର ଏନ୍‌ଏସ୍‌ଏଙ୍କ ସହିତ ଆଲୋଚନା କରିବା ସଙ୍ଗେ ସଙ୍ଗେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଏହା ଫଳରେ ଉତ୍ତରରେ ଅବସ୍ଥିତ ନିଜର ପଡ଼ୋଶୀ ଚୀନ୍ ସହିତ ଭାରତ ଏହାର କୂଟନୀତିକ ଏବଂ ଅର୍ଥନୀତିକ ସମ୍ପର୍କକୁ ସୁଦୃଢ଼ କରିବା ନିମନ୍ତେ ସେତିକି ବେଳେ ଏକ ଉପାୟ ବାହାର କରି ପାରିଛି, ଯେତେବେଳେ କି ଏହା ନିଜର ଚିରାଚରିତ ଅଂଶୀଦାରଙ୍କ ପକ୍ଷରୁ ଅସ୍ୱାଭାବିକ ଚାପର ସମ୍ମୁଖୀନ ହେଉଛି। ଚୀନ୍‌ରେ ଆଉ କିଛି ଦିନ ପରେ ଅନୁଷ୍ଠିତ ହେବାକୁ ଯାଉଥିବା ସାଂଘାଇ କୋଅପରେସନ୍ ଅର୍ଗାନାଇଜେସନ୍ (ଏସ୍‌ସିଓ)ର ଶିଖର ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେବା ଆଶା କରାଯାଉଥିବା ବେଳେ ଏହା ପୂର୍ବରୁ ଚୀନ୍ ବିଦେଶ ମନ୍ତ୍ରୀ ଭାରତ ଗସ୍ତ ସାରି ଫେରି ଯାଇଛନ୍ତି। ସୂଚାଇ ଦିଆଯାଇପାରେ କି, ଶ୍ରୀଯୁକ୍ତ ମୋଦୀ ସାତ ବର୍ଷ ପରେ ତଥା ସୀମାରେ ଭାରତ ଏବଂ ଚୀନ୍ ସେନାଙ୍କର ମୁହାଁମୁହିଁ ଓ ସଂଘର୍ଷ ହେବାର ଚାରି ବର୍ଷ ପରେ ପ୍ରଥମ ଥର ପାଇଁ ଏସ୍‌ସିଓରେ ଯୋଗ ଦେବା ପାଇଁ ଚୀନ୍ ଗସ୍ତ କରିବାର ସମ୍ଭାବନା ରହିଛି। ଏହାର ଅର୍ଥ ନୁହେଁ ଯେ ଭାରତ-ଚୀନ୍ ସମ୍ପର୍କରେ ସବୁକିଛି ଏବେ ଠିକ୍‌ଠାକ୍ ହୋଇ ଯାଇଛି, ବରଂ ଏବେ ବି ଏହା ସଜଡ଼ା ଯିବା ଅବସ୍ଥାରେ ରହିଛି ବୋଲି କୁହାଯାଇ ପାରିବ। ସୋମବାର ଦିନ ଶ୍ରୀଯୁକ୍ତ ୱାଙ୍ଗ୍‌ଙ୍କ ସହିତ ସାକ୍ଷାତ ଆଲୋଚନା କରିବା ସମୟରେ ଶ୍ରୀଯୁକ୍ତ ଜୟଶଙ୍କର ବିବାଦୀୟ ସୀମାରେ ଉଭୟ ପକ୍ଷ ଶାନ୍ତି ଓ ସ୍ଥିରତା ବଜାୟ ରଖିବାର ଜରୁରୀ ଆବଶ୍ୟକତା ରହିଥିବା କଥା କହିଥିଲେ। ସେ ଏକ ବହୁ-ଧ୍ରୁବୀୟ ଏସିଆ ମହାଦେଶର ଆବଶ୍ୟକତା ସମ୍ପର୍କରେ ମଧ୍ୟ ଶ୍ରୀଯୁକ୍ତ ୱାଙ୍ଗ୍‌ଙ୍କୁ ଅବଗତ କରାଇ ଥିଲେ-ଏବଂ ଏଥିପାଇଁ ଯୁକ୍ତି ଦର୍ଶାଇ ଥିଲେ ଯେ ଭାରତକୁ ଏକ ପ୍ରଭାବର ସ୍ତମ୍ଭ ଭାବରେ ଚୀନ୍ ଗ୍ରହଣ କରିବାର ଆବଶ୍ୟକତା ରହିଛି। ପୁନଶ୍ଚ, ସୀମାପାର ଆତଙ୍କବାଦ ପ୍ରସଙ୍ଗ ଆସିବା ବେଳେ ଏହି ଦୁଇ ପକ୍ଷଙ୍କ ମଧ୍ୟରେ ରହିଥିବା ମତ ପାର୍ଥକ୍ୟ କଥା ମଧ୍ୟ ସେ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ବେଜିଂ ନିଜେ ଇସଲାମୀୟ ଆତଙ୍କବାଦ କଥା ଉଠିଲେ ଭୟ କରୁଛି ବୋଲି କହୁଥିବା ବେଳେ ପାକିସ୍ତାନର ଚୀନ୍ ଏକ ଦୃଢ଼ ଭାଗିଦାର ହୋଇ ରହିବା ଅତ୍ୟନ୍ତ ବିସ୍ମୟଜନକ।

ଶ୍ରୀଯୁକ୍ତ ୱାଙ୍ଗ୍‌ଙ୍କର ଭାରତ ଗସ୍ତ ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସମ୍ପାଦିତ ହୋଇଛି, ଯେହେତୁ ଉଭୟ ନୂଆଦିଲ୍ଲୀ ଏବଂ ବେଜିଂ ବେଳକୁ ବେଳ ଅଧିକ ସ୍ପଷ୍ଟ ଭାବରେ ଅନୁଭବ କରୁଛନ୍ତି ଯେ ସେମାନଙ୍କୁ ସେମାନଙ୍କ ସମ୍ପର୍କରେ ସୁଧାର ଆଣିବାକୁ ପଡ଼ିବ ଏବଂ ମିଳିମିଶି ଆବଣ୍ଟିତ ଆହ୍ୱାନଗୁଡ଼ିକର ସାମ୍ନା କରିବାର ଆବଶ୍ୟକତା ରହିଛି ଯଦିଓ ସେମାନେ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ପରସ୍ପର ସହିତ ପ୍ରତିଯୋଗିତା କରି ପାରନ୍ତି। ପାଖାପାଖି ପଚିଶ ବର୍ଷ ହେବ ଯୁକ୍ତରାଷ୍ଟ୍ର ଆମେରିକା ନୂଆଦିଲ୍ଲୀ ସହିତ ଏକ ନିବିଡ଼ ବନ୍ଧନରେ ବାନ୍ଧି ହେବା ପାଇଁ ଭାରତ ସହିତ ସମ୍ପର୍କରେ ଛୋଟ ଛୋଟ ଘଟଣାଗୁଡ଼ିକ ଅଧିକତଃ ହେୟଜ୍ଞାନ କରି ଆସିଥିଲା କେବଳ ଏଇ ବିଶ୍ୱାସରେ ଯେ ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଚୀନ୍‌ର ପ୍ରାଧାନ୍ୟକୁ ହ୍ରାସ କରିବାକୁ ହେଲେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ସହିତ ହାତ ମିଳାଇ ଚାଲିବାକୁ ପଡ଼ିବ। କିନ୍ତୁ ଭାରତୀୟ ସାମଗ୍ରୀଗୁଡ଼ିକର ଆମଦାନୀ ଉପରେ ୫୦ ପ୍ରତିଶତ ଟାରିଫ୍ ଲଗାଇ ଭାରତକୁ ଦଣ୍ଡିତ କରିବା ନେଇ ଡୋନାଲ୍ଡ ଟ୍ରମ୍ପଙ୍କ  କାର୍ଯ୍ୟ ଯେଉଁଥିରେ ରୁଷିଆରୁ ତୈଳ କିଣିଲେ ୨୫ ପ୍ରତିଶତର ଟାରିଫ୍ ସାମିଲ, ତାହା ନାଟକୀୟ ଭାବରେ ନୂଆଦିଲ୍ଲୀର ରଣନୀତିକ ଯୋଜନାକାରୀମାନଙ୍କ ମଧ୍ୟରେ ଆମେରିକା ପ୍ରତି ବିଶ୍ୱାସକୁ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ପୁଣି ଚୀନ୍, ଯାହା ଭାରତ ଅପେକ୍ଷା ମଧ୍ୟ ରୁଷିଆରୁ ଅଧିକ ପରିମାଣର ତୈଳ ଖର୍ଦ୍ଦି କରିଥାଏ, ତା' ଉପରେ ଏତେ ଅଧିକ ପରିମାଣର ଟାରିଫ୍ ଲଗାଇ ନାହାନ୍ତି ଟ୍ରମ୍ପ୍। ଆଉ ଏହା ହିଁ ଭାରତର ଆମେରିକା ଉପରେ ଅବିଶ୍ୱାସକୁ ଅଧିକ ବୃଦ୍ଧି କରିବାର ଖୋରାକ ଯୋଗାଇବା ସହିତ ଚିନ୍ତା କରିବାକୁ ପ୍ରେରଣା ପ୍ରଦାନ କରିଛି ଯେ ଏହା ନିତାନ୍ତ ଭାବରେ ନିଜ ସ୍ୱାର୍ଥର ସୁରକ୍ଷା କରିବା ଉପରେ ଗୁରୁତ୍ୱାରୋପ କରିବା ଉଚିତ। ମୋଟାମୋଟି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକଚାଟିଆ ବାଣିଜ୍ୟ ନୀତି ଯୋଗୁଁ ଏବେ ଦୁଇ ପଡ଼ୋଶୀ ଭାରତ ଓ ଚୀନ୍ ସେମାନଙ୍କ ସମ୍ପର୍କରେ ସୁଧାର ଆଣିବା ପାଇଁ ଉଦ୍ୟମରତ। ତେବେ ଏହା ମଧ୍ୟ ନିଜ ଦେଶର ସ୍ୱାର୍ଥ ପାଇଁ ଅର୍ଥନୀତିକ ମାନ୍ଦାବସ୍ଥା ସମୟରେ ଭାରତ ସହିତ ଉତ୍ତେଜନା ହ୍ରାସ କରିବାକୁ ଚୀନ୍‌କୁ ଅନୁପ୍ରେରିତ କରିଛି। ଚୀନ୍ ଭଲ ଭାବରେ ଜାଣେ ଯେ ଦୁଇ ଦେଶଙ୍କ ମଧ୍ୟରେ ସମ୍ପର୍କରେ ସୁଧାର ଆସିଲେ ଏହା ଆଉ କିଛି ବଡ଼ ପ୍ରସଙ୍ଗ ଉପରେ ଧ୍ୟାନ କେନ୍ଦ୍ରିତ କରି ପାରିବ। ଏହି ପରିପ୍ରେକ୍ଷୀରେ ଶ୍ରୀଯୁକ୍ତ ମୋଦୀଙ୍କର ଚୀନ୍ ଗସ୍ତ ଅଧିକ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବାକୁ ଯାଉଛି, କାରଣ ଏହି ସମୟରେ ତାଙ୍କର ଚୀନ୍ ରାଷ୍ଟ୍ରପତିଙ୍କ ସହିତ ଦ୍ୱିପାକ୍ଷିକ ସାକ୍ଷାତ ଆଲୋଚନା ହେବ, ଯାହା ସୀମାରେ ଉତ୍ତେଜନା ବନ୍ଦ ହେବା ପରେ ଦ୍ୱିତୀୟ ଥର ପାଇଁ ଅନୁଷ୍ଠିତ ହେବ। ଏହି ସମୟରେ ଉଭୟ ପକ୍ଷ ଅବଶ୍ୟ ଆଗାମୀ ସମୟରେ ସେମାନଙ୍କ ମଧ୍ୟରେ ସମ୍ପର୍କର ସ୍ୱର ଓ ଭାବକୁ ସ୍ଥିର କରିବାର ଉଦ୍ୟମ କରିବେ ଯାହା ମଧ୍ୟରେ ସାମିଲ ହେବ ସୀମା ଓ ଅନ୍ୟାନ୍ୟ ପ୍ରସଙ୍ଗଗୁଡ଼ିକର ସମାଧାନ ନିମନ୍ତେ ଅଧିକ ଭରସା-ନିର୍ମାଣକାରୀ ପଦକ୍ଷେପ ସମୂହ। ଶ୍ରୀଯୁକ୍ତ ମୋଦୀଙ୍କର ଚୀନ୍ ଗସ୍ତ ଏବଂ ବର୍ଷର ଶେଷ ବେଳକୁ ରୁଷୀୟ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ଭାରତ ଆଗମନ ଏହି ଯାତ୍ରାରେ କେତେକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ପାଲଟିବାକୁ ଯାଉଛି ଯାହା ନିଶ୍ଚିତ ଭାବରେ ଦର୍ଶାଇବ ଯେ ଶ୍ରୀଯୁକ୍ତ ଟ୍ରମ୍ପ୍ କେବଳ ଏକମାତ୍ର ବ୍ୟକ୍ତି ନୁହନ୍ତି ଯାହାଙ୍କ ହାତରେ ରହିଛି ସବୁଯାକ କାର୍ଡ।■

# ଅର୍ଜିଛ ଯାହା, ଭୁଞ୍ଜିବ ତାହା

ସଞ୍ଚୟ କରିଥିବା ଧନକୁ ହିଁ ଖର୍ଚ୍ଚ କରିବାକୁ ହୁଏ। ଅନ୍ୟଠାରୁ କରଜ କଲେ ତାକୁ ଶୁଝିବାକୁ ପଡ଼ିବ। କାହାଠୁ ଚୋରି କଲେ ଦଣ୍ଡ ପାଇବା ସହିତ ସେ ଧନକୁ ଫେରାଇବାକୁ ହେବ। କିନ୍ତୁ କିଛି ଲୋକ କର୍ମ ଫଳକୁ ବିଶ୍ୱାସ ନକରି କ୍ଷଣିକ ଆନନ୍ଦ ପାଇଁ କିଛି ନା କିଛି କରି ବସନ୍ତି। ଯାହା କରିଥିବା, ତା'ର ଫଳ ହିଁ ପାଇବା। ବେଳେବେଳେ ଲୋକେ କୁହନ୍ତି- 'ଅମୁକ ଲୋକ ମାଛିକୁ ମର କହେନା। ସେ କାହିଁକି ଏମିତି ଦଣ୍ଡ ଭୋଗୁଛି ? ଏ ଭଗବାନଙ୍କର ଅନ୍ୟାୟ ବିଚାର।' ଆମେ ଯେତେ ପ୍ରକାରରେ ଭଗବାନ ଓ ଭାଗ୍ୟର ଦୋଷ ଦେଇ ଚାଲିଲେ ବି କର୍ମ ଫଳ ଆମକୁ ଭୋଗିବାକୁ ହେବ ହିଁ ହେବ। ଏହାର ଏକ ଉଦାହରଣ।

ଗାନ୍ଧାର ଦେଶର ରାଜା ସୁବଳଙ୍କର କନ୍ୟା କୁରୁବଂଶର ରାଜା ଧୃତରାଷ୍ଟ୍ରଙ୍କର ପାଟରାଣୀ ଗାନ୍ଧାରୀ। ଗାନ୍ଧାର ଦେଶର କନ୍ୟା ବୋଲି ତାଙ୍କ ନାଁ ଥିଲା ଗାନ୍ଧାରୀ। ଭୀଷ୍ମଙ୍କ ପୁତୁରା- ଅନ୍ଧ ଧୃତରାଷ୍ଟ୍ର। ରାଜା ସୁବଳ ଭୀଷ୍ମଙ୍କ ବାର୍ତ୍ତାକୁ ସମ୍ମାନ ଜଣାଇ ଗାନ୍ଧାରୀଙ୍କ ବିବାହ ଅନ୍ଧ ଧୃତରାଷ୍ଟ୍ରଙ୍କ ସହ କରିବାକୁ ରାଜି ହୋଇଥିଲେ। ଗାନ୍ଧାରୀ ସୁନ୍ଦରୀ ଓ ଶିକ୍ଷିତା ଥିଲେ। ତଥାପି ପିତାମାତାଙ୍କ ଇଚ୍ଛା ବିରୁଦ୍ଧରେ ଆପତ୍ତି ନକରି ଚକ୍ଷୁହୀନ ଧୃତରାଷ୍ଟ୍ରଙ୍କୁ ବିବାହ କରିଥିଲେ। ଗାନ୍ଧାରୀଙ୍କର ଦୁର୍ଯ୍ୟୋଧନ, ଦୁଃଶାସନ, ଦୁଃସହ ପ୍ରଭୃତି ଶହେ ପୁଅ ଓ ଦୁଃଶୀଳା ନାମକ ଏକ କନ୍ୟା ଜାତ ହୋଇଥିଲେ। ବଡ଼ ପୁଅ ଦୁର୍ଯ୍ୟୋଧନ। କପଟ ଆଚରଣ କରି ପାଣ୍ଡବଙ୍କ ସହିତ ପଶା ଖେଳରେ ସେମାନଙ୍କୁ ହରାଇ ଥିଲେ। ଶେଷରେ ଦୁଇଟି ପରିବାର ପାଣ୍ଡବ ଓ କୌରବଙ୍କ ଭିତରେ ଯୁଦ୍ଧ ଲାଗିଲା। କୌରବ ଶହେ ପୁଅଙ୍କର ମୃତ୍ୟୁ ହେଲା। ଦୁଃଖରେ ଭାଙ୍ଗି ପଡ଼ିଥିଲେ ଗାନ୍ଧାରୀ। ଧର୍ମରାଜ ଯୁଧିଷ୍ଠିର ଶ୍ରୀକୃଷ୍ଣଙ୍କୁ କହିଲେ- 'ଗାନ୍ଧାରୀ ଏବେ ବହୁ ଦୁଃଖିତ। ତୁମେ ତାଙ୍କ ନିକଟକୁ ଯାଅ। ମନସ୍ତାପ ନ କରିବାକୁ କିଛି ବାର୍ତ୍ତା ଦେଇ ଆସ। ସେ ଆଶ୍ୱାସନା ପାଇବେ।' ମାଆ ଗାନ୍ଧାରୀଙ୍କ ଲୁହ ଶୁଖୁ ନଥିଲା। ଶ୍ରୀକୃଷ୍ଣ ତାଙ୍କୁ 'ପୁଣ୍ୟବତୀ' ବୋଲି ସମ୍ବୋଧନ କଲେ। ଶହେ ପୁଅକୁ ହରାଇ ଥିବା ଗାନ୍ଧାରୀ 'ପୁଣ୍ୟବତୀ' ଶବ୍ଦ ଶୁଣି ଯନ୍ତ୍ରଣାରେ ଜଳିଗଲେ। କୃଷ୍ଣଙ୍କୁ କ୍ରୋଧ ଓ ଅଭିମାନରେ କହିଲେ- 'ଜଣେ ଶତପୁତ୍ର ହରା ଜନନୀକୁ ପୁଣ୍ୟବତୀ କହି କାହିଁକି ପରିହାସ କରୁଛ ? ମୁଁ ସ୍ୱାମୀଙ୍କ ପଦାଙ୍କ ଅନୁସରଣ କରି ଆଖିରେ ପଟି ବାନ୍ଧିଛି। ସନ୍ତାନମାନଙ୍କ ସହ ବଢ଼ିଛି, ଅଥଚ ସେମାନଙ୍କ ମୁହଁ ଚାହିଁ ପାରିନି।' ଗାନ୍ଧାରୀ ଅନେକ ବେଦନା ବାଢ଼ି ସାରିଲା ପରେ ପୁଣି କହିଲେ- 'ହେ କୃଷ୍ଣ ! ଆଖିରେ ପଟି ବାନ୍ଧିଛି ସତ। ମୁଁ ବାହ୍ୟ ଜଗତକୁ ଦେଖି ପାରୁନି। ମାତ୍ର ଅନ୍ତର୍ଦ୍ଦୃଷ୍ଟି ବଳରେ ମୋର ପୂର୍ବ ସାତ ଜନ୍ମକୁ ଦେଖି ପାରୁଛି। କୌଣସି ସମୟରେ ମୁଁ ସ୍ୱପ୍ନରେ ସୁଦ୍ଧା କାହାର କ୍ଷତି କରିନି। ତଥାପି କାହିଁକି ମୋତେ ପୁତ୍ର ବିରହରେ ଦଗ୍ଧୀଭୂତ ହେବାକୁ ପଡୁଛି ?' ଭଗବାନ କୃଷ୍ଣ ଉତ୍ତର ଦେଲେ- 'ମାଆ ! ସଂସାରରେ ସମସ୍ତଙ୍କୁ ନିଜ କର୍ମ ଫଳ ଭୋଗିବାକୁ ହୁଏ। ଆଜି ନହେଲେ କାଲିକୁ ଭୋଗିବା। ସୃଷ୍ଟିର ଏ ଅକାଟ୍ୟ ସତ୍ୟକୁ କେହି ଉଲ୍ଲଙ୍ଘନ କରିପାରି ନାହାନ୍ତି। ଆପଣ ନିଜର ସାତ ଜନ୍ମ ପର୍ଯ୍ୟନ୍ତ ଦେଖି ପାରୁଛନ୍ତି। ତା' ପରକୁ ଦେଖି ପାରୁ ନାହାନ୍ତି। ସାତ ଜନ୍ମ ପୂର୍ବରେ ଆପଣ ଥିଲେ ଜଣେ ରାଜକନ୍ୟା। ସମୁଦ୍ର କୂଳରେ ବୁଲିବା ବେଳେ କଇଁଚମାନଙ୍କର ଅଣ୍ଡାକୁ ଖେଳି ଖେଳି ଗୋଡ଼ରେ ଫଟେଇ ଦେଇଥିଲେ। ନିରୀହ କଇଁଚମାନେ ସମୁଦ୍ର ଭିତରେ ସେମାନଙ୍କ ଭାବି ସନ୍ତାନଙ୍କୁ ହରାଉ ଥିବାର ଦୃଶ୍ୟ ଲୁହଭିଜା ଆଖିରେ ଦେଖୁଥିଲେ ସିନା ମଣିଷ ବୋଲି ତୁମକୁ ପ୍ରତ୍ୟୁତ୍ତର ଦେଇପାରୁ ନଥିଲେ। ସେହି କଇଁଚମାନଙ୍କ ଲୁହର ପ୍ରଭାବ ଏ ପର୍ଯ୍ୟନ୍ତ ଗଡ଼ି ଆସିଛି। କ୍ଷମାକର ମାଆ। କାହାକୁ ଦୋଷ ଦେବା ଅପେକ୍ଷା ନିଜ କର୍ମ ଫଳକୁ ଦୋଷ ଦେଲେ ଭୁଲ୍‌କୁ ସ୍ୱୀକାର କରିବା ସହଜ ହୋଇଯାଏ।'■

ପବାରବିନ୍ଦ

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN



# ନଦୀ ଜଳ ସାଜିଛି ଜହର !



**ତାଳଚେର,୨୦।୮/ଏନ୍‌ଏନ୍‌ଏସ୍:** ବିଗତ ବର୍ଷର ପ୍ରାକୃତିଦତ ସୌନ୍ଦର୍ଯ୍ୟମୟ ତାଳଚେର ଆଜି କଳକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ତାଳଚେର ସହରର ଏକମାତ୍ର ନିର୍ଭର ଯୋଗ୍ୟ କେଉଁ ଆବାହମାନ କାଳରୁ ବୋହି ଯାଇଥିବା ଚିରୋସ୍ରୋତା ବ୍ରାହ୍ମଣୀନଦୀରେ ପଡ଼ିବା ଯୋଗୁଁ ଆଜି ନଦୀର ଜଳ ସାଜିଛି ଜହର ! ତାଳଚେର ଅଞ୍ଚଳରେ ଖୋଲାମୁହଁ ପୋଖରୀଆ ଖଦାନ ୧୦ଗୋଟି ରହିଥିବା ବେଳେ ସେହି ଅନୁପାତରେ ଭାରୀଯାନ ସହିତ ଛୋଟଯାନ ବୃଦ୍ଧି ପାଉଥିବାରୁ ବାୟୁମଣ୍ଡଳ ବିଷାକ୍ତ ହେବାରେ ଲାଗିଛି । ଭାରତ ମାନଚିତ୍ରରେ ଦିଲ୍ଲୀ ପ୍ରଦ୍ୟୁଷଣ ଅଞ୍ଚଳଭାବେ ଗଣନା ହେଉଥିବା ବେଳେ ଓଡ଼ିଶା ମାଟିର ତାଳଚେର ବି ବାଦ୍ ପଡ଼ିନି । ତାଳଚେର ଅଞ୍ଚଳରେ ଯେଉଁମାତ୍ରାରେ ଜଙ୍ଗଲଜମି ରହିଥିଲା, ଆଜି ସେହି ବଣଜଙ୍ଗଲକୁ ସଫାକରି ସେଠାରେ ରାଷ୍ଟ୍ରାୟତ ଉଦ୍ୟୋଗ କମ୍ପାନୀ ଗଢ଼ି ଉଠିଛି । ବଣଜଙ୍ଗଲ ଗୁଡ଼ିକ ପଦା ହେବାପରେ ଏହି ସବୁଜବଣ ଉପରେ ନିର୍ଭର କରୁଥିବା ପଶୁପକ୍ଷୀ ଇତ୍ୟାଦି ଲୋପ ପାଉଥିବା ବେଳେ ଏଠାରେ ଖଣି ଓ କଳକାରଖାନା ଯୋଗୁଁ ଅଞ୍ଚଳରେ ଉତାପ ବୃଦ୍ଧି ପାଇ ଜନଜୀବନକୁ ଅସ୍ତବ୍ୟବସ୍ତ କରିପକାଇଛି । ଏହି କମ୍ପାନୀ ଓ କଳକାରଖାନାରୁ ବିଭିନ୍ନ ମାଧମରେ ଉତ୍ପନ୍ନ ହେଉଥିବା ଧୂଳିଧୂଆଁ ବାୟୁମଣ୍ଡଳରେ ବିଷାକ୍ତ ଧୂଆଁ ଓ ଧୂଳିକଣା ଘୂରୀବୁଲି ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି, ଯଥା- ହୃଦରୋଗ, କିଡ଼ନୀ, ଯକ୍ଷ୍ମା ଓ ବିଭିନ୍ନ ମାରାତ୍ମକ ରୋଗର ଶୀକାର ହୋଇ ତ୍ରାହିତ୍ରାହି ଡ଼ାକ ଦେଉଥିବା ବେଳେ ଏହା ପ୍ରତି କାହାର ବି ଦୃଷ୍ଟି ପଡୁନଥିବା ଦୁର୍ଭାଗ୍ୟଜନକ ବିଷୟ ହୋଇଛି । ଏହାକୁ ନଜରରେ ରଖି ପୂର୍ବତନ ସରକାର ଏଠାରେ ଏକ ମଡ଼ିକାଲ କଲେଜର ଭିତିଭୂମି ସ୍ଥାପନ କରିପ୍ରାୟ ୧୬ଶହ କୋଟି ଟଙ୍କାରେ ଆଜକୁ ୫ବର୍ଷ ହେବ ଏହାର ଗୃହକାର୍ଯ୍ୟ ନିର୍ମାଣ କରାଯାଉଥିଲେ ହେଁ ଏଠାରେ ମେଡ଼ିକାଲ କଲେଜ କାର୍ଯ୍ୟକାରୀ ନହୋଇପାରିବା ତାଳଚେରବାସୀଙ୍କ ପାଇଁ ଏକ ଅଟହାସ୍ୟ ସଦୃଶ୍ୟ ହୋଇପଡ଼ିଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଯୋରଧରିଛି । ଏଠିକାର ଅଞ୍ଚଳବାସୀ ସରଳ ଓ ନିଷ୍କପଟ ହୋଇଥିବାରୁ ଶାଗମାଛ ଦରରେ ଖଣିଖାଦାନ ପାଇଁ ନିଜର ଭିଟ୍ଟାମାଟି ଉତ୍ସର୍ଗ କରୁଥିବା ବେଳେ ସେହି ପ୍ରକାରରେ ବିଶ୍ୱାସକରି ବିଧାନସଭା ହେଉ କି, ଲୋକସଭା ହେଉ ଲୋକପ୍ରତିନିଧି ମଧ ଚୟନ କରିଥାନ୍ତି । ମାତ୍ର ଦୀର୍ଘ ୪୦ବର୍ଷ ପରେ ଆଜିବି ବିପିଏଲ ତଳେ ଥିବା ସଂଖ୍ୟା ଏହା କମିବା ପରିବର୍ତ୍ତେ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଏଥିରୁ ସ୍ପଷ୍ଟ ଅନୁମେୟ ତାଳଚେର ଅଞ୍ଚଳବାସୀଙ୍କ ସମସ୍ୟା ଭିତରେ କିପରି ଛନ୍ଦି ହୋଇପଡ଼ିଛନ୍ତି । ଅଞ୍ଚଳବାସୀଙ୍କ ମୌଳିକ ଅଧିକାର ପ୍ରତି ଏଠାରେ ପ୍ରଶାସନ କିମ୍ବା ରାଜନେତାଙ୍କର କିପରି କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନି ତାହା ଅଞ୍ଚଳବାସୀଙ୍କୁ ଚକିତ କରିପକାଇଛି । ଏଠାରେ ସ୍ୱାଧୀନତା ପୂର୍ବରୁ ପୁରାତନ ରେଲଷ୍ଟେସନ ରହିଥିଲେ ମଧ ଏହି ଷ୍ଟେସନକୁ ସମସ୍ତ ଯାତ୍ରୀବାହୀ ଟ୍ରେନ ଆସୁନଥିବାରୁ ଯାତ୍ରୀମାନେ ଅଟୋରେ ୪ଶହରୁ ୫ଶହ ଟଙ୍କା ଖର୍ଚ୍ଚ କରି ଅନୁଗୋଳ ଜିଲ୍ଲା ଭୋଗବେରଣୀ ତାଳଚେର ରୋଡ଼ ରେଲଷ୍ଟେସନକୁ ଯିବାକୁ ପରିସ୍ଥିତି ବାଧ କରିଥାଏ । ଅଞ୍ଚଳବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଆଲୋକୀକରଣ ଇତ୍ୟାଦି ସମସ୍ୟା ବୂଲିକି ଯାଉପଛେ ଦେଶର ବିକାଶରେ ତାଳଚେର ଅଞ୍ଚଳର ବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲେ ମଧ ଅଞ୍ଚଳବାସୀ ଆଜି ନିଷ୍ପେସିତ । କେବଳ ଏହି ସମସ୍ତ ସମସ୍ୟା ଗୁଡ଼ିକ କାଗଜପତ୍ର ମାଧମରେ ସୀମୀତ ରହୁଥିବାଭଳି ମନେ ହେଉଛି । ତେଣୁ ଲୋକଙ୍କର ଏହି ସମସ୍ୟା ପ୍ରତି ଆଗାମୀ ଦିନରେ କିଏ ଦୃଷ୍ଟି ଦେଉଛି ତାହା ଦେଖିବାକୁ କେବଳ ବାକି ରହିଲା ।

# ୧୦ ହଜାର ଲାଞ୍ଚ ନେଲାବେଳେ ସମବାୟ ସମିତି ସମ୍ପାଦକ ଗିରଫ



**ଆଳି,୨୦।୮/ଏନ୍‌ଏନ୍‌ଏସ୍:** ଆଳି ବ୍ଲକ୍ ମହୁ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ଧୀରେନ୍ଦ୍ର ମହାନ୍ତି ଆଜି ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡି ଗିରଫ ହୋଇଛନ୍ତି । ମହୁ ସମବାୟ ସମିତିରୁ ଖରିଫ୍ ଋଣ କରାଇଦେବା ପାଇଁ ଧୀରେନ୍ଦ୍ର ସମବାୟ ସମିତିର ଜନୈକ ଚାଷୀ ବୀରେନ୍ଦ୍ର ନାଥଙ୍କ ଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ କବଜାରେ ପଡ଼ି ଯାଇଥିଲେ ।ଭିଜିଲାନ୍ସ ଟିମ ମହୁ ସମବାୟ ସମ୍ପାଦକ ଧୀରେନ୍ଦ୍ର ମହାନ୍ତିଙ୍କୁ ଅଫିସରୁ ଟଙ୍କା ନେବା ବେଳେ ଧରି ନେଇ କଟକ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆ ଯାଇଥିବା ଜଣା ପଡିଛି । ଭିଜିଲାନ୍ସର ଗୋଟିଏ ଟିମ ସମ୍ପାଦକ ଶ୍ରୀ ମହାନ୍ତିଙ୍କ ସାହୁପଡ଼ା ଘରେ ପ୍ରାୟ ଛଅ ଘଣ୍ଟା ଧରି କବାଟକିଳି ଛାନଭିନ କରିଥିବା ବେଳେ ଗଣମାଧ୍ୟମକୁ ଭିତରକୁ ଛାଡି ନଥିଲେ । ଭିଜିଲାନ୍ସ ରେଡ ସମୟରେ କଣ ପାଇଁ ଗଣମାଧ୍ୟମକୁ ଛଡାଗଲା ନାହିଁ ତାହାକୁ ନେଇ ଅନେକ ପ୍ରଶ୍ନ ଉଠିଛି । ଭିଜିଲାନ୍ସ ଟିମ ପକ୍ଷରୁ ଘର ଭିତରେ କଣ ତଦନ୍ତ କରାଗଲା, କଣ ଜବତ କରାଗଲା ତାହାକୁ ନେଇ ଗଣମାଧ୍ୟମ ପ୍ରତନିଧି ମାନେ ଭିଜିଲାନ୍ସ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ ମଧ ଭିଜିଲାନ୍ସ କୌଣସି ସୂଚନା ଦେଇନଥିଲେ । ମିଳିଥିବା ସୂଚନା ମୁତାବକ ମହୁ ସମବାୟ ସମିତିର ସମ୍ପାଦକ ଧୀରେନ୍ଦ୍ର ମହାନ୍ତି କୃଷି ଋଣ କରାଇ ଦେବାକୁ ନେଇ ଚାଷୀ ବୀରେନ୍ଦ୍ର କୁମାର ନାଥଙ୍କ ନିକଟରୁ ଦଶ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଏ ନେଇ ବୀରେନ୍ଦ୍ର ଭିଜିଲାନ୍ସ ସହିତ ଯୋଗାଯୋଗ କରିବା ପରେ ଭିଜିଲାନ୍ସ ଟିମର ଯୋଜନା ମୁତାବକ ବୀରେନ୍ଦ୍ର ଆଜି ଟଙ୍କା ନେଇ କାର୍ଯ୍ୟାଳୟରେ ଧୀରେନ୍ଦ୍ରକୁ ଦେବା ସମୟରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଟିମ ଧୀରେନ୍ଦ୍ରଙ୍କ ନିକଟରୁ ଦଶ ହଜାର ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରି କଟକ ଭିଜିଲାନ୍ସ କାର୍ଯ୍ୟାଳୟକୁ ଅଧିକ ତଦନ୍ତ ନିମନ୍ତେ ନିଆ ଯାଇଥିଲା ।

# ଜାତୀୟ ରାଜପଥ ଡିଭାଇଡର୍ ସ୍ଥାନାନ୍ତର ଦାବି



**କାମାକ୍ଷାନଗର,୨୦।୮/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଦେଇ ଯାଉଥିବା ଜାତୀୟ ରାଜପଥ ୫୩ର ବାଉଁଶପାଳ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଥିବା ଡିଭାଇଡର୍‌କୁ ସ୍ଥାନାନ୍ତର ପାଇଁ ବାଉଁଶପାଳର ସରପଞ୍ଚ ତଥା ରାଜ୍ୟ ସରପଞ୍ଚ ସଂଘର ସମ୍ପାଦିକା ସନ୍ଧ୍ୟାରାଣୀ ଷଣ୍ଢ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ଏଥିସହ ଜାତୀୟ ରାଜପଥରୁ ବାଉଁଶପାଳ ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବାକୁ ଦାବି ଜଣାଇଛନ୍ତି । ଜାତୀୟ ରାଜପଥରେ ଥିବା ଡିଭାଇଡର୍ ସମ୍ମୁଖରେ ବିଦ୍ୟାଳୟ ନିକଟରେ ସରକାରୀ କାର୍ଯ୍ୟାଳୟ ଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି । ବାଦ୍ୟାଳୟର ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ସୋମବାର ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିବା ବେଳେ ସମାଜସେବୀ ଦିଲିପ କୁମାର ଷଣ୍ଢ ,ଚନ୍ଦ୍ରଶେଖର ବ୍ରହ୍ମ, କରୁଣାକର ଷଣ୍ଢ, ଦୁଷ୍ମନ୍ତ ଜେନା, ରଞ୍ଜନ କୁମାର ଜେନା ,ଗଙ୍ଗାଧର ସାମଲଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।

# କୋର୍ଟ ପରିସରରେ ସ୍ୱାମୀ-ସ୍ତ୍ରୀଙ୍କ ହାଇଡ୍ରାମା

**ପଟ୍ଟାମୁଣ୍ଡାଇ,୨୦।୮/ଏନ୍‌ଏନ୍‌ଏସ୍:** ପଟ୍ଟାମୁଣ୍ଡାଇ କୋର୍ଟ ପରିସରରେ ତୁମୁଳ କାଣ୍ଡ ଘଟିଛି । ପୁଅ ନହେବାରୁ ଦ୍ୱିତୀୟ ବିବାହ ପାଇଁ ଆସିଥିବା ସ୍ୱାମୀକୁ କୋର୍ଟ ପରିସିରେ ନିର୍ଦ୍ଧୁମ ଛେଚିଛନ୍ତି ପ୍ରଥମ ସ୍ତ୍ରୀ । ଖବର ପାଇ ସ୍ଥାନୀୟ ପୁଲିସ କୋର୍ଟରେ ପହଞ୍ଚି ସ୍ୱାମୀ ଓ ଦ୍ୱିତୀୟ ପତ୍ନୀକୁ ଥାନାକୁ ନେଇ ଅଟକ ରଖିବା ସହିତ ତଦନ୍ତ ଆରମ୍ଭ କରିଛି । ଏହି ଘଟଣା ସମଗ୍ର ପଟ୍ଟାମୁଣ୍ଡାଇ ସହରରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ପ୍ରକାଶ, ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ତନୁପୁର ଗ୍ରାମର କିଶୋର ମଲିକଙ୍କର ୩ଟି ଝିଅ ଅଛନ୍ତି । ଗତ ୬ ଦିନ ତଳେ ଆଉ ଗୋଟିଏ ଝିଅ ଜନ୍ମ ହୋଇଛି । ପୁଅ ହେବାକୁ ନେଇ ବିଭିନ୍ନ ସମୟରେ ସ୍ୱାମୀ, ସ୍ତ୍ରୀଙ୍କ ମଧରେ ମନମାଳିନ ରହି ଆସିଥିଲା ଓ ପୁଅ ନହୋଇ ଝିଅ ହେବାରୁ ଅସନ୍ତୁଷ୍ଟ କିଶୋର ଆଜି ଅନ୍ୟଜଣେ ମହିଳାଙ୍କ ସହିତ ଦ୍ୱିତୀୟ ବିବାହ କରିବାକୁ ପଟ୍ଟାମୁଣ୍ଡାଇ ଜୁଡିସିଆଲ କୋର୍ଟରେ ପହଞ୍ଚିଥିଲେ । ଦ୍ୱିତୀୟ ବିବାହ କରିବା ପାଇଁ କାଗଜପତ୍ର ପ୍ରସ୍ତୁତ ହେଉଥିବା ସମୟରେ ଏହି ଖବର ପ୍ରଥମ ପତ୍ନୀ ପାଇଥିଲେ । ଖବର ପାଇ ପ୍ରଥମ ପତ୍ନୀଙ୍କ ସହ ତାଙ୍କ ପରିବାର ଓ ବନ୍ଧୁମାନେ କୋର୍ଟ ପରିସରରେ ପହଞ୍ଚି କିଶୋରକୁ ନିର୍ଦ୍ଧୁମ ଛେଚିଥିଲେ । କୋର୍ଟ ପରିସର ରଣାଙ୍ଗନରେ ପରିଣତ ହୋଇଥିଲା । କୋର୍ଟ ପରିସରରେ ଗଣ୍ଡଗୋଳ ହେଉଥିବାର ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳକୁ ଆସି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହିତ ସମସ୍ତଙ୍କୁ ଥାନାକୁ ନେଇଥିଲେ । ପୁଲିସ ସମସ୍ତ ଘଟଣା ବୁଝିବା ପରେ ସ୍ୱାମୀ କିଶୋର ଓ ଦ୍ୱିତୀୟ ସ୍ତ୍ରୀକୁ ଥାନାରେ ଅଟକ ରଖି ପଚରା ଉଚରା କରୁଛି ।

# କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ ଆଣ୍ଟି ରାଗିଂ ସପ୍ତାହ

**କେନ୍ଦ୍ରାପଡ଼ା,୨୦।୮/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଆନୁକୂଲ୍ୟରେ ଆଣ୍ଟି ରାଗିଂ ସପ୍ତାହ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନାଙ୍କ ସଭାପତିତ୍ୱରେ ଏବଂ ବାଣିଜ୍ୟ ବିଭାଗ ଅଧ୍ୟାପକ ବିକାଶ କୁମାର ନାୟକଙ୍କ ସଂଯୋଜନାରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ଉପସ୍ଥିତ ତିନିଶହରୁ ଉର୍ଦ୍ଧ୍ୱ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ରାଗିଂ ସମ୍ପର୍କରେ ସଚେତନ କରାଯାଇଥିଲା । ମହାବିଦ୍ୟାଳୟର କୌଣସି ଛାତ୍ର କିମ୍ବା ଛାତ୍ରୀଙ୍କୁ ଶାରିରୀକ, ମାନସିକ ବା ଆର୍ଥିକ ଭାବରେ ରାଗିଂ ନକରିବାକୁ ପରାମର୍ଶ ଦିଆଯାଇଥିଲା । ଯଦି କୌଣସି ଛାତ୍ର ବା ଛାତ୍ରୀ ଏଭଳି କୌଣସି ରାଗିଂର ସମ୍ମୁଖୀନ ହୁଅନ୍ତି ତେବେ ତୁରନ୍ତ ଏସମ୍ପର୍କରେ ମହାବିଦ୍ୟାଳୟର ଆଣ୍ଟି ରାଗିଂ ସେଲକୁ ଜଣାଇବାକୁ ପରାମର୍ଶ ଦିଆଯାଇଥିଲା । ଚଳିତମାସ ୧୨ରୁ ୧୮ତାରିଖ ପର୍ଯ୍ୟନ୍ତ ଏହି ସପ୍ତାହ ପାଳନ ଅବସରରେ ମହାବିଦ୍ୟାଳୟରେ ଏହି ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା ।

# ଧର୍ମପରାୟଣ ମହିଳାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ଯାଜପୁର,୨୦।୮/ଏନ୍‌ଏନ୍‌ଏସ୍:** ଧର୍ମପରାୟଣ ମହିଳା ସୁଧାଂଶୁବାଳା ରାଉତଙ୍କ ପ୍ରଥମ ବାର୍ଷିକୀ ଶ୍ରଦ୍ଧାଞ୍ଜଳି ଉତ୍ସବ ସ୍ଥାନୀୟ ମଲ୍ଲିକାପୁର ବାସ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ରାଉତ ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କ ମାତା ଅଟନ୍ତି । ତାଙ୍କର ଆଜି ଏହି ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବରେ ଶତାଧିକ ଲୋକେ ଉପସ୍ଥିତ ହୋଇ ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ତାଙ୍କର ଲୋକଙ୍କ ପ୍ରତି ଭଲ ପାଇବା ସ୍ନେହ ଶ୍ରଦ୍ଧାକୁ ମନେ ପକାଇଥିଲେ । ତାଙ୍କର ଆବର୍ତ୍ତମାନରେ ସମଗ୍ର ଅଞ୍ଚଳବାସୀ ଆଜି ସ୍ମୃତିକୁ ଉଦ୍‌ଜିବିତ କରି ରଖିବା ପାଇଁ ତାଙ୍କର ଗୋଟିଏ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଉପସ୍ଥିତ ଶୁଭେଚ୍ଛୁମାନେ ପ୍ରସ୍ତାବ ଦେଇଥିଲେ । ତାଙ୍କ ପରିବାରର ପୁତ୍ର ମନୋଜ ରାଉତ, ପଙ୍କଜ ରାଉତ ଏବଂ ନାତି ମାନବେନ୍ଦ୍ର ରାଉତ ଏବଂ ପରିବାର ବର୍ଗ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବେଳେ ପସିସି ସଭାପତିଙ୍କ ପରାମର୍ଶ ଦାତା ସୁଧାଂଶୁ ଦେଓ, ଦିଗମ୍ବର କର, ସନ୍ତୋଷ ନନ୍ଦ, ସୁଦିପ କର, ବନ୍ଦିତା ପରିଡ଼ା, ପୂର୍ବତନ ନଗରପାଳ ପ୍ରକାଶ ଦାସ, ଅଜୟ ସାମଲ, କିଷାନ ପଣ୍ଡା, ଦୁର୍ଯ୍ୟୋଧନ ବେହେରା, ବିଷ୍ଣୁ ରାଉତ, କନକଲତା ମଲ୍ଲିକ, ଆରତି ଦେଓ, ସନ୍ତୋଷ ସାମଲ, ଅପୂର୍ବ ସାମଲ, ଶ୍ରୀନାଥ ମିଶ୍ର, ଭାସ୍କର ମହାନ୍ତି, ବିଳାସ ରାଉତରାୟ, ମାନସ କର, ବିଦ୍ୟାଧର ମହାନ୍ତି, ଦେବେନ୍ଦ୍ର ପଣ୍ଡା, ଶ୍ୟାମସୁନ୍ଦର ଦାସ, ନାରୟଣ ଚନ୍ଦ୍ର ସାମନ୍ତ, ପ୍ରତିମା କର, କୈଳାସ ନାୟକ, ଅଜୟ ରାଉତ, ସମରଜିତ ମହାନ୍ତି, ବଳଭଦ୍ର ଦାସ, ଦିଲ୍ଲୀପ ଦାସ, ସଂଗ୍ରାମ ଜେନା, ଆନନ୍ଦ ଚନ୍ଦ୍ର ସାହୁ, ଗଦାଧର ଦାସ, ଅରୁଣ ରାଉତ, ହୃଷିକେଶ ପତି, ମାଗୁଣି ଜେନା, ଅନିଲ ମହାନ୍ତି, ସଂଗ୍ରାମ ଜେନା, ଅବ୍ଦୁଲ ସଲିମ, କାଲୁଆ ରାଉତ, ଅନିଲ୍ ଜେନା ସମେତ ଶତାଧିକ ଶୁଭେଚ୍ଛୁ ଉପସ୍ଥିତ ହୋଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ନାମରେ

# ଡାକ ଟିକଟ ପ୍ରଚଳନ ପାଇଁ ସଂସଦରେ ସାଂସଦଙ୍କ ଦାବି

**ଢେଙ୍କାନାଳ,୨୦।୮/ଏନ୍‌ଏନ୍‌ଏସ୍:** ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାକାଣ୍ଡର ଉଚ୍ଚସ୍ତରୀୟ ତଦନ୍ତ ଦାବି ସହିତ ଏକ ସ୍ମାରକି ଡ଼ାକ ଟିକଟ ପ୍ରଚଳନ ପାଇଁ ଆଜି ସଂସଦରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଦୃଢ ଯୁକ୍ତି ଉପସ୍ଥାପନ କରିଛନ୍ତି । ତାଙ୍କର ଏହି ଯୁକ୍ତିକୁ ସଂସଦରେ ଗ୍ରହଣ କରାଯାଇଛି । ସାଂସଦ ଶ୍ରୀ ପାଣି ସଂସଦକୁ ଜଣାଇଥିଲେ କି ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଜି କେବଳ ଆଧ୍ୟାତ୍ମିକ କ୍ଷେତ୍ର ପାଇଁ କାମ କରୁନଥିଲେ । ସେ ସାମାଜିକ ସଂସ୍କାରର ପ୍ରତୀକ ମଧ ଥିଲେ । ହିମାଳୟରେ ସାଧନା ପରେ ସ୍ୱାମୀ ଶ୍ରୀ ଲକ୍ଷ୍ମଣାନନ୍ଦ ଓଡିଶାର କନ୍ଧମାଳର ଚକାପାଦଠାରେ ନିଜର ଆଶ୍ରମ ସ୍ଥାପନା କରି ଅନୁସୂଚିତ ଜାତି ଲୋକଙ୍କ ଉତ୍‌ଥାନ ପାଇଁ କାର୍ଯ୍ୟ କରୁଥିଲେ । ବିଶେଷ କରି ଅନୁସୁଚିତ ଜାତି ଲୋକଙ୍କୁ ଅର୍ଥ ଲୋଭ ଦ୍ୱାରା ବଶବର୍ତି କରାଯାଇ ଧର୍ମାନ୍ତରକରଣ କରାଯାଉଥିବାକୁ ଏହାକୁ ସ୍ୱାମୀ ଲକ୍ଷ୍ମଣାନନ୍ଦଜୀ ଦୃଢ ବିରୋଧ କରିଆସୁଥିଲେ । ଧର୍ମାନ୍ତିକରଣକୁ ବିରୋଧ କରୁଥିବା ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କୁ ନକ୍ସଲଙ୍କ ଦ୍ୱାରା ବର୍ବରୋଚିତ ଭାବେ ୧୭ ବର୍ଷ ପୁର୍ବେ ଗତ ୨୦୦୮ ମସିହା ଅଗଷ୍ଟ ୨୩ ତାରିଖ ଜନ୍ମାଷ୍ଟମୀ ଦିନରେ ହତ୍ୟା କରାଯାଇଥିଲା । ଏଭଳି ବର୍ବରୋଚିତ ନିର୍ମମ ହତ୍ୟାକାଣ୍ଡର ସାର୍ଥକ ଦଣ୍ଡବିଧାନ ଅଦ୍ୟାବଧି କରାଯାଇପାରି ନାହିଁ । ସ୍ୱାମୀ ଲକ୍ଷ୍ମଣାନନ୍ଦ ସମାଜ ପ୍ରତି କରିଯାଇଥିବା ତ୍ୟାଗ, ତପସ୍ୟା ଓ ବଳିଦାନ ପାଇଁ ତାଙ୍କ ନାମରେ ଏକ ସ୍ମାରକୀ ଡ଼ାକ ଟିକଟ ପ୍ରଚଳନ କରିବା ପାଇଁ ଶ୍ରୀ ପାଣି ସଂସଦରେ ନିଜର ଯୁକ୍ତି ଉପସ୍ଥାପନ କରିଛନ୍ତି ।

# ଇତିହାସ ବିଭାଗର ସ୍ୱାଗତ ଉତ୍ସବ



**ପାରାଦୀପ,୨୦।୮/ଏନ୍‌ଏନ୍‌ଏସ୍:** ପାରାଦୀପ ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ନୂତନ ଛାତ୍ରଛାତ୍ରୀମାନଙ୍କ ପାଇଁ ବୁଧବାର ଦିନ ଏକ ସ୍ୱାଗତ ପର୍ବ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସସ୍ମିତା ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଚରିତ୍ର ଗଠନ, ମୂଲ୍ୟବୋଧ ତଥା କର୍ତ୍ତବ୍ୟ ପରାୟଣ ଉପରେ ଗୁରୁତ୍ୱ ଦେବା ପାଇଁ କହିଥିଲେ । ବିଭାଗୀୟ ମୁଖ୍ୟ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ । ବିଭାଗର ଅଧ୍ୟାପକ ସନ୍ତୋଷ କୁମାର ମିଶ୍ର, ପ୍ରତୀକ କୁମାର ପଣ୍ଡା, ଅଧ୍ୟାପିକା ସଂଘମିତ୍ରା ପ୍ରଧାନ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ପ୍ରତିଯୋଗିତା ତଥା ସଙ୍ଗୀତ କାର୍ଯ୍ୟକ୍ରମ କରାଯାଇଥିଲା ।

# ସ୍କୁଟିକୁ ଧକ୍କାଦେଲା କାର୍, ଜଣେ ମୃତ

**ଛେଣ୍ଡିପଦା,୨୦।୮/ଏନ୍‌ଏନ୍‌ଏସ୍:** ଅନୁଗୁଳ ଜିଲ୍ଲା ଦେଇ ଯାଇଥିବା ୫୫ନଂ ଜାତୀୟ ରାଜପଥର ଜରପଡା ଥାନା କତଡା ଠାରେ ସ୍କୁଟିକୁ ପଛରୁ ଧକ୍କା ଦେଲା ଇନୋଭା କାର୍ ଫଳରେ ସ୍କୁଟି ଚାଳକଙ୍କର ମୃତ ହୋଇଛି । ମୃତକ ଜଣକ ହେଲେ କତଡା ଗାଁର ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଶ୍ରୀନିବାସ ପ୍ରଧାନ । ସୂଚନା ଅନୁଯାୟୀ, କତଡା ଗାଁର ଶ୍ରୀନିବାସ ପ୍ରଧାନ ତେଲ ଟାଙ୍କିରେ ତେଲ ପକାଇ ଅନୁଗୁଳ ସମ୍ବଲପୁର ୫୫ନଂ ଜାତୀୟ ରାଜପଥରେ ନିଜ ଘର କତଡାକୁ ଫେରୁଥିବା ବେଳେ ସମ୍ବଲପୁରରୁ ଅନୁଗୁଳ ଆସୁଥିବା ଇନୋଭା କାର ପଛରୁ ଧକ୍କା ଦେଇଥିଲା । ଫଳରେ ଶ୍ରୀନିବାସ ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ିଥିଲେ । ଖବରପାଇ ଜରପଡା ପୁଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଶ୍ରୀନିବାସଙ୍କୁ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିବା ସହିତ ଇନୋଭା କାର୍‌ର ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି ।

# ଧାନ ତଳି ନଷ୍ଟକଲା ହାତୀ



**ଢେଙ୍କାନାଳ,୨୦।୮/ଏନ୍‌ଏନ୍‌ଏସ୍:** ହାତୀ ଉପଦ୍ରବକୁ ନେଇ ସଂସଦରେ ସାଂସଦ ରୁଦ୍ରନାରାୟଣ ପାଣି ଉଦବେଗ ପ୍ରକାଶ କରିଥିଲେ । ତତ୍ ସହିତ ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସହାୟତା ପ୍ରଦାନ ପାଇଁ ସଂସଦରେ ଦୃଷ୍ଟି ଆକର୍ଷଣ କରିଥିଲେ । ହିନ୍ଦୋଳ ଅଞ୍ଚଳରେ ବାରମ୍ବାର ହାତୀ ଉପଦ୍ରବ ଏବେ ଚରମ ସୀମାରେ ପହଞ୍ଚିଛି । ଚାଷୀଙ୍କର ଧାନ ତଳି ଦଳି ଚକଟି ନଷ୍ଟ କରିପକାଉଛି ହାତୀ । ଚାଷୀଟିଏ ଦିନ ରାତି ଜମିରେ ଅହରହ ପରିଶ୍ରମ କରିଥାଏ ଭଲ ଅମଳ ଗଣ୍ଡେ କଲେ ବର୍ଷସାରା ତା ପରିବାର ମୁହଁରେ ଦାନା ଟିକେ ଦବ କିନ୍ତୁ ବଡ ଦୁଃଖର ବିଷୟ କି ତା ସ୍ୱପ୍ନ ହାତୀ ଓ ବାରହା ପାଣି ଫୋଟକା ପରି ମିଳେଇ ଦେଇଥାନ୍ତି । ଏବେ ହିନ୍ଦୋଳ ବନାଞ୍ଚଳରେ ହାତୀଙ୍କ ସଂଖ୍ୟା ଦୃତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଜଙ୍ଗଲରେ ହାତୀ ନରହି ଜନବସତି ମୁହାଁ ହୋଇ ଚାଷୀର ଫସଲକୁ ଦଳିଚକଟି ଖାଇ ଫସଲକୁ ଉଜାଡ଼ି ଦେଉଛ । ଏ ସଂପର୍କରେ ଚାଷୀମାନେ ବନବିଭାଗକୁ ଜଣାଉଥିଲେ ମଧ କୌଣସି ପ୍ରତିକାର ବନବିଭାଗ କରୁନାହିଁ । ଯାହାଫଳରେ ଧାରଉଧାର ଆଣି ଚାଷୀଟିଏ ଭଲ ଗଣ୍ଡେ ଅମଳ କରିବାର ଯେଉଁ ସ୍ୱପ୍ନ ଦେଖିଥାଏ ତାହା ମିଳେଇ ଯିବା ସହ ମୁଣ୍ଡରେ କରଜର ଚିନ୍ତା ବଢିଯାଏ । ଏପରି ଘଟଣା ହିନ୍ଦୋଳରେ ବାରମ୍ବାର ଘଟୁଥିଲେ ମଧ ବନବିଭାଗ ବେଫିକର ହୋଇ ଶୋଇ ରହିଛି । ଯାହାର ଜ୍ୱଳନ୍ତ ଉଦାହରଣ ବାଉଁଶପୋଖରୀ ପଞ୍ଚାୟତ ଅନ୍ତର୍ଗତ ନୂଆକୋଟ ଗ୍ରାମରେ ଦେଖିବାକୁ ମିଳିଛି । ସୂଚନାଅନୁଯାୟୀ ନୂଆକୋଟ ଗ୍ରାମର ତ୍ରିନାଥ ବେହେରା ନାମକ ଏକ ଚାଷୀଙ୍କର ଗତ ଅପ୍ରେଲ ୨୯ ତାରିଖରେ ଆମ୍ବ ଓ ପନିପରିବା ବଗିଚା ହାତୀ ଭାଙ୍ଗି ରୁଜି ଦେବା ସହ ପାଖରେ ଥିବା ଅନ୍ୟଜଣଙ୍କର ଚାଳ ଘରକୁ ମଧ ଭାଙ୍ଗି ଦେଇଥିଲା । ଏ ସଂକ୍ରାନ୍ତରେ ବନବିଭାଗକୁ ସଙ୍ଗେ ସଙ୍ଗେ ଜଣାଇଥିଲେ ମଧ ଏହାର କ୍ଷତିପୂରଣ ବାବଦ କୌଣସି ଟଙ୍କାଟିଏ ଆଜିପର୍ଯ୍ୟନ୍ତ ନମିଳିଥିବାସ୍ଥଳେ ଗତ ଶନିବାର ଓ ରବିବାର ମଧରାତ୍ରରେ ହାତୀ ଆସି ସେହି ଚାଷୀଙ୍କର ଜମିରେ ପକାଇଥିବା ୪୦କିଲୋର ଧାନତଳିକୁ ଦଳି ଚକଟି ସଂପୂର୍ଣ୍ଣ ନଷ୍ଟ କରିଦେଇଛି । ଯାହାଫଳରେ ଚାଷୀ ବିଲକୁ କାଦୁଅ କରି ତଳି ନପାଇ ହତାଶ୍ ହୋଇପଡିଛି । କ୍ଷତିପୂରଣ ପାଇଁ ବନବିଭାଗକୁ ଆସୁଥିବା ଅନୁଦାନ ଯଦି କ୍ଷତିଗ୍ରସ୍ତ ଲୋକମାନେ ପାଉନାହାନ୍ତି ତେବେ ଆସୁଥିବା ଅନୁଦାନ ଯାଉଛି କୁଆଡେ ବୋଲି ସାଧାରଣରେ ଏବଂ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ?

# କଂଗ୍ରେସର ବ୍ଲକ୍‌ସ୍ତରୀୟ କର୍ମୀ ସମ୍ମିଳନୀ



**କାମାକ୍ଷାନଗର,୨୦।୮/ଏନ୍‌ଏନ୍‌ଏସ୍:** ପରଜଙ୍ଗ ନିର୍ବାଚନମଣ୍ଡଳୀ ଡ଼ଙ୍ଗାପାଳ ଗ୍ରାମ ଜଗନ୍ନାଥ ମନ୍ଦିର ନିକଟରେ କଂଗ୍ରେସ ଦଳ ତରଫରୁ କଙ୍କଡାହାଡ଼ ବ୍ଲକ୍‌ସ୍ତରୀୟ କର୍ମୀ ସମ୍ମିଳନୀ ଓ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । କଙ୍କଡାହାଡ଼ ବ୍ଲକ୍‌ର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବ୍ଲକ ସଭାପତି ଧନେଶ୍ୱର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଜିଲ୍ଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳ, ବରିଷ୍ଠ କଂଗ୍ରେସ ନେତା ରଞ୍ଜିତ ସାହୁ, ରାଜୀବ ଲୋଚନ ସିଂହଦେଓ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମେ ପରଜଙ୍ଗ ବ୍ଲକ୍ ମାଣିକମରା ଗ୍ରାମର ସହିଦ ଯବାନ ମନୋଜ ବିଶ୍ୱାଳଙ୍କ ଅମରଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯିବା ସହିତ ଆଗାମୀ ସମୟରେ କଂଗ୍ରେସ ଦଳ କିପରି ତୃଣମୂଳ ସ୍ତରରେ ଦୃଢ ହେବା ସହିତ ଭୋଟ ଚୋରି କରି ଶାସନକୁ ଆସିଥିବା ବିଜେପିର କୁଶାସନ ବିରୁଦ୍ଧରେ ବ୍ୟାପକ ପ୍ରଚାର ପ୍ରସାର କରାଯାଇ ଲୋକ ଲୋଚନକୁ ଅଣାଯାଇ ପାରିବ ସେ ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା । ଗାଁ ଗାଁ ରେ ଲୋକଙ୍କୁ ବିଜେପି ସରକାରର ଭ୍ରଷ୍ଟ ରାଜନୀତି ବିଷୟରେ ଜଣାଇବା ସହ ସମସ୍ତ କଂଗ୍ରେସ କର୍ମୀ ପୂର୍ବରୁ ହୋଇଥିବା ଭୁଲ ତ୍ରୁଟି ସୁଧାରି, ଏକାଠି ହୋଇ ଆଗାମୀ ସମୟରେ ଦଳକୁ ସଂଗଠିତ କରାଯିବା ନେଇ ଶପଥ ଗ୍ରହଣ କରିଥିଲେ । ପରଜଙ୍ଗ ନିର୍ବାଚନ ମଣ୍ଡଳୀର ଯୁବ ନେତା ତଥା ମିଡ଼ିଆ ସଂଯୋଜକ ଅବିନାଶ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବୈଠକରେ କଙ୍କଡାହାଡ଼ ବ୍ଲକ୍‌ର ବହୁ ମହିଳା ଓ ପୁରୁଷ କଂଗ୍ରେସ କର୍ମୀ ଭାଗ ନେଇଥିଲେ ।

# ୧୦ ଦିନରେ ଅମଲା ସଂଘର ଆନ୍ଦୋଳନ



**କେନ୍ଦ୍ରାପଡ଼ା,୨୦।୮/ଏନ୍‌ଏନ୍‌ଏସ୍:** ରାଜ୍ୟ ରାଜସ୍ୱ ଅମଲା ସଂଘର ଆହ୍ୱାନ କ୍ରମେ କେନ୍ଦ୍ରାପଡା ଜିଲ୍ଲା ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ୧୦ ଦିନରେ ପହଞ୍ଚିଛି । ଜିଲ୍ଲା କାର୍ଯ୍ୟାଳୟର ସମସ୍ତ ରାଜସ୍ୱ ଅମଲା ଏହି କାର୍ଯ୍ୟବନ୍ଦ ଆନ୍ଦୋଳନରେ ଯୋଗଦେବା ସହ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି । ଜିଲ୍ଲା କାର୍ଯ୍ୟାଳୟ ସମେତ ସମସ୍ତ କାର୍ଯ୍ୟାଳୟର ଅମଲାମାନେ ଧାରଣାରେ ଯୋଗ ଦେଇଥିବାରୁ କୌଣସି ଅଫିସ୍ କାର୍ଯ୍ୟ ହୋଇପାରୁ ନାହିଁ । ଦୂର ଦୂରାନ୍ତରୁ ଆସୁଥିବା ଜନ ସାଧାରଣ ଅସୁବିଧାର ସମ୍ମୁଖୀନ ହେବା ସହ ସମସ୍ତ ସରାକରୀ କାର୍ଯ୍ୟ ଠପ୍ ହେଇଯାଇଛି । ଦୀର୍ଘ ୧୦ ଦିନ ହେଲା ସେମାନଙ୍କର ଦାବିଗୁଡିକୁ ରାଜ୍ୟ ସରକାର ପୂରଣ କରୁନଥିବାରୁ ଅମଲାସଂଘ ତରଫରୁ ଧାରଣା ଚାଲୁ ରହିଛି । ଧାରଣା ଯୋଗୁ ଜିଲ୍ଲାରେ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଥିବାରୁ କୌଣସି ସରକାରୀ କାର୍ଯ୍ୟ ହୋଇପାରୁ ନାହିଁ । ରାଜ୍ୟ ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରି ସମସ୍ୟାର ସମାଧାନ ଦିଗରେ ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି । ଏଥିସହିତ ଜିଲ୍ଲାପାଳ ଏହି ଧାରଣାକାରୀଙ୍କ ସହିତ ମଧ ଆଲୋଚନା କରିଥିବା ଜଣାପଡିଛି ।

# ଜିଲ୍ଲା ଯୁବ ରେଡ୍‌କ୍ରସ୍‌ର କାର୍ଯ୍ୟକାରିଣୀ ବୈଠକ



**କେନ୍ଦ୍ରାପଡ଼ା,୨୦।୮/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଯୁବ ରେଡ୍‌କ୍ରସର କାର୍ଯ୍ୟକାରିଣୀ ବୈଠକ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ତଥା ଜିଲ୍ଲା ଯୁବ ରେଡ୍‌କ୍ରସର ସଭାପତି ପ୍ରାଧ୍ୟାପକ ଶାନ୍ତନୁ କୁମାର ଜେନାଙ୍କ ପୌରହିତ୍ୟରେ ବୁଧବାର ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକାରିଣୀ ବୈଠକରେ ଜିଲ୍ଲାର ୩୦ଟି ମହାବିଦ୍ୟାଳୟ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଯୁବରେଡକ୍ରସର ପରାମର୍ଶଦାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯୁବରେଡକ୍ରସର ଜିଲ୍ଲା ଆବାହକ ତଥା ସମ୍ପାଦକ ଅଧ୍ୟାପକ ବିକାଶ କୁମାର ନାୟକ କାର୍ଯ୍ୟକାରିଣୀର ଉଦେଶ୍ୟ ଜ୍ଞାପନ କରିଥିଲେ। ଜିଲ୍ଲା ସଂଯୋଜକ ରତ୍ନାକର ସେଠୀ ଜିଲ୍ଲା ଯୁବରେଡକ୍ରସ ପକ୍ଷରୁ ୨୦୨୪-୨୫ବର୍ଷରେ ହୋଇଥିବା କାର୍ଯ୍ୟକ୍ରମର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। 'ଦାନା' ବାତ୍ୟା ସମୟରେ ଜିଲ୍ଲା ପ୍ରଶାସନର ସହଯୋଗରେ କେନ୍ଦ୍ରାପଡା ଯୁବରେଡକ୍ରସ ଦ୍ୱାରା ରାଜନଗରରେ ରିଲିଫ ପ୍ରଦାନ କାର୍ଯ୍ୟ ପରିଚାଳନାକୁ ସମସ୍ତେ ଉଚ୍ଚ ପ୍ରଶଂସା କରିଥିଲେ। ୨୦୨୫-୨୬ ବର୍ଷରେ ଜିଲ୍ଲା ଯୁବରେଡକ୍ରସ ପକ୍ଷରୁ ରକ୍ତଦାନ ଶିବିର, ବୃକ୍ଷରୋପଣ, ସ୍ୱାସ୍ଥ୍ୟ ଶିବିର, ସଡକ ସୁରକ୍ଷା ଓ ନିଶାମୁକ୍ତି ଅଭିଯାନ ପ୍ରମୁଖ ୧୨ଟି କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଚଳିତବର୍ଷ ମାର୍ଶାଘାଇ ମହାବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ ଜ୍ଞାନ ଆହରଣ ଓ ପ୍ରଶିକ୍ଷଣ ଶିବିର, ଚାନ୍ଦୋଳସ୍ଥିତ ହୃଦାନନ୍ଦ ସ୍ମାରକୀ ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର ଅନୁଷ୍ଠିତ ହେବାକୁ ସର୍ବସମ୍ମତିକ୍ରମେ ସ୍ଥିର କରାଯାଇଛି। ଶେଷରେ ଡ. ହିମାଂଶୁ ଭୂଷଣ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ଯୁବରେଡକ୍ରସର ସ୍ୱେଚ୍ଛାସେବୀ ତଥା କେନ୍ଦ୍ରାପଡା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମନୋଜ କୁମାର ଲେଙ୍କା, ଉମେଶ ଆଚାର୍ଯ୍ୟ, ଭବାନୀ ଶଙ୍କର ପ୍ରଧାନ, ସ୍ମୃତି ସଞ୍ଜିବନୀ ନାୟକ, ପି.ସି.ଶୁଭମଶେଖର, ଅର୍ପିତା ମାଟି, ଅନିତା ପ୍ରଧାନ, ସୌମ୍ୟରଞ୍ଜନ ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବ୍ରହ୍ମାକୁଣ୍ଡ ପ୍ରତି ପ୍ରଶାସନର ଦୃଷ୍ଟି ପଡ଼ିବ କେବେ ?



**ଯାଜପୁର,୨୦।୮/ଏନ୍‌ଏନ୍‌ଏସ୍:** ଯାଜପୁର ଏକ ଶକ୍ତିକ୍ଷେତ୍ର। ଯାଜପୁରର ଅଧିଷ୍ଠାତ୍ରୀ ମା' ବିରଜାଙ୍କ ଯଜ୍ଞ ପୁଷ୍କରିଣୀ ହେଉଛି ବ୍ରହ୍ମାକୁଣ୍ଡ। ଯେଉଁଠି ମା' ଙ୍କର ଉତ୍ପତ୍ତିସ୍ଥଳ ବା ଜନ୍ମସ୍ଥଳୀ। କିନ୍ତୁ ଚିନ୍ତାର ବିଷୟ ଏହାର ରକ୍ଷଣାବେକ୍ଷଣର ଅଭାବରୁ ବର୍ତ୍ତମାନ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ିରହିଛି। ଏହାର ବିକାଶ ପାଇଁ ଅନେକ ଯୋଜନା ପ୍ରସ୍ତୁତ ହୋଇଥିଲେ ମଧ ଏହାର ପୁନରୁଦ୍ଧାର ପାଇଁ ଜିଲ୍ଲାପ୍ରଶାସନ ଦୃଷ୍ଟି ଦେଉନାହିଁ। ଯାହା ଫଳରେ ଜନସାଧାରଣଙ୍କ ଭିତରେ ଅସନ୍ତୋଷ ଦେଖିବାକୁ ମିଳୁଛି। ପ୍ରତ୍ୟେକ ଦିନ ବିରଜା ମନ୍ଦିରକୁ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ ପାଇଁ ଆସୁଛନ୍ତି ଓ ବ୍ରହ୍ମାକୁଣ୍ଡର ଏହି ଦୟନୀୟ ଅବସ୍ଥା ଦେଖି ଦର୍ଶନାର୍ଥି ନିରାଶ ହେଉଛନ୍ତି। ସନ୍ଧ୍ୟା ବଢିବା ପରେ ଏହି ବ୍ରହ୍ମାକୁଣ୍ଡ ପାଲଟୁଛି ମଦୁଆଙ୍କ ଆଡ୍ଡାସ୍ଥଳୀ। ଯାହା ମନ୍ଦିର ସେବାୟତ ତଥା ଯାଜପୁର ଜିଲ୍ଲାବାସୀଙ୍କ ମନରେ ଆଘାତ ଦେଉଛି । ଏହି ପବିତ୍ର କୁଣ୍ଡର ଚାରିପଟେ ନେଳି ନର୍ଦମା ଏବଂ ଅନାବନା ଗଛ ଉଠି ପାଣିକୁ ଅତ୍ୟନ୍ତ ଦୂଷିତ କରୁଛି। ସରକାର ବିଭିନ୍ନ ଦର୍ଶନୀୟ ସ୍ଥାନଗୁଡିକୁ ସୁସଜିତ କରିବା ପାଇଁ ଯୋଜନା କରୁଥିବା ବେଳେ ଯାଜପୁରର ମୁଖଶାଳା କୁହାଯାଉଥିବା ବ୍ରାହ୍ମକୁଣ୍ଡର ରକ୍ଷଣା ବେକ୍ଷଣ ପାଇଁ କାହାର ନିଘା ନଥିବା ଭଳି ପରିଲକ୍ଷିତ ହେଉଛି। ମା' ବିରଜାଙ୍କର ଆଗକୁ ଶାରଦୀୟ ଦୁର୍ଗାପୂଜା ଏବଂ ରଥଯାତ୍ରା ପାଇଁ ଖୁବ୍ ସ୍ୱଳ୍ପ ସମୟ ଥିବାରୁ ଏହାର ପୁନରୁଦ୍ଧାର କିପରି ହୋଇପାରିବ ଜିଲ୍ଲାବାସୀ ଏବଂ ବିରଜା ମନ୍ଦିର ସେବାୟତଙ୍କ ଚିନ୍ତା ବଢ଼ିଯାଇଛି।

**AFFIDAVIT**

By virtue of an affidavit sworn before the Executive Magistrate Banpur, Khordha, Vide Affidavit No. 3231/19.08.2025 that I Dipa Patra, aged about 45years, W/o- Santosh Patra a permanent resident of Kanheipur, Po : Sunakhala, Ps: Banpur, Dist : Khordha, Odisha, Pin: 752034 declare that I have changed my name as **Dipa Patra** (New name) instead of **Dipa Pal** (Old name) for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Keonjhar, dated 08/08/2025, I KALPANA PUHAN, C/o- MADAN MOHAN PUHAN of Vill- Danla, Po- Suakati, Ps- Sadar, Dist- Keonjhar, Pin-758018, declare that I have changed my name from Kalpalata Naik to Kalpana Puhan. Henceforth, I shall be known as **Kalpana Puhan** for all purposes.

**Kalpana Puhan**

**AFFIDAVIT**

By virtue of an affidavit sworn before Notary Public, Berhampur, Ganjam, on dated. 18.08.2025, I Nibash Mallick, aged about 33 year, Son of Rabindra Mallick of Village- Salakia, P.O.-Balakia, P.S- Baliguda, Dist-Kandhamal, that I have changes the name of my minor Son from "RITIK MALLICK" to "RITESH MALLICK" and henceforth he will be known as **"RITESH MALLICK"** for all purpose.

**AFFIDAVIT**

By Virtue of an affidavit sworn before the Executive Magistrate, Jatni, affidavit no. 06, dtd.31.07.2025, I Sornapudi Babu Rao, S/o- Sornapudi Sriramlu, At- House No-05/01/100, Raja Bazar, Po/Ps- Jatni, Dist-Khordha, Pin- 752050, Odisha hereby declare that I have changed my name from S Babu Rao (Old Name) to Sornapudi Babu Rao (New Name). Henceforth, I Shall be known as **Sornapudi Babu Rao** for all purposes.

**AFFIDAVIT**

By virtue of an affidavit sworn before The Executive Magistrate, Cuttack, dated 13-08-2025, I , Manoj Goenka, Son of Atmaram Goenka, Address: Kar Palace, Dakabara Sahi, Sutahat, Po- Cuttack G.P, District- Cuttack, Odisha – 753001 declare that I have changed my name from Manoj Kumar Goinka to Manoj Goenka Henceforth, I shall be known as Manoj Goenka for all purposes.

**Manoj Goenka**

# ରାଜସ୍ୱ ସର୍କଲରେ 'ଆମ ଗାଁରେ ତହସିଲ୍' କାର୍ଯ୍ୟକ୍ରମ



**ଚାନ୍ଦୋଳ,୨୦।୮/ଏନ୍‌ଏନ୍‌ଏସ୍:** ଡେରାବିଶ ତହସିଲ ଅଧନସ୍ଥ ଚାନ୍ଦୋଳ ରାଜସ୍ୱ ସର୍କଲରେ ଆଜି 'ଆମ ଗାଁରେ ତହସିଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ତହସିଲ ପ୍ରଶାସନ ଗ୍ରାମାଞ୍ଚଳରେ ପହଞ୍ଚି ତହସିଲର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି। ଏହି ଉପଲକ୍ଷେ ଚାନ୍ଦୋଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ସୁରେନ୍ଦ୍ର ମଳିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡେରାବିଶ ବିଡିଓ ନମିତା ବାରିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ସମିତିସଭ୍ୟା ମଞ୍ଜୁଲତା ମିଶ୍ର, ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ, ଏବିଡିଓ ମୃତ୍ୟୁଞ୍ଜୟ ରାଉତ, ଅତିରିକ୍ତ ତହସିଲଦାର ଭାସ୍କର ବେହେରା, ରାଜସ୍ୱ ପରିଦର୍ଶକ ମାନସ ରଞ୍ଜନ ନାଥ ଓ ଚାନ୍ଦୋଳ ରାଜସ୍ୱ ନିରୀକ୍ଷକ ସ୍ମୃତିରଞ୍ଜନ ନାୟକ ଉପସ୍ଥିତ ରହି ୧୮ ଜଣ ହିତାଧିକାରୀଙ୍କୁ ମ୍ୟୁଟେସନ୍ ପଟ୍ଟା, ୧୨ ଜଣଙ୍କୁ ଓଏଲଆର ପଟ୍ଟା, ୧୬୫ ଜଣଙ୍କୁ ଓ୍ୱାରସ ସଂଶୋଧନ ହୋଇଥିବା ପଟ୍ଟା, ୭ ଜଣଙ୍କୁ ବେବନ୍ଦୋବସ୍ତ ପଟ୍ଟା ଓ ଜଣେ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ପଟ୍ଟା ପ୍ରଦାନ କରିଥିଲେ। ଏଥିସହ ୨୪ ଜଣ ହିତାଧିକାରୀଙ୍କୁ ତତ୍କାଳ ବିଭିନ୍ନ ବିଭିନ୍ନ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତି ସେମାନଙ୍କ ଜମିବାଡ଼ି ବିବାଦର ସମାଧାନ ଇତ୍ୟାଦି ନିମନ୍ତେ ଆବେଦନ କରିଥିଲେ । ତହସିଲଦାର ଶ୍ରୀ ନାୟକ ଏମାନଙ୍କ ଅଭିଯୋଗର ତ୍ୱରିତ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ସହ କିଛି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତହସିଲ ଅଧନସ୍ଥ ସମସ୍ତ ରାଜସ୍ୱ ନିରୀକ୍ଷକ ଓ ତହସିଲ କର୍ମଚାରୀ ନିରଞ୍ଜନ ବେହେରା, ମୟଙ୍କ ମଞ୍ଜରୀ ସୋରେନ୍, ଉମାକାନ୍ତ ବେହେରା, ଅନାମ ଚରଣ ଗୋଚ୍ଛାୟତ, ପ୍ରଶାନ୍ତ ବାରିକ, ପିତାମ୍ବର ମଳିକ, ଏସ୍.କେ. ଆବିଦ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭୁଲ୍ ଇଞ୍ଜେକସନ୍ ଯୋଗୁ ଚାଲିଗଲା ରୋଗୀର ଜୀବନ



**ଯାଜପୁର,୨୦।୮/ଏନ୍‌ଏନ୍‌ଏସ୍:** ଜଣେ ରୋଗୀକୁ ଭୁଲ୍ ଇଞ୍ଜେକସନ ଦେବା ଯୋଗୁ ରୋଗୀର ମୃତ୍ୟୁ ଘଟିଛି ବୋଲି ପରିବାର ଲୋକେ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ । ସୂଚନା ଅନୁଯାୟୀ, ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଯାବରା ପଞ୍ଚାୟତ ବାଉଁଶକଣ୍ଠା ଗ୍ରାମର ଅନାଦି ଚରଣ ଦାସଙ୍କ ପୁଅ ଭରତ ଦାସ(୩୦) ଗତ ସୋମବାର ସକାଳେ ବିଲରେ ସାଙ୍ଗ ସହ କୌଣସି କଥାକୁ ନେଇ ଯୁକ୍ତି ହେବା ପରେ ବିଲରେ ପକାଯାଉଥିବା ବିଷକୁ ପିଇ ଦେଇଥିଲେ । ପରିବାର ଲୋକେ ଭରତକୁ ତୁରନ୍ତ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ।ସେଠାରେ ଭରତର ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିବା ପରେ ଉତମ ଚିକିତ୍ସା ନିମନ୍ତେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭରତଙ୍କ ଚିକିତ୍ସା କରାଯାଇଥିଲା।ଚିକିତ୍ସା ପରେ ସେ ସୁସ୍ଥ ଥିଲେ। ମଙ୍ଗଳବାର ସକାଳୁ ଭରତ ନିଜ ବେଡରୁ ଉଠି ବାହାରେ ବୁଲାବୁଲି କରିବା ସହ ଚା' ପିଇ ଆସିଥିଲେ।ଏହାପରେ ଜନୈକା ନର୍ସ ଭରତକୁ ଏକ ଇଞ୍ଜେକସନ ଦେଇଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଇଞ୍ଜେକସନ ଦେବା ପରେ ଖୁବ କମ ସମୟ ମଧ୍ୟରେ ଭରତଙ୍କ ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକଙ୍କ ଆଖି ସାମ୍ନାରେ ପୁଅର ମୃତ୍ୟୁକୁ ସହ୍ୟ କରିପାରିନଥିଲେ। ଭୁଲ ଇଞ୍ଜେକସନ୍ ଯୋଗୁ ଭରତଙ୍କ ଜୀବନ ଗଲା ବୋଲି ପରିବାର ଲୋକେ ଅଭିଯୋଗ କରିବା ସହ ନ୍ୟାୟ ଦାବିରେ ଚିକିତ୍ସାଳୟ ପିଣ୍ଡାରେ ଅଡ଼ି ବସିଥିଲେ। ମେଡ଼ିକାଲ ପରିସରରେ ଚାପା ଉତ୍ତେଜନା ଲାଗି ରହିଥିଲା। ପରିସ୍ଥିତିକୁ ଆୟତ କରିବା ପାଇଁ ଯାଜପୁର ପୁଲିସ ନିୟୋଜିତ ହୋଇଥିଲେ। ପରିବାର ଲୋକେ ସଂପୃକ୍ତ ନର୍ସଙ୍କ ବିରୁଦ୍ଧରେ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତି କରି ପୁଲିସ ଥାନାରେ କେଶ ନଂ. ୩୮୯/୨୫ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।

**ଘୋଷଣାନାମା**

ଆମ୍ଭେ ସୁଶାନ୍ତ ମହାନ୍ତି, ପିତା - ସ୍ୱ ଖଗେଶ୍ୱର ମହାନ୍ତି, ସା - ରଣ୍ଡରପୁର, ନୂଆ ସାହି, ପୋ - କଲେଜ ଛକ, ଥାନା - ଚାଉଳିଆଗଞ୍ଜ, ଜିଲ୍ଲା - କଟକ ଏତଦ୍ୱାରା ଘୋଷଣା କରୁଅଛି ଯେ, ଆମ୍ଭର ଜିଲ୍ଲା : କଟକ, ଥାନା : କଟକ ସଦର ନ. ୭୨ ମୂର ଥାନା, ମୌଜା: କର୍ଣ୍ଣିଲୋ ରକବାରେ ଥିବା ଦାଖଲ ଖାରଜ ଖାତା ନମ୍ବର୧୭୫/୧୨୦୪ ମୂର ସ୍ଥିତିବାନ, ଖସଡ଼ା ନଂ୯୧୫ମୂର ସ୍ଥଥ ରକବା ଏ୦.୦୫.୯୯ ବର୍ଗକଡ଼ି ... ବର୍ଗକଡ଼ି ବା ଏକର ହଜାର ଡିସିମିଲ ... ସାତ କଡ଼ି । ଖାତା ନମ୍ବର୧୭୫/୧୨୦୪ ମୂର ସ୍ଥିତିବାନ, ଖସଡ଼ା ନଂ୯୧୫ମୂର ପାଇଁ କୌଣସି ଅଗ୍ରିମ ଅର୍ଥ ନେଣଦେଣ ହୋଇ ନାହିଁ କି କୌଣସି ଅଗ୍ରିମ ଚୁକ୍ତିପତ୍ର ହୋଇ ନାହିଁ ଏବଂ ଏହି ଜାଗା ଉପରେ କୌଣସି ମାମଲାମକଦ୍ଦମା ହୋଇ ନାହିଁ କିମ୍ବା ଏହି ଜାଗା ଟି କୌଣସି ବ୍ୟାଙ୍କ ରେ ବନ୍ଧକ ପଡ଼ିନାହିଁ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ନଂ. ST/OT/AMC/VEHICLE/KUR/490, ତା.13.08.2025ରିଖ

**କାର୍ଯ୍ୟର ନାମ :** 36 ମାସ ଅବଧି ନିମନ୍ତେ ସିଗ୍ନାଲିଙ୍ଗ୍ ପରିସମ୍ପତ୍ତି (Asset)ଗୁଡ଼ିକର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ (Attending Breakdown) ହେବା ଏବଂ ଯାତ୍ରୀ ସମୟରେ ଅଟକ (En-route Detention)କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଞ୍ଜିନିୟର (ସଙ୍କେତ)/ତାଳଚେର, ସିନିୟର ସେକ୍ସନ ଇଞ୍ଜିନିୟର (ସଙ୍କେତ)/ଢେଙ୍କାନାଳ ଅଧୀନରେ ସିଗ୍ନାଲିଙ୍ଗ୍ କର୍ମଚାରୀ ତଥା ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଦିନରାତି ଚାଳକ ସହିତ TATA 207-DI କିମ୍ବା ଅନୁରୂପ ଡବଲ କେବିନ ଯାନ ଉପଯୋଗିତା ବିଶିଷ୍ଟ ଗାଡ଼ି ଭଡ଼ା ସୂତ୍ରରେ ନେବା।

**ଟେଣ୍ଡର ମୂଲ୍ୟ :** ₹ 42,48,000.00, **EMD :** ₹ 85,000/-, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 3,540/-

ବିଡ୍ ଆରମ୍ଭ ହେବା ତାରିଖ : ତା.21.08.2025ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.04.09.2025ରିଖ 1100 ଘଣ୍ଟିକା।

... ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟିପ୍ପଣୀ : ... ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟ୍ ... ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍

PR-497/Q/25-26

# ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସମ୍ବର୍ଦ୍ଧିତ

**କେନ୍ଦ୍ରାପଡ଼ା,୨୦।୮/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ାରେ ସ୍ୱାଧୀନତା ଦିବସ ଅବସରରେ ପ୍ୟାରେଡ୍‌ରେ ଅଂଶଗ୍ରହଣ କରିଥିବା ବିଭିନ୍ନ ବିଭାଗର ପ୍ରଜ୍ଞାପିତ ମେଢ ପ୍ରଦର୍ଶିତ ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲା କୃଷି ବିଭାଗ ଦ୍ୱାରା ପ୍ରଦର୍ଶିତ କରାଯାଇଥିବା ପ୍ରଜ୍ଞାପିତ ମେଢ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲ୍ଲାପାଳ ରଘୁରାମ ଆର୍. ଆୟାର୍ ଏ ନେଇ ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ଏକ କପ୍ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି।



# ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



**ରାଜନଗର,୨୦।୮/ଏନ୍‌ଏନ୍‌ଏସ୍:** ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ମହାବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ୨୦୦୮ ମସିହାରୁ ୨୦୧୮ ମସିହା ପର୍ଯ୍ୟନ୍ତ ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପ୍ରଦାନ ନିମନ୍ତେ ସଂଘ ସଭାପତି ବିଶ୍ୱ ରଞ୍ଜନ ଦାସଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ରାଜ୍ୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରହିଛି। ଏହି ପରିପ୍ରେକ୍ଷୀରେ ରାଜନଗରର ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀମାନେ ଆନ୍ଦୋଳନରେ ସାମିଲ୍ ହେବା ସହ କାର୍ଯ୍ୟ ବନ୍ଦ କରି ମହାବିଦ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ବସି ରହିଛନ୍ତି। ବିଶେଷକରି 'ଅନୁଦାନ ଆମ ଅଧିକାର' ଆମର ନାର୍ଯ୍ୟ ଦାବି ସରକାର ତୁମେ ମାନି ନିଅ ପରି ବିଭିନ୍ନ ନାରାବାଜି କରିଛନ୍ତି। ଆନ୍ଦୋଳନରେ ଖଣ୍ଡ ସଂଯୋଜକ ଅଧ୍ୟାପକ ବଳରାମ ଦାସ, ସରୋଜ କୁମାର ବେହେରା, ଅବିନାଶ ରାଉତ, ଅଭିଜିତ୍ ଖୁଣ୍ଟିଆ, ରାଧାକାନ୍ତ ରାଉତରାୟ, ବିନୋଦ କୁମାର ସେଠୀ, ସୂର୍ଯ୍ୟକାନ୍ତ ସ୍ୱାଇଁ, ବିବେକ ପାତ୍ର, ଦିଲ୍ଲୀପ ମହାରଥା, ଅଧ୍ୟାପିକା ସାଗରିକା କର, ଶୁଭଦର୍ଶନୀ ପ୍ରଧାନ, ସୁଜାତା ସାହୁ, ନିହାରିକ ମିଶ୍ର,କବିତା ସାମନ୍ତରାୟ, ମାମିନାରାଣୀ ନାୟକ ଓ ଅଣଶିକ୍ଷକ କିରଣ ସେଠୀ, ନିରଞ୍ଜନ ମଳିକ, ପ୍ରମୁଖ ଆନ୍ଦୋଳନରେ ସାମିଲ୍ ହୋଇ କାର୍ଯ୍ୟ ବନ୍ଦ କରିବା ସହ ଧାରଣାରେ ବସିଥିଲେ। ଅନ୍ୟପକ୍ଷରେ ୨୦୦୮-୨୦୧୮ ମସିହା ପର୍ଯ୍ୟନ୍ତ ନୂତନ ଜିଆଇଏ ବାହାର କରନ୍ତି ତେବେ ଅନିର୍ଦ୍ଦିଷ୍ଟ କାଳପାଇଁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଅଧ୍ୟାପକ ବଳରାମ ଦାସ କହିଛନ୍ତି।

# ଇତିହାସ ବିଭାଗର ସ୍ୱାଗତ ଉତ୍ସବ



**ପରଜଙ୍ଗ,୨୦।୮/ଏନ୍‌ଏନ୍‌ଏସ୍:** ପରଜଙ୍ଗ ମହାବିଦ୍ୟାଳୟରେ ଇତିହାସ ସମ୍ମାନ ବିଭାଗ ପକ୍ଷରୁ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷା ସ୍ମିତାରାଣୀ ସାହୁ, ଗଣିତ ବିଭାଗର ମୁଖ୍ୟ ସଚ୍ଚିଦାନନ୍ଦ ପ୍ରଧାନ, ଓଡ଼ିଆ ବିଭାଗ ମୁଖ୍ୟ ପ୍ରସନ୍ନ କୁମାର ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ ହୋଇ କଠିନ ପରିଶ୍ରମ କରିବା ପାଇଁ ମାର୍ଗ ଦର୍ଶନ କରାଇଥିଲେ। ଏହି ପରିପ୍ରେକ୍ଷୀରେ ଇତିହାସ ବିଭାଗ ପକ୍ଷରୁ ନବାଗତ ଛାତ୍ରଛାତ୍ରୀମାନଙ୍କୁ ଫୁଲ ଚନ୍ଦନ ସହ ସ୍ୱାଗତ ସଙ୍ଗୀତ ମାଧ୍ୟମରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ କମଳ କିଶୋର ଭୋଇ ମଞ୍ଚ ପରିଚାଳନା କରିବା ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପୁରାତନ ଛାତ୍ରୀ ଜୟଶ୍ରୀ ସାହୁ, ଅଞ୍ଜନା ସାହୁ, ସ୍ୱାଗତିକା ଖୁଣ୍ଟିଆ ଅର୍ଚ୍ଚନା ସାହୁ, ଲକ୍ଷ୍ମୀପ୍ରିୟା ସାହୁ ଏବଂ ଛାତ୍ର ହିମାଂଶୁ ପ୍ରଧାନ, ଦେବାଶିଷ ସାହୁ ପ୍ରମୁଖ କଲେଜର ନିତି ନିୟମ ତଥା ଇତିହାସର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ ବିଭାଗର ସହକାରୀ ଅଧ୍ୟାପକ ସମୀର ମୁକୁଟ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

**CHANDAKA DEGREE COLLEGE**
**CHANDAKA, KHORDHA**
Chandakadegreecollege2018@gmail.com

**WALK-IN-INTERVIEW**

A Walk-in-interview will be held at 11.30 a.m. on 30.08.2025 for appointment of Lecturer in History (M.Phil/NET), clerk with computer Skill 2nd post, Peon 2nd post. Interested Candidates with requisite qualification may attend with all testimonials with photo copy.

**Contact : 9090643642**

Sd/-
Principal I/c

O-628

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR**
AT-CHANDIKHOL, PO-SUNGUDA, JAJPUR-755044, Tel No. 0671-2444488,
Email: serw_kpd@yahoo.com

Office Order : 2534 Date: 12.08.2025

**CANCELLATION OF TENDER**

The following tender of RCK-25/24 invited vide this office letter no. 3489, dtd. 23.12.2024 is hereby cancelled as per the instruction issued by Chief Engineer (Roads).

1. Impvt. to RD Road (Chakroda) to Sunduria Road in the Dist. of Jajpur vide ltr no. 25707 dtd. 08.08.2025.
2. Impvt. to Kalando to Bichhakhandi Road in the Dist. of Jajpur ltr no. 25321 dtd. 06.08.2025.
3. Impvt. to Dharmasala to Bhubana Road in the Dist. of Jajpur ltr no. 25322 dtd. 06.08.2025.
4. Impvt. to Nuapatana to Kotapur River Embankment via Muratapur Alarpur Road in the Dist. of Jajpur ltr no. 25308 dtd. 06.08.2025.

Sd/-
Chief Construction Engineer
Rural Works Circle, Kendrapara-Jajpur

OIPR-25129/11/0061/2526

# ଚାଷୀ ଯୁଧିଷ୍ଠିର ଶାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା



**ମୁଷାଟିକିରି,୨୦।୮/ଏନ୍‌ଏନ୍‌ଏସ୍:** ବଡ଼ଚଣା ବ୍ଲକ୍ ଗୋପାଳପୁର ଗ୍ରାମ ପଞ୍ଚାୟତ ଗଜେନ୍ଦ୍ରପୁର ଗ୍ରାମର ଚାଷୀ ଯୁଧିଷ୍ଠିର ଶାନ୍ତିଙ୍କ ଏକାଦଶାହ ଦିବସରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଗଜେନ୍ଦ୍ରପୁର ବାସଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ନବନିର୍ମାଣ କୃଷକ ସଂଗଠନ ବଡଚଣା ବ୍ଲକ୍ ଶାଖା ସଭାପତି ସୁବାଶ ଚନ୍ଦ୍ର ଖଣ୍ଡାଇଙ୍କ ଅଧକ୍ଷତାରେ ସ୍ମୃତିଚରଣ ସଭା ଚାଲୁଥିଲା। ମୁଖ୍ୟ ଅତିଥି ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ମୁଖ୍ୟବକ୍ତା-ପ୍ରବଚକ ବସନ୍ତ ନାୟକ, ସମ୍ମାନିତ ଅତିଥି ନିମାଇଁ ରାୟ, ଉମାକାନ୍ତ ରାଉତ, କିଶୋର ଚନ୍ଦ୍ର ବେହୁରା, ମାଧବାନନ୍ଦ ଶାନ୍ତି ପ୍ରମୁଖ ଯୋଗଦେଇ ଯୁଧିଷ୍ଠିର ଶାନ୍ତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପଣ୍ଡିତ ପ୍ରଭାକର ଉଦଗାତା ବେଦମନ୍ତ୍ର ପାଠ କରିଥିଲେ ଓ ଅତିଥିଙ୍କ ଗହଣରେ ସମୂହ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ଅମର ଆତ୍ମାର ଶାନ୍ତି କାମନା କରାଯାଇଥିଲା। ସ୍ୱାଗତ ଅଭିଭାଷଣ ସରୋଜ ଭୂୟାଁ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃପାସିନ୍ଧୁ ପ୍ରଧାନ, ରବୀନ୍ଦ୍ର ଶାନ୍ତି, ପ୍ରତାପ ଜେନା, କମ୍ରେଡ ଇଶ୍ୱର ପରିଡା, ଡ. ଭାଗ୍ୟଧର ସାହୁ, ଉମାକାନ୍ତ ବଳ, ବୀରକିଶୋର ଜେନା, ଅର୍ଜୁନ ଚରଣ ରାଉତ, ବାଇଧର ସେନାପତି ପ୍ରମେଶ ଖୁଣ୍ଟିଆ, ବଟକୃଷ୍ଣ ସ୍ୱାଇଁ, ମୁକୁନ୍ଦ ଚରଣ ମହାନ୍ତି, ସନ୍ତୋଷ କୁମାର ବଳ, ଦିଲ୍ଲୀପ ଶଙ୍କର ବେହେରା, ବିଶ୍ୱପ୍ରକାଶ ସାମଲ, ଦୁର୍ଗାପ୍ରସାଦ ଦାସ, ଦୟାନିଧି ସାମଲ, ନିରଞ୍ଜନ ସାହୁ ଯୁଧିଷ୍ଠିର ଶାନ୍ତିଙ୍କ କର୍ମମୟ ଜୀବନଧାରା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ।

# ଚୋରା ମଦ ଜବତ, ୫ କୋର୍ଟଚାଲାଣ

**କେନ୍ଦ୍ରାପଡ଼ା,୨୦।୮/ଏନ୍‌ଏନ୍‌ଏସ୍:** ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ ରୁରାଲ ଓ ଜମ୍ବୁ ମେରାଇନ ଥାନା ଅଧିନସ୍ତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ମାଳିପୁର ଗ୍ରାମର ପ୍ରଶାନ୍ତ ମଳିକଙ୍କ ଠାରୁ ୧୯ ଲିଟର ଦେଶୀ ମଦ, ଡାମରପୁର ଗ୍ରାମର କହ୍ନେଇ ସେଠୀଙ୍କ ଠାରୁ ୨୩ ଲିଟର ବିଦେଶୀ ମଦ, ଜମ୍ବୁ ଗ୍ରାମର ନୀଳମାଧବ ମଣ୍ଡଳଙ୍କ ଠାରୁ ୪୬୯ ଲିଟର ଦେଶୀ ରନ୍ଧା ମଦ, ଶିବାନୀ ମଣ୍ଡଳଙ୍କ ଠାରୁ ୭୬୮ ଲିଟର ଦେଶୀ ରନ୍ଧା ମଦ ଓ କାଜଲ ମଣ୍ଡଳଙ୍କ ଠାରୁ ୮୯୧ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୨୧୭୦ ଲିଟର, ଦେଶୀ, ଦେଶୀ ରନ୍ଧା ମଦ ଓ ବିଦେଶୀ ମଦ ଜବତ କରାଯାଇ ୨ ମହିଳାଙ୍କ ସମେତ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳ ସୂଚନା ଦେଇଛନ୍ତି।

n-149

**DISTRICT PROJECT OFFICE**
**SAMAGRA SHIKSHA, BHADRAK**

No 2137/CIVIL/2025 Date14/08/2025

**WILLINGNESS CALL NOTICE**

**Sub:** *Invitation for Willingness from EPM Rate Holders for Supply of Dual Desks and Benches to Schools under Bhadrak District*

Sealed willingness is hereby invited from the concerned firms/ agencies (EPM **rate holders**) for the supply of **dual desks and benches** on EPM rate contract as detailed below along with requisite documents for **20 numbers of Schools** of Bhadrak under **SCHOOL & MASS EDUCATION DEPARTMENT,GOVT. OF ODISHA.**

| Item | Type | Size | Remarks |
| --- | --- | --- | --- |
| Dual Desks & Bench | II | 42" x 33" x 36" ( L x W x H) | Detailed approved Specification is attached |

**Documents to be submitted Along with Willingness:**

1. Copy of valid **EPM Approval Letter with annual production certificate** for school furniture (**Dual Desks & Bench**)
2. Copy of valid **GST Registration Certificate.**
3. Copy of valid **PAN Card.**
4. Copy of **Firm Registration Certificate.**
5. Copies of **Income Tax Returns (ITR)** for the **last three financial years**(F.Y-2021-22 & 2022-23, & 2023-24 i.e,Assessment year 2022-23 & 2023-24 & 2024-25)
6. **Self-declaration** for confirming supply of **dual desks and benches** during the current financial year 2025–26 (mentioning quantity and location, if applicable).
7. **Quoted price per unit**, including **all applicable taxes (GST)** and other costs, in line with the **EPM-approved rate**.
8. Proof of **past supply experience to the Govt. Organization for last three year (2024-25, 2023-24 & 2022-23)**, if any.

**Terms & Conditions:**

1. Only bidders who have been duly approved under the EPM **prior to the issuance of this notice** are invited to submit their willingness to supply.
2. **TDS (Tax Deducted at Source)** will be deducted from the bill as per applicable Government norms.
3. The quoted price must be inclusive of **all applicable taxes, duties, handling fees, incidental charges, and any other official levies.**
4. **No additional transportation or handling charges** shall be paid separately. Delivery is to be made **at the school point (door delivery)** as per the allocation provided by the District Office.
5. The supply of dual desks and benches must be **completed within 30 (thirty) days** from the date of issue of the work/supply order.
6. Materials must conform strictly to the **specifications approved by the School & Mass Education Department, Govt. of Odisha** and should be of good quality and durable finish.
7. Any deviation from approved design, dimension, or quality will result in **rejection of the supplied items** at the supplier's own cost and risk.
8. Payment will be made subject to **satisfactory inspection and certification** by the authorized officer(s).
9. The supplier shall be responsible for **replacement of damaged or defective items** at their own cost within **7 days of intimation.**
10. Incomplete applications or those not accompanied by the required documents will be **summarily rejected.**
11. The undersigned reserves the right to **cancel or modify** the willingness call at any stage without assigning any reason.

**Submission Details:**

The willingness letter along with required documents should reach **to The District Project Coordinator, Samagra Shikshya, Bhadrak, Odisha, and Pin – 756181 only by Speed Post / Registered post on or before 30/08/2025 by 5:00 PM in a sealed cover superscripted** with:

**"Willingness for Supply of Dual Desks and Benches – EPM Rate Holder – Samagra Shiksha, Bhadrak".**

The undersigned reserves the right to reject any or all the quotations without informing any reason thereof.

-Sd- **Additional District Magistrate (R)**
**Bhadrak District**

OIPR-27135/11/0002/2526

B-430

**WORKS DEPARTMENT**
**OFFICE OF THE SUPERINTENDING ENGINEER**
**MAYURBHANJ (R&B) DIVISION, BARIPADA**
e-mail - bpd_eerb@rediffmail.com

**Government of Odisha "e" Procurement Notice**
**Bid Identification No. - S.E.- 32/2025-26**

1. Number of works : 10 (Ten) number of Road works
2. Approximate estimated cost : 18.00 lakh to 83.03 lakh
3. Period of completion : 01 (One) & 02 (Two) calendar months
4. Date & time of availability of bid documents in the portal : Dt. 22.08.2025 to 29.08.2025
5. Last date/time of receipt of bid in the portal : Dt.29.08.2025 up to 5.00 PM
6. Date of opening of bid : Dt.30.08.2025 at 11.00 AM
7. Name & address of the office inviting bid : Superintending Engineer, Mayurbhanj (R&B) Division, Baripada
8. Further details can be seen from the e-procurement portal http://www.tendersodisha.gov.in

Sd/-
**Superintending Engineer**
**Mayurbhanj (R&B) Division**

OIPR-34025/11/0025/2526

## ପ୍ରଥମ ପୃଷ୍ଠାରୁ

### ୨୦ ହଜାର କୋଟିର...

କରିଛି । ଅର୍ଥାତ୍ ଏପରି ଏକ ସମ୍ପୂର୍ଣ୍ଣ ନିଷେଧାଦେଶ ଏହି ନିଯୁକ୍ତି ସୃଷ୍ଟିକାରୀ ଇଣ୍ଡଷ୍ଟ୍ରିକୁ ସବୁଦିନ ପାଇଁ ନଷ୍ଟ କରିଦେବା ଭଳି ହେବ, ଯାହାକି ଭାରତୀୟ ବ୍ୟବହାରକାରୀ ଏବଂ ନାଗରିକଙ୍କ ପାଇଁ ଗୁରୁତର କ୍ଷତି ପହଞ୍ଚାଇବ ବୋଲି ଶିଳ୍ପ ସଂଗଠନଗୁଡ଼ିକ ଦୃଢ଼ ଭାବରେ କହିଛନ୍ତି । ସଂଗଠନଗୁଡ଼ିକଙ୍କ କହିବାନୁସାରେ ଏହି ନିଷେଧ ବିଶ୍ୱବ୍ୟାପୀ ନିବେଶ ଏବଂ ନିବେଶକ ଭାବନାକୁ ମଧ୍ୟ ନିରୋଧ କରିବ, ଯାହା ଫଳରେ ୪୦୦ରୁ ଅଧିକ କମ୍ପାନୀ ବନ୍ଦ ହୋଇଯିବ ଏବଂ ଡିଜିଟାଲ୍ ପ୍ରବର୍ତ୍ତକ ଭାବରେ ଭାରତର ସ୍ଥିତି ଦୁର୍ବଳ ହୋଇଯିବ । ନିୟନ୍ତ୍ରିତ ଏବଂ ଦାୟିତ୍ୱବାନ୍ ଭାରତୀୟ ଅନ୍‌ଲାଇନ୍ ଗେମିଂ ପ୍ଲାଟ୍‌ଫର୍ମଗୁଡ଼ିକୁ ବନ୍ଦ କରିବା ଦ୍ୱାରା କୋଟି କୋଟି ସଂଖ୍ୟକ ଅନ୍‌ଲାଇନ୍ ଗେମର୍ସଙ୍କୁ ବେଆଇନ୍ ତଥା ଠକ ସଂସ୍ଥାଗୁଡ଼ିକଙ୍କ ପ୍ରତି ଆକର୍ଷିତ କରାଇବା ଭଳି ହେବ । ସିଧାସଳଖ କହିଲେ ଏହି ବିଲ୍‌ର ଏକମାତ୍ର ଲାଭାର୍ଥୀ ଅବୈଧ ଅଫଶୋର ଜୁଆ ଅପରେଟର୍ ହିଁ ହେବେ । ଯଦି ବୈଧ ଭାରତୀୟ ବ୍ୟବସାୟ ବନ୍ଦ ହୋଇଯାଏ, ତେବେ ଅନିୟନ୍ତ୍ରିତ ବ୍ୟକ୍ତିମାନେ ଶୂନ୍ୟସ୍ଥାନ ପୂରଣ କରିବେ । ଏହା ରାଜ୍ୟ ଏବଂ ଜାତୀୟ ଟିକସ ରାଜସ୍ୱକୁ ହ୍ରାସ କରିବ ଏବଂ ଭାରତୀୟ ବ୍ୟବହାରକାରୀମାନଙ୍କୁ ଅନିୟନ୍ତ୍ରିତ ପ୍ଲାଟ୍‌ଫର୍ମର ସାମ୍ନା କରିବାକୁ ବାଧ୍ୟ କରିଦେବ ।

### ପରଲୋକରେ ପଦ୍ମଶ୍ରୀ...

ଅନ୍ୱେଷଣରେ ସମ୍ବଲପୁର ଚାଲିଆସି ସହର ହୃଦୟସ୍ଥଳରେ ବୈଦ୍ୟନାଥ ଛକରେ ନିଜର ଏକ ସେଲୁନ୍ ଆରମ୍ଭ କରିଥିଲେ । ଗୁରୁ ଅରୁଣ ପ୍ରସନ୍ନ ସେଠଙ୍କ ପ୍ରେରଣାରେ ସମ୍ବଲପୁରୀ ଭାଷାରେ ଲେଖିବା ଆରମ୍ଭ କରିଥିଲେ । ଧୀରେ ଧୀରେ ତାଙ୍କ ସେଲୁନ୍ ସାହିତ୍ୟ ଓ ସଂସ୍କୃତି ପ୍ରେମୀଙ୍କ ମିଳନ କେନ୍ଦ୍ରରେ ପରିଣତ ହୋଇଯାଇଥିଲା । ବହୁ ସାରସ୍ୱତ ସାଧକଙ୍କ ଆଗମନ ସହିତ ତାଙ୍କ ସେଲୁନ୍‌ରେ ସାହିତ୍ୟ ଚର୍ଚ୍ଚା ହେବା ଆରମ୍ଭ ହୋଇଥିଲା । ସମ୍ବଲପୁରୀ ଭାଷାର ଜନକ କୁହାଯାଉଥିବା ଗୁରୁ ସତ୍ୟ ନାରାୟଣ ବହିଦାର ଥରେ କହିଥିଲେ 'ବିନୋଦ ପଶାୟତଙ୍କ ସେଲୁନ୍ ହେଉଛି ସରସ୍ୱତୀଙ୍କ ମନ୍ଦିର' । ସମର୍ପଣ, ଆଦିବାସୀ, ପରସ୍ତ୍ରୀ( ଅଣ ମୁକ୍ତିପ୍ରାପ୍ତ), ଚିନି ଆଦି ଓଡ଼ିଆ ଚଳଚ୍ଚିତ୍ର ପାଇଁ ବିନୋଦ ପଶାୟତ ଗୀତ ଲେଖିଛନ୍ତି । ସେ ' ହାଏ କୃଷ୍ଣ ହାଏ କୃଷ୍ଣ ବୋଲି ଯାଉ ମୋର ଜୀବନ, ମା' ଠାରୁ ବଡ଼ କିଏ ଅଛେ, ଏ ନନୀ ସୁଲୋଚନା, ଲବଙ୍ଗଲତା ମୋର ଗଜମୁକୁତା, ଗଲାରାତି ଝୁମରା ସୁରେ, ଲିଟି ଉଡେ ଫୁରୁଫୁରୁ, ରଥର ଚକା ଚାଲେ ଘିଡ଼ି ଘିଡ଼ି, ସରବ ସହେନି ମା ଗୋ ତୁଇ, ବୋଇଲେ ରାଧିକା ସୁନଗୋ ଦୁତି ଭଳି ଶତାଧିକ ଲୋକପ୍ରିୟ ଗୀତ ଭେଟି ଦେଇଛନ୍ତି । 'ତାହାର ବା' , ମୁଁ ନାଇଁ ମରେ, ଚୁଟକୁଚୁଟା ଭଳି ବ୍ୟଙ୍ଗ ନାଟକ ଆଜି ସମସ୍ତଙ୍କ ମନରେ ରହିଛି । ୨୦୨୪ରେ କେନ୍ଦ୍ର ସରକାର ତାଙ୍କୁ 'ପଦ୍ମଶ୍ରୀ' ସମ୍ମାନରେ ସମ୍ମାନିତ କରିଥିଲେ । ଏହାଛଡ଼ା ସଙ୍ଗୀତ ନାଟକ ଏକାଡେମି ସମ୍ମାନ ସହିତ ବହୁ ଅନୁଷ୍ଠାନ ପକ୍ଷରୁ ସେ ସମ୍ମାନିତ ହୋଇଛନ୍ତି ।

### ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷା...

ଶ୍ରୀ ପ୍ରଧାନ ଶୋକବାର୍ତ୍ତାରେ କହିଛନ୍ତି ଯେ ସ୍ୱର୍ଗତ ପଶାୟତଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ଦଶନ୍ଧି ଦଶନ୍ଧି ଧରି ସମ୍ବଲପୁରୀ ସାହିତ୍ୟ ତଥା ସଙ୍ଗୀତ କ୍ଷେତ୍ରରେ ଅମୂଲ୍ୟ ଯୋଗଦାନ ରଖି ସେ ଆମ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି । ସମ୍ବଲପୁରୀ ସାହିତ୍ୟକୁ ନୂଆ ଉଚ୍ଚତାରେ ପହଞ୍ଚାଇବାରେ ତାଙ୍କର ଯୋଗଦାନ ଅତୁଳନୀୟ । ସେ ଥିଲେ ଜଣେ ନୀରବ ସାଧକ । ସମ୍ବଲପୁରୀ ସାହିତ୍ୟ ଜଗତ ପ୍ରତି ତାଙ୍କର ଅବଦାନ ଚିରସ୍ମରଣୀୟ ହୋଇରହିବ । ଶ୍ରୀ ପ୍ରଧାନ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ଏହି ଦୁଃଖଦ ସମୟରେ ମହାପ୍ରଭୁ ଶୋକସନ୍ତପ୍ତ ପରିବାରକୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ବୋଲି ଶୋକବାର୍ତ୍ତାରେ କହିଛନ୍ତି ।

### ହେବ ୭ ମହଲା...

ଶାସନ ସଚିବ ସତ୍ୟବ୍ରତ ସାହୁ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର ଓ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

### ୮ ଜିଲ୍ଲାରେ ୧୮...

ଲିଡ୍, ମିଶ୍ରଧାତୁ, ପିପି ଗ୍ରାନୁଲ୍ ଉତ୍ପାଦନ କରିବ, ଯାହା ୨୭୦ ନିଯୁକ୍ତି ସୃଷ୍ଟି କରିବ । ଔଷଧ ଶିଳ୍ପରେ ଷ୍ଟାର୍ କ୍ୟାପ୍ ଗ୍ଲୋବାଲ ଏଲ୍‌ଏଲ୍‌ପି ଖୋର୍ଦ୍ଧାରେ ଏକ ଫାର୍ମାସ୍ୟୁଟିକାଲ୍ ପ୍ରକଳ୍ପ ସ୍ଥାପନା କରିବାକୁ ଯାଉଥିବା ସୂଚନା ଦେଇଛି । ଏହି ପ୍ରକଳ୍ପରେ ୮୦ କୋଟିର ବିନିଯୋଗ ହେବ ଓ ଏହା ୧୪୫ ନିଯୁକ୍ତି ସୃଷ୍ଟି କରିବ । ପର୍ଯ୍ୟଟନ ଓ ଆତିଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ବିକାଶ ପ୍ରସ୍ତାବନା ସହ ୩ ଟି ପ୍ରକଳ୍ପରେ ୩୬୩ କୋଟିରୁ ଅଧିକ ମୂଲ୍ୟର ନିବେଶ ହେବ ।

ପଦ୍ମା ହସ୍ପିଟାଲିଟି ପ୍ରାଇଭେଟ୍ ଲିମିଟେଡ୍ ଜଗତସିଂହପୁରରେ ୬୦ କୋଟି ନିବେଶ ତିନି ତାରକା ହୋଟେଲ ସ୍ଥାପନ କରିବ ଯାହା ଫଳରେ ୧୮୧ ନିଯୁକ୍ତି ସୁଯୋଗ ସୃଷ୍ଟିହେବ । ଏସ୍‌ଏନ୍‌ଏମ୍ ହୋଟେଲ ଏବଂ ରିସୋର୍ଟ ପ୍ରାଇଭେଟ୍ ଲିମିଟେଡ୍ ଜଗତସିଂହପୁରରେ ପ୍ରାୟ ୯୨ କୋଟିର ନିବେଶରେ ଏକ ଚାରିତାରକା ହୋଟେଲ୍ ସହିତ ରିସୋର୍ଟ ସୁବିଧା ବିକଶିତ କରିବ ଯାହା ୧୭୩ ଚାକିରି ସୃଷ୍ଟିକରିବ । ଓଡ଼ିଶା ସ୍ଟିଭେଡୋରସ୍ ଲିମିଟେଡ୍ ପାରାଦୀପ, ଜଗତସିଂହପୁରରେ ୨୧୧ କୋଟି ନିବେଶ କରି ୩୫୦ ନିଯୁକ୍ତି ସୃଷ୍ଟି କରିବାକୁ ଏକ ପାଞ୍ଚ ତାରକା ହୋଟେଲ ନିର୍ମାଣ କରିବ । ଜୀବାଶ୍ମ ଇନ୍ଧନ କ୍ଷେତ୍ରରେ ଭାଇବ୍ରାଣ୍ଟ ସ୍ପିରିଟ୍ସ ପ୍ରା ଲିଃ. ସୁନ୍ଦରଗଡ଼ରେ ୪,୦୦୦ ଏମ୍‌ଟିପିଏ କ୍ଷମତା ସହିତ ଏକ ଚାପିତ ବାଇଓଗ୍ୟାସ୍ ୟୁନିଟ୍ ସ୍ଥାପନା କରିବ । ଏଥିପାଇଁ ୫୦ କୋଟିର ନିବେଶ ସହ ୭୨୫ ନିଯୁକ୍ତି ସୃଷ୍ଟିହେବ । ଷ୍ଟିଲ୍ ଏବଂ ଡାଉନ୍‌ଷ୍ଟ୍ରିମ୍ ଇଣ୍ଡଷ୍ଟ୍ରିଜ୍ କ୍ଷେତ୍ରରେ ବିଟାବିଲ୍ଡସ୍ ଟେକ୍ନୋଲୋଜିଜ୍ ଲିମିଟେଡ୍ ସୁନ୍ଦରଗଡ଼ରେ ଏକ ଷ୍ଟିଲ୍ ପ୍ରୋସେସିଂ ୟୁନିଟ୍ ସ୍ଥାପନ କରିବାକୁ ଯାଉଛି ଯାହା ଇଆରଡବ୍ଲୁ ପାଇପ୍ ନିର୍ମାଣ , ପିଇବି ପ୍ରସ୍ତୁତି ଓ ଏଚ୍ ଆର୍ କଏଲ୍ ସ୍ଲିଟିଂ ପ୍ରସ୍ତୁତି କରିବ । ଏହି ପ୍ରକଳ୍ପରେ ୧୩୧.୫୫ କୋଟିର ନିବେଶ ହେବ ଓ ୪୦୦ ନିଯୁକ୍ତି ସୃଷ୍ଟି କରିବ । କୋଣାର୍କ ଇସ୍ପାତ ଲିମିଟେଡ୍ ଝାରସୁଗୁଡ଼ାରେ ୦.୩୫ ଏମ୍‌ଟିପିଏ ରୋଲିଂ ମିଲ୍ ୦.୬ ଏମ୍‌ଟିପିଏ ପେଲେଟ୍ ପ୍ଲାଣ୍ଟ, ୭୦ ମେଗାୱାଟ୍ କ୍ୟାପ୍ଟିଭ୍ ପାୱାର୍ ପ୍ଲାଣ୍ଟ, ୦.୫୪ ଏମ୍‌ଟିପିଏ ଡିଆର୍‌ଆଇ ପ୍ଲାଣ୍ଟ ଏବଂ ୦.୫୦ ଏମ୍‌ଟିପିଏ ବିଲେଟ୍ ପ୍ଲାଣ୍ଟ କରି ଏହାର କ୍ଷମତାକୁ ସଂପ୍ରସାରିତ କରିବ । ଏହା ଫଳରେ ୯୯୦ କୋଟିର ନିବେଶ ହେବ, ଯାହା ୨,୦୦୦ କର୍ମ ସଂସ୍ଥାନ ସୃଷ୍ଟି କରିବ ।

ଭିତ୍ତିଭୂମି ଓ ଆନୁଷଙ୍ଗିକ କ୍ଷେତ୍ରରେ ଶ୍ରୀଜଗନ୍ନାଥ କ୍ୟାରିଆର୍ସ ପ୍ରାଇଭେଟ୍ ଲିମିଟେଡ୍ ଏକ ଲଜିଷ୍ଟିକ୍ସ ପାର୍କ ଓ ଗୋଦାମ ସୁବିଧା ଅନୁଗୁଳରେ ୧୧୧.୯୦ କୋଟିର ନିବେଶ କରିବ, ଯାହା ୩୦୦ ଚାକିରି ସୃଷ୍ଟି କରିବାକୁ ସାହାଯ୍ୟ କରିବ । ସାପିଏଣ୍ଟ ରିସୋର୍ସେସ ପ୍ରାଇଭେଟ୍ ଲିମିଟେଡ୍ ଅନୁଗୁଳରେ ୭୦ କୋଟିର ନିବେଶ ସହିତ ଓପନର୍ ପ୍ରକଳ୍ପ ସ୍ଥାପନ କରିବ, ଯାହା ୩୦୦ ନିଯୁକ୍ତି ସୃଷ୍ଟି କରିବ । ଇଲେକ୍ଟ୍ରିକ୍ ଯାନ କ୍ଷେତ୍ରରେ ସାନକା ଅଟୋ କର୍ପ୍ ଲିମିଟେଡ୍ ଖୋର୍ଦ୍ଧାରେ ଏକ ବିଦ୍ୟୁତ୍ ଯାନ ଉତ୍ପାଦନ ପ୍ରତିଷ୍ଠାନରେ ୩୦୦ କୋଟି ବିନିଯୋଗ କରିବ, ଯାହାର ବାର୍ଷିକ କ୍ଷମତା ୧୦,୦୦୦ ୟୁନିଟ୍ ହେବ ଏବଂ ଏହା ଦ୍ୱାରା ୧୪୫ ନିଯୁକ୍ତି ସୃଷ୍ଟି କରିବ । ଡିଜିଟାଲ୍ ଏବଂ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ଶ୍ରୀଟେକ୍ ଡାଟା ଲିମିଟେଡ୍ ଖୋର୍ଦ୍ଧାରେ ୫୦୧ କୋଟିର ବିନିଯୋଗ ସହିତ ଏକ ହାଇପର୍ ସ୍କେଲ୍ ଡାଟା ସେଣ୍ଟର୍ ସୁବିଧା ବିକଶିତ କରିବ, ଯାହା ଫଳରେ ୪୫୦ ନିଯୁକ୍ତି ସୃଷ୍ଟି କରିବ । ୱେଷ୍ଟ ଏଜ୍ ଡାଟା ସେଣ୍ଟର୍ସ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ୫୦. ୫୦ କୋଟି ନିବେଶରେ ଏକ ଡାଟା ସେଣ୍ଟର୍ ଓ ସ୍ୟାଟେଲାଇଟ୍ ଇଣ୍ଟରନେଟ୍ ସେବା ୟୁନିଟ୍ ସ୍ଥାପନା କରିବ, ଯାହା ୧୯୦ ଚାକିରି ସୃଷ୍ଟି କରିବ । ଖାଦ୍ୟ ଓ ପାନୀୟ ସେକ୍ଟରରେ ଇଲିକ୍ସ ଅଫ୍ ଇଷ୍ଟ ଦ' ଆର୍ଟିସାନ୍ ଡିଷ୍ଟିଲେରୀ ଏଲ୍‌ଏଲ୍‌ପି ଖୋର୍ଦ୍ଧାରେ ଏକ ସ୍ପିରିଟ୍ ଉତ୍ପାଦନ ୟୁନିଟ୍‌ରେ ୯୩.୬୫ କୋଟି ନିବେଶ କରିବ, ଯାହା ଦ୍ୱାରା ୧୧୦ ନିଯୁକ୍ତି ସୃଷ୍ଟି କରିବ । ଏସୋସିଏଟେଡ୍ ଆଲକୋହଲସ୍ ଏବଂ ବ୍ରିୱେରିଜ୍ ଲିମିଟେଡ୍ ଖୋର୍ଦ୍ଧାରେ ୩୦୦ କୋଟିର ଏକ ୨୦୦ କେଏଲ୍‌ପିଡି ଗ୍ରେନ୍ ଭିତ୍ତିକ ଡିଷ୍ଟିଲେରୀ ସ୍ଥାପିତ କରିବାକୁ ଯାଉଛି, ଯାହା ୧,୮୧୨ ନିଯୁକ୍ତି ସୃଷ୍ଟି କରିବ ।

### ସବୁ ଜିଲ୍ଲାରେ ପ୍ରତିଷ୍ଠା...

ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ଉତ୍ପାଦିତ ସାମଗ୍ରୀକୁ ସମସ୍ତ ସରକାରୀ କାର୍ଯ୍ୟାଳୟ ସହିତ ସ୍କୁଲ, କଲେଜଗୁଡ଼ିକରେ ବ୍ୟବହାର କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ । ଏହା ସହିତ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଅଧିକ ରପ୍ତାନୀ ଓ ଆମଦାନୀ ସୁବିଧା ପାଇଁ ଉଭୟ ସମୁଦ୍ରପଥ ଓ ଆକାଶପଥରେ କାର୍ଗୋ ସୁବିଧା ବୃଦ୍ଧି କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଯେପରି ଅଧିକ ଋଣ ମିଳିବ ଏବଂ ଋଣ ପ୍ରଦାନ ପ୍ରକ୍ରିୟା ଯେପରି ସରଳ ଓ ସୁବିଧାଜନକ ହେବ, ସେଥିପାଇଁ ବିଭାଗ ଦୃଷ୍ଟି ଦେବାକୁ ଏବଂ ଏ ସଂପର୍କରେ ନିରନ୍ତର ସମୀକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସେହିପରି ପିଏମ୍ ବିଶ୍ୱକର୍ମା ଯୋଜନାରେ ଅଧିକ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବା, କ୍ଲଷ୍ଟର୍ ବେସ୍‌ଡ ପ୍ରୋଜେକ୍ଟଗୁଡ଼ିକୁ ଅଧିକ ପ୍ରୋତ୍ସାହନ ଦେବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ବୈଠକରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଏମ୍‌ଏସ୍‌ଏମ୍‌ଇ ବିଭାଗର କମିଶନର ଡି. ପ୍ରଶାନ୍ତ କୁମାର ରେଡୀ ଏବଂ ନିର୍ଦ୍ଦେଶକ ଆବୋଲି ସୁନିଲ ନରୱାନେ ପ୍ରମୁଖ ଉପସ୍ଥିତ ଥିଲେ ।

# ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ



**ବଲାଙ୍ଗୀ,୨୦।୮/ଏନ୍‌ଏନ୍‌ଏସ୍:** ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ବଲାଙ୍ଗୀ ଥାନା ଅଧିନ ଶାଇଁଶସାସନ ଓ ବଲାଙ୍ଗୀ ମହାହାବିଦ୍ୟାଳୟଠାରେ ଶ୍ରେଣୀ ଗୃହ, ବିଭିନ୍ନ ପଞ୍ଚାୟତରେ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ସହ ନୂତନ ଗୃହ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ପ୍ରଥମେ ବଲାଙ୍ଗୀ ମହାବିଦ୍ୟାଳୟରେ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଓ ବଲାଙ୍ଗୀ ମହାହାବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନୂତନ ଗୃହ ଉଦ୍‌ଘାଟନ ହୋଇଥିବାବେଳେ ଶାଇଁସସାଶନ ପଞ୍ଚାୟତର ସୁବିଧା କେନ୍ଦ୍ର ୧୦ ଲକ୍ଷ ଟଙ୍କାର ଓ ପଞ୍ଚାୟତସ୍ତରୀୟ ମହିଳା ମହାସଂଘ ଗୃହ ୩୦ ଲକ୍ଷ ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । ବଲାଙ୍ଗୀ ମହାବିଦ୍ୟାଳୟରେ କର୍ମକ୍ଷେତ୍ରରେ ମହିଳାମାନଙ୍କ ପ୍ରତି ଯୌନ ଉତ୍ପୀଡ଼ନ ଆଇନ ୨୦୧୩ ସମ୍ବନ୍ଧରେ ଦକ୍ଷତା ବୃଦ୍ଧି କର୍ମଶାଳାରେ ଯୋଗଦେଇ ଉପମୁଖ୍ୟମନ୍ତ୍ର ଛାତ୍ରଛାତ୍ରୀମାନଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ । ସେ କହିଥିଲେ ଯେ ଛାତ୍ରୀମାନଙ୍କ ପାଇଁ ଶିକ୍ଷାନୁଷ୍ଠାନରେ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଆମ ସମସ୍ତଙ୍କର ଦାୟିତ୍ୱ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ପାଇଁ 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇଛି ବୋଲି ଉପମୁଖ୍ୟ ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନରେ 'ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର' ସ୍ଥାପନ କରାଯିବା ସହ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ପ୍ରଦାନ କରାଯିବ । ପରେ ସାଇଶଶାସନଠାରେ ଏକ ସଭା କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଭାତ ସାହୁ, ବିଡିଓ ଡଃ ଅଭିଜିତ ଷଡ଼ଙ୍ଗୀ, ବଲାଙ୍ଗୀ ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟ, ସାଂସଦ ପ୍ରତିନିଧି ମୀନଲତା ମହାନ୍ତି, କୃଷକ ମୋର୍ଚ୍ଚା ଉପସଭାପତି ଅର୍ଜୁନ ବରାଳ, ସରୋଜ ସାହୁ, ପ୍ରସନ୍ନ କୁମାର ଦାଶ, ପ୍ରଭାକର ନାୟକ, ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ୪୦ଲକ୍ଷରୁ ଊର୍ଦ୍ଧ୍ୱ ଧାନ ବିକ୍ରି ଟଙ୍କା ନେଇ ବେପାରୀ ଚମ୍ପଟ୍, ଚାଷୀ ହତାଶ

**ଟାଙ୍ଗୀ,୨୦।୮/ଏନ୍‌ଏନ୍‌ଏସ୍:** ଜଣେ ଚାଷୀ ଖରା, ବର୍ଷା ଓ ଶୀତକୁ ଖାତିରି ନ କରି ପାଣି କାଦୁଅରେ ନିଜକୁ ସମର୍ପି ଦେଇ ହାଡ଼ ଭଙ୍ଗା ପରିଶ୍ରମ କରି ମୁଣ୍ଡ ଝାଳ ତୁଣ୍ଡରେ ମାରି ବିଲରେ ଖଟିଥାଏ । ସେଥିରୁ ଯାହା ଅମଳ କରେ ପରିବାର ପୋଷଣ କରିବା ସହ ବିକ୍ରି କରି ଟଙ୍କା ଆଣି ଋଣ ପଇଠ କରିବା ସହ ପିଲାମାନଙ୍କର ପାଠ ଖର୍ଚ୍ଚ ବହନ କରେ । ହେଲେ ଜଣେ ଧାନ ବେପାରୀ ଦୁଇ ତିନୋଟି ପଞ୍ଚାୟତର ଗରିବ ଚାଷୀମାନଙ୍କଠାରୁ ଧାନ କିଣି ଟଙ୍କା ନ ଦେଇ ୪୦ ଲକ୍ଷ ଊର୍ଦ୍ଧ୍ୱ ଟଙ୍କା ନେଇ ଗାଁ ଛାଡି ଫେରାର ହୋଇଯାଇଛି । ଏହାକୁ ନେଇ ଚାଷୀ ମୁଣ୍ଡରେ ହାତ ଦେଇ ଗୁମୁରି କାନ୍ଦୁଛି । ଏହି ଠକ ବେପାରୀ ଜଣଙ୍କ ଟାଙ୍ଗୀ ଥାନା ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ ଗୋକୁଳପୁର ଉପରସାହିର ଜନାର୍ଦ୍ଦନ ଦାସଙ୍କ ପୁଅ ନୃସିଂହ ଚରଣ ଦାସ ବୋଲି ଜଣାପଡ଼ିଛି । ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ ଧାନ ଅମଳ ସମୟରେ ପ୍ରଥମେ ପ୍ରଥମେ ନୃସିଂହ ବିଭିନ୍ନ ଚାଷୀମାନଙ୍କଠାରୁ ଧାନ କିଣି ଟଙ୍କା ଦେଇ ମନରେ ବିଶ୍ୱାସ ଜନ୍ମାଇଥିଲା । ପରେ ଏହି ବିଶ୍ୱାସକୁ ଢାଲ କରି ଜରିପଡ଼ା, ଭଟିମୁଣ୍ଡା, ଗୋବିନ୍ଦପୁର ପଞ୍ଚାୟତର ବିଭିନ୍ନ ଚାଷୀମାନଙ୍କଠାରୁ ଏକ, ଲକ୍ଷ ଦୁଇ ଲକ୍ଷ ଟଙ୍କା ଏମିତି କରି କରି ପାଖାପାଖି ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଧାନ କିଣି ନେଇ ଯାଇଥିଲା । ଚାଷୀ ଟଙ୍କା ପାଇବାରେ ବିଳମ୍ବ ହେବାରୁ ଟଙ୍କା ଆଜି ଦେବି କାଲି ଦେବି କହି ଚାଷୀମାନଙ୍କୁ ଭୁଲାଇବା ସହ ଗାଁ ଛାଡ଼ି ନିଜ ପରିବାର ଧରି କେଉଁ ଆଡ଼େ ଚାଲି ଯାଇଛି । ଯାହାଫଳରେ ଗରିବ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଏବେ ଚାଷ କାର୍ଯ୍ୟ ଜାରିଥିବାବେଳେ କିଛି ଚାଷୀ ଧାନ ବିଲ କରି ପାରୁ ନାହାନ୍ତି । ଆଉ କିଛି ଭାଗ ଚାଷୀ ବିଲ ମାଲିକମାନଙ୍କୁ ଟଙ୍କା ଦେଇ ନ ଥିବାରୁ ସେ ମଧ୍ୟ ଭାଗ ଚାଷୀମାନଙ୍କଠାରୁ ବିଲ ଛଡ଼ାଇ ନେଇଛନ୍ତି । ଭଟିମୁଣ୍ଡା ପଞ୍ଚାୟତର ବିଦ୍ୟାଧର ସାହୁ ନାମକ ଜଣେ ଚାଷୀଠାରୁ ନୃସିଂହ ୧ ଲକ୍ଷ୯୫ହଜାର ଟଙ୍କାର ଧାନ ନେଇଥିବା ଟାଙ୍ଗୀ ଡ୍ରିମ୍ସ ଫାଣ୍ଡିରେ ଅଭିଯୋଗ କରିଛନ୍ତି । ବିଦ୍ୟାଧର ନୃସିଂହଙ୍କ ଘରକୁ ଯାଇ ତାଙ୍କ ବାପା ଜନାର୍ଦ୍ଦନଙ୍କୁ ଧାନ ଟଙ୍କା କଥା ପଚାରିବାରୁ ମୁଁ ସମସ୍ତ ଧାନ ବିକ୍ରି ଟଙ୍କା ଦେଇଛି କହି ଗାଳି ଗୁଲଜ କରି ପଠାଇ ଦେଇଥିଲେ । ସେହିପରି ଅନେକ ଚାଷୀ ଏଭଳି ଠକାମୀର ଶିକାର ହେଉଛନ୍ତି । ଖାଲି ଧାନ ଟଙ୍କା ନୁହେଁ ଗାଁର ବିଭିନ୍ନ ଫଣ୍ଡରୁ ଟଙ୍କା ନେଇଥିବା ମଧ୍ୟ ଅଭିଯୋଗ ଆସିଛି । ନୃସିଂହ କେଉଁଠି ରହୁଛି ଜାଣିଥିଲେ ମଧ୍ୟ ତାଙ୍କ ପରିବାର ଲୋକେ ଘଣ୍ଟ ଘୋଡ଼ାଉ ଥିବାରୁ ଚାଷୀମାନେ ଟଙ୍କା ନ ପାଇ ହନ୍ତସନ୍ତ ହେଉଛନ୍ତି । ଏଭଳି ଠକକୁ ଧରିବା ଟାଙ୍ଗୀ ପୁଲିସ ପାଇଁ ଚ୍ୟାଲେଞ୍ଜ ହୋଇଥିବାବେଳେ ପୁଲିସ କେତେ ସଫଳ ହେଉଛି ତାହା ଦେଖିବାକୁ ବାକି ରହିଲା ।

## ଅମଳା ସଂଘର ଆନ୍ଦୋଳନ ୧୦ମ ଦିନରେ



**ଖୋର୍ଦ୍ଧା,୨୦।୮/ଏନ୍‌ଏନ୍‌ଏସ୍:** ଓଡ଼ିଶା ରାଜସ୍ୱ ଅମଲା ସଂଘର ୯ଦଫା ଦାବି ନେଇ ଆନ୍ଦୋଳନ ଆଜିକୁ ୧୦ମ ଦିନରେ ପହଞ୍ଚିସାରିଛି । ହେଲେ ସରକାରଙ୍କର ବୈମାତୃକ ମନୋଭାବ ଏବଂ ଟାଳଟୁଳ ନୀତି ପାଇଁ ଅମଲାମାନଙ୍କର ଦାବି ସମ୍ବନ୍ଧୀୟ କୌଣସି ଆଲୋଚନା ପାଇଁ ସରକାର ଡାକି ନାହାନ୍ତି କି ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ନେଉ ନାହାନ୍ତି । ଅମଲାମାନେ ସମୂହ ଛୁଟିରେ ରହି ଆନ୍ଦୋଳନ କରୁଥିବାରୁ ଜନସାଧାରଣ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଓଡ଼ିଶା ରାଜସ୍ୱ ଅମଲା ସଂଘ ଗତ ୨୦୧୭ ମସିହାରୁ ସେମାନେ ନ୍ୟାଯ୍ୟ ଦାବିଗୁଡ଼ିକୁ ସରକାରଙ୍କ ପାଖେ ଉପସ୍ଥାପନା କରିଆସୁଛନ୍ତି ଏବଂ ବହୁବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି । ସରକାର୍ ସେମାନଙ୍କୁ ପ୍ରତିଶ୍ରୁତି ଦେଇ ଦେଇ ପ୍ରତାରଣା କରି ଆସୁଛନ୍ତି । ସେଥିପାଇଁ ଅମଲା ମାନେ ବାଧ୍ୟ ହୋଇ ପୁନର୍ବାର ଆନ୍ଦୋଳନ ଡାକରା ଦେଇ ଶାନ୍ତି ପୂର୍ଣ୍ଣ ଆନ୍ଦୋଳନ ଜାରି ରଖିଛନ୍ତି । ସରକାର୍ ସେମାନଙ୍କ ସହ ଆଲୋଚନା ନକରି ଅଥଚ ନାଲି ଆଖି ଦେଖେଇବା ସହ ସେମାନଙ୍କ ପ୍ରତି ବୈମାତୃକ ମନୋଭାବର ଝଲକ୍ ଦେଖାଇଛନ୍ତି । ଆଜି ଓଡିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତିରୁପତି ବାଲାଜୀ ସାହୁ, କାର୍ଯ୍ୟ ପରିଷଦର ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକ ଏବଂ ରାଜ୍ୟ ସଂଘର ଅନ୍ୟ ଦୁଇ ସଦସ୍ୟଙ୍କ ଉପସ୍ଥିତିରେ ଖୋର୍ଦ୍ଧା ଜିଲ୍ଲାର ଦୁଇ ଉପବିଭାଜନ ଖୋର୍ଦ୍ଧା ଏବଂ ଭୁବନେଶ୍ୱର ଧାରଣାସ୍ଥଳରେ ଯୋଗଦେଇ ବସିଥିବା ରାଜସ୍ୱ ଅମଲାମାନଙ୍କ ସହ ଦାବି ପୂରଣ ପାଇଁ କି ପ୍ରକାର ରହିବ ଆନ୍ଦୋଳନର ରୂପରେଖ ଏବଂ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା ମାଧ୍ୟମରେ ଅବଗତ କରିଥିଲେ । ଉପସ୍ଥିତ ଥିବା ରାଜସ୍ୱ ଅମଲା ସଂଘ ଖୋର୍ଦ୍ଧା ଜିଲ୍ଲା ଶାଖା ସମ୍ପାଦକ ଅରୁଣ କୁମାର ମୁଦୁଲି, ସଂଗଠାନିକ ସମ୍ପାଦକ ରଶ୍ମିରଞ୍ଜନ ରାଉତରାୟ, କାର୍ଯ୍ୟକାରୀ ସଭାପତି ମନୋରଂଜନ ମହାପାତ୍ର, ଉପସଭାପତି ଅନୁପମା ପତ୍ର, କାର୍ଯ୍ୟ ପରିଷଦ ଅଧ୍ୟକ୍ଷ କୁଳଦୀପ ପାଲ୍‌ସିଂହ, ମୁଖ୍ୟ ଉପଦେଷ୍ଟା ବ୍ରଜକିଶୋର ମହାପାତ୍ର ଓ ଉପଦେଷ୍ଟା ସନ୍ତୋଷ ନିସଙ୍କଙ୍କ ସହ ସମସ୍ତ ରାଜସ୍ୱ ଅମଲା ଭାଇ ଓ ଭଉଣୀ ମାନଙ୍କୁ ଧନ୍ୟବାଦ୍ ଜଣାଇ ଆନ୍ଦୋଳନକୁ ସଫଳ କରିବାକୁ ଉତ୍ସାହିତ କରିଥିଲେ ।

## ଡିଭାଇଡର୍‌ରେ ପିଟିହୋଇ ଓଲଟିଲା କାର୍, ଦୁଇ ଆହତ

**କୋଣାର୍କ,୨୦।୮/ଏନ୍‌ଏନ୍‌ଏସ୍:** ବୁଧବାର ରାତି ୮ଟା ସମୟରେ କୋଣାର୍କ ଚନ୍ଦ୍ରଭାଗା ୬ ଲେନ୍ ରାସ୍ତାରେ ଚନ୍ଦ୍ରଭାଗା ଆଡୁ କୋଣାର୍କ ଅଭିମୁଖେ ଏକ ଟାଟା ଇଣ୍ଡିଗୋ କାର୍‌ରେ ଦୁଇଜଣ ଯୁବକ ଦ୍ରୁତଗତିରେ ଆସୁଥିଲା ବେଳେ ହେଲି ପ୍ୟାଡ୍ ନିକଟ ଦୁର୍ଗାବାଡ଼ି ସମ୍ମୁଖରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । କାର୍‌ଟି ରାସ୍ତା ଡିଭାଇଡର୍‌ରେ ପିଟିହୋଇ ପ୍ରାୟ ୧୦ଫୁଟ ଉପରକୁ ଉଠି ରାସ୍ତାକଡ଼କୁ ଓଲଟି ପଡ଼ିଥିଲା । କାର୍‌ରେ ଥିବା ଦୁଇ ଯୁବକଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରିଥିଲେ । ସେମାନେ ସାମାନ୍ୟ ଆହତ ହୋଇଥିବା ବେଳେ କାର୍‌ର ସମ୍ମୁଖ ଭାଗ ନଷ୍ଟ ହୋଇଯାଇଛି ଓ ଡିଭାଇଡର ମଧ୍ୟ ଭାଙ୍ଗିଯାଇଛି । ଯୁବକ ଦୁଇଜଣ ଜଟଣୀ ବୁଢ଼ାପଡ଼ା ଗ୍ରାମର ବୋଲି ଜଣାପଡ଼ିଛି । ଖବର ପାଇ କୋଣାର୍କ ପୁଲିସ ଓ ଚମ୍ପାହର ଅଗ୍ନିଶମ ଗାଡି ଘଟଣାସ୍ଥଳରେ ପହଞ୍ଚି କାର୍‌ଟିକୁ ରାସ୍ତାକଡ଼ରୁ ଉଦ୍ଧାର କରିଥିଲେ ।

## ନାଚୁଣୀ ଯାତ୍ରୀ ବିଶ୍ରାମାଗାର ସମ୍ମୁଖ ପାଲଟିଛି ଡମ୍ପିଂୟାର୍ଡ



**ଚିଲିକା,୨୦।୮/ଏନ୍‌ଏନ୍‌ଏସ୍:** ସ୍ୱଚ୍ଛ ଭାରତ ମିଶନ ଡାକରାକୁ ବେଖାତିର କରି ନାଚୁଣୀ ଗ୍ରାମ ପଞ୍ଚାୟତ ଅଧୀନ ନାଚୁଣୀ ବଜାର କେନ୍ଦ୍ର ସ୍ଥଳରେ ତଥା ନାଚୁଣୀ ଗୋଦାବରୀଶ ହାଇସ୍କୁଲ ପ୍ରାଚୀର ପାର୍ଶ୍ୱରେ ଥିବା ଅବ୍ୟବହୃତ ଯାତ୍ରୀନିବାସ ଗୃହ ସମ୍ମୁଖ ଏବେ ଡମ୍ପିଙ୍ଗ ୟାର୍ଡ ପାଲଟି ପୂତି ଗନ୍ଧମୟ ପରିସ୍ଥିତି ସୃଷ୍ଟି ହୋଇଛି । ୧୬ନମ୍ବର ଜାତୀୟ ରାଜପଥ ପ୍ରଶସ୍ତିକରଣ ଫଳରେ ପୂର୍ବରୁ ନାଚୁଣୀ ବଜାର ଦେଇ ଯାଇଥିବା ଏହି ରାଜପଥ ୫ନମ୍ବର ଭାବେ ପରିଚିତ ଥିଲା । ଫଳରେ ବିଭିନ୍ନ ସ୍ଥାନକୁ ବସ୍ ଯୋଗେ ଯାତାୟାତ କରୁଥିବା ଯାତ୍ରୀମାନଙ୍କ ବିଶ୍ରାମ ପାଇଁ ଏହି ବିଶ୍ରାମାଗାରଟି ପ୍ରତିଷ୍ଠିତ ହୋଇଥିଲା । ମାତ୍ର ସମ୍ପ୍ରତି ଏହି ପରିତ୍ୟକ୍ତ ଯାତ୍ରୀନିବାସଟି ଅବ୍ୟବହୃତ ହୋଇ ପଡ଼ିଥିବା ବେଳେ ଏହା ସମ୍ମୁଖ ଭାଗରେ ବଜାରର ଯାବତୀୟ ଅଳିଆ ଆବର୍ଜନା ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ଅନ୍ୟପକ୍ଷରେ ଅଞ୍ଚଳର ପରିମଳ ବ୍ୟବସ୍ଥା ସଠିକ ଭାବେ କାର୍ଯ୍ୟକାରୀ ହେଉ ନଥିବା ଅଭିଯୋଗ ହେଉଛି ।

## ବିଦ୍ୟୁତ୍ ଆଘାତରେ ଚାଷୀ ମୃତ



**ଅସ୍ତରଙ୍ଗ,୨୦।୮/ଏନ୍‌ଏନ୍‌ଏସ୍:** କାକଟପୁର ବ୍ଲକ ଅନ୍ତର୍ଗତ ବାଙ୍ଗୁରିଗାଁ ପଞ୍ଚାୟତ ଛୋଟିପଡ଼ା ଗ୍ରାମର ରମେଶ ମଲ୍ଲ(୪୮)ଙ୍କର ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି । ବର୍ଷା ଅଭାବରୁ ନିଜ ଚାଷ ଜମିରେ ପାଣି ମଡ଼ାଇବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ଘଟିଛି । ସଠିକ ପରିମାଣରେ ବର୍ଷା ନହେବା ଫଳରେ ଚାଷୀମାନେ ନିରୁପାୟ ହୋଇ ଘରଠାରୁ ବହୁତ ଦୂରରେ ଜମିଥିବାରୁ ବିପଦସଂକୁଳ ଅବସ୍ଥାରେ ତା'ର ଟାଣି ମଟର ଯୋଗେ ପାଣି ମଡ଼ାଇବା ଦ୍ୱାରା ବିଦ୍ୟୁତ ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ହୋଇଥିବା ପ୍ରତ୍ୟେକ୍ଷଦର୍ଶୀ ସୂଚନା ଦେଇଛନ୍ତି । ପାଣି ଅଭାବରୁ ପମ୍ପ ଦ୍ୱାରା ପାଣି ଦେବାକୁ ଯାଇ ନିକଟରେ ବହୁ ଚାଷୀଙ୍କର ଜୀବନ ଅକାଳରେ ଚାଲିଯାଉଥିବା ଦେଖାଯାଉଛି । ରମେଶ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି । ଏଥିପ୍ରତି ବିଦ୍ୟୁତ୍ ବିଭାଗର ନିଘା ନାହିଁ । ଜନସଚେତନେତାର ଆବଶ୍ୟକତା ରହିଥିବାରୁ ସରକାର ତଥା ପ୍ରଶାସନ ସଜାଗ ରହିଲେ ବହୁ ଗରିବ ଚାଷୀଙ୍କର ଜୀବନ ରକ୍ଷା ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ଟେଲିଫୋନ୍ ଟାୱାର୍‌ରୁ ଚୋରି

**ଡେଲାଙ୍ଗ,୨୦।୮/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ଥାନା ଅଧୀନ ବାଲିହୁଙ୍କା ଶିଶୁଆପଡା ଠାରେ ଥିବା ଟେଲିଫୋନ ଟାୱାରରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଏ ନେଇ ଡେଲାଙ୍ଗ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପୁଲିସ ସୂଚନା ଦେଇଛି । ଅଭିଯୋଗ ମୁତାବକ ବାଲିହୁଙ୍କା ଶିଶୁଆପଡ଼ାଠାରେ ଥିବା ଟେଲିଫୋନ ଟାୱାର୍‌ର ବିଟିଏସ୍ କାର୍ଡ ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା, କେହି ଦୁର୍ବୃତ୍ତ ରାତିରେ ଚୋରାଇ ନେଇଯାଇଥିବା କମ୍ପାନୀର କ୍ଷେତ୍ର ପରିଚାଳକ ମୀର ଜାବୀର ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଡେଲାଙ୍ଗ ପୁଲିସ ଏ ନେଇ ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ନଜର ରଖାଯାଇଥିବା ଥାନାଧିକାରୀ ଶ୍ୟାମଘନ ବାରିକ ସୂଚନା ଦେଇଛନ୍ତି ।

## ଲୁଣା ନଦୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

**ଡେଲାଙ୍ଗ,୨୦।୮/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ଥାନା ମୁନିନ୍ଦା ପଞ୍ଚାୟତ ଅନ୍ତର୍ଗତ ଡାକପଡ଼ା ଗ୍ରାମର ଜଣେ ମହିଳା ଲୁଣା ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି । ସେହେଲେ ଡାକପଡା ଗ୍ରାମର ସସ୍ମିତା ଖଟୋଇ(୪୫) । ତାଙ୍କ ଘର ପଛପଟ ଦେଇ ଲୁଣା ନଦୀରେ ପ୍ରବାହିତ ହୋଇଥିବା ବେଳେ ମହିଳା ଜଣକ ସନ୍ଧ୍ୟା ସମୟରେ ନଦୀକୁ ଶୌଚ ହେବାକୁ ଯାଇଥିଲେ । ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ । ଘରକୁ ଫେରିବା ବିଳମ୍ବ ହେବାରୁ ଖୋଜାଖୋଜି କରିବାରେ ମହିଳା ଜଣକ ନଦୀ ପାଣିରେ ଭାସୁଥିବା ଦେଖିବାକୁ ପାଇଥିଲେ । ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଡେଲାଙ୍ଗ ପୁଲିସ ମେଡିକାଲରେ ପହଞ୍ଚି ମୃତ ଶରୀର ଜବତ କରିଥିଲେ । ମୃତ ମହିଳାଙ୍କ ସ୍ୱାମୀ ଧ୍ରୁବଚରଣ ଖଟୋଇ ଏ ନେଇ ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ୍ ଏକ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଥିବା ଏସ୍‌ଆଇ ଶୁଭଶ୍ରୀ ପ୍ରିୟଦର୍ଶିନୀ ନନ୍ଦ ସୂଚନା ଦେଇଛନ୍ତି ।

ଏକାଦଶାହ ଦିବସରେ
୰ଉପେନ୍ଦ୍ର ଜେନାଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି



ଆବିର୍ଭାବ ୨୫.୧୧.୧୯୮୫
ତିରୋଧାନ ୧୧.୦୮.୨୦୨୫

ବାପା, ତମ କର୍ମମୟ ଜୀବନ ର ସମସ୍ତ, ଅସମାପ୍ତ ସମ୍ମତି, ନିଷ୍ଠା ଓ ତ୍ୟାଗ ପାଇଁ ସମସ୍ତ ହରିପୁରବାସୀ ଝୁରୁଛନ୍ତି । ପରିବାର ତରଫରୁ ପୁଅ, ବୋହୂ, ଝିଅ-ଜ୍ୱାଇଁ, ନାତି, ନାତୁଣୀ- ଅନୁରୂପ ଭାବରେ ମନେ ପକାଇ, ଆଖି ଲୁହ , ଆଖିରେ ରଖି କାନ୍ଦୁଛନ୍ତି । ତମେ ଯେଉଁଠି ଥାଅ, ପ୍ରଭୁ ଜଗନ୍ନାଥ ତମକୁ ସହାୟ ।

ପତ୍ନୀ-ରୁକ୍ମଣୀ, ପୁଅ-ବିଶ୍ୱଜିତ , ବୋହୂ-ଶୁଭଶ୍ରୀ , ଝିଅ-ଜ୍ୱାଇଁ : କଳ୍ପନା-ଜିତେନ୍ଦ୍ର, ଅର୍ଚ୍ଚନା-ପ୍ରଦୀପ, ରଚନା

ଚଳିତ ମାସ ତା୨୧/୮/୨୦୨୫ରିଖ ଗୁରୁବାର , ଏକାଦଶାହ ଦିବସ ରେ ବରୀ ବ୍ଲକ, ହରିପୁରାପଇଞ୍ଚଣ୍ଡାଗ୍ରାମରେ ଶ୍ରଦ୍ଧାଞ୍ଜଳି ସଭା ଅପରାହ୍ନ ୪ ଘଟିକା ରେ ଅନୁଷ୍ଠିତ ହେବ ।

ସୌଜନ୍ୟ: ଶୁଭଶ୍ରୀ ମହାପାତ୍ର , ସାମ୍ବାଦିକ , ମୁକ୍ତାଟିକିରି, ବଡଚଣା, ଯାଜପୁର




## ପ୍ରେରଣା

# ଆଭା ନାରାୟଣ ଲାମ୍ବା

"ବାସ୍ତୁକଳା ସଂରକ୍ଷଣ କ୍ଷେତ୍ରରେ ଏକ ପ୍ରତିଷ୍ଠିତ ନାମ ଆଭା ନାରାୟଣ ଲାମ୍ବା। ତାଙ୍କ ପାଇଁ ଆଜି କୌଣସି ପରିଚୟର ଆବଶ୍ୟକତା ନାହିଁ। ୨୫ ବର୍ଷରୁ ଅଧିକ ସମୟ ଧରି ନିଜର ଅଦ୍ୱିତୀୟ ଅନୁଭବ ସହିତ ତାଙ୍କର କିଛି ଉତ୍କୃଷ୍ଟ ଉପଲବ୍ଧିଗୁଡ଼ିକ ମଧ୍ୟରେ ରହିଛି ପ୍ରତିଷ୍ଠିତ ସଂସ୍କୃତି ପୁରସ୍କାର ଓ ଇସେନହାଓ୍ୱାର ଫେଲୋସିପ୍। ଏହି ସମ୍ମାନଗୁଡ଼ିକ ତାଙ୍କୁ ବାସ୍ତୁକଳା ଓ ସଂରକ୍ଷଣ କ୍ଷେତ୍ରରେ ଏକ ଦୂରଦର୍ଶୀ ମହିଳା ଭାବରେ ମାନ୍ୟତା ଦେଇଛନ୍ତି। ନିଜର କ୍ୟାରିୟର ସମୟରେ ଆଭା କେବଳ ୧୧ଟି ୟୁନେସ୍କୋ ଏସିଆ-ପ୍ରଶାନ୍ତ ପୁରସ୍କାର ଯେ ପ୍ରାପ୍ତ କରିଛନ୍ତି ତାହା ନୁହେଁ, ଦେଶର ସାଂସ୍କୃତିକ ଐତିହ୍ୟଗୁଡ଼ିକର ଜୀର୍ଣ୍ଣୋଦ୍ଧାର ଓ ସଂରକ୍ଷଣରେ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଛନ୍ତି। ଏହା ସହିତ ବିଶ୍ୱ ସ୍ମାରକ କୋଷ, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ପରି ପ୍ରତିଷ୍ଠିତ ସଂସ୍ଥାଗୁଡ଼ିକରେ ନିଜର ବିଶେଷଜ୍ଞତା ପ୍ରଦାନ କରିଛନ୍ତି ଆଭା। ମୁମ୍ବାଇ ଓ ଦିଲ୍ଲୀ ଐତିହ୍ୟ ସଂରକ୍ଷଣ ସମିତିର ସଦସ୍ୟ ଭାବରେ ଏହାର ନୀତିଗୁଡ଼ିକୁ ଆକାର ଦେବା ପାଇଁ ସେ ସକ୍ରିୟ ଭାବରେ ଭାଗ ନେଇଥିଲେ।"







ଦେଶର କେତେ ଜଣ ସଂରକ୍ଷଣ ବାସ୍ତୁକାରଙ୍କ ମଧ୍ୟରୁ ଅନ୍ୟତମ ଆଭା ନାରାୟଣ ଲାମ୍ବା ୧୯୭୦ରେ କୋଲକାତା ଠାରେ ଜନ୍ମଗ୍ରହଣ କରିଥିଲେ। କିନ୍ତୁ ତାଙ୍କର ପ୍ରାରମ୍ଭିକ ଜୀବନ ଅତିବାହିତ ହୋଇଥିଲା ବାଲିଗଞ୍ଜ ଠାରେ। ଲୋରେଟୋ ହାଉସ୍ ସ୍କୁଲ୍‌ରୁ ଶିକ୍ଷା ସମାପ୍ତ କରିବା ପରେ ସେ ସ୍କୁଲ୍ ଅଫ୍ ପ୍ଲାନିଂ ଆଣ୍ଡ୍ ଆର୍କିଟେକ୍‌ଚର, ନୂଆଦିଲ୍ଲୀରୁ ସ୍ନାତକ ଡିଗ୍ରୀ ପ୍ରାପ୍ତ କରିଥିଲେ। ୧୯୯୬ରୁ ସେ ବାସ୍ତୁକଳାର ଅଭ୍ୟାସ ଆରମ୍ଭ କରିଥିଲେ ମଧ୍ୟ ସେ ସମୟରେ ସଂରକ୍ଷଣ କ୍ଷେତ୍ର ଏକ ମାନ୍ୟତା ପ୍ରାପ୍ତ କ୍ଷେତ୍ର ନଥିଲା। ଏଥିପାଇଁ ସେ ୧୯୯୮ରେ ଆଭା ନାରାୟଣ ଲାମ୍ବା ଆସୋସିଏଟ୍ସ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ତେବେ ସବୁ କାର୍ଯ୍ୟ ପାଇଁ ମହିମାର ଆବଶ୍ୟକତା ରହିଛି। ଲାମ୍ବା ମୁମ୍ବାଇରେ ସ୍ଥିତ ଅନେକ ପରିଯୋଜନାଗୁଡ଼ିକରେ କାମ କରିଛନ୍ତି। ଏହା ସହିତ ଅନ୍ୟ ଆର୍କିଟେକ୍ଟସ୍, ପ୍ରତ୍ନତତ୍ତ୍ୱବିତ୍, ସଂଗ୍ରହାଳୟ ଡିଜାଇନର୍ ଓ ଇତିହାସକାରମାନଙ୍କ ସହିତ କାମ କରି ଲଦାଖ ଓ ହାମ୍ପିରେ ଥିବା ପଞ୍ଚଦଶ ଶତାବ୍ଦୀର ବୌଦ୍ଧ ମନ୍ଦିରଗୁଡ଼ିକୁ ସଂରକ୍ଷିତ କରିବାରେ ସାହାଯ୍ୟ କରିଥିଲେ ଆଭା। ବୌଦ୍ଧଗଡ଼ ଓ ଅଜନ୍ତା ଗୁମ୍ଫା, ସିମ୍ଲାର ଭାଇସ୍‌ରେଗାଲ୍ ପ୍ୟାଲେସ୍, ନୈନିତାଲ୍ ଓ କୋଲକାତାର ରାଜଭବନରେ ଥିବା ପ୍ରାଚୀନ ବୌଦ୍ଧସ୍ଥଳ ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବା, ଗ୍ୱାଲିୟର, ହାଇଦ୍ରାବାଦ, ଇନ୍ଦୋର, ପଟିଆଲାରେ ପୁରୁଣା ମହଲଗୁଡ଼ିକୁ ନୂଆ ରୂପ ଦେବା ଆଭାଙ୍କ କାର୍ଯ୍ୟସୂଚୀରେ ସାମିଲ ଅଛି। ଏହା ବ୍ୟତୀତ ଗୋଲକୁଣ୍ଡା କିଲ୍ଲା ଓ ମହାବୋଧି ମନ୍ଦିର, ମୁମ୍ବାଇର ଭିକ୍ଟୋରିଆନ୍ ଅଟ୍ଟାଳିକାଗୁଡ଼ିକ ଯେଉଁଥିରେ କ୍ରାଫର୍ଡ ମାର୍କେଟ୍, ରୟାଲ୍ ଓପେରା ହାଉସ୍, ଏସିଆଟିକ୍ ସୋସାଇଟି ଅଫ୍ ମୁମ୍ବାଇ ଟାଉନ୍ ହଲ୍ ଓ କେନେସେଥ୍ ଏଲିୟାହୁ ସିନାଗୋଗ୍‌ର ଜୀର୍ଣ୍ଣୋଦ୍ଧାର ସାମିଲ ଅଛି। ତାଙ୍କର ପ୍ରଥମ ପରିଯୋଜନା ମଧ୍ୟରେ ଦାଦାଭାଇ ନାରୋଜୀ ରୋଡ୍ ପାଇଁ ସହରୀ ସାଇନେଜ୍ ଓ ଷ୍ଟ୍ରିଟ୍ ଫର୍ଣ୍ଣିଚର୍‌ର ଦିଶାନିର୍ଦ୍ଦେଶଗୁଡ଼ିକୁ ଅନ୍ତିମ ରୂପ ଦେବାର ଥିଲା। ଏହା ସହିତ ଗୋଥିକ୍ ପୁନରୁଦ୍ଧାର ଓ ନବଶାସ୍ତ୍ରୀୟ ଅଟ୍ଟାଳିକାଗୁଡ଼ିକ ରହିଥିଲା। ପରେ ୨୦୦୦ରେ ରାହୁଲ୍ ମେହରୋତ୍ରା ଆସୋସିଏଟ୍ସର ସଂରକ୍ଷଣ ପରାମର୍ଶଦାତା ଭାବରେ ନିଯୁକ୍ତ ହୋଇଥିଲେ ଆଭା।

ତାଙ୍କ କାର୍ଯ୍ୟର ଏକ ସୁନ୍ଦର ଉଦାହରଣ ହେଉଛି ମୁମ୍ବାଇର ଭବ୍ୟ ରୟାଲ୍ ଓପେରା ହାଉସ୍। କେତେ ସହଜ ପ୍ରକ୍ରିୟା ସହିତ ପୁରୁଣା, ଜର୍ଜରିତ ହୋଇ ରହିଥିବା ପୁରୁଣା ଭବନକୁ ନୂଆ ଜୀବନ ଦାନ କରିଥିଲେ ଆଭା। ଏହି ଶହେ ବର୍ଷର ପୁରୁଣା ଭବନର ମୂଳ ଭବ୍ୟତାକୁ ପୁନର୍ସ୍ଥାପିତ କରିବା ପାଇଁ ଛଅ ବର୍ଷ ଲମ୍ବା ପ୍ରୋଜେକ୍ଟର ନେତୃତ୍ୱ ନେବାକୁ ପଡ଼ିଥିଲା ଆଭାଙ୍କୁ। ଦୁଇ ଦଶକ ପରେ ୨୦୧୬ରେ ଏହାକୁ ସହର ପାଇଁ ଖୋଲିଦିଆ ଯାଇଥିଲା। ଦେଶର ପ୍ରଥମ କିଛି ସଂରକ୍ଷଣ ବାସ୍ତୁକାରମାନଙ୍କ ମଧ୍ୟରୁ ଅନ୍ୟତମ ଆଭା ନାରାୟଣଙ୍କ କାର୍ଯ୍ୟଗୁଡ଼ିକୁ ଦେଖିଲେ ଏପରି ମନେହେବ ଯେପରି ଆଭା କୌଣସି ଯାଦୁ କରି ଦେଇଛନ୍ତି। ରାଜସ୍ଥାନ ଓ ପଞ୍ଜାବର ମଧ୍ୟଯୁଗୀୟ ମସ୍‌ଜିଦ୍ ଓ କାରଓ୍ୱାଁ ସରାୟ ପର୍ଯ୍ୟନ୍ତ ଓ ମୁମ୍ବାଇର ଆର୍ଟ ଡେକୋ ବାସ୍ତୁକଳାକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ ଭାବରେ ମାନ୍ୟତା ମିଳିବା ପାଇଁ ସେ ପ୍ରୟାସ ଜାରି ରଖିଛନ୍ତି। ପୂରା ଦେଶରେ ସହରୀ ବାସ୍ତୁଶିଳ୍ପ ସ୍ଥଳଗୁଡ଼ିକର ସଂରକ୍ଷଣ ଓ ଜୀର୍ଣ୍ଣୋଦ୍ଧାରର ଆନ୍ଦୋଳନର ଦାୟିତ୍ୱ ନେଇଛନ୍ତି ଆଭା। ତାଙ୍କ କମ୍ପାନୀର ମୁଖ୍ୟାଳୟ ରହିଛି ମୁମ୍ବାଇ ଠାରେ। ଏହି ସଂସ୍ଥା ସଂରକ୍ଷଣ କାର୍ଯ୍ୟ ପାଇଁ ୟୁନେସ୍କୋ ପୁରସ୍କାର ପ୍ରାପ୍ତ କରିସାରିଛି। ଏଥିମଧ୍ୟରୁ ୨୦୦୭ରେ ମୁମ୍ବାଇ ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ସମାରୋହ ହଲ୍ ପାଇଁ ବିଶିଷ୍ଟତା ପୁରସ୍କାର ଓ ମୈତ୍ରେୟ ବୁଦ୍ଧ ମନ୍ଦିର ପାଇଁ ଉତ୍କୃଷ୍ଟତା ପୁରସ୍କାର ସାମିଲ ଅଛି।

୧୯୯୫ରେ ଆଭା ଯେତେବେଳେ ନିଜ କାମ ଆରମ୍ଭ କଲେ ସେହି ବର୍ଷ ମୁମ୍ବାଇ ଠାରେ ବିରାସତ ନିୟମ ଲାଗୁ ହୋଇଥିଲା ଓ ସହରର ଦୁଇ ଜଣ ଯୋଗ୍ୟ ସଂରକ୍ଷଣ ବାସ୍ତୁକାରଙ୍କ ମଧ୍ୟରୁ ଆଭା ଅନ୍ୟତମ ଥିଲେ। ସେ ସମୟରେ ସଂରକ୍ଷଣ ପାଇଁ ଅର୍ଥ ଉପଲବ୍ଧ ନଥିଲା। ତେଣୁ ପ୍ରାରମ୍ଭିକ କ୍ୟାରିୟର ସମ୍ପୂର୍ଣ୍ଣ ଭାବରେ ନାଗରିକ ଭାଗୀଦାରୀ ଓ ନାଗରିକ ଦିଶାଗୁଡ଼ିକ ଦ୍ୱାରା ପ୍ରେରିତ ଥିଲା। ଏସବୁ ବ୍ୟତୀତ ଏପରି ସହରୀ ସଂରକ୍ଷଣ ନିୟନ୍ତ୍ରଣ ପୁସ୍ତକ ସେ ପ୍ରସ୍ତୁତ କରିଥିଲେ ଯେଉଁଥିରେ ସଡ଼କଗୁଡ଼ିକର ପରିଦୃଶ୍ୟ ଓ ସାଇନେଜ୍, ଷ୍ଟ୍ରିଟ୍ ଫର୍ଣ୍ଣିଚର ପାଇଁ ଦିଶାନିର୍ଦ୍ଦେଶଗୁଡ଼ିକ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଥିଲା। ତେବେ ସଂରକ୍ଷଣ ପାଇଁ ପ୍ରଥମେ ସ୍ମାରକଗୁଡ଼ିକର ସମ୍ପୂର୍ଣ୍ଣ ପୃଷ୍ଠଭୂମି ଦେଖିବା ଉଚିତ। କ୍ୟାରିୟର୍ ଆରମ୍ଭ ବେଳେ ସେ ବାସ୍ତୁକଳା ସଂରକ୍ଷଣର ଅର୍ଥ ଜାଣି ନଥିଲେ। କିନ୍ତୁ ଆଜି ଏହା ଉପରେ ସେ ବିଶେଷଜ୍ଞତା ହାସଲ କରିସାରିଛନ୍ତି। ବର୍ତ୍ତମାନ ଅଧିକ ଅର୍ଥ ଏଥିପାଇଁ ଉପଲବ୍ଧ ରହିଛି କିନ୍ତୁ କୌଣସି ଐତିହ୍ୟ ସ୍ଥଳ ବା ଭବନ ଉପରେ କାମ କରିବା ପାଇଁ ହେଲେ ଧୈର୍ଯ୍ୟର ଆବଶ୍ୟକତା ଥାଏ। କାରଣ ଏସବୁ କରିବା ଏକ ଲମ୍ବା ପ୍ରକ୍ରିୟା ଓ କୌଣସି ପରିଯୋଜନାକୁ ପୂରା କରିବା ପାଇଁ ସମୟ ଅଧିକ ଲାଗିଥାଏ। ଏହା ସହିତ ରହିଥାଏ କେତେ ପ୍ରକାରର ଆହ୍ୱାନ ଯେଉଁଥିରେ ଅନୁମତି ପ୍ରାପ୍ତ ଠାରୁ ଆରମ୍ଭ କରି ଅର୍ଥ ସଂଗ୍ରହ ପର୍ଯ୍ୟନ୍ତ ପ୍ରକ୍ରିୟାଗୁଡ଼ିକ ସାମିଲ ଥାଏ। ଆଭାଙ୍କ ମତରେ ବାସ୍ତୁକଳା ଆହୁରି ଅଧିକ ଜନୋନ୍ମୁଖୀ ହେବା ଉଚିତ କାରଣ ସବୁ ସମୁଦାୟଙ୍କୁ ସେମାନଙ୍କର ସ୍ୱାମିତ୍ୱର ଅନୁଭବ ହେବା ଉଚିତ।



## ଥାଇ ରେଡ୍ କରୀ

ଖାଦ୍ୟଶାଳ



ଥାଇ ରେଡ୍ କରୀରେ ବ୍ରୋକଲୀ, ମଶରୁମ୍, ବାଇଗଣ ଓ ବେବି କର୍ଣ୍ଣ ଆଦି ସାମଗ୍ରୀକୁ ପକାଇ ତରକାରି କରାଯାଏ। ଦୁନିଆର ସବୁଠୁ ପସନ୍ଦଯୋଗ୍ୟ ବ୍ୟଞ୍ଜନ ମଧ୍ୟରୁ ଏହା ଅନ୍ୟତମ। ଶାକାହାରୀ ଲୋକମାନଙ୍କ ପାଇଁ ଏହା ଏକ ବେଷ୍ଟ ରେସିପି। ଯେଉଁମାନେ ଗ୍ଲୁଟେନ ଫ୍ରି ରେସିପି ଖାଇବାକୁ ପସନ୍ଦ କରନ୍ତି ସେମାନଙ୍କ ପାଇଁ ଥାଇ ରେଡ୍ କରୀ ଏକ ସୁସ୍ୱାଦିଷ୍ଟ ବ୍ୟଞ୍ଜନ। ତେବେ ଏହି ରେସିପିକୁ ସହଜରେ ଘରେ ତିଆରି କରିପାରିବେ। ଏଥିରେ ଅନେକ ପ୍ରକାରର ମସଲା ପକାଯାଏ ଓ ଭାତ ସହିତ ଖାଇପାରିବେ। ଘରେ ତିଆରି କରି ଡିନର ପାର୍ଟିରେ ନିଜ ପରିବାର ସହିତ ଥାଇ ରେଡ୍ କରୀର ମଜା ନିଅନ୍ତୁ।

**ପ୍ରଣାଳୀ-** ଥାଇ ଲାଲ୍ ଲଙ୍କା, କିଛି ରସୁଣ କଳି, ତୁଳସୀ ପତ୍ର ଓ ଗୋଲମରିଚକୁ ଗ୍ରାଇଣ୍ଡ କରି ପେଷ୍ଟ ପ୍ରସ୍ତୁତ କରିବେ। ଏବେ ଏକ କାଚ ପାତ୍ର ନେଇ ସେଥିରେ ତେଲ ଲଗାଇ ୫୦ ସେକେଣ୍ଡ ପାଇଁ ମାଇକ୍ରୋୱେଭରେ ରଖି ଦିଅନ୍ତୁ। ଏହାକୁ ମାଇକ୍ରୋୱେଭ ଭିତରୁ ବାହାର କରି ଲଙ୍କା ପେଷ୍ଟ ପକାନ୍ତୁ। ଏବେ ଟମାଟରେ ମିଶାଇ ପୁଣି ଥରେ ତିନି ମିନିଟ୍ ପାଇଁ ମାଇକ୍ରୋୱେଭରେ ରଖିବେ। ସବୁ ପରିବାକୁ କାଟିବା ପରେ ଏକ ପାତ୍ରରେ ରଖି ପୁଣି ଥରେ ମାଇକ୍ରୋୱେଭରେ ୫-୭ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ସମୟ ପୂରା ହେବା ପରେ ବାହାର କରି ଅଲଗା ରଖନ୍ତୁ। ଏଥିରେ ଏବେ ସୋୟା ସସ୍, ସିର୍କା, ଲୁଣ ଓ ଚିନି ପକାଇ ପୁଣି ଥରେ ୬-୭ ମିନିଟ୍ ପାଇଁ ହିଟ୍ କରିବେ। ଏହାକୁ ବାହାର କରିବା ପରେ ଭାତ ଓ ନୁଡଲ୍ସ ସହିତ ପରଶିବେ। ଗାର୍ଣ୍ଣିସ୍ ପାଇଁ ଧଣିଆ ପତ୍ର କିମ୍ବା ନିଜ ପସନ୍ଦର କୌଣସି ଜିନିଷ ପକାଇ ପାରିବେ।


## ଝିଅମାନଙ୍କୁ ଶିଖାନ୍ତୁ କେତୋଟି କଥା

# ଜୀବନରେ କେବେ ଆସିବ ନାହିଁ ନିରାଶା

ପ୍ରତି ମା'ର ଇଚ୍ଛା ଥାଏ ଯେ ତାଙ୍କ ଝିଅ ଜୀବନର ପ୍ରତି ମୋଡ଼ରେ ଆତ୍ମନିର୍ଭର ହେଉ, ଆନନ୍ଦମୟ ଜୀବନ ଅତିବାହିତ କରୁ ଓ ମଜଭୁତ ହେଉ। ଝିଅମାନଙ୍କୁ କେବଳ ଭଲ ପାଇବା ଓ ସେମାନଙ୍କର ଯତ୍ନ ନେବା ସହିତ କିଛି ବ୍ୟବହାରିକ ଶିକ୍ଷା ବିଷୟରେ ପରାମର୍ଶ ଦେବା ବହୁତ ଜରୁରୀ ହୋଇଥାଏ। ଏହି ଶିକ୍ଷାଗୁଡ଼ିକ ସେମାନଙ୍କୁ ଜଟିଳ ପରିସ୍ଥିତିର ସମ୍ମୁଖୀନ ହେବା, ଆତ୍ମବିଶ୍ୱାସକୁ ବଜାୟ ରଖିବା ଓ ପ୍ରତି ସ୍ଥିତିରେ କିପରି ଖୁସିରେ ରହିବେ ସେଥିପାଇଁ ସାହାଯ୍ୟ କରିଥାଏ। ମାନସିକ ସ୍ତରରେ ମଜଭୁତି, ଭୟ ଭିତରୁ କିପରି ବାହାରିବେ, ନିଜେ କିପରି ନିଷ୍ପତ୍ତି ନେବା ପାଇଁ ସାହସ ଜୁଟେଇବେ, ନିଜର ପରିଚୟ ସୃଷ୍ଟି କରିବା ପରି କଥାଗୁଡ଼ିକ ନିଜ ଝିଅକୁ ପ୍ରତି ମା'ମାନେ ଶିକ୍ଷା ଦେବା ଉଚିତ। ଏହି ମୂଲ୍ୟଗୁଡ଼ିକ ସହିତ ଯଦି ଚାଲିବେ ତେବେ ଝିଅମାନଙ୍କ ଜୀବନରେ କେବେ ମଧ୍ୟ ନିରାଶା ଦେଖାଦେବ ନାହିଁ।

**ନିଜ ବିଚାରଗୁଡ଼ିକୁ ବୁଝିବା-** ବାରମ୍ବାର ଆସୁଥିବା ଟକ୍ସିକ ବିଚାର ଆତ୍ମବିଶ୍ୱାସ ଓ ମାନସିକ ଶାନ୍ତିକୁ ପ୍ରଭାବିତ କରିପାରେ। ଏହି ବିଚାରଗୁଡ଼ିକ ଉପରେ ଧ୍ୟାନ ଦିଅନ୍ତୁ ଓ ସେମାନଙ୍କୁ ସକାରାତ୍ମକ ଦୃଷ୍ଟିକୋଣରେ ପରିବର୍ତ୍ତିତ କରିବାକୁ ଚେଷ୍ଟା କରନ୍ତୁ। ନିଜର ବିପଦଗୁଡ଼ିକ ସହିତ କିପରି ସଂଘର୍ଷ କରିବେ ସେ ବିଷୟରେ ଶିକ୍ଷା ଦିଆଯିବା ଉଚିତ। ଏହାଦ୍ୱାରା ମାନସିକ ସ୍ତରରେ ଝିଅମାନେ ମଜଭୁତ ଓ ଆତ୍ମନିର୍ଭର ହେବେ।

**'ନା' କହିବା ଶିଖନ୍ତୁ-** ନିଜ ସୀମାଗୁଡ଼ିକୁ ବୁଝିବା ସହିତ ଆବଶ୍ୟକ ହେଲେ 'ନା' କହିବା ପାଇଁ ସଂକୋଚ ଅନୁଭବ କରିବା ଉଚିତ ନୁହେଁ। ସବୁ ପରିସ୍ଥିତିରେ ସଫଳ ହେବେ ସେପରି ହେବା ସମ୍ଭବ ନୁହେଁ। ଯଦି ଆପଣଙ୍କ 'ନା' କହିବା ଦ୍ୱାରା କାହାର ସମସ୍ୟା ହେଉଛି ତେବେ ତାହା ସେ ବ୍ୟକ୍ତିର ସମସ୍ୟା ଆପଣଙ୍କର ନୁହେଁ।



**ଅନ୍ୟର ରାୟ ଉପରେ ଗୁରୁତ୍ୱ ଦିଅନ୍ତୁ ନାହିଁ-** କେହି ଆପଣଙ୍କ ବିଷୟରେ କ'ଣ ଚିନ୍ତା କରୁଛି ତାହା ତାଙ୍କର ସମସ୍ୟା, ଆପଣଙ୍କର ନୁହେଁ। ଏହା ସବୁଠାରୁ ବଡ଼ ମାନସିକ ବୋଝ ଯାହାକୁ ଅଣଦେଖା କଲେ ଆପଣ ଅସଲ ସ୍ୱାଧୀନତା ପାଇବେ। ନିଜ ଜୀବନର ନିଷ୍ପତ୍ତି ନିଜେ ନେବା ଉଚିତ ଓ ଅନ୍ୟର ରାୟ ଉପରେ ଆଧାରିତ ହେବା ଉଚିତ ନୁହେଁ।



**ନିଜ ଫନ୍‌କୁ ଡିଫାଇନ୍ କରନ୍ତୁ-** ସମସ୍ତଙ୍କ ପାଇଁ ଫନ୍‌ର ଅର୍ଥ ଅଲଗା ଥାଏ। ବାହାରେ ପାର୍ଟି କରିବାର ଫନ୍ ପରିବର୍ତ୍ତେ ଯଦି ନିଜ ଘରେ ବସି ବହି ପଢ଼ିବେ, ଗୀତ ଶୁଣିବେ ବା ପରିବାର ସହିତ ସମୟ ବିତେଇବାକୁ ପସନ୍ଦ କରୁଛନ୍ତି ତେବେ ଏହାକୁ ଆପଣାଇବା ଉଚିତ। ନିଜ ଫନ୍‌କୁ ଡିଫାଇନ୍ କରିବା ଓ ତାହାକୁ ଉପଭୋଗ କରିବାକୁ ଶିଖନ୍ତୁ।

**ବିବାହ ପୂର୍ବରୁ ଜରୁରୀ ତଥ୍ୟଗୁଡ଼ିକୁ କ୍ଲିଅର କରିବା-** ବିବାହ ପୂର୍ବରୁ ପାର୍ଟନର୍ ସହିତ କଥାବାର୍ତ୍ତା କରି କେତୋଟି କଥା ଉପରେ ଆଲୋଚନା କରନ୍ତୁ। ଏଥିରେ ବିତ୍ତୀୟ ଆଶା, କ୍ୟାରିୟର୍ ପ୍ଲାନ୍ସ, ପିଲାମାନଙ୍କର ଲାଳନପାଳନ, ସ୍ୱାସ୍ଥ୍ୟ ଓ ଅନ୍ୟ ପ୍ରାଥମିକତାଗୁଡ଼ିକୁ ସାମିଲ କରନ୍ତୁ। ସ୍ୱଚ୍ଛତାରୁ ସମ୍ପର୍କ ମଜଭୁତ ହୁଏ।

**ଗୋଲ୍ଡେନ୍ ଏରା-** ୧୫-୩୦ ବର୍ଷ ମଧ୍ୟରେ ଯେଉଁ ସମୟ ଥାଏ ତାହାକୁ ଜୀବନର ଗୋଲ୍ଡେନ୍ ଏରା ବୋଲି କୁହାଯାଏ। ଏ ସମୟରେ ସାଙ୍ଗସାଥି କରିବେ, ସେମାନଙ୍କ ଠାରୁ ଅଲଗା ହେବେ, ଭୁଲ୍ କରିବେ ଓ ସୁଧାରିବେ। ତଳକୁ ଖସିବା ଓ ଉପରକୁ ଉଠିବାର ପ୍ରକ୍ରିୟା ଆପଣଙ୍କୁ ମଜଭୁତ କରିବ। ସମ୍ପର୍କ ତିଆରି ହେବ ଓ ଭାଙ୍ଗିବ। କିନ୍ତୁ ଏହି ଅନୁଭବ ପୂର୍ବାପେକ୍ଷା ଆପଣଙ୍କୁ ଖୁବ୍ ଭଲ ଅନୁଭବ ଦେବ।

**ସକାରାତ୍ମକ ଚିନ୍ତାଧାରା ଓ ଆତ୍ମନିର୍ଭରତା ବହୁତ ଜରୁରୀ-** ତେବେ ଏହା ସମ୍ପୂର୍ଣ୍ଣ ଭାବରେ ନିଜ ଉପରେ ନିର୍ଭର କରେ ଯେ ଆପଣଙ୍କ ଜୀବନକୁ କେଉଁ ଦିଗରେ ନେଇ ଯିବାକୁ ଚାହୁଁଛନ୍ତି। ଯଦି ଆପଣ ଖୁସି ଓ ଆତ୍ମନିର୍ଭର ସହିତ ଆଗକୁ ବଢ଼ିବା ପାଇଁ ନିଷ୍ପତ୍ତି ନେବେ ତେବେ କୌଣସି ପରିସ୍ଥିତି ଆପଣଙ୍କୁ ରୋକି ପାରିବ ନାହିଁ।

ଏହି ସବୁ ଛୋଟ ଛୋଟ କିନ୍ତୁ ପ୍ରଭାବୀ କଥାଗୁଡ଼ିକୁ ବୁଝି ନିଜ ଝିଅକୁ ବୁଝେଇ ପାରିବେ। ଏହାଦ୍ୱାରା ନିଜକୁ ମାନସିକ ସ୍ତରରେ ମଜଭୁତ କରିପାରିବେ ଓ ଅନ୍ୟ ପାଇଁ ପ୍ରେରଣା ହୋଇପାରିବେ। ମନେ ରଖନ୍ତୁ ଖୁସି ବାହାରୁ ଆସେ ନାହିଁ, ନିଜ ଚିନ୍ତାଧାରା ଓ ନିଜର ଦୃଷ୍ଟିକୋଣ ଦ୍ୱାରା ଆସିଥାଏ।

## ଲମାଜ୍ କ୍ଲାସ୍

ସ୍ୱାସ୍ଥ୍ୟ

**ନର୍ମାଲ୍, ସୁରକ୍ଷିତ ଓ କମ୍ ଯନ୍ତ୍ରଣା ସହିତ ପ୍ରସବ ହେଉ ବୋଲି ପ୍ରତି ଗର୍ଭବତୀ ମହିଳା ଚାହାନ୍ତି। ତେଣୁ ପ୍ରସବ ପାଇଁ ମହିଳାମାନେ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିବାକୁ ଚାହାନ୍ତି ଯେପରି ସୁରକ୍ଷିତ ଭାବରେ ଶିଶୁଟିକୁ ଜନ୍ମ ଦେଇପାରିବେ। ବେବି ବାର୍ଥ ଏକ ସାଭାବିକ ପ୍ରକ୍ରିୟା ଓ ଏହାକୁ ଆହୁରି ସହଜ କରିଥାଏ ଲମାଜ୍ କ୍ଲାସ୍। ଶିଶୁ ଜନ୍ମ ପାଇଁ ପ୍ରସ୍ତୁତିକରଣର ଏକ ଟେକ୍‌ନିକ୍ ହେଉଛି ଲମାଜ୍ କ୍ଲାସ୍। ୧୯୫୦ରେ ଏହାର ପ୍ରାରମ୍ଭ କରିଥିଲେ ଫ୍ରେଞ୍ଚ୍ ଅବଷ୍ଟେଟ୍ରିସିଆନ୍ ଡକ୍ଟର ଫରନାଣ୍ଡ ଲମାଜ୍। ମହିଳାମାନଙ୍କର ପ୍ରସବ ସମୟରେ ଯନ୍ତ୍ରଣାକୁ ମ୍ୟାନେଜ କରିବା ପାଇଁ ଶାରୀରିକ ଓ ମାନସିକ ସ୍ତରରେ ପ୍ରସ୍ତୁତ କରିବା ଥିଲା ଏହାର ଉଦ୍ଦେଶ୍ୟ। ଏହି କ୍ଲାସେସ୍‌ରେ ବ୍ରିଦିଂ ଏକ୍ସରସାଇଜ, ରିଲାକ୍ସେସନ୍, ପୋଜିସନିଂ ଓ ବେବି କେୟାର ଉପରେ ଟିପ୍‌ସ ଦିଆଯାଉଥିଲା ଯେପରି ସହଜରେ ପ୍ରସବ ହୋଇପାରିବ। ଗର୍ଭାବସ୍ଥାର ଶେଷ ତିନି ମାସରେ ଏହି କ୍ଲାସେସ୍ ଦିଆଯାଏ।**




**ମହିଳାମାନେ ମଜଭୁତ ହୁଅନ୍ତି-** ଲମାଜ୍ ବିଶେଷଜ୍ଞଙ୍କ ଅନୁସାରେ ଯେତେବେଳେ ଜଣେ ମହିଳା ପ୍ରଥମ ଥର ମା' ହେବାକୁ ଯାଉଥାଏ ଏହା ତା' ପାଇଁ ଏକ ନୂଆ ଅନୁଭବ ହୋଇଥାଏ। ସାଧାରଣତଃ ମହିଳାମାନେ ଏ ସମୟରେ ଭୟ ପାଇଯାଆନ୍ତି। ତେଣୁ ଲମାଜ୍ କ୍ଲାସେସ୍‌ରେ ମହିଳାମାନଙ୍କର ଏହି ଭୟ ଓ ଷ୍ଟ୍ରେସ୍‌କୁ ଦୂର କରାଯାଏ ଯେପରି ପ୍ରସବ ସୁରକ୍ଷିତ ଭାବରେ ହୋଇଯିବ। ଏ ସମୟରେ ସେମାନଙ୍କୁ ଏପରି ବ୍ୟାୟାମ କରିବାକୁ ଦିଆଯାଏ ଯେଉଁଥିରେ ସେମାନଙ୍କର ପେଲ୍‌ଭିକ ମସଲ୍ସ ମଜଭୁତ ହେବ ଯେପରି ଡକ୍ ୱାକ୍, ସ୍କ୍ୱାଟ୍ ଆଦି। ପ୍ରସବ ସମୟରେ କେଉଁଭଳି ଭାବରେ ନିଃଶ୍ୱାସ-ପ୍ରଶ୍ୱାସ ନେବାକୁ ହୁଏ ଯେଉଁଥିରେ ସେମାନଙ୍କର ଯନ୍ତ୍ରଣା କମ୍ ହେବ ଓ ଗର୍ଭରେ ଥିବା ଶିଶୁ ପର୍ଯ୍ୟନ୍ତ ଅଧିକରୁ ଅଧିକ ପରିମାଣରେ ଅକ୍ସିଜେନ୍ ପହଞ୍ଚିବ, ଫଲ୍ସ ପେନ୍, କନ୍‌ଟ୍ରାକ୍ସନ୍, ଲେବର୍ ପେନ୍ କ'ଣ, ଏସବୁକୁ କିପରି ଚିହ୍ନଟ କରିବେ, ଅଲଗା ଅଲଗା ପ୍ରସବର ପୋଜିସନ୍ କେଉଁଭଳି ହୋଇଥାଏ, ଶିଶୁର ଜନ୍ମ ନେବା ପରେ ବ୍ରେଷ୍ଟଫିଡିଂ କିପରି କରେଇବେ, ଏହିସବୁ ବିଷୟରେ ଏହି କ୍ଲାସ୍‌ରେ ତଥ୍ୟ ଦିଆଯାଏ।

**ମହିଳାମାନେ ନିଜକୁ ଜାଣିପାରନ୍ତି-** ଲମାଜ୍ କ୍ଲାସେସ୍‌ରେ ଶିଖାଯାଇଥିବା ବ୍ରିଦିଂ ଓ ରିଲାକ୍ସେସନ୍ ଟେକ୍‌ନିକ୍ ଦ୍ୱାରା ମହିଳାମାନେ ପ୍ରସବ ଯନ୍ତ୍ରଣା ସମୟରେ ଅସ୍ତବ୍ୟସ୍ତ ହେବା ଓ ଭୟ ପାଆନ୍ତି ନାହିଁ ଯେଉଁ କାରଣରୁ ପ୍ରସବ ସମୟରେ ଜଟିଳ ପରିସ୍ଥିତି କମ୍ ଆସେ। ଏହି କ୍ଲାସେସ୍‌ରେ ପତି କିମ୍ବା ପରିବାରର କୌଣସି ସଦସ୍ୟ ସାମିଲ୍ ହୋଇଥାନ୍ତି ଯେଉଁ କାରଣରୁ ମହିଳାମାନଙ୍କୁ ଇମୋସନାଲ୍ ଓ ଫିଜିକାଲ୍ ସପୋର୍ଟ ମିଳେ। ମହିଳାମାନେ ନିଜ ଶରୀରର ଯନ୍ତ୍ରଣାକୁ ବୁଝିଥାନ୍ତି, ବେବି ବାର୍ଥ ସମୟରେ ଭରପୂର ମାତ୍ରାରେ ଆତ୍ମବିଶ୍ୱାସ ସୃଷ୍ଟି ହୁଏ, ପ୍ରସବ ସହଜ ହୁଏ ଓ ସର୍ଜରୀର ସମ୍ଭାବନା କମ୍ ହୁଏ। ଲମାଜ୍ କ୍ଲାସେସ୍‌ରେ ସମାଜରେ ଥିବା ଅନ୍ଧବିଶ୍ୱାସ ଓ କିଛି ପୁରୁଣା ପରମ୍ପରାଗୁଡ଼ିକ ସମ୍ପର୍କରେ ଥିବା ସନ୍ଦେହକୁ କ୍ଲିଅର୍ କରାଯାଏ। ଏ ସମୟରେ ମହିଳାମାନଙ୍କୁ ଶିଶୁ ସହିତ ଗୋଲ୍ଡେନ୍ ଆଓ୍ୱାର ଓ ସ୍କିନ୍ ଟୁ ସ୍କିନ୍ ଟଚ୍ ଉପରେ ମଧ୍ୟ ଶିକ୍ଷା ଦିଆଯାଏ ଯେପରି ସେମାନେ ନିଜ ସହିତ ଶିଶୁର ସଠିକ୍ ଭାବରେ ଯତ୍ନ ନେଇପାରିବେ।



**କେଉଁ ମହିଳାମାନେ ସେଠାକୁ ଯିବା ଉଚିତ ନୁହେଁ-** ଯେଉଁ ମହିଳାମାନଙ୍କର ଗର୍ଭାବସ୍ଥା ସମୟରେ ଉଚ୍ଚ ରକ୍ତଚାପ ବା ଜେଷ୍ଟେସନାଲ୍ ଡାଇବେଟିସ୍ ପରି ସମସ୍ୟା ଥାଏ, ଡାକ୍ତର ଯେଉଁମାନଙ୍କୁ ପ୍ରାରମ୍ଭରୁ ସି-ସେକ୍ସନ ପାଇଁ ପରାମର୍ଶ ଦେଇଥାନ୍ତି, ଯେଉଁମାନଙ୍କର ମଲ୍ଟିପଲ୍ ପ୍ରେଗନେନ୍ସି ଥାଏ, ପୂର୍ବରୁ ସିଜରିଆନ୍ ହୋଇଥିବ, ପ୍ଲାସେଣ୍ଟା ପ୍ରିଭିୟା ଥିବ, ଏପରି ମାମଲାଗୁଡ଼ିକରେ ଲମାଜ୍ କ୍ଲାସେସ୍‌କୁ ଯିବା ଉଚିତ ନୁହେଁ। ଯଦି ଯିବାକୁ ଚାହୁଁଥିବେ ତେବେ ଡାକ୍ତରଙ୍କ ପରାମର୍ଶ ନେବା ଅତ୍ୟନ୍ତ ଜରୁରୀ।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** - ମାନସିକ ଚାପରୁ ମୁକ୍ତ ହେବେ। ଆର୍ଥିକ ସ୍ଥିତିରେ ସୁଧାର ହେବ। ଫାଲ୍‌ତୁ ଖର୍ଚ୍ଚ ଭବିଷ୍ୟତ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। ବୈବାହିକ ଜୀବନ ଖୁବ୍ ଭଲରେ ଚାଲିବ। ପ୍ରମୋଶନ ଯୋଗ ରହିଛି।

**ବୃଷ** - ଅଫିସ୍‌ରେ ଉନ୍ନତି ହୋଇପାରେ। କୌଣସି ଖାସ୍ ବ୍ୟକ୍ତିଙ୍କ ସହିତ ସାକ୍ଷାତ ସମ୍ଭବ। ଆର୍ଥିକ ପକ୍ଷ ପାଇଁ ମହତ୍ତ୍ୱପୂର୍ଣ୍ଣ ପରାମର୍ଶ ଦେଇପାରନ୍ତି। ଆପଣଙ୍କ ଆକର୍ଷଣ ଓ ବ୍ୟକ୍ତିତ୍ୱ କିଛି ନୂଆ ସାଙ୍ଗ କରିବାରେ ସାହାଯ୍ୟ କରିବ।

**ମିଥୁନ** - ଧନ ମାମଲାରେ ଜୀବନସାଥିଙ୍କ ସହିତ ଯୁକ୍ତିତର୍କ ହୋଇପାରେ। ବେକାର ଖର୍ଚ୍ଚରୁ ଦୂରରେ ରୁହନ୍ତୁ। ଆତ୍ମବିଶ୍ୱାସ ବୃଦ୍ଧି ହେବ। ଅଚାନକ ରୋମାଣ୍ଟିକ ସାକ୍ଷାତ ସମ୍ଭବ। ଜୀବନସାଥି ରୋମାଣ୍ଟିକ ନଜର ଆସିବେ।

**କର୍କଟ** - ବିନମ୍ର ସ୍ୱଭାବର ପ୍ରଶଂସା କରିବେ। ଜୀବନସାଥି ଆପଣଙ୍କ ପାଇଁ କିଛି ଖାସ୍ କରିପାରିବେ। କୌଣସି କଲିଗ୍‌ଙ୍କ ସହଯୋଗ ମିଳିବ। ଆର୍ଥିକ ରୂପରେ ଦିନଟି ଭଲ। ସନ୍ତାନ ପକ୍ଷର ସାଥ୍ ମିଳିବ।

**ସିଂହ** - ମନ ଅଶାନ୍ତ ରହିବ। ଫିଟ୍ ରହିବା ପାଇଁ ଆଜି ବ୍ୟାୟାମ କରନ୍ତୁ। ବିତ୍ତୀୟ ପ୍ଲାନିଂ କରି ଚାଲିବେ। ଆର୍ଥିକ ବଜେଟ୍ ବିଗିଡ଼ି ଯାଇପାରେ। ଯାତ୍ରା ନକଲେ ଭଲ। ଜୀବନସାଥି ପାଇଁ କେହି ଜଣେ ବହୁତ ଅଧିକ ରୁଚି ନେଇପାରେ।

**କନ୍ୟା** - ଆଜି ଆତ୍ମବିଶ୍ୱାସରେ ଭରି ରହିବେ। ଆର୍ଥିକ ସ୍ଥିତିରେ ଉତ୍ଥାନ-ପତନ ଦେଖାଦେବ। ଶୈକ୍ଷିକ କାର୍ଯ୍ୟରେ ସଫଳ ହେବେ। ମାନ-ସମ୍ମାନ ପ୍ରାପ୍ତି ହେବ। କିଛି ଉପହାର ପାଇପାରନ୍ତି।

**ତୁଳା** - ଆଜି ସ୍ୱାସ୍ଥ୍ୟ ଖୁବ୍ ଭଲ ରହିବ। କାର୍ଯ୍ୟସ୍ଥଳରେ କୌଣସି ପ୍ରୋଜେକ୍ଟ ମିଳିପାରେ। ବ୍ୟାପାରିକ ସ୍ଥିତିରେ ସୁଧାର ହେବ। ଅପ୍ରତ୍ୟାଶିତ ଲାଭର ସଂକେତ ରହିଛି। ଶୀଘ୍ର କୌଣସି ନିଷ୍ପତ୍ତି ନନେଲେ ଭଲ।

**ବିଛା** - ମନ ଉତ୍ଥାନ-ପତନ ଦେଇ ଗତି କରିବ। ପଠନ-ପାଠନରେ ରୁଚି ବଢ଼ିବ। ଶୈକ୍ଷିକ କାମରେ ସଫଳତା ପାଇବେ। ବୌଦ୍ଧିକ କାର୍ଯ୍ୟରେ ଆୟ ବୃଦ୍ଧି ହେବ। ପ୍ରମୋଶନର ଅବସର ପାଇବେ।

**ଧନୁ** - ଆପଣଙ୍କ ବ୍ୟବହାର ପାଇଁ ସାଙ୍ଗ ଚିନ୍ତିତ ହେବେ। ପରିବାରର ସହଯୋଗ ପାଇବେ। ବ୍ୟାପାରରେ ବିସ୍ତାର ଯୋଗ ଅଛି। ରୋମାନ୍ସ ପାଇଁ ଦିନଟି ଭଲ ନୁହେଁ। ଆର୍ଥିକ ସ୍ଥିତି ମଜଭୁତ ରହିବ।

**ମକର** - ଏକ ଛୋଟ କଥା ପାଇଁ ଆଜି ଚିନ୍ତିତ ହେବେ ନାହିଁ। ନିକଟ ସମ୍ପର୍କୀୟଙ୍କ ସହିତ ବିବାଦ ଦେଖାଦେବ। ମାମଲା କୋର୍ଟ-କଚେରିକୁ ଯାଇପାରେ। ଖର୍ଚ୍ଚର ଅଧିକତା ରହିବ। ପରିବାର ସହିତ ଯାତ୍ରା କରିପାରନ୍ତି।

**କୁମ୍ଭ** - ବ୍ୟବହାରରେ ଆଜି ପରିବର୍ତ୍ତନ ଦେଖିବେ। ଦିନର ଶେଷ ଆଡ଼କୁ ସବୁ ଶାନ୍ତ ହୋଇଯିବ। ଆର୍ଥିକ ଓ ବ୍ୟାପାରିକ ସ୍ଥିତି ଖୁବ୍ ଭଲ ରହିବ। ପ୍ରତିଭାର ପ୍ରଦର୍ଶନ କରିବେ। ଜୀବନସାଥି ସହିତ ଖୁବ୍ ଭଲ ସମୟ ଅତିବାହିତ କରିପାରନ୍ତି।

**ମୀନ** - ଅଧିକ କ୍ରୋଧରୁ ଦୂରରେ ରୁହନ୍ତୁ। ପ୍ରମୋଶନ ଯୋଗ ରହିଛି। ଆୟ ବୃଦ୍ଧି ହେବ କିନ୍ତୁ ଖର୍ଚ୍ଚ ବି ଅଧିକ ହେବ। ପରିବାରର ସହଯୋଗ ପାଇବେ। ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। ପିତାଙ୍କ ସାଥ୍ ମିଳିବ।

## ପୁସ୍ତକ 'ପ୍ରୀତିମଗ୍ନା' ଲୋକାର୍ପିତ



**ଭୁବନେଶ୍ୱର,୨୦।୮/ଏନ୍‌ଏନ୍‌ଏସ୍:** ଡିଏସ୍‌ଆର୍ ମ୍ୟୁଜିକ ଓ ଅନୁସ୍ୱାର ସାହିତ୍ୟ ପରିବାର ପକ୍ଷରୁ ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀଙ୍କ ୭୩ ଜନ୍ମଦିବସ ପାଳନରେ 'ୱେବ୍‌ସାଇଟ୍' ଓ 'ପ୍ରୀତିମଗ୍ନା' ପୁସ୍ତକ ଲୋକାର୍ପଣ ବୁଦ୍ଧମନ୍ଦିର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଡକ୍ଟର କୈଳାସଚନ୍ଦ୍ର ଟିକାୟତ ରାୟ। ସରୋଜ ଶତପଥୀ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିବାବେଳେ ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ ଅତିଥି ପ୍ରଦାନ କରିଥିଲେ। ଗୀତିକବି ବସନ୍ତ ଦାସ, ମୁଖ୍ୟବକ୍ତା ଭାବେ ଡକ୍ଟର ଦେବାଶିଷ ମହାପାତ୍ର, ମୁଖ୍ୟଅତିଥି ଦାଶ ବେନହୁର ନିଜ ନିଜର ବକ୍ତବ୍ୟ କରିଥିଲେ। ଅତିଥିମାନେ କହିଥିଲେ ଯେ ବାଧାବନ୍ଧନ ଭିତରେ ସାରସ୍ୱତ ସର୍ଜନା ଆମକୁ ବାଟ କଢ଼ାଇନିଏ। ସାହିତ୍ୟ ସମସ୍ତଙ୍କୁ ଏକାଠି କରେ। ବିବିଧତା ସହ ନିଜକୁ ମୁକ୍ତ କରିବାର ପ୍ରୟାସ କରିଥାଏ। ମୁଖ୍ୟବକ୍ତା ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ସରକାରୀ ପ୍ରଫେସର ଦେବାଶିଷ ମହାପାତ୍ର କହିଥିଲେ ଯେ ବୃନ୍ଦାବତୀ ଦାସଙ୍କଠାରୁ ପ୍ରତିମା ରାଣୀ ପର୍ଯ୍ୟନ୍ତ ଓଡ଼ିଆ ନାରୀକବୀ ଯେଉଁ ଭକ୍ତିଗୀତିର ଧାରାକୁ ଗତିଶୀଳତା ଦେଇଛନ୍ତି ତାହା ଅନନ୍ୟ। ସର୍ବଦା ବିଭୁପ୍ରୀତିରେ ତଲ୍ଲୀନ ରହି ନିଜ କଲମ ମୁନରୁ ନିସୃତ ୧୮୩ଟି ଭଜନ ଓ ଭକ୍ତି ଗୀତକୁ ନେଇ ସମସ୍ତ ସାହିତ୍ୟ ପ୍ରେମୀକୁ ଭକ୍ତିରସରେ ଆପ୍ୟାୟିତ କରିବା ପାଇଁ ବାଣୀଭଣ୍ଡାରକୁ ସମର୍ପି ଦେଇଛନ୍ତି ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ। ତାଙ୍କର ୧୪୨ତମ ସୃଷ୍ଟି ପ୍ରତିମଗ୍ନା ନିଶ୍ଚୟ ପାଠକମାନଙ୍କୁ ପ୍ରୀତି ବିଭୋର କରିବ ବୋଲି ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ ତାଙ୍କ ବକ୍ତବ୍ୟ ପ୍ରଦାନ କହିଛନ୍ତି। ଡକ୍ଟର ସୁଚେତା ରାଉତଙ୍କ ସଭାପତିତ୍ୱରେ କବିତା ପାଠ ଉତ୍ସବ ହୋଇଥିଲା। ସବିତା ରାଣୀ ବେହେରା, ପୌର୍ଣ୍ଣମାସୀ ଦେବୀ, ପ୍ରଭାସିନୀ ମିଶ୍ର, ବିପିନି ବିହାରୀ ଦଳେଇ ପ୍ରମୁଖ ସଂଯୋଜନା କରିଥିଲେ। ୩୦ରୁ ଉର୍ଦ୍ଧ କବି, କବୟିତ୍ରୀ କବିତା ପାଠ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଶୁଭ୍ରା ନନ୍ଦ। ଚମକଚାନ୍ଦିନୀ ଦାଶ ମଞ୍ଚ ପରିଚାଳନା କରିଥିଲେ।

## ଏଆଇଏନ୍‌ୟୁ ପକ୍ଷରୁ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ

**ଭୁବନେଶ୍ୱର,୨୦।୮/ଏନ୍‌ଏନ୍‌ଏସ୍:** ଏଆଇଏନ୍‌ୟୁ ପକ୍ଷରୁ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦିଆଯାଉଛି। ଲୋକଙ୍କ ସୁବିଧା ଲାଗି ୧୫୦ଟି ଶଯ୍ୟା, ୪ଟି ଅପରେଟିଂ ରୁମ୍, ୩୫ଟି ଡାଏଲିସିସ ବେଡ୍ ଓ ରୋବୋଟିକ ଟେକ୍ନୋଲୋଜି ବ୍ୟବସ୍ଥା କରାଯାଇଥିବା ୟୁରୋଲୋଜିଷ୍ଟ ଡା. ମଲ୍ଲିକାର୍ଜୁନ ସୂଚନା ଦେଇଛନ୍ତି। ଆଜି ଆୟୋଜିତ କାର୍ଯ୍ୟକ୍ରମରେ ସେ କହିଥିଲେ ଯେ ରୋବୋଟିକ ସର୍ଜରୀ, ଏଣ୍ଡୋସ୍କୋପିକ ଓ ଲାପାରୋସ୍କୋପିକ ସର୍ଜରୀ ଏଆଇ କ୍ଷେତ୍ରରେ ଅଗ୍ରଗତି ୟୁରୋଲୋଜି କ୍ଷେତ୍ରକୁ ନୂଆ ରୂପ ଦେଉଛି। ଏଆଇଏନ୍‌ୟୁର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ପିସି ରେଡ୍ଡୀ କହିଛନ୍ତି, ଏଆଇଏନୟୁ ବଞ୍ଜାରା ହସ୍ପିଟାଲର ବିସ୍ତାର ସହିତ ଆମେ ୟୁରୋ-ଅଙ୍କୋଲୋଜି, ଆଣ୍ଡ୍ରୋଲୋଜି, ପେଡିଆଟ୍ରିକ ୟୁରୋଲୋଜି ଓ ଫିମେଲ ୟୁରୋଲୋଜି ଭଳି କ୍ଷେତ୍ରରେ ୟୁରୋଲୋଜି ଓ ନେଫ୍ରୋଲୋଜିରେ ସବ୍-ସ୍ପେଶାଲିଟି କେୟାର ପାଇଁ ଏକ କେନ୍ଦ୍ରିତ ପଦ୍ଧତି ଆରମ୍ଭ ହୋଇଛି। ଯାହାଦ୍ୱାରା ସବୁ ବର୍ଗର ରୋଗୀ ବେଶ୍ ଉପକୃତ ହୋଇପାରିବେ।

### ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନ ଶତବାର୍ଷିକୀ

## ସ୍ୱରାଜ ଆଶ୍ରମରେ ସର୍ବଧର୍ମ ପ୍ରାର୍ଥନା ସଭା



**କଟକ,୨୦।୮/ଏନ୍‌ଏନ୍‌ଏସ୍:** ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଦ୍ୱିତୀୟ ଓଡ଼ିଶା ଆଗମନର ଶତବାର୍ଷିକୀ ଉପଲକ୍ଷେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ଗାନ୍ଧୀ ସ୍ମାରକନିଧି, ଉତ୍କଳ ସର୍ବୋଦୟ ମଣ୍ଡଳ ଓ ରାଷ୍ଟ୍ରୀୟ ଯୁବା ସଂଗଠନ ପକ୍ଷରୁ ଆଜି ସ୍ଥାନୀୟ ଐତିହାସିକ ସ୍ୱରାଜ ଆଶ୍ରମରେ ଚରଖା ପ୍ରଦର୍ଶନୀ କରାଯିବା ସହିତ ଏକ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଯାଇଛି। କୈଳାସ ଚନ୍ଦ୍ର ସାହୁ, ଶଙ୍କର ବେହେରା, ସୁମିତ୍ରା ପ୍ରଧାନ, ଲଳିତା ନାୟକ ଓ ଗାୟତ୍ରୀ ଗଡ଼ନାୟକ ପ୍ରମୁଖ ଚରଖାରେ ସୂତାକାଟି ଗାନ୍ଧୀଜୀଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଏହି ଅବସରରେ କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ସ୍ୱରାଜ ଆଶ୍ରମରେ ପତାକା ଦେଖାଇ ସଦ୍‌ଭାବନା ପଦଯାତ୍ରାର ଶୁଭାରମ୍ଭ କରିଥିଲେ।

ଏହି ଯାତ୍ରା ସହିଦ୍ ଭବନ ପରିସରରେ ପହଞ୍ଚି ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ସୂତ୍ରଦାନ କରିଥିଲେ। ମେୟର ସୁବାସ ସିଂହ ଓ କମିଶନର କିରଣଦୀପ କୌର ସହୋଟା ପଦଯାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ। ପଦଯାତ୍ରା ଦରଘା ବଜାରଠାରେ ପହଞ୍ଚିବା ପରେ ପୁଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ସୂତ୍ରଦାନ କରାଯାଇଥିଲା। ଏହା ପରେ ପଦଯାତ୍ରା ଓଡ଼ିଆ ବଜାର ସ୍ଥିତ ଜାନକୀନାଥ ଭବନରେ ପହଞ୍ଚି ନେତାଜୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରଫେସର ସ୍ୱପ୍ନା ମହାପାତ୍ର, ମାମଲି ଗଡ଼ନାୟକ, ଜାତୀୟ ଯୁବ ପ୍ରକଳ୍ପର ମଧୁଭାଇ ପ୍ରମୁଖ ସର୍ବଧର୍ମ ପ୍ରାର୍ଥନା ସଭା ସଂଚାଳନ କରିଥିଲେ। ମନୋରଞ୍ଜନ ମହାନ୍ତି, ମିହିର ପ୍ରତାପ ଦାସ, ହରିହର ସେନ, ସୂର୍ଯ୍ୟନାରାୟଣ ନାଥ, ଅରୁନ୍ଧତୀ ଦେବୀ, ବନଲତା ଦେବୀ, ଦେବପ୍ରସାଦ ରାୟ ପ୍ରମୁଖ ପଦଯାତ୍ରାର ନେତୃତ୍ୱ ନେଇଥିଲେ। କେନ୍ଦ୍ରୀୟ ଗାନ୍ଧୀ ସ୍ମାରକନିଧିର ଟ୍ରଷ୍ଟି ଡାକ୍ତର ବିଶ୍ୱଜିତ କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପିସିସି ସଭାପତି ଭକ୍ତଚରଣ ଦାସ ସ୍ୱରାଜ ଆଶ୍ରମରେ ମହାତ୍ମାଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ପଦଯାତ୍ରାରେ ସାମିଲ ହୋଇଥିଲେ। ଏଠାରେ ସୂଚନାଯୋଗ୍ୟ, ୧୯୨୫ ଅଗଷ୍ଟ ୧୯ ଓ ୨୦ ଦୁଇଦିନ ଧରି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନିମନ୍ତ୍ରଣରେ ଗାନ୍ଧୀଜୀ ଦ୍ୱିତୀୟ ଥର ପାଇଁ ଓଡ଼ିଶା ଆସିଥିଲେ।

# 'ସୌର ଶକ୍ତି ଚାଳିତ ସ୍ଥାୟୀତ୍ୱରେ ଓଡ଼ିଶା ଅଗ୍ରଣୀ'

**ଭୁବନେଶ୍ୱର,୧୯।୮/ଏନ୍‌ଏନ୍‌ଏସ୍:** ଅକ୍ଷୟ ଉର୍ଜା ଦିବସରେ ଆମେ ଅକ୍ଷୟ ଶକ୍ତି ଏବଂ ସ୍ଥାୟୀତ୍ୱ ପ୍ରତି ଭାରତର ଅଟଳ ପ୍ରତିବଦ୍ଧତା ଉତ୍ସବ ପାଳନ କରୁଛୁ। ସୂର୍ଯ୍ୟ ହେଉଛନ୍ତି ନିରନ୍ତର ଶକ୍ତିର ଉତ୍ସ, ଏକ ସ୍ୱଚ୍ଛ ଏବଂ ସବୁଜ ଭବିଷ୍ୟତର ଚାବିକାଠି। ଆଜି ପିଏମ୍ ସୂର୍ଯ୍ୟଘର ମୁଫ୍‌ତ ବିଜିଳି ଯୋଜନା ଭଳି ଦୂରଦର୍ଶୀ ଉଦ୍ୟମ ମାଧ୍ୟମରେ ଏହି ଭବିଷ୍ୟତ ଆଉ ଏକ ସୁଦୂର ସ୍ୱପ୍ନ ନୁହେଁ ବରଂ ପ୍ରତ୍ୟେକ ଭାରତୀୟ ପରିବାର ପାଖରେ ପହଞ୍ଚିଥିବା ଏକ ବାସ୍ତବତା ବୋଲି ଟିପିସିଓଡିଏଲ୍ ସିଇଓ ଅରଭିନ୍ଦ୍ ସିଂହ ପ୍ରକାଶ କରିଛନ୍ତି।

ଶ୍ରୀ ସିଂହ ଆହୁରି କହିଛନ୍ତି ଯେ ଭାରତର ଶକ୍ତି ସ୍ୱାଧୀନତା ଯାତ୍ରାରେ ପିଏମ୍ ସୂର୍ଯ୍ୟ ଘର ଯୋଜନା ଏକ ପରିବର୍ତ୍ତନଶୀଳ ପଦକ୍ଷେପ। ଆକର୍ଷଣୀୟ ଆର୍ଥିକ ସମର୍ଥନ ସହିତ ଏହା ରୁଫ୍ ଟପ୍ ସୋଲାର୍ ଶକ୍ତିକୁ ସାଧାରଣ ନାଗରିକଙ୍କ ପାଇଁ ଅନୁକୂଳ କରିଛି। ଉଦାହରଣ ସ୍ୱରୂପ, ଏକ ୩ କିଲୋୱାଟ୍ ବ୍ୟବସ୍ଥା ପାଇଁ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଠାରୁ ୭୮,୦୦୦ ଟଙ୍କାର ଅନୁଦାନ ଏବଂ ଓଡ଼ିଶା ସରକାରଙ୍କଠାରୁ ଅତିରିକ୍ତ ୬୦,୦୦୦ ଟଙ୍କାର ଅନୁଦାନ ମିଳୁଛି। ଏହିଭଳି ଆର୍ଥିକ ସମର୍ଥନ ପରିବାରଗୁଡ଼ିକର ପାରମ୍ପରିକ ଗ୍ରୀଡ୍ ଶକ୍ତି ଉପରେ ନିର୍ଭରତା ହ୍ରାସ ନିଶ୍ଚିତ କରୁଥିବା ବେଳେ ସ୍ୱଚ୍ଛ, ଅକ୍ଷୟ ଶକ୍ତିର ପ୍ରସାର ମଧ୍ୟ କରୁଛି। ପ୍ରାକୃତିକ ସମ୍ପଦ ପାଇଁ ଜଣାଶୁଣା ଓଡ଼ିଶା ଏକ ସୌର-କେନ୍ଦ୍ରିତ ଏବଂ ସ୍ଥାୟିତ୍ୱକୁ ପ୍ରୋତ୍ସାହିତ କରୁଥିବା ରାଜ୍ୟ ଭାବରେ ଉଭା ହେଉଛି। ଶିଳ୍ପରୁ ଆରମ୍ଭ କରି ଗୃହ ଗୁଡ଼ିକ ପର୍ଯ୍ୟନ୍ତ ସବୁ ସ୍ଥାନରେ ସୌର ଶକ୍ତିର ବ୍ୟବହାର ଜଳବାୟୁ ପରିବର୍ତ୍ତନକୁ ରୋକିବା, କାର୍ବନ ନିର୍ଗମନ ହ୍ରାସ କରିବା ଏବଂ ଏକ ଶକ୍ତି-ସୁରକ୍ଷିତ ଭବିଷ୍ୟତ ଗଠନ କରିବା ପାଇଁ ଆମର ସାମୂହିକ ସଂକଳ୍ପକୁ ପ୍ରତିଫଳିତ କରୁଛି। ବର୍ଷ ସାରା ପ୍ରଚୁର ସୂର୍ଯ୍ୟକିରଣ



ପାଉଥିବା ଓଡ଼ିଶା ଏହି ସବୁଜ ଶକ୍ତି ଆନ୍ଦୋଳନର ନେତୃତ୍ୱ ନେବା ପାଇଁ ପ୍ରସ୍ତୁତ। ଏହି ଦୃଷ୍ଟିକୋଣକୁ ବାସ୍ତବତାରେ ପରିଣତ କରିବା ପାଇଁ ସରକାର ପିଏମ୍ ସୂର୍ଯ୍ୟଘର ମୁଫ୍‌ତ ବିଜିଳି ଯୋଜନା ଅଧୀନରେ ୟୁଟିଲିଟି-ଲେଡ୍ ଆଗ୍ରିଗେସନ୍ (ୟୁଏଲ୍‌ଏ) ମଡେଲ୍ ଚାଲୁ କରିଛନ୍ତି। ୟୁଏଲ୍‌ଏ ଯୋଜନା ମାଧ୍ୟମରେ ବର୍ତ୍ତମାନ ୧ କିଲୋୱାଟ୍ ଚୁକ୍ତିନାମା ଚାହିଦା ଥିବା ଘରୋଇ ଉପଭୋକ୍ତାମାନେ ନିଜ ଘରେ ସର୍ବନିମ୍ନ ଆର୍ଥିକ ବୋଝ ସହିତ ରୁଫ୍ ଟପ୍ ସୋଲାର ବ୍ୟବସ୍ଥା ସ୍ଥାପନ କରିପାରିବେ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅନୁଦାନ ପରେ ଜଣେ ଉପଭୋକ୍ତା ମାତ୍ର ୫୦୦୦ ଟଙ୍କା ଏବଂ ଜେନେରେସନ୍ ମିଟରର ମୂଲ୍ୟ ଦେଇ ପ୍ରତି ମାସରେ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ସ୍ୱଚ୍ଛ ସବୁଜ ବିଦ୍ୟୁତ୍ ଉପଭୋଗ କରିପାରିବେ। ପାଞ୍ଚ ବର୍ଷର ମାଗଣା ରକ୍ଷଣାବେକ୍ଷଣ ଏବଂ ୨୫ ବର୍ଷରୁ ଅଧିକ ବର୍ଷର ଆୟୁଷ ସହିତ ଏହା କେବଳ ଏକ ଆର୍ଥିକ ସଞ୍ଚୟ ନୁହେଁ ବରଂ ସ୍ଥାୟୀତ୍ୱରେ ଏକ ଦୀର୍ଘକାଳୀନ ନିବେଶ। ସୌର ଶକ୍ତିର ପ୍ରତିଶ୍ରୁତି ସହିତ ଓଡ଼ିଶାର ଭବିଷ୍ୟତ ଉଜ୍ଜ୍ୱଳ। ପ୍ରତ୍ୟେକ ଛାତ ଯାହା ସୌର ଶକ୍ତି ଗ୍ରହଣ କରୁଛି ତାହା ଶକ୍ତି ସ୍ୱାଧୀନତା, କାର୍ବନ ଫୁଟପ୍ରିଣ୍ଟ ହ୍ରାସ ଏବଂ ଆମ ପିଲାମାନଙ୍କ ପାଇଁ ଏକ ସବୁଜ ଭବିଷ୍ୟତ ଆଡକୁ ଏକ ପଦକ୍ଷେପ। ଟିପିସିଓଡିଏଲ ଏହି ପରିବର୍ତ୍ତନର ନେତୃତ୍ୱ ନେଉଥିବାରୁ ଆମେ ଗର୍ବିତ। ଶ୍ରୀ ସିଂହ ମତବ୍ୟକ୍ତ କରିଛନ୍ତି ଯେ ଏହି ଅକ୍ଷୟ ଉର୍ଜା ଦିବସରେ ଆସନ୍ତୁ ଆମେ ନିଶ୍ଚିତ ହେବା ଯେ ସ୍ଥାୟୀତ୍ୱ ଏକ ବିକଳ୍ପ ନୁହେଁ ବରଂ ଏକ ଜରୁରୀ ଦାୟିତ୍ୱ। ଓଡ଼ିଶାରେ ପିଏମ୍ ସୂର୍ଯ୍ୟଘର ମୁଫ୍‌ତ ବିଜିଳି ଯୋଜନା ଏବଂ ୟୁଏଲ୍‌ଏ ମଡେଲ୍ ଭଳି ପଦକ୍ଷେପ ଗ୍ରହଣ କରି ଆମେ ଆମର ଘରଗୁଡ଼ିକୁ ଶକ୍ତି ଘରରେ ପରିଣତ କରିପାରିବା, ଆମର ରାଜ୍ୟକୁ ନବୀକରଣୀୟ ଶକ୍ତିରେ ଏକ ଅଗ୍ରଣୀ ଏବଂ ଆମର ରାଷ୍ଟ୍ରକୁ ସ୍ଥାୟିତ୍ୱରେ ଏକ ଆଲୋକ ସ୍ତମ୍ଭରେ ପରିଣତ କରିପାରିବା।

## 'ଓଡ଼ିଶାର ସାଂସ୍କୃତିକ ବିକାଶ ପାଇଁ ଡ. ସୁବାସ ପାଣିଙ୍କ ଅବଦାନ ଅତୁଳନୀୟ'

**ଭୁବନେଶ୍ୱର,୨୦।୮/ଏନ୍‌ଏନ୍‌ଏସ୍:** ବିଗତ ପାଞ୍ଚ ଦଶନ୍ଧି ଧରି ଓଡ଼ିଶାର ସଂସ୍କୃତିର ବିକାଶ



ଦିଗରେ ଡ. ସୁବାସ ପାଣି ନିରବଚ୍ଛିନ୍ନ ଉଦ୍ୟମ ପାଇଁ ଓଡ଼ିଆ ଜାତି ତାଙ୍କୁ ଚିରକାଳ ପାଇଁ ମନେ ରଖିବ। ସେ ଏକାଧାରରେ ଥିଲେ ଜଣେ ସୁପ୍ରଶାସକ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ, ଗୀତଗୋବିନ୍ଦର ସମ୍ପୂର୍ଣ୍ଣ ବାଖ୍ୟାକାର, ଲେଖକ, ଅନୁବାଦକ ଓ ସମ୍ପାଦକ। ସେ ନିଷ୍ଠାପର ଭାବେ ଅଧ୍ୟୟନ କରି ଶ୍ରୀଜଗନ୍ନାଥ ସଂସ୍କୃତି ଓ ଶ୍ରୀଜୟଦେବଙ୍କ ଗୀତଗୋବିନ୍ଦ ସମ୍ପର୍କରେ ଗବେଷଣା କରି ବହୁ ନୂତନ ତଥ୍ୟ ପ୍ରକାଶ କରିଛନ୍ତି ବୋଲି ବକ୍ତାଗଣ ମତ ପ୍ରକାଶ କରିଥିଲେ।

'ଓଡ଼ିଶା ଲେଖକ ସମବାୟ ସମିତି'ର ମାସିକ ଆଲୋଚନାଚକ୍ରରେ ସମିତିର ସଭାପତି ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ 'ଡ. ସୁବାସ ପାଣିଙ୍କ କୃତି, କୀର୍ତ୍ତି ଓ ସ୍ମୃତି' ଶୀର୍ଷକରେ ଆଲୋକପାତ କରି ତାଙ୍କର ଗବେଷଣାମୂଳକ ସନ୍ଦର୍ଭ ଓଡ଼ିଶାର ସାଂସ୍କୃତିକ ପଟ୍ଟଭୂମିରେ ଜୟଦେବଙ୍କ ଗୀତଗୋବିନ୍ଦର ପୁନଃମୂଲ୍ୟାୟନ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଗୀତଗୋବିନ୍ଦର ସମସ୍ତ ଶ୍ଳୋକକୁ ମଞ୍ଚରେ ପ୍ରଦର୍ଶନ କରାଇ ସମ୍ପୂର୍ଣ୍ଣ ଗୀତଗୋବିନ୍ଦକୁ ଡ. ପାଣି ଜନପ୍ରିୟ କରାଇ ପାରିଥିଲେ। ସେ ମଧ୍ୟ ଶ୍ରୀଜଗନ୍ନାଥ ଭଜନର ସଫଳ ଇଂରାଜୀ ଅନୁବାଦକରି ସର୍ବଭାରତୀୟ ସ୍ତରରେ ଆଲୋଚିତ। ସେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଥିବା ସମୟରେ 'ମୁକ୍ତେଶ୍ୱର ନୃତ୍ୟ ଉତ୍ସବ', 'ରାଜାରାଣୀ ସଙ୍ଗୀତ ଉତ୍ସବ', 'ଶ୍ରୀକ୍ଷେତ୍ର ଉତ୍ସବ' ଓ ପଣ୍ଡିଚେରୀରେ 'ନୃତ୍ୟଭାରତୀ' ଓ ଦିଲ୍ଲୀରେ 'ଅଷ୍ଟପଦୀ ଉତ୍ସବ' ଆରମ୍ଭ କରିଥିଲେ। ତାଙ୍କ ସହିତ ବିତାଇଥିବା ମୁହୂର୍ତ୍ତକୁ ସ୍ମରଣ କରି ବକ୍ତାମାନେ ସ୍ମୃତିଚାରଣ କରିଥିଲେ। ସଭାରେ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର, ପ୍ରଶାସକ ରାଜେନ୍ଦ୍ର କୁମାର ମହାନ୍ତି, ସୁକାନ୍ତ କୁମାର ପ୍ରଧାନ, ସିଦ୍ଧାର୍ଥ କାନୁନ୍‌ଗୋ, ଗବେଷକ ଅସିତ ମହାନ୍ତି, ପ୍ରଭାତ କୁମାର ମହାପାତ୍ର, ଇଂ ଗଣେଶ ଚନ୍ଦ୍ର ପଣ୍ଡା, ସାହିତ୍ୟିକ ରାମ ନରାୟଣ ମିଶ୍ର, ଆରତି କର, ବିମଳା ସିଂହ, ବିରଞ୍ଚି ନାରାୟଣ ଶତପଥୀ, ନିଶାକର ରାଉତ, ସୁନୀଲ କୁମାର ମହାପାତ୍ର, ମନୋଜ କୁମାର ଜେନା ଓ କମଳାକାନ୍ତ ମିଶ୍ର ସ୍ମୃତିଚାରଣ କରିଥିଲେ। ଉପସଭାପତି ଡ. ପ୍ରେମଲତା ଦେବୀ ସୁବାସ ପାଣିଙ୍କ ସାହିତ୍ୟିକ ବିଭବ ସମ୍ପର୍କରେ ଆଲୋକପାତ କରିଥିଲେ। ସଦସ୍ୟ ବିରଜା ପ୍ରସାଦ ଶତପଥୀ ଧନ୍ୟବାଦ୍ ଦେଇଥିଲେ। ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଥମରୁ ତାଙ୍କ ବିୟୋଗରେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।


## ୨୩ରେ 'ଅମୃତଧାରା' ମେଗା ରକ୍ତଦାନ ଶିବିର

**କଟକ,୨୦।୮/ଏନ୍‌ଏନ୍‌ଏସ୍:** ସ୍ୱେଚ୍ଛାସେବୀ ସଙ୍ଗଠନ ମୋକିମ ଫାଉଣ୍ଡେସନ ପକ୍ଷରୁ ଆଗାମୀ ୨୩ ତାରିଖରେ 'ଅମୃତଧାରା' ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଉଛି। ମୋକିମ ଫାଉଣ୍ଡେସନ୍ ପକ୍ଷରୁ ୩ଟି ସ୍ଥାନରେ ତଥା କଟକ ସେଲ୍ଟର ଛକ ସ୍ଥିତ ବାରବାଟୀ-କଟକ ବିଧାୟିକାଙ୍କ ଆବାସିକ କାର୍ଯ୍ୟାଳୟ, ମାଣିକଘୋଷ ବଜାରସ୍ଥିତ ମାରୱାଡି କ୍ଲବ ଓ ସିଡିଏ ସେକ୍ଟର-୯ର ଡକ୍ଟର ଟମ୍ପେ ରୋଡରେ ଥିବା ଏସଏନ ଟାଏକୋଣ୍ଡ ଏକାଡେମୀରେ ସକାଳ ୯ରୁ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ ରକ୍ତଦାନ ଶିବିର ଆୟୋଜନ ହେବ। ଶିବିରରୁ ମୋଟ ୭୦୦ରୁ ୭୫୦ ୟୁନିଟ୍ ପର୍ଯ୍ୟନ୍ତ ରକ୍ତ ସଂଗ୍ରହର ଲକ୍ଷ୍ୟ ରଖାଯାଇଛି। ବହୁ ସଂଖ୍ୟାରେ ଯୋଗଦେଇ ରକ୍ତଦାନ କରିବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଉଛି। ଏଥିରେ ମାରୱାଡ଼ି ଯୁବ ସଂଘ, ଏସଏନ୍ ଟାଏକୋଣ୍ଡ ଏକାଡେମୀ ସହଯୋଗ କରିବ ବୋଲି ଜଣାପଡ଼ିଛି। ସେହିପରି ଆସନ୍ତା ନଭେମ୍ବର ମାସରେ ମୋକିମ ଫାଉଣ୍ଡେସନ୍ ପକ୍ଷରୁ ଗଣ ବିବାହ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ପ୍ରତି ୧୫ ଦିନରେ ସ୍ୱାସ୍ଥ୍ୟସେବା ଭଳି ମୌଳିକ ସୁବିଧା ମୋକିମ ଫାଉଣ୍ଡେସନ ପକ୍ଷରୁ ଯୋଗାଇ ଦିଆଯାଉଛି। ପୂର୍ବରୁ ମଧ୍ୟ ଫାଉଣ୍ଡେସନ ପକ୍ଷରୁ ଗୁରୁ ବନ୍ଦନା, ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର, ବୃତ୍ତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କାର୍ଯ୍ୟକ୍ରମ, ଖେଳାଳିମାନଙ୍କୁ ପ୍ରୋତ୍ସହନ,ବୃକ୍ଷରୋପଣ ଭଳି କାର୍ଯ୍ୟକ୍ରମ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସର୍ବର ହାସିବ, ମିସ ସୁଦିପ୍ତା, ଡାକ୍ତର ନୀଳାସିସ ପାଣି, ରାକେଶ ଜେନ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ୟାମ୍ବ୍ରିଜ୍ ଜୁନ୍ ପରୀକ୍ଷା ଫଳାଫଳ ପ୍ରକାଶ

**ଭୁବନେଶ୍ୱର,୨୦।୮/ଏନ୍‌ଏନ୍‌ଏସ୍:** କ୍ୟାମ୍ବ୍ରିଜ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପାଇଁ ଜୁନ ୨୦୨୫ ପରୀକ୍ଷା ଫଳାଫଳ ପ୍ରକାଶ ପାଇଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ ଏହି ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୯% ବୃଦ୍ଧି ହୋଇଛି ବୋଲି ନିର୍ଦ୍ଦେଶକ ଡାଇରେକ୍ଟର ଆର୍. ସ୍ମିଥ୍ କହିଛନ୍ତି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ କହିଥିଲେ ଯେ ଏହି ପରୀକ୍ଷା ଦ୍ୱାରା ପିଲାମାନେ ଅନ୍ତର୍ଜାତୀୟ ସ୍ତରରେ ସଫଳ ହେବା ସହ ଉଚ୍ଚଶିକ୍ଷା କ୍ଷେତ୍ରରେ ନିଜକୁ ପ୍ରସ୍ତୁତ କରିପାରୁଛନ୍ତି। ସେହିପରି ଶିକ୍ଷାବିତ୍ ବିନୟ ଶର୍ମା କହିଛନ୍ତି ଯେ ଅଭିଭାବକମାନେ ଶିକ୍ଷାର୍ଥୀଙ୍କୁ ଅନ୍ତର୍ଜାତୀୟ ନାଗରିକରେ ପରିଣତ କରୁଥିବା ଏକ ଶିକ୍ଷାକୁ ବହୁମାତ୍ରାରେ ଗୁରୁତ୍ୱ ଦେଉଥିବାବେଳେ ପିଲାଙ୍କ ସ୍ୱପ୍ନକୁ ସାକାର କରିବା ଲାଗି ସବୁ ସ୍ତରରେ ଉଦ୍ୟମ କରାଯିବା ଉଚିତ। ୨୫୨ଟି ସ୍କୁଲର ୪୬୮୦ ଛାତ୍ରଛାତ୍ରୀଙ୍କ ଫଳାଫଳ ପାଇଛନ୍ତି। ଏହି ପରୀକ୍ଷାରେ ଇଂଲିଶ, ଫିଜିକ୍ସ, କେମିଷ୍ଟ୍ରି, ମ୍ୟାଥ୍‌ମେଟିକ୍ସ ଓ ବାୟୋଲୋଜି ପରୀକ୍ଷା ହୋଇଥିଲା।

## ଖ୍ରୀଷ୍ଟ କଲେଜରେ ଇନୋଭେସନ୍ ଓ ଷ୍ଟାର୍ଟ୍‌ଅପ୍ କର୍ମଶାଳା




**କଟକ,୨୦।୮/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଖ୍ରୀଷ୍ଟ କଲେଜରେ ଇନୋଭେସନ୍ ଓ ଷ୍ଟାର୍ଟଅପ୍ ବିଷୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ମଧୁମିତା ପାତ୍ର ଏହି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ପ୍ରାଧ୍ୟାପକ ଶୋଭନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ସୁବ୍ରତ ବଳ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆଇକ୍ୟୁଏସିର ସହ ସଂଯୋଜକ ଡ. ଦିଲ୍ଲୀପ ବରାଳ ଧନ୍ୟବାଦ୍ ଦେଇଥିଲେ। ଡ. ସୁବ୍ରତ ସାମନ୍ତରାୟ, ଡ. ପ୍ରଦୀପ୍ତ ପତି, ଡ. ପ୍ରଦ୍ୟୁମ୍ନ ଦାଶ, ଡ. ଦୀପକ ଦାଶ, ଡ. ସଞ୍ଜୀବ ବିଶ୍ୱାସ, ଡ. ମଙ୍ଗରାଜ ପାତ୍ର, ଡ. ସଞ୍ଜୁ ଶର୍ମା, ଅଧ୍ୟାପକ ସତ୍ୟବ୍ରତ ମିଶ୍ର, ଅଧ୍ୟାପିକା ପ୍ରିୟଦର୍ଶିନୀ ପ୍ରଧାନ ଓ ଅଧ୍ୟାପକ ସୁବାଶିଷ ଦାଶ ପ୍ରମୁଖ କର୍ମଶାଳାକୁ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାର୍ଥୀଙ୍କ ଭିତରେ ଇନୋଭେସନ୍ ଓ ଷ୍ଟାଟ୍‌ଅପ୍ ସମ୍ବନ୍ଧୀୟ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ

**ଭୁବନେଶ୍ୱର,୨୦।୮/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ଖୋର୍ଦ୍ଧା ରୋଡ୍-ପଲାସା ସେକ୍ସନ ମଧ୍ୟରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ହେତୁ ଟ୍ରେନ ଚଳାଚଳରେ ପରିବର୍ତ୍ତନ କରାଯାଇଛି। ଏଥିପାଇଁ କେତେକ ଟ୍ରେନ୍ ବାତିଲ କରାଯାଇଛି।



୨୪.୦୯.୨୦୨୫ ପର୍ଯ୍ୟନ୍ତ ବାତିଲ ହେବାକୁ ଥିବା ଟ୍ରେନ୍ ମଧ୍ୟରେ ରହିଛି ୬୮୪୧୯-ଭୁବନେଶ୍ୱର-ପଲାସା ମେମୁ ପାସେଞ୍ଜର। ଏହା ଶନିବାର, ରବିବାର, ସୋମବାର ଏବଂ ବୁଧବାର ବାତିଲ ରହିବ। ସେହିପରି ୬୮୪୨୦-ପଲାସା - ଭୁବନେଶ୍ୱର ମେମୁ ପାସେଞ୍ଜର ରବିବାର, ସୋମବାର ମଙ୍ଗଳବାର ଏବଂ ଗୁରୁବାର ବାତିଲ ରହିବ। ୬୮୪୧୧/୬୮୪୧୨ , ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ମେମୁ ପାସେଞ୍ଜର ଶନିବାର, ରବିବାର, ସୋମବାର ଏବଂ ବୁଧବାର ବାତିଲ ରହିବ। ସେହିପରି ୨୪.୦୯.୨୦୨୫ ପର୍ଯ୍ୟନ୍ତ ଗନ୍ତବ୍ୟସ୍ଥଳ ଆଗରୁ କେତେକ ଟ୍ରେନ୍‌କୁ ବାତିଲ୍ ରଖାଯାଇଛି। ୬୮୪୪୫-କଟକ-ପଲାସା ମେମୁ ଶନିବାର, ରବିବାର, ସୋମବାର ଏବଂ ବୁଧବାର ଦିନ ପଲାସା ପରିବର୍ତ୍ତେ ଇଛାପୁରମ ପର୍ଯ୍ୟନ୍ତ ଚଳାଚଳ କରିବ। ୬୮୪୩୪ ଗୁଣୁପୁର-କଟକ ମେମୁ ରବିବାର, ସୋମବାର ମଙ୍ଗଳବାର ଏବଂ ଗୁରୁବାର ଦିନ ଗୁଣୁପୁର ପରିବର୍ତ୍ତେ ଇଛାପୁରମ୍‌ରୁ ଯାତ୍ରା ଆରମ୍ଭ କରିବ। ୫୮୫୩୧ ବ୍ରହ୍ମପୁର-ବିଶାଖାପାଟଣା ପାସେଞ୍ଜର ବୁଧବାର, ରବିବାର, ସୋମବାର ଏବଂ ଶନିବାର ଦିନ ବ୍ରହ୍ମପୁର ପରିବର୍ତ୍ତେ ପଲାସାରୁ ଯାତ୍ରା ଆରମ୍ଭ କରିବ। ୫୮୫୩୨-ବିଶାଖାପାଟଣା-ବ୍ରହ୍ମପୁର ପାସେଞ୍ଜର ମଙ୍ଗଳବାର, ଶନିବାର, ରବିବାର ଏବଂ ଶୁକ୍ରବାର ଦିନ ବ୍ରହ୍ମପୁର ପରିବର୍ତ୍ତେ ପଲାସା ପର୍ଯ୍ୟନ୍ତ ଚଳାଚଳ କରିବ।

## କଂଗ୍ରେସ କାର୍ଯ୍ୟାଳୟରେ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ

**କଟକ,୨୦।୮/ଏନ୍‌ଏନ୍‌ଏସ୍:** ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ତଥା ଅକ୍ଷୟ ଉର୍ଜା ଦିବସ ସ୍ଥାନୀୟ ଶକ୍ତିନଗର କଂଗ୍ରେସ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ନିର୍ମଳ ସ୍ୱାଇଁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ରାଜୀବ ଥିଲେ ଯୁବଶକ୍ତିର ଉତ୍ସ। ତାଙ୍କ ଜନ୍ମଦିବସକୁ ଭାରତ ସରକାର ଅକ୍ଷୟ ଉର୍ଜା ଦିବସ ଭାବେ ପାଳନ କରିଆସୁଛନ୍ତି ବୋଲି ବକ୍ତାମାନେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ଉପସଭାପତି ରାଜେଶ ସ୍ୱାଇଁ, ମନୋଜ ବିଶ୍ୱାଳ, ମାନସ ପରିଡ଼ା, ରାମଚନ୍ଦ୍ର ଗୋଚ୍ଛାୟତ, ନିର୍ମଳ ସ୍ୱାଇଁ, ଜୟ ନାରାୟଣ ତ୍ରିପାଠୀ, ବିପିନ ପଶାୟତ, ବିପ୍ଳବ ଶିଳାଦିତ୍ୟ, ଆଶୁତୋଷ ରାଉତ ପ୍ରମୁଖ ଯୋଗଦେଇ ରାଜୀବ ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

### ମାଣ୍ଡିଆ ଉଠାଇଲା ଭାରତୀୟ ଖାଦ୍ୟ ନିଗମ, ୪୦ ହଜାର ମେଟ୍ରିକ ଟନ୍ ଉଠାଣ ଲକ୍ଷ୍ୟ

# ପ୍ରଥମ ପର୍ଯ୍ୟାୟରେ ଉଠିଲା ୨୬୪୨ ମେଟ୍ରିକ୍ ଟନ୍

**ଭୁବନେଶ୍ୱର,୨୦।୮/ଏନ୍‌ଏନ୍‌ଏସ୍:** ଓଡ଼ିଶାରେ ଉତ୍ପାଦିତ ମାଣ୍ଡିଆର ଚାହିଦା ସମଗ୍ର ଦେଶରେ ସ୍ୱତନ୍ତ୍ର ରହିଛି। ଶ୍ରୀ ଅନ୍ନ ଅଭିଯାନ ଅଧୀନରେ ଅଧିକରୁ ଅଧିକ ଗୁଣାତ୍ମକ ମାଣ୍ଡିଆ ଉତ୍ପାଦନ ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟରୁ ଉତ୍ପାଦିତ ମାଣ୍ଡିଆ ଉଚ୍ଚ ପୁଷ୍ଟି ଓ ଗୁଣଯୁକ୍ତ ଥିବାରୁ ଓଡ଼ିଶାରୁ ପ୍ରଥମ ଥର ପାଇଁ ଭାରତୀୟ ଖାଦ୍ୟ ନିଗମ ମାଣ୍ଡିଆ ଉଠାଇଛି। ଏଥିନିମନ୍ତେ ରାୟଗଡ଼ା, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁରରୁ ମାଣ୍ଡିଆ ଉଠାଇବା ପାଇଁ ଭାରତୀୟ ଖାଦ୍ୟ ନିଗମ ଇଚ୍ଛାବ୍ୟକ୍ତ କରିଥିଲା। ରାଜ୍ୟରେ ଉପଲବ୍ଧ ମାଣ୍ଡିଆର ପୁଷ୍ଟି ଓ ଖାଦ୍ୟ ଗୁଣବତ୍ତାକୁ ଦୃଷ୍ଟିରେ ରଖି ଏଫ୍‌ସିଆଇ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିପାଇଁ ଖାଦ୍ୟ ନିଗମ କେନ୍ଦ୍ରୀୟ ପୁଲ ଆଧାରରେ ରାଜ୍ୟରୁ ୪୦ ହଜାର ମେଟ୍ରିକ ଟନ୍ ମାଣ୍ଡିଆ ଉଠାଇବ। ଯାହା ବିଭିନ୍ନ ଯୋଜନାର ହିତାଧିକାରୀମାନଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ପ୍ରଦାନ କରାଯିବ। ଉକ୍ତ ୪୦ ହଜାର ମେଟ୍ରିକ ଟନ୍ ମଧ୍ୟରୁ ୧୬ ହଜାର ୮୦୦ ମେଟ୍ରିକ ଟନ୍ ନେବା ପାଇଁ ଆନ୍ଧ୍ରପ୍ରଦେଶ ଇଚ୍ଛାବ୍ୟକ୍ତ କରିଥିବାରୁ ପ୍ରଥମ ପର୍ଯ୍ୟାୟରେ ୨୬୪୨ ମେଟ୍ରିକ ଟନ୍ ଏଫ୍‌ସିଆଇ ମାଧ୍ୟମରେ ଉଠାଣ ହୋଇଛି। ଉକ୍ତ ମାଣ୍ଡିଆ କୋରାପୁଟ ଓ ନବରଙ୍ଗପୁର ଜିଲ୍ଲା ଭଳି ଆଦିବାସୀ ବହୁଳ ଜିଲ୍ଲାରୁ ଉଠାଣ ହୋଇଛି। ପର୍ଯ୍ୟାୟକ୍ରମେ ଲକ୍ଷ୍ୟ ଧାର୍ଯ୍ୟ ଥିବା ବାକି ମାଣ୍ଡିଆ ମଧ୍ୟ ଉଠାଣ ହେବ। ଏହା କୃଷି ଓ କୃଷକ ସଶକ୍ତୀକରଣ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ଆଦିବାସୀ ଉନ୍ନୟନ ସମବାୟ ନିଗମର ମିଳିତ ଉଦ୍ୟମରେ ଏହି ଲକ୍ଷ୍ୟ ପୂରଣ ହୋଇଛି।

ସୂଚନାଯୋଗ୍ୟ, ୨୦୨୪-୨୫ ଖରିଫ୍ ଋତୁରେ ରାଜ୍ୟର ପ୍ରାୟ ୬୪ ହଜାରରୁ ଉର୍ଦ୍ଧ୍ୱ ଚାଷୀଙ୍କଠାରୁ ୭୫ ହଜାର ମେଟ୍ରିକ ଟନ୍ ମାଣ୍ଡିଆ ସଂଗ୍ରହ କରାଯାଇଥିଲା। ଏହି ସଂଗୃହୀତ ମାଣ୍ଡିଆ ମଧ୍ୟରୁ ୪୦ ହଜାର ମେଟ୍ରିକ୍ ଟନ୍ ଉଠାଣ ପାଇଁ ଏଫ୍‌ସିଆଇ ରାଜି ହୋଇଥିଲା। ଏହି ମର୍ମରେ କୋରାପୁଟ ଓ ନବରଙ୍ଗପୁରରୁ ୨୬୪୨ ମେଟ୍ରିକ୍ ଟନ୍ ମାଣ୍ଡିଆ ଉଠାଣ କରାଯାଇଛି। ଭାରତ ସରକାର ୨୦୨୩ ମସିହାକୁ ମାଣ୍ଡିଆ ଆନ୍ତର୍ଜାତିକ ବର୍ଷ ଭାବେ ଘୋଷଣା କରିବା ସହ ଏହାର ଉତ୍ପାଦନ ଓ ପୋଷଣଯୁକ୍ତ ଖାଦ୍ୟ ଭାବେ ଜନାଦୃତି ପାଇଁ ମଧ୍ୟ ଅଭିଯାନ ଜାରି ରଖିଛନ୍ତି। ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାଣ୍ଡିଆକୁ ଏକ ଉଚ୍ଚ ଗୁଣବତ୍ତା ଖାଦ୍ୟ ଭାବେ ଘୋଷଣା କରିବା ସହ ଲୋକମାନଙ୍କୁ ମାଣ୍ଡିଆ ଭଳି ଅଧିକ ପୁଷ୍ଟିଯୁକ୍ତ ଖାଦ୍ୟ ପ୍ରଦାନ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଅନୁରୂପ ଭାବେ ଓଡ଼ିଶା ସରକାର ମଧ୍ୟ ଅଧିକ ପୁଷ୍ଟି ଓ ଗୁଣବତ୍ତାସମ୍ପନ୍ନ ମାଣ୍ଡିଆ ଉତ୍ପାଦନ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏତଦ୍‌ବ୍ୟତୀତ ଫସଲ ବିବିଧିକରଣ ପାଇଁ ଅଧିକରୁ ଅଧିକ ମାଣ୍ଡିଆ ଚାଷ ଉପରେ ଚାଷୀମାନଙ୍କୁ ପ୍ରୋତ୍ସାହିତ କରାଯାଉଛି। ଏହାଦ୍ୱାରା କୃଷକ ମାନଙ୍କ ଆର୍ଥିକ ସଶକ୍ତୀକରଣ ହୋଇପାରିବା ସହ ବିକଶିତ ଭାରତ ଓ ବିକଶିତ ଓଡିଶା ଲକ୍ଷ୍ୟ ହାସଲରେ ଏହା ସହାୟକ ହେବ।

## ଏକାଦଶୀରେ ପୂଜାର୍ଚ୍ଚନା ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼

**ଭୁବନେଶ୍ୱର,୨୦।୮/ଏନ୍‌ଏନ୍‌ଏସ୍:** ଝାରପଡ଼ା ସ୍ଥିତ ଶ୍ରୀ ଶ୍ୟାମ ମନ୍ଦିର ପରିସରେ ଗତ ମଙ୍ଗଳବାର ଏକାଦଶୀ ପାଳିତ ହୋଇଯାଇଛି। ଏହି ଅବସରରେ ବାବାଙ୍କ ସ୍ୱତନ୍ତ୍ର ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ଏକାଦଶୀ ପୂଜା ଲାଗି ମନ୍ଦିର ପରିସରରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ତେବେ ସକାଳୁ ମନ୍ଦିରରେ ମାରୁୱାଡି ସମ୍ପ୍ରଦାୟର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ବାବାଙ୍କର ପୂଜାର୍ଚ୍ଚନା କରିଥିଲେ। ଦିନତମାମ ମନ୍ଦିରରେ ପୂଜାର୍ଚ୍ଚନା ସହ ବିଭିନ୍ନ ରୀତିନୀତିରେ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁଙ୍କ ଲାଗି ମନ୍ଦିର ପକ୍ଷରୁ ସମସ୍ତ ସୁବ୍ୟବସ୍ଥା କରାଯାଇଥିଲା। ଏକାଦଶୀ ଅବସରରେ ସନ୍ଧ୍ୟାରେ ବାବାଙ୍କ ଭଜନ କୀର୍ତ୍ତନ ପରିବେଷଣ କରାଯାଇଥିଲା। ତେବେ ଏକାଦଶୀରେ ଏଠାରେ ସ୍ୱତନ୍ତ୍ର ରୀତିନୀତିରେ ପୂଜାର୍ଚ୍ଚନା ହେଉଥିବା



ବେଳେ ଆଜିର ସମସ୍ତ ରୀତିନୀତି ମନ୍ଦିରର ମହାରାଜ ସତ୍ୟମ ମିଶ୍ର ଏବଂ ନନ୍ଦୁ ତିୱାରୀଙ୍କ ଦ୍ୱାରା ହୋଇଥିଲା।

# ପଦ୍ମଶ୍ରୀ ପାଇଁ ମନୁ ଭାକର୍‌ଙ୍କ ନାମ ସୁପାରିସ



**ନୂଆଦିଲ୍ଲୀ,୨୦।୮/ଏଜେନ୍ସି:** ଷ୍ଟାର୍ ମହିଳା ଶୁଟର୍ ମନୁ ଭାକରଙ୍କ ନାମ ପଦ୍ମଶ୍ରୀ ପୁରସ୍କାର ପାଇଁ ସୁପାରିସ କରାଯାଇଛି । ଖେଳ ମନ୍ତ୍ରଣାଳୟ ସୂତ୍ରରୁ ଏହି ସୂଚନା ମିଳିଛି । ୨୩ ବର୍ଷୀୟା ଶୁଟର୍ ଚାରିଦିନ ତଳେ ଦେଶର ଚତୁର୍ଥ ସର୍ବୋଚ୍ଚ ପୁରସ୍କାର ପାଇଁ ଆବେଦନ କରିଛନ୍ତି । ଗତବର୍ଷ ଏହି ପୁରସ୍କାର ମହାନ୍ ସ୍ପିନର୍ ଆର୍. ଅଶ୍ୱିନ ଏବଂ ପୂର୍ବତନ ହକି ଗୋଲ୍‌କିପର୍ ପିଆର୍ ଶ୍ରୀଜେଶ୍‌ଙ୍କୁ ମିଳିଥିଲା । ମନୁଙ୍କୁ ଚଳିତବର୍ଷ ଜାନୁଆରୀ ୧୭ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଖେଳ ରତ୍ନ ପୁରସ୍କାରରେ ସମ୍ମାନିତ କରିଥିଲେ । ମନୁ ଭାକର ଗତବର୍ଷ ଅଗଷ୍ଟ-ସେପ୍ଟେମ୍ବରରେ ପ୍ୟାରିସ୍ ଅଲିମ୍ପିକ୍‌ରେ ଡବଲ୍ ପଦକ ଜିତିଥିଲେ । ସେ ବ୍ୟକ୍ତିଗତ ୧୦ ମିଟର ଏୟାର୍ ପିସ୍ତଲ ଏବଂ ମିକ୍ସଡ୍ ଡବଲ୍ସରେ ତୃତୀୟ ସ୍ଥାନରେ ରହିଥିଲେ । ତାଙ୍କୁ ଦୁଇଟି ପଦକ ଦମ୍‌ରେ ଭାରତ ପ୍ୟାରିସ୍ ଅଲିମ୍ପିକ୍‌ରେ ମୋଟ ୬ ପଦକ ଜିତିଥିଲା ।

ମନୁ ଗତବର୍ଷ ମଧ୍ୟ ପଦ୍ମଶ୍ରୀ ପାଇଁ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ଏହି ପୁରସ୍କାର ମିଳିନଥିଲା । ସେତେବେଳେ ଖେଳ ମନ୍ତ୍ରଣାଳୟ ଏହି ପୁରସ୍କାର ପାଇଁ ପିଆର୍ ଶ୍ରୀଜେଶ୍ ଏବଂ ପୂର୍ବତନ କ୍ରିକେଟର୍ ଆର୍. ଅଶ୍ୱିନଙ୍କ ନାମ ସୁପାରିସ କରିଥିଲା । ବିବାଦ ହେବାରୁ ମନୁ ଭାକରଙ୍କୁ ଖେଳ ରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା ।

### ସବ୍‌ଜୁନିୟର୍ ଜାତୀୟ ବାଳିକା ଫୁଟ୍‌ବଲ୍

## ପ୍ରଥମ ମ୍ୟାଚ୍‌ରେ ହାରିଲା ଓଡ଼ିଶା

**କଟକ,୨୦।୮/ଏନ୍ଏନ୍ଏସ୍:** ସବ୍‌ଜୁନିୟର ଜାତୀୟ ବାଳିକା ଫୁଟ୍‌ବଲ୍ ଚାମ୍ପିଅନ୍‌ଶିପ୍‌ର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶାକୁ ପରାଜୟର ମୁହଁ ଦେଖିବାକୁ ପଡ଼ିଛି । ଆସାମ ଜୋରହାଟର ମାରିଆନିସ୍ଥିତ ବାପୁଜୀ ଷ୍ଟାଡିୟମ୍‌ରେ ବୁଧବାର ଖେଳାଯାଇଥିବା ଟାୟର୍-୧ର ଗ୍ରୁପ୍ ମ୍ୟାଚ୍‌ରେ ଓଡ଼ିଶା ୦-୪ରେ ମହାରାଷ୍ଟ୍ରଠାରୁ ପରାଜିତ ହୋଇଛି । ମହାରାଷ୍ଟ୍ର ପକ୍ଷରୁ ସାନ୍‌ଭି ଚୌବେ (୨ୟ ଓ ୫୪ତମ ମିନିଟ୍) ଏବଂ ହିମାନୀ ହେମନ୍ତ ରାଓ୍ୱତ୍ (୭୯ତମ ଓ ୮୪ତମ ମିନିଟ୍) ଦୁଇଟି ଲେଖାଏଁ ଗୋଲ୍ ସ୍କୋର୍ କରି ଟିମ୍‌କୁ ବିଜୟୀ କରାଇଛନ୍ତି । ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍‌ରେ ପଶ୍ଚିମବଙ୍ଗକୁ ଭେଟିବ । ଏହି ମ୍ୟାଚ୍ ଅଗଷ୍ଟ ୨୨ରେ ମାରିଆନିର ବାପୁଜୀ ଷ୍ଟାଡିୟମ୍‌ରେ ଖେଳାଯିବ ।

### ବୁଚି ବାବୁ କ୍ରିକେଟ୍: ସୁମିତ୍ ଶର୍ମାଙ୍କୁ ୬ ଓ୍ୱିକେଟ୍

## ଓଡ଼ିଶା ୧୧୩ ରନ୍‌ରେ ପରାଜିତ

**କଟକ,୨୦।୮/ଏଜେନ୍ସି:** ସର୍ବଭାରତୀୟ ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୧୧୩ ରନ୍‌ରେ ବରୋଦାଠାରୁ ପରାଜିତ ହୋଇଛି । ଚେନ୍ନାଇର ସିସିଟି ଟର୍ଫ ଗ୍ରାଉଣ୍ଡ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ବରୋଦା ପ୍ରଥମ ଦିନ ନିର୍ଦ୍ଧାରିତ ୯୦ ଓଭର୍‌ରେ ୬ ଓ୍ୱିକେଟ୍ ବିନିମୟରେ ୩୮୧ ରନ୍ କରି ଇନିଂସ୍ ଘୋଷଣା କରିଥିଲା । ଜବାବରେ ଓଡ଼ିଶା ଦ୍ୱିତୀୟ ଦିନ କ୍ୟାପ୍‌ଟେନ୍ ସ୍ୱସ୍ତିକ ସାମଲଙ୍କ (୧୧୪) ଶତକ ଏବଂ ଗୋବିନ୍ଦ ପୋଦ୍ଦାର (୭୧) ଓ ସମ୍ବିତ ବରାଳ (୫୯)ଙ୍କ ଅର୍ଦ୍ଧଶତକ ବଳରେ ୮୯.୫ ଓଭର୍‌ରେ ୩୫୨ ରନ୍ କରି ଅଲ୍‌ଆଉଟ୍ ହେବା ସହ ୨୯ ରନ୍‌ରେ ପଛୁଆ ରହିଥିଲା । ତିନିଦିନିଆ ମ୍ୟାଚ୍‌ର ଅନ୍ତିମ ଦିନରେ ଉଭୟ ଟିମ୍‌କୁ ୪୫-୪୫ ଓଭର୍ ଖେଳିବାକୁ ଥିଲା । ପ୍ରଥମେ ଖେଳି ବରୋଦା ୪୪.୪ ଓଭର୍‌ରେ ୨୫୬ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଟିମ୍ ପକ୍ଷରୁ ହର୍ଷ ଦେସାଇ ୮୧ ଏବଂ ମୋହିତ ମୋଙ୍ଗିଆ ୫୮ ରନ୍ କରିଥିଲେ । ଓଡ଼ିଶା ପକ୍ଷରୁ ସୁମିତ୍ ଶର୍ମା ୫୫ ରନ୍ ଦେଇ ସର୍ବାଧିକ ୬ଟି ଏବଂ ବାଦଲ ବିଶ୍ୱାଳ ୨ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ ।



୨୮୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଓଡ଼ିଶା ବୁଧବାର ତୃତୀୟ ଦିନରେ ୩୬.୪ ଓଭର୍‌ରେ ମାତ୍ର ୧୭୨ ରନ୍ ମଧ୍ୟରେ ସୀମିତ ହୋଇଯାଇଥିଲା । ଓଡ଼ିଶା ପକ୍ଷରୁ ସମ୍ବିତ ବରାଳ ସର୍ବାଧିକ ୪୬ ଏବଂ ସୁନିଲ୍ କୁମାର ରାଉଳ ୩୮ ରନ୍ କରିଥିଲେ । ବରୋଦା ପକ୍ଷରୁ ଆର୍ଯ୍ୟନ୍ ଚାଭ୍‌ଡା ୫ଟି ଏବଂ ପ୍ରଦୀପ ଯାଦବ ୪ଟି ଓ୍ୱିକେଟ୍ ନେଇଥିଲେ ।

## ସୁରୁଚି-ସୌରଭ ଯୋଡ଼ିକୁ ମିକ୍ସଡ୍ ଟିମ୍ ଇଭେଣ୍ଟ୍ ବ୍ରୋଞ୍ଜ୍

### ଏସିଆନ୍ ଶୁଟିଂ ଚାମ୍ପିଅନ୍‌ଶିପ୍

**ନୂଆଦିଲ୍ଲୀ,୨୦।୮/ଏଜେନ୍ସି:** କଜାଖସ୍ତାନର ଶ୍ୟାମକେଣ୍ଟ୍ ସହରରେ ଚାଲିଥିବା ଏସିଆନ୍ ଶୁଟିଂ ଚାମ୍ପିଅନ୍‌ଶିପ୍‌ରେ ଭାରତର ସୌରଭ ଚୌଧୁରୀ ଓ ସୁରୁଚି ଇନ୍ଦର ସିଂହଙ୍କ ଯୋଡ଼ି ୧୦ ମିଟର ଏୟାର୍ ପିସ୍ତଲ ମିକ୍ସଡ୍ ଟିମ୍ ଇଭେଣ୍ଟ୍‌ରେ ବ୍ରୋଞ୍ଜ୍ ପଦକ ଜିତିଛି । ଏହି ଯୋଡ଼ି ଚୀନା ତାଇପେଇ ଟିମ୍‌କୁ ୧୭-୯ରେ ହରାଇ ଏହି ଉପଲବ୍ଧି ହାସଲ କରିଛି । ଏହା ପୂର୍ବରୁ ମଙ୍ଗଳବାର ଭାରତର ଷ୍ଟାର୍ ଶୁଟର୍ ଏବଂ ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ମନୁ ଭାକର୍ ମହିଳା ୧୦ ମିଟର ଏୟାର ପିସ୍ତଲରେ ବ୍ରୋଞ୍ଜ୍ ପଦକ ଜିତିଥିଲେ । ସୌରଭ ଓ ସୁରୁଚି କ୍ୱାଲିଫିକେସନ୍‌ରେ ରାଉଣ୍ଡ୍‌ରେ ମୋଟ ୫୭୮ ପଏଣ୍ଟ ହାସଲ କରିବା ସହିତ ପଞ୍ଚମ ସ୍ଥାନରେ ରହି ମେଡାଲ୍ ରାଉଣ୍ଡ୍‌କୁ ଯୋଗ୍ୟତା ଅର୍ଜନ କରିଥିଲେ । ସୁରୁଚି ଚମତ୍କାର ପ୍ରଦର୍ଶନ କରି ପ୍ରଥମ ସିରିଜ୍‌ରେ ପରଫେକ୍ଟ ୧୦୦ ପଏଣ୍ଟ ସ୍କୋର୍ କରିଥିଲେ । ତେବେ ଦ୍ୱିତୀୟ ସିରିଜ୍‌ରେ ତାଙ୍କ ପଏଣ୍ଟ ୯୪ ରହିଥିଲା ଏବଂ ତୃତୀୟ ସିରିଜ୍‌ରେ ସେ ୯୮ ପଏଣ୍ଟ ହାସଲ ସହ ପ୍ରତ୍ୟାବର୍ତ୍ତନ କରିଥିଲେ । ଅନ୍ୟପକ୍ଷରେ ସୌରଭ ତିନି ସିରିଜ୍‌ରେ ଯଥାକ୍ରମେ ୯୫, ୯୬ ଓ ୯୫ ପଏଣ୍ଟ ସ୍କୋର୍ କରିଥିଲେ । ଦୁହେଁ ମିଶି କ୍ୱାଲିଫିକେସନ୍ ରାଉଣ୍ଡରେ ୫୭୮ ପଏଣ୍ଟ ସହ ଆଠ ଟିମ୍‌ର ପଦକ ରାଉଣ୍ଡ୍‌ରେ ସ୍ଥାନ ପକ୍କା କରିଥିଲେ ।

୧୭ ବର୍ଷୀୟା ସୁରୁଚି ଚଳିତ ସିଜନ୍‌ରେ ଚମତ୍କାର ଫର୍ମରେ ରହିଛନ୍ତି । ଚଳିତ ବର୍ଷ ସେ ଚାରିଟି ବିଶ୍ୱକପ୍ ପଦକ ଜିତିଛନ୍ତି ଏବଂ ଏହି ଚାମ୍ପିଅନ୍‌ଶିପ୍‌ରେ ମଧ୍ୟ ନିଜ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ।

### ହକି ଏସିଆ କପ୍ ପାଇଁ ଭାରତୀୟ ଟିମ୍ ଘୋଷିତ

# ଅମିତ ରୋହିଦାସ ଓ ଶିଳାନନ୍ଦଙ୍କୁ ସୁଯୋଗ

### ନୀଲମ୍ ସଞ୍ଜୀବ ଖେସ୍ ଷ୍ଟାଣ୍ଡ୍‌ବାଇ ଖେଳାଳି

**ନୂଆଦିଲ୍ଲୀ,୨୦।୮/ଏଜେନ୍ସି:** ବିହାରର ରାଜଗିରିରେ ହେବାକୁ ଥିବା ପୁରୁଷ ଏସିଆ କପ୍ ପାଇଁ ହକି ଇଣ୍ଡିଆ ବୁଧବାର ୧୮ ଜଣିଆ ଭାରତୀୟ ଟିମ୍ ଘୋଷଣା କରିଛି । ଟୁର୍ଣ୍ଣାମେଣ୍ଟ ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୭ ତାରିଖ ପର୍ଯ୍ୟନ୍ତ ଖେଳାଯିବ । ଏହାର ବିଜେତା ଟିମ୍ ଆସନ୍ତାବର୍ଷ ଅଗଷ୍ଟ ୧୪ରୁ ୩୦ ତାରିଖ ପର୍ଯ୍ୟନ୍ତ ବେଲ୍‌ଜିୟମ୍ ଓ ନେଦରଲାଣ୍ଡ୍‌ରେ ଆୟୋଜିତ ହେବାକୁ ଥିବା ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ପାଇଁ ସିଧା ଯୋଗ୍ୟତା ମିଳିବ । ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ପଦକ ଜିତାଇଥିବା ଡ୍ରାଗ୍‌ଫ୍ଲିକର୍ ହରମନ୍‌ପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଟିମ୍‌ରେ ଦୁଇଜଣ ଓଡ଼ିଆ ଖେଳାଳି ଫରଓ୍ୱାର୍ଡ ଶିଳାନନ୍ଦ ଲାକ୍ରା ଓ ଡିଫେଣ୍ଡର ଅମିତ ରୋହିଦାସଙ୍କୁ ଟିମ୍‌ରେ ସୁଯୋଗ ମିଳିଛି । ଅନ୍ୟ ଜଣେ ଓଡ଼ିଆ ଖେଳାଳି ନୀଲମ ସଞ୍ଜୀବ ଖେସ୍‌ଙ୍କୁ ଷ୍ଟାଣ୍ଡ୍‌ବାଇ ଭାବେ ରଖାଯାଇଛି । ଅଷ୍ଟ୍ରେଲିଆ ଗସ୍ତରେ ଟିମ୍‌ର ସଦସ୍ୟ ଥିବା ଶିଳାନନ୍ଦ ଲାକ୍ରା ନିକଟରେ ଅନ୍ତର୍ଜାତୀୟ ହକିକୁ ଅଲ୍‌ବିଦା କରିଥିବା ଲଳିତ ଉପାଧ୍ୟାୟଙ୍କ ସ୍ଥାନରେ ଟିମ୍‌ରେ ସାମିଲ କରାଯାଇଛି । ସେହିପରି ରାଜିନ୍ଦରଙ୍କୁ ଶମଶେର୍ ସିଂହଙ୍କ ସ୍ଥାନରେ ମନୋନୀତ କରାଯାଇଥିବା ବେଳେ ଦିଲ୍‌ପ୍ରୀତ୍‌ଙ୍କୁ ଗୁରଜନ୍ତ ସିଂହଙ୍କ ସ୍ଥାନରେ ସୁଯୋଗ ମିଳିଛି । କୃଷ୍ଣ ବାହାଦୁର ପାଠକ ଏବଂ ସୂରଜ କେର୍‌କେଟାଙ୍କୁ ଗୋଲ୍‌କିପର୍ ଦାୟିତ୍ୱ ପ୍ରଦାନ କରାଯାଇଛି । କ୍ୟାପ୍‌ଟେନ୍ ହରମନ୍‌ପ୍ରୀତ୍ ଏବଂ ଅମିତ ରୋହିଦାସଙ୍କ ସହ ଜରମନ୍‌ପ୍ରୀତ୍ ସିଂହ, ସୁମିତ, ସଞ୍ଜୟ ଓ ଜୁଗରାଜ ସିଂହ ଟିମ୍‌ର ଡିଫେନ୍ସ ଲାଇନ୍ ସମ୍ଭାଳିବେ । ମିଡ୍‌ଫିଲ୍ଡରେ ମନପ୍ରୀତ୍ ସିଂହ, ବିବେକ ସାଗର ପ୍ରସାଦ, ରାଜିନ୍ଦର ସିଂହ, ରାଜକୁମାର ପାଲ୍ ଏବଂ ହାର୍ଦ୍ଦିକ ସିଂହ ହେବେ । ମନଦୀପ୍ ସିଂହ, ଅଭିଷେକ, ସୁଖଜିତ୍ ସିଂହ, ଶିଳାନନ୍ଦ ଲାକ୍ରା ଓ ଦିଲ୍‌ପ୍ରୀତ୍ ଫରଓ୍ୱାର୍ଡ ଲାଇନ୍ ସମ୍ଭାଳିବେ ।





ନୀଲମ ସଞ୍ଜୀବ ଖେସ୍‌ଙ୍କ ସହ ସେଲ୍‌ଭମ୍ କାର୍ତ୍ତିଙ୍କୁ ଷ୍ଟାଣ୍ଡ୍‌ବାଇରେ ରଖାଯାଇଛି ।

ଟିମ୍ ଚୟନ ସମ୍ପର୍କରେ ମୁଖ୍ୟ କୋଚ୍ କ୍ରେଗ୍ ଫୁଲ୍‌ଟନ୍ କହିଛନ୍ତି, 'ଆମେ ଏକ ଅନୁଭବୀ ଟିମ୍ ଚୟନ କରିଛୁ । ବିଶ୍ୱକପ୍ କ୍ୱାଲିଫିକେସନ୍‌କୁ ଦୃଷ୍ଟିରୁ ଏସିଆ କପ୍ ଆମ ପାଇଁ ମହତ୍ତ୍ୱପୂର୍ଣ୍ଣ ହେବ । ତେଣୁ ଚାପରେ ଉନ୍ନତ ପ୍ରଦର୍ଶନ କରୁଥିବା ଖେଳାଳି ଆମକୁ ଦରକାର ।'

ଭାରତୀୟ ଟିମ୍ ଚୀନ୍ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ । ଏହି ମ୍ୟାଚ୍ ଅଗଷ୍ଟ ୨୯ରେ ଖେଳାଯିବ । ଏହାପରେ ଟିମ୍ ଜାପାନ ଏବଂ କଜାଖସ୍ତାନ ବିପକ୍ଷରେ ଲିଗ୍ ମ୍ୟାଚ୍ ଖେଳିବ । ଏହାପରେ ଉଭୟ ଟିମ୍‌ର ଶୀର୍ଷ ଦୁଇଟି ଲେଖାଏଁ ଟିମ୍‌କୁ ନେଇ ସୁପର୍-୪ ରାଉଣ୍ଡ୍ ଖେଳାଯିବ ।

ଦିନକୁ ପୂର୍ବରୁ ପାକିସ୍ତାନ ଓ ଓମାନ୍ ଏହି ଟୁର୍ଣ୍ଣାମେଣ୍ଟ୍‌ରୁ ନାମ ପ୍ରତ୍ୟାହାର କରିନେଇଥିଲେ । ଏପରି ସ୍ଥିତିରେ ବାଂଲାଦେଶ ଓ କଜାଖସ୍ତାନକୁ ସୁଯୋଗ ଦିଆଯାଇଛି । କଜାଖସ୍ତାନ ଟିମ୍ ଚୀନ୍, ଜାପାନ ସହ ପୁଲ୍-ଏ'ରେ ସ୍ଥାନ ପାଇଛି ।

**ଭାରତୀୟ ଟିମ୍:** ଗୋଲ୍‌କିପର୍- କୃଷ୍ଣ ବାହାଦୁର ପାଠକ ଓ ସୂରଜ କେର୍‌କେଟା । ଡିଫେଣ୍ଡର୍- ହରମନ୍‌ପ୍ରୀତ୍ ସିଂହ, ଅମିତ ରୋହିଦାସ, ଜରମନପ୍ରୀତ୍ ସିଂହ, ସୁମିତ, ସଞ୍ଜୟ ଓ ଜୁଗରାଜ ସିଂହ । ମିଡ୍‌ଫିଲ୍ଡର- ମନପ୍ରୀତ୍ ସିଂହ, ବିବେକ ସାଗର ପ୍ରସାଦ, ରାଜିନ୍ଦର ସିଂହ, ରାଜକୁମାର ପାଲ୍ ଓ ହାର୍ଦ୍ଦିକ ସିଂହ । ଫରଓ୍ୱାର୍ଡ - ମନଦୀପ୍ ସିଂହ, ଅଭିଷେକ, ସୁଖଜିତ୍ ସିଂହ, ଶିଳାନନ୍ଦ ଲାକ୍ରା ଓ ଦିଲ୍‌ପ୍ରୀତ୍ ସିଂହ । ଷ୍ଟାଣ୍ଡ୍‌ବାଇ ଖେଳାଳି - ନୀଲମ୍ ସଞ୍ଜୀବ ଖେସ୍ ଓ ସେଲ୍‌ଭମ୍ କାର୍ତ୍ତି ।

# ଆଜିଠାରୁ ଖେଲୋ ଇଣ୍ଡିଆ ଓ୍ୱାଟର୍ ସ୍ପୋର୍ଟ୍ସ ଫେଷ୍ଟିଭାଲ୍

■ ୪୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ୍ ଅଂଶଗ୍ରହଣ କରିବେ ■ ୨୪ ସ୍ୱର୍ଣ୍ଣ ପଦକ ପାଇଁ ହେବ ପ୍ରତିଦ୍ୱନ୍ଦ୍ୱିତା



**ଶ୍ରୀନଗର,୨୦।୮/ଏଜେନ୍ସି:** ଜମ୍ମୁ-କଶ୍ମୀରର ପ୍ରସିଦ୍ଧ ଡଲ୍ ହ୍ରଦରେ ଅଷ୍ଟ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ପ୍ରଥମ ଖେଲୋ ଇଣ୍ଡିଆ ଓ୍ୱାଟର୍ ସ୍ପୋର୍ଟ୍ସ ଫେଷ୍ଟିଭାଲ୍‌ର ଆୟୋଜନ କରାଯାଉଛି । ଏଥିରେ ଦେଶର ସର୍ବଶ୍ରେଷ୍ଠ ଆଥ୍‌ଲେଟ୍ ୨୪ ସ୍ୱର୍ଣ୍ଣ ପଦକ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ । ତିନିଦିନ ଧରି ଚାଲିବାକୁ ଥିବା ଏହି ଫେଷ୍ଟିଭାଲ୍‌ରେ ୨୦୯ ମହିଳାଙ୍କ ସମେତ ମୋଟ ୪୦୯ ଆଥ୍‌ଲେଟ୍ ରୋଇଂ, କାନୋଇଂ ଏବଂ କାୟାକିଂ ପରି ପଦକ ସ୍ପୋର୍ଟ୍ସରେ ପ୍ରତିଯୋଗିତା କରିବେ । ଖେଲୋ ଇଣ୍ଡିଆ ଓ୍ୱାଟର୍ ସ୍ପୋର୍ଟ୍ସ ଫେଷ୍ଟିଭାଲ୍ ୨୦୨୫ (କେଆଇଡବ୍ଲ୍ୟୁଏସ୍‌ଏଫ୍) ପ୍ରଥମ ସଂଯୁକ୍ତ ଓପନ୍-ଏଜ୍ ଚାମ୍ପିଅନ୍‌ଶିପ୍, ଯେଉଁଥିରେ ଅଲିମ୍ପିକ୍ ଖେଳ କାୟାକିଂ ଏବଂ କାନୋଇଂର ସମସ୍ତ ୧୪ ଏବଂ ରୋଇଂର ୧୦ ଇଭେଣ୍ଟ ସାମିଲ ହେବ । ଓ୍ୱାଟର୍ ଗେମ୍ସର ଆକର୍ଷଣକୁ ପ୍ରୋତ୍ସାହିତ କରିବା ନିମନ୍ତେ ଏଥିରେ ତିନିଟି ଡେମୋଷ୍ଟ୍ରେସନ୍ ଇଭେଣ୍ଟ ଓ୍ୱାଟର୍ ସ୍କିଇଂ, ଶିକାରା ବୋଟ୍ ସ୍ପ୍ରିଙ୍ଗ୍ ଏବଂ ଡ୍ରାଗନ୍ ବୋଟ୍ ରେସ୍ ମଧ୍ୟ ସାମିଲ ହେବ । ଚାମ୍ପିଅନ୍‌ଶିପ୍‌ରେ ସବୁଠୁ ମଧ୍ୟପ୍ରଦେଶ (୪୪), ହରିଆଣା (୩୭), ଓଡ଼ିଶା (୩୪) ଏବଂ କେରଳ (୩୩) ବଡ଼ ଟିମ୍ ହୋଇଥିବା ବେଳେ ଗୁଜରାଟ, ପୁଡୁଚେରୀ ଓ ପଶ୍ଚିମବଙ୍ଗର ଟିମ୍ ସବୁଠୁ ଛୋଟ ଟିମ୍ ।

ଚାମ୍ପିଅନ୍‌ଶିପ୍‌ର ପ୍ରଥମ ଦିନ (ଅଗଷ୍ଟ ୨୧)ରେ କାୟାକିଂ ଓ କାନୋଇଂର ସମସ୍ତ ତିନି ସ୍ୱର୍ଣ୍ଣ ପଦକର ନିଷ୍ପତ୍ତି ହେବ । ସେହିପରି ରୋଇଂର ସମସ୍ତ ୧୦ ଫାଇନାଲ୍ ମୁକାବିଲା ଅନ୍ତିମ ଦିନ (ଅଗଷ୍ଟ ୨୩)ରେ ହେବ । ଉଦ୍‌ଘାଟନ ସମାରୋହ ଗୁରୁବାର ସନ୍ଧ୍ୟା ୬ଟାରେ ହେବ । ଏଥିରେ କେନ୍ଦ୍ରୀୟ ଖେଳ ରାଜ୍ୟମନ୍ତ୍ରୀ ରକ୍ଷା ଖଡ଼୍‌ସେ ଏବଂ ଜମ୍ମୁ-କଶ୍ମୀରର ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ସାମିଲ ହେବେ ।

ଖେଲୋ ଇଣ୍ଡିଆ ଓ୍ୱାଟର୍ ସ୍ପୋର୍ଟ୍ସ ଖେଲୋ ଇଣ୍ଡିଆ କ୍ୟାଲେଣ୍ଡର୍‌ରେ ଏକ ନୂଆ ଇଭେଣ୍ଟ । ୨୦୨୫ରେ ଦୁଇଟି ନୂଆ ଇଭେଣ୍ଟ ଯୋଡ଼ାଯାଇଛି । ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ ମେ' ମାସରେ ଡିଉରେ ଆୟୋଜିତ ହୋଇଥିଲା । ଖେଲୋ ଭାରତ ନୀତି ଅନୁସାରେ ଓ୍ୱାଟର୍ ଗେମ୍ସ ଓ ବିଚ୍ ଗେମ୍ସର ଉଦ୍ଦେଶ୍ୟ ଖେଳକୁ ପ୍ରୋତ୍ସାହିତ କରିବା ସହିତ ପର୍ଯ୍ୟଟନକୁ ଆକର୍ଷିତ କରିବା ।

# ବ୍ରସେଲ୍ସ ଡାଏମଣ୍ଡ୍ ଲିଗ୍‌ରେ ଭାଗ ନେବେନି ନୀରଜ



**ନୂଆଦିଲ୍ଲୀ,୨୦।୮/ଏଜେନ୍ସି:** ଭାରତର ଷ୍ଟାର୍ ଜାଭେଲିନ୍ ଥ୍ରୋୟର୍ ଏବଂ ବର୍ତ୍ତମାନର ବିଶ୍ୱ ଚାମ୍ପିଅନ୍ ନୀରଜ ଚୋପ୍ରା ଅଗଷ୍ଟ ୨୨ରେ ବେଲ୍‌ଜିୟମ୍‌ର ବ୍ରସେଲ୍ସରେ ହେବାକୁ ଥିବା ଡାଏମଣ୍ଡ୍ ଲିଗ୍‌ର ଅନ୍ତିମ ରାଉଣ୍ଡ୍‌ରେ ଭାଗ ନେବେ ନାହିଁ । ନୀରଜ ଡାଏମଣ୍ଡ୍ ଲିଗ୍ ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିସାରିଥିବାରୁ ଏହି ରାଉଣ୍ଡ୍‌ରୁ ଓହରି ଯାଇଛନ୍ତି । ଡାଏମଣ୍ଡ୍ ଲିଗ୍ ସିରିଜ୍‌ରେ ଚଳିତ ଥର ମୋ ୧୪ ପ୍ରତିଯୋଗିତା ହେଉଛି, ଯେଉଁଥିରୁ କେବଳ ୪ଟିରେ ପୁରୁଷ ଜାଭେଲିନ୍ ଥ୍ରୋୟର୍ ସାମିଲ ଅଛନ୍ତି । ନୀରଜ ଏହା ମଧ୍ୟରୁ ଦୁଇଟିରେ ଭାଗନେଇ ୧୫ ପଏଣ୍ଟ ସହ ଜୁରିକ୍‌ରେ ଅଗଷ୍ଟ ୨୮ରେ ହେବାକୁ ଥିବା ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବାରେ ସଫଳ ହୋଇଛନ୍ତି । ଏହା ପୂର୍ବରୁ ଅଗଷ୍ଟ ୧୬ରେ ସିଲେସିୟା ରାଉଣ୍ଡ୍‌ରେ ମଧ୍ୟ ଭାଗ ନେଇନଥିଲେ । ବ୍ରସେଲ୍ସ ରାଉଣ୍ଡ୍ ପରେ ୬ ଖେଳାଳି ଜୁରିକ୍ ଡାଏମଣ୍ଡ୍ ଲିଗ୍ ଫାଇନାଲ୍ସରେ ଭାଗନେବେ ।

୨୭ ବର୍ଷୀୟ ନୀରଜ ଚଳିତ ସିଜନ୍ ଦୋହା ଡାଏମଣ୍ଡ୍ ଲିଗ୍‌ରୁ ଆରମ୍ଭ କରିଥିଲେ । ସେଠାରେ ସେ ୯୦.୨୩ ମିଟର ଥ୍ରୋ କରି ୯୦ ମିଟର ମାର୍କ ପାର କରିଥିଲେ । ତେବେ ଜର୍ମାନୀର ଜୁଲିୟନ୍ ଓ୍ୱେବର୍‌ଙ୍କ ପଛରେ ଦ୍ୱିତୀୟ ସ୍ଥାନରେ ରହିଥିଲେ । ଏହାପରେ ପ୍ୟାରିସ୍ ଡାଏମଣ୍ଡ୍ ଲିଗ୍‌ରେ ନୀରଜ ୮୮.୧୬ ମିଟର ଥ୍ରୋ ସହିତ ଟାଇଟଲ୍ ନିଜ ନାମରେ କରିଥିଲେ । ଶେଷଥର ପାଇଁ ସେ ଜୁଲାଇ ୫ରେ ବେଙ୍ଗାଲୁରୁରେ ଆୟୋଜିତ ଏନ୍‌ସି କ୍ଲାସିକ୍‌ରେ ଭାଗ ନେଇଥିଲେ । ୮୬.୧୮ ମିଟର ପ୍ରୟାସ ସହ ସେ ଏନ୍‌ସି କ୍ଲାସିକ୍‌ରେ ବିଜୟୀ ହୋଇଥିଲେ । ତେବେ ସେପ୍ଟେମ୍ବର ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ଟୋକିଓରେ ଆୟୋଜିତ ହେବାକୁ ଥିବା ବିଶ୍ୱ ଚାମ୍ପିଅନ୍‌ଶିପ୍‌ରେ ନିଜ ଟାଇଟଲ୍ ଡିଫେଣ୍ଡ୍ କରିବା ନୀରଜ ପାଇଁ ବଡ଼ ଆହ୍ୱାନ ହେବ ।

# ବିବାଦରେ ସୁବ୍ରାୟନ୍‌ଙ୍କ ବୋଲିଂ ଆକ୍ସନ୍



୧୪ ଦିନର ସମୟ ଦେଲା ଆଇସିସି

**କ୍ୱିନ୍ସଲାଣ୍ଡ,୨୦।୮/ଏଜେନ୍ସି:** ସ୍ଥାନୀୟ କେର୍ନସ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଡେବ୍ୟୁ କରିଥିବା ସାଉଥ୍ ଆଫ୍ରିକୀୟ ସ୍ପିନର୍ ପ୍ରେନେଲନ୍ ସୁବ୍ରାୟନ୍‌ଙ୍କ ବୋଲିଂ ଆକ୍ସନ୍‌କୁ ନେଇ ବିବାଦ ଦେଖାଦେଇଛି । ଡେବ୍ୟୁ ଦିନିକିଆରେ ପ୍ରେନେଲନ୍ ୧୦ ଓଭର୍‌ରେ ୪୬ ରନ୍ ଦେଇ ଗୋଟିଏ ଓ୍ୱିକେଟ୍ ଅକ୍ତିଆର କରିଥିଲେ । ତେବେ ତାଙ୍କ ବୋଲିଂ ଆକ୍ସନ୍‌ର ବୈଧତାକୁ ନେଇ ମ୍ୟାଚ୍ ଅଧିକାରୀ ଆଇସିସିରେ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗ ପରେ ଏବେ ପ୍ରେନେଲନ୍‌ଙ୍କୁ ଆଇସିସିର ମାନ୍ୟତାପ୍ରାପ୍ତ କୌଣସି ଟେଷ୍ଟିଂ ସେଣ୍ଟର୍‌ରେ ବୋଲିଂ ଆକ୍ସନ୍‌ର ଯାଞ୍ଚ କରିବାକୁ ହେବ । ଏଥିପାଇଁ ଆଇସିସି ପକ୍ଷରୁ ତାଙ୍କୁ ୧୪ ଦିନର ସମୟ ଦିଆଯାଇଛି । ପ୍ରେନେଲନ୍ ଜୁଲାଇରେ ଜିମ୍ବାୱେ ବିପକ୍ଷ ବୁଲାୱାୟୋ ଟେଷ୍ଟ ମ୍ୟାଚ୍‌ରେ ଟେଷ୍ଟ ଡେବ୍ୟୁ କରିଥିଲେ । ତେବେ ୧୪ ଦିନ ମଧ୍ୟରେ ଯାଞ୍ଚ ରିପୋର୍ଟ ଆସିବା ପର୍ଯ୍ୟନ୍ତ ସେ ବୋଲିଂ ଜାରି ରଖିପାରିବେ ବୋଲି ଆଇସିସି ପକ୍ଷରୁ ସୂଚନା ଦିଆଯାଇଛି । ଫଳରେ ସୁବ୍ରାୟନ୍ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍‌ର ଅନ୍ତିମ ଦୁଇଟି ମ୍ୟାଚ୍‌ରେ ବୋଲିଂ କରିପାରିବେ ।

ନିଜ ବୋଲିଂ ଆକ୍ସନ୍‌କୁ ନେଇ ଯାଞ୍ଚର ସମ୍ମୁଖୀନ ହେବା ଏହା ସୁବ୍ରାୟନ୍‌ଙ୍କ ପାଇଁ ପ୍ରଥମ ଘଟଣା ନୁହେଁ । ୨୦୧୨ ଡିସେମ୍ବରରେ ଦୁଇଟି ସ୍ୱତନ୍ତ୍ର ପରୀକ୍ଷଣରେ ତାଙ୍କ ବୋଲିଂ ଆକ୍ସନ୍‌କୁ ଅବୈଧ ପାଇବା ପରେ କ୍ରିକେଟ୍ ସାଉଥ୍ ଆଫ୍ରିକା ତାଙ୍କୁ ଏଥିରେ ସୁଧାର ପାଇଁ ସମୟ ଦେଇଥିଲା । ଏହାପରେ ୨୦୧୩ ଜାନୁଆରୀରେ ସୁବ୍ରାୟନ୍‌ଙ୍କୁ ପୁଣିଥରେ ବୋଲିଂ କରିବାକୁ ଅନୁମତି ମିଳିଥିଲା ।




# ଦିନିକିଆ ର୍‍ୟାଙ୍କିଙ୍ଗ୍‌ରୁ ରୋହିତ-କୋହଲିଙ୍କ ନାମ ଗାଏବ

■ ଚାରିଘଣ୍ଟା ପରେ ତ୍ରୁଟି ସୁଧାରିଲା ଆଇସିସି ■ ଦୁଇ ବ୍ୟାଟ୍ସମ୍ୟାନ୍ ତାଲିକାର ଟପ୍-୫ରେ ସାମିଲ



**ଦୁବାଇ,୨୦।୮/ଏଜେନ୍ସି:** ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ଜାରି ସଦ୍ୟତମ ଦିନିକିଆ ର୍‍ୟାଙ୍କିଙ୍ଗ୍‌ରୁ ଭାରତୀୟ କ୍ୟାପ୍‌ଟେନ୍ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ନାମ ଗାଏବ ହୋଇଯାଇଥିଲା । ତେବେ ପ୍ରାୟ ୪ ଘଣ୍ଟା ପରେ ଆଇସିସି ଏହି ତ୍ରୁଟିକୁ ସୁଧାରି ନେଇଛି । ଅଗଷ୍ଟ ୧୩ରେ ଜାରି ଗତ ସପ୍ତାହର ର୍‍ୟାଙ୍କିଙ୍ଗ୍‌ରେ ଦୁଇ ଭାରତୀୟ ବ୍ୟାଟ୍ସମ୍ୟାନ୍ ଟପ୍-୫ରେ ସାମିଲ ଥିଲେ । ରୋହିତ ନମ୍ବର-୨ରେ ଏବଂ କୋହଲି ନମ୍ବର-୪ରେ ରହିଥିଲେ । କିନ୍ତୁ ବୁଧବାର ଯେତେବେଳେ ଦିନିକିଆ ବ୍ୟାଟ୍ସମ୍ୟାନ୍ ର୍‍ୟାଙ୍କିଙ୍ଗ୍ ଜାରି ହୋଇଥିଲା ଏଥିରେ ନା ରୋହିତଙ୍କ ନାମ ଥିଲା ନା କୋହଲିଙ୍କର ।

ଆଇସିସି ର୍‍ୟାଙ୍କିଙ୍ଗ୍‌ରେ ଏହା ପୂର୍ବରୁ ମଧ୍ୟ ତ୍ରୁଟି ହୋଇଛି, ଯାହାକୁ ପରେ ସୁଧାରି ନିଆଯାଇଥିଲା । ୩ ବର୍ଷ ପୂର୍ବେ ଆଇସିସି ଭାରତୀୟ ଟିମ୍‌କୁ ଭୁଲ୍‌କ୍ରମେ ନମ୍ବର-୧ ଟେଷ୍ଟ ଟିମ୍ କରିଦେଇଥିଲା । ତେବେ ପ୍ରାୟ ଅଢ଼େଇ ଘଣ୍ଟା ପରେ ତ୍ରୁଟିକୁ ଠିକ୍ କରିଥିଲା ।

ବୁଧବାର ଜାରି ସଦ୍ୟତମ ର୍‍ୟାଙ୍କିଙ୍ଗ୍‌ରେ ଶୁଭମନ ଗିଲ୍ ୭୮୪ ରେଟିଂ ପଏଣ୍ଟ ସହ ବ୍ୟାଟିଂ ତାଲିକାର ଶୀର୍ଷରେ ରହିଛନ୍ତି । ସେହିପରି ରୋହିତ ଶର୍ମା (୭୫୬) ଏବଂ ବିରାଟ କୋହଲି (୭୩୬) ଯଥାକ୍ରମେ ସେମାନଙ୍କ ଦ୍ୱିତୀୟ ଓ ଚତୁର୍ଥ ସ୍ଥାନ ବଜାୟ ରଖିଥିବା ବେଳେ ଶ୍ରେୟସ୍ ଆୟର (୭୦୪) ଅଷ୍ଟମ ସ୍ଥାନରେ ରହିଛନ୍ତି । ପାକିସ୍ତାନର ବାବର ଆଜମ୍ (୭୩୯) ତୃତୀୟ ସ୍ଥାନରେ ରହିଛନ୍ତି । ଓ୍ୱେଷ୍ଟଇଣ୍ଡିଜ୍‌ର ଶାଇ ହୋପ୍‌ଙ୍କୁ ଦୁଇଟି ସ୍ଥାନର ଲାଭ ହୋଇଛି ଏବଂ ସେ ୬୯୯ ରେଟିଂ ପଏଣ୍ଟ ସହ ନବମ ସ୍ଥାନକୁ ଉଠିଛନ୍ତି ।

ବୋଲର୍‌ଙ୍କ ର୍‍ୟାଙ୍କିଙ୍ଗ୍‌ରେ ସାଉଥ୍ ଆଫ୍ରିକାର କେଶବ ମହାରାଜ ନମ୍ବର-୧ରେ ପହଞ୍ଚିଛନ୍ତି । ତାଙ୍କୁ ଦୁଇଟି ସ୍ଥାନ ଲାଭ ହୋଇଥିବା ବେଳେ ଏବେ ତାଙ୍କ ରେଟିଂ ପଏଣ୍ଟ ୬୮୭ ରହିଛି । ଏହା ପୂର୍ବରୁ ୨୦୨୩ରେ ସେ କ୍ୟାରିୟର୍ ସର୍ବଶ୍ରେଷ୍ଠ ୭୪୧ ରେଟିଂ ପଏଣ୍ଟ ପାଇଥିଲେ । ମହାରାଜ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ୫ ଓ୍ୱିକେଟ୍ ହାସଲ କରିଥିଲେ । ତାଲିକାର ଦ୍ୱିତୀୟ ସ୍ଥାନରେ ଶ୍ରୀଲଙ୍କାର ମହୀଶ ତୀକ୍ଷଣା (୬୭୧) ରହିଛନ୍ତି । ଭାରତର କୁଲ୍‌ଦୀପ୍ ଯାଦବ ୬୫୦ ରେଟିଂ ପଏଣ୍ଟ ସହ ତୃତୀୟ ସ୍ଥାନକୁ ଖସି ଆସିଛନ୍ତି । ତାଙ୍କୁ ଗୋଟିଏ ସ୍ଥାନର କ୍ଷତି ହୋଇଛି । ଭାରତର ମହମ୍ମଦ ଶାମୀ (୫୯୬) ଓ ମହମ୍ମଦ ସିରାଜ୍ (୫୯୩) ୧-୧ ସ୍ଥାନର ସୁଧାର ସହିତ ଯଥାକ୍ରମେ ୧୩ ଓ ୧୪ ସ୍ଥାନରେ ରହିଛନ୍ତି ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra